

'ନୋ ଏଣ୍ଟ୍ରି-୨'
ଛାଡ଼ିଲେ ବରୁଣ
▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-319 • MONDAY • 18 MAY 2026 • PAGE-12 • ₹ 7.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୩୧୯ • ସୋମବାର • ୧୮ ମେ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦


## ହଜାରେ ଡ୍ରୋନ୍ ମାଡ଼କଲା ୟୁକ୍ରେନ
# ଥରିଲା ରୁଷ୍

### ଜଣେ ଭାରତୀୟଙ୍କ ସମେତ ୪ ମୃତ

■ ମସ୍କୋ, ୧୭ ।୫ (ଏଜେନ୍ସି): ୟୁକ୍ରେନ୍ ଏବଂ ରୁଷ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଏକ ସାଂଘାତିକ ରୂପ ଧାରଣ କରିଛି। ଗତ ଏକ ବର୍ଷ ମଧ୍ୟରେ ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ ୟୁକ୍ରେନ୍ ପକ୍ଷରୁ ସବୁଠାରୁ ବଡ଼ ଆକାଶମାର୍ଗୀୟ ଆକ୍ରମଣ କରାଯାଇଛି। ରାତିତମାମ ରୁଷ୍ ଉପରେ ୟୁକ୍ରେନ୍ ୧୦୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍ ମାଡ଼ କରିଛି। ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସେମାନଙ୍କର ଆକାଶମାର୍ଗୀୟ ପ୍ରତିରକ୍ଷା ବାହିନୀ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୫୬ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଚିହ୍ନଟ କରି ଆକାଶରେ ହିଁ ଖସାଇ ଦେଇଛି। ଏହି ଭୟଙ୍କର ଡ୍ରୋନ୍ ମାଡ଼ରେ ଅତିକମରେ ଚାରି ଜଣ ସାଧାରଣ ନାଗରିକଙ୍କ ଜୀବନ ଯାଇଥିବା ବେଳେ ବହୁ ସଂଖ୍ୟାରେ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଜଣେ ଭାରତୀୟ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଭାରତୀୟ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ରୁଷିଆରେ ଥିବା ଭାରତୀୟ ଦୂତାବାସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ଏହି ସୂଚନା ଦେଇ ଗଭୀର ଶୋକ ବ୍ୟକ୍ତ କରିଛି। ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମସ୍କୋର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ଭାରତୀୟମାନଙ୍କୁ ଭେଟିଛନ୍ତି। ପ୍ରଭାବିତ ଶ୍ରମିକମାନଙ୍କୁ ସମସ୍ତ ▸ପୃଷ୍ଠା-୭



# କଳବଳ କରୁଛି ତାତି

## ୪୦ ଡିଗ୍ରୀ ଉପରେ ୧୧ ସହର ତାପମାତ୍ରା

■ ଭୁବନେଶ୍ୱର, ୧୭।୫ (ସମିସ): ରାଜ୍ୟରେ ତାପମାତ୍ରା ବଢ଼ିବାରେ ଲାଗିଛି। ଲଗାତାର ଭାବେ ରାଜ୍ୟକୁ ଗରମ ଶୁଷ୍କ ବାୟୁ ପ୍ରବାହ ସହ ଉପକୂଳବର୍ତ୍ତୀ ଜିଲ୍ଲାକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ ଗୁଳୁଗୁଳି ମଧ୍ୟ ଅସହ୍ୟ ହେଉଛି। ରବିବାର ରାଜ୍ୟର ୧୧ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪୨.୯ ଡିଗ୍ରୀ ସହ ବୌଦ୍ଧରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଅନୁଗୁଳ ଓ ସୋନପୁରରେ ତାପମାତ୍ରା ୪୨.୧ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି। ସେହିପରି ଝାରସୁଗୁଡ଼ାରେ ତାପମାତ୍ରା ୪୧.୪, ସମ୍ବଲପୁର ୪୧, ତାଳଚେରରେ ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨-୩ ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨-୩ ଡିଗ୍ରୀ ବୃଦ୍ଧି ହେବାକୁ ଥିବାରୁ ଚଳିତ ସପ୍ତାହରେ ଅସହ୍ୟ ଗରମ ଗୁଳୁଗୁଳିର ଆଶଙ୍କା କରାଯାଉଛି।

ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଆଗମନ ପୂର୍ବରୁ ଗରମ ଗୁଳୁଗୁଳିର ପ୍ରଭାବ ଅଧିକ ରହିଥାଏ। ଏହି ସମୟରେ ▸ପୃଷ୍ଠା-୭



୨୦-୨୪ ଅସହ୍ୟ ହେବ ତାତି ସାଙ୍ଗକୁ ଗୁଳୁଗୁଳି

## ଦିଲ୍ଲୀ ୪୫° ଛୁଇଁବ

### ସତର୍କତା ଜାରି

■ ନୂଆଦିଲ୍ଲୀ, ୧୭ ।୫ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଦେଶର ଏକ ବଡ଼ ଭାଗରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଚେତାବନୀ ଜାରି କରାଯାଇଛି। ବିଶେଷ କରି ରାଜଧାନୀ ଦିଲ୍ଲୀ ସମେତ ସମଗ୍ର ଉତ୍ତର ଓ କେନ୍ଦ୍ରୀୟ ଭାରତରେ ଆଗାମୀ ଦିନରେ ଗରମ ଅସହ୍ୟ ହେବାକୁ ଯାଉଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ମେ ୨୨ ତାରିଖ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ ଏବଂ ଦିଲ୍ଲୀରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ଛୁଇଁପାରେ। ଦିଲ୍ଲୀ, ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଏବଂ ଛତିଶଗଡ଼ ଭଳି ରାଜ୍ୟଗୁଡ଼ିକରେ ଆଗାମୀ ୩ ଦିନ ମଧ୍ୟରେ ତାପମାତ୍ରା ପ୍ରାୟ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ରବିବାର ଦିଲ୍ଲୀରେ ଆଂଶିକ ▸ପୃଷ୍ଠା-୭

## ବଜାର ମହଙ୍ଗା, ପକେଟ ଖାଲି
# ଆଗକୁ ସ୍ଥିତି ଅସମ୍ଭାଳ !



- ପେଟ୍ରୋଲିୟମ ସାମଗ୍ରୀ ପରେ ପରିବହନ ବ୍ୟୟ ବୃଦ୍ଧି
- ଡଲାର ତୁଳନାରେ କ୍ରମାଗତ ଦୁର୍ବଳ ହେଉଛି ଟଙ୍କା
- ଦେଶରେ ଉପରମୁହାଁ ହେଉଛି ବେରୋଜଗାରୀ ହାର
- ଆଇଟି କମ୍ପାନୀରେ ଜାରି ରହିଛି କର୍ମଚାରୀ ଛଟେଇ
- ଏଲ୍-ନିନୋ ପ୍ରଭାବରେ ଧୋକା ଦେବ ମୌସୁମୀ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୭।୫ (ଏଜେନ୍ସି/ସମିସ): ଦେଶ ଏବେ ଏକ ବିଚିତ୍ର ଅବସ୍ଥା ଦେଇ ଗତିକରୁଛି। ପେଟ୍ରୋଲିୟମ ସାମଗ୍ରୀ ଓ ଇନ୍ଧନର ମୂଲ୍ୟ ବୃଦ୍ଧି ପାଇଛି। ଉଭୟ ଘର ଭିତରେ ଓ ବାହାରେ ଏହାର ପ୍ରଭାବ ପଡ଼ିଛି। ପେଟ୍ରୋଲ, ଡିଜେଲ, ସିଏନ୍‌ଜି ମୂଲ୍ୟ ବୃଦ୍ଧି ପରିବହନ ବ୍ୟୟକୁ ବହୁଗୁଣିତ କରିଛି। ଏପଟେ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପକୁ ପ୍ରଭାବିତ କରିଛି। ଡ଼ଲାର ତୁଳନାରେ ଟଙ୍କା କ୍ରମାଗତ ଦୁର୍ବଳ ହୋଇ ଚାଲିବାରୁ ଆମଦାନୀ ମହଙ୍ଗା ହୋଇଛି। ଏହି ସମୟରେ ବେରୋଜଗାରୀ ହାର ଉପରମୁହାଁ ହେବା ଓ ଆଇଟି କମ୍ପାନୀଗୁଡ଼ିକ କର୍ମଚାରୀ ଛଟେଇ ନିଯୁକ୍ତି କ୍ଷେତ୍ରକୁ ପ୍ରଭାବିତ କରିଛି। ଏପରି ଏକ ସନ୍ଧିକ୍ଷଣରେ ପ୍ରକୃତି ବି ଦାଉ ସାଜିଛି। ଏଲ୍‌ନିନୋ ପ୍ରଭାବରେ ଚଳିତ ବର୍ଷ କମ୍ ବର୍ଷା ସମ୍ଭାବନା ଫସଲ ଉତ୍ପାଦନ କ୍ଷେତ୍ରକୁ ଗଭୀର ପ୍ରଭାବିତ କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି। ବର୍ଷ ଶେଷ ବେଳକୁ ଟଙ୍କାର ମୂଲ୍ୟ ହ୍ରାସ ପାଇ ୧୦୦ ଟଙ୍କା ଛୁଇଁବ ଓ ଏହା ଦେଶର ଅର୍ଥନୀତି ପ୍ରତି ସବୁଠୁ ଖରାପ ସମୟ ହୋଇପାରେ ବୋଲି ଅନେକ ଆକଳନ କରୁଛନ୍ତି।

ପଶ୍ଚିମ ଏସିଆରେ ଉତ୍ତେଜନା ଓ ଯୁଦ୍ଧ ସ୍ଥିତି ଭାରତରେ ବଡ ସଙ୍କଟର କାରଣ ହେବାକୁ ଯାଉଛି। ଦେଶରେ ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜି ମୂଲ୍ୟ ବୃଦ୍ଧି ସବୁ କ୍ଷେତ୍ରରେ ପଡ଼ିଛି। ଗତ ଦୁଇ ମାସରେ ସିମେଣ୍ଟ ମୂଲ୍ୟ ୧୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି, ସିମେଣ୍ଟ ବସ୍ତା ପିଛା ପ୍ରାୟ ୪୦ ଟଙ୍କା ବଢ଼ିଛି। କେବଳ ସିମେଣ୍ଟ ନୁହେଁ, ପ୍ଲାଷ୍ଟିକ୍ ଉତ୍ପାଦ, ସାର, ଘର ତିଆରି ସାମଗ୍ରୀ, ପୋଷାକପତ୍ର, ଔଷଧ ମୂଲ୍ୟ ବି ବୃଦ୍ଧି ପାଇଛି।ଏହି ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଖୁବ୍ ଶୀଘ୍ର ବଢ଼ିବ ବୋଲି ଏଫ୍ଏମ୍‌ସିଜି କମ୍ପାନୀଗୁଡ଼ିକ ସଙ୍କେତ ଦେଇଛନ୍ତି। ଇନ୍ଧନ ମୂଲ୍ୟରେ ସମ୍ପ୍ରତି ବୃଦ୍ଧି ଲଜିଷ୍ଟିକ୍, ଡେଲିଭରୀ ଏବଂ ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ଏବେ ରୋଷେଇ ଘର ବଜେଟ୍ ବିଗାଡ଼ିବାକୁ ବସିଛି। ଖାଇବା ତେଲ, ଡ଼ାଲି, ବିସ୍କୁଟ୍, ଫଳ, ପନିପରିବା, ମୃଦୁ ପାନୀୟ ଆଦି ମହଙ୍ଗା ହେବ ବୋଲି ଇଙ୍ଗିତ ମିଳିଲାଣି।

ଭାରତରେ ଡିଜେଲ ହେଉଛି ପରିବହନ କ୍ଷେତ୍ରର ଏକ ପ୍ରମୁଖ ମାଧ୍ୟମ। ନିକଟରେ ଡିଜେଲ ମୂଲ୍ୟରେ ଲିଟର ପିଛା ୩ ଟଙ୍କା ବୃଦ୍ଧି ସମସ୍ତ କ୍ଷେତ୍ରରେ ପରିବହନ ଖର୍ଚ୍ଚକୁ ବଢ଼ାଇଛି। ପୂର୍ବରୁ କମ୍ପାନୀଗୁଡ଼ିକ ପୂର୍ବରୁ ୮ ରୁ ୧୦ ପ୍ରତିଶତ ମୁଦ୍ରାସ୍ଫୀତି ଜନିତ ଚାପର ସମ୍ମୁଖୀନ ହେଉଛନ୍ତି। ଅଗାମୀ ଦିନରେ ସେମାନଙ୍କ ପାଇଁ ଖର୍ଚ୍ଚ ପରିଚାଳନା ଆହୁରି କଷ୍ଟକର ହୋଇପାରେ। ଗତ ବର୍ଷ ଜିଏସ୍‌ଟି ହାରରେ ହ୍ରାସ ▸ପୃଷ୍ଠା-୭

## ପାଣି ଟାଣୁଛି କାରଖାନା
# ରାଜକୋଷକୁ ଆସୁନି ଫଟା ପାହୁଲା

### ଫ୍ଲୋ-ମିଟର ବିନା ମନଇଚ୍ଛା ଜଳ ଉଠାଉଛନ୍ତି ଶିଳ୍ପ ସଂସ୍ଥା
### ୩୧ ଡିଭିଜନକୁ ଚିଠି ଲେଖିଲା ରାଜ୍ୟ ଜଳସମ୍ପଦ ବିଭାଗ

■ ଭୁବନେଶ୍ୱର, ୧୭।୫ (ସମିସ): ରାଜ୍ୟରେ ଶିଳ୍ପ ସଂସ୍ଥାମାନେ ଚୁକ୍ତିନାମାଠାରୁ ଯଥେଷ୍ଟ ଅଧିକ ଜଳ ସଂଗ୍ରହ କରୁଛନ୍ତି। କେଉଁଠି ନଦୀ ଶଯ୍ୟାରେ ଇନ୍‌ଟେକ୍ ୱେଲ କରି ପାଣି ଉଠାଯାଉଛି ତ କେଉଁଠି ପୁଣି କାରଖାନା ପରିସରରେ ଅନୁମତିଠାରୁ ଅଧିକ ଅତିଗଭୀର ନଳକୂଅ ଖନନ ହୋଇଛି। ଅନ୍ୟପକ୍ଷରେ କେତେକ ଶିଳ୍ପ ସଂସ୍ଥା ବାରମ୍ବାର ତାଗିଦ୍ ସତ୍ତ୍ୱେ ଫ୍ଲୋ ମିଟର ନ ଲଗାଇ ପାଣି ଟିକସ ଫାଙ୍କି ଚାଲିଛନ୍ତି। କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କଠାରୁ କନିଷ୍ଠତମ ଅଧିକାରୀ ଏ ସମ୍ପର୍କରେ ଅବଗତ ଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିଭିନ୍ନ ମହଲରେ ବାରମ୍ବାର ଅଭିଯୋଗ, ଉଦବେଗ ସତ୍ତ୍ୱେ ଜଳସମ୍ପଦ ବିଭାଗ ପକ୍ଷରୁ କିଛି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ କେବଳ ଫ୍ଲୋ ମିଟର ଲଗାଇବା ଚିଠି ଜାରି କରି ବିଭାଗ ନିଜର ଦାୟିତ୍ୱ ସାରି ଦେଉଛି। ଏହିକ୍ରମରେ ବିଭାଗ ପକ୍ଷରୁ ପୁଣିଥରେ ୩୧ଟି ଡିଭିଜନକୁ



ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଆସନ୍ତା ଜୁନ୍ ୩୦ ତାରିଖ ସୁଦ୍ଧା ଯେଉଁ ଶିଳ୍ପସଂସ୍ଥାଗୁଡ଼ିକ ଏହି ମିଟର ସ୍ଥାପନ ସହ ପଞ୍ଜୀକରଣ ଏବଂ ବିଭାଗୀୟପୋର୍ଟାଲସହସଂଯୋଗୀକରଣଏବଂ ଚୁକ୍ତିନାମା ସ୍ୱାକ୍ଷର କରିବାରେ ବିଫଳ ହେବେ, ସେମାନଙ୍କ ବିରୋଧରେ ଓଡ଼ିଶା ଜଳସେଚନ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

ଓଡ଼ିଶା ଜଳସେଚନ ଆଇନ ୧୯୫୯ ଏବଂ ଓଡ଼ିଶା ଜଳସମ୍ପଦ ନିୟମ,୧୯୬୧ ଅନୁଯାୟୀ ଶିଳ୍ପ ସଂସ୍ଥାମାନଙ୍କୁ ଚୁକ୍ତି (ଆବଣ୍ଟନ) ଅନୁଯାୟୀ ଜଳ ନେବାକୁ ଅନୁମତି ଦିଆଯାଏ। ଚୁକ୍ତି ଅନୁଯାୟୀ ଶିଳ୍ପ ସଂସ୍ଥାମାନେ ଜଳଉଠାଣ ପର୍ବରୁ ଉଠାଣ ସ୍ଥାନରେ ଫ୍ଲୋ ମିଟର ଲଗାଇବାକୁ ବାଧ୍ୟ। ଯଦି ଚୁକ୍ତିଠାରୁ ଅଧିକ ଜଳ ନିଆଯାଏ, ତେବେ ଛଅ ଗୁଣ ଦଣ୍ଡ ସମାନ ଅର୍ଥ ମଧ୍ୟ ଉକ୍ତ ସଂସ୍ଥାଠାରୁ ଅସୁଲ କରାଯିବାର ପ୍ରାବଧାନ ରହିଛି। ଏପରିକି ୨୦୨୧ ମସିହାରେ ଜଳସଂପଦ ବିଭାଗ ସମସ୍ତ ଶିଳ୍ପକୁ ସେନ୍ସର-ଭିତ୍ତିକ ଫ୍ଲୋ ମିଟର ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲା। ଏହା ଦ୍ୱାରା ପ୍ରକୃତ ଜଳ ବ୍ୟବହାର ମାପି ହୋଇପାରିଥାନ୍ତା। ମାତ୍ର ତମାମ୍ ନିର୍ଦ୍ଦେଶ, ଶିଳ୍ପ ସଂସ୍ଥାଙ୍କ ସହ ଚୁକ୍ତି ପରେ ମଧ୍ୟ ଏହି ନିୟମକୁ ସଂସ୍ଥାଗୁଡ଼ିକ ମାନୁନାହାନ୍ତି। ଚୁକ୍ତିନାମାଠାରୁ ସେମାନେ କେଇଗୁଣ ଅଧିକ ଜଳ ଉଠାଇ ନଦୀଗୁଡ଼ିକୁ ▸ପୃଷ୍ଠା-୭

## ଶିକ୍ଷକଶିକ୍ଷୟିତ୍ରୀଙ୍କୁ ରିଲ୍ସ ନିଶା; ନିଘୋଡ଼ ନିଦରେ ଗଣଶିକ୍ଷା ବିଭାଗ
# ଉତ୍ତରଖାତା ପୋଡ଼ିବା ଭିଡିଓ ଭାଇରାଲ୍

■ ଭୁବନେଶ୍ୱର, ୧୭ ।୫ (ସମିସ): ରିଲ୍‌ସ ନିଶାରେ ବାୟା ହୋଇଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ସ୍ଥାନ କାଳ ପାତ୍ର କିଛି ମାନୁ ନାହାନ୍ତି, ଯେଉଁଠି ପାରି ସେଇଠି ରିଲସ୍ କରୁଛନ୍ତି। କେତେବେଳେ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରୁଛନ୍ତି ତ ଆଉ କେତେବେଳେ ପରୀକ୍ଷା ଖାତାକୁ ସାର୍ବଜନୀନ କରୁଛନ୍ତି। କେବଳ ଏତିକି ନୁହେଁ; ପରୀକ୍ଷା ଖାତା ଦେଖା ବେଳେ ଓଏମ୍‌ଆର୍ ସିଟ୍‌କୁ ପୋଡ଼ି ଦେଇ ରିଲ୍‌ସ କରିବାକୁ ପଛାଉ ନାହାନ୍ତି। ଇନ୍‌ଷ୍ଟାଗ୍ରାମରେ ଜଣେ ଶିକ୍ଷୟିତ୍ରୀ ଅପଲୋଡ୍ କରିଥିବା ଏକ ରିଲ୍‌ସରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତା ମୂଲ୍ୟାଙ୍କନ ଓ ଧୂପକାଠି ଦ୍ୱାରା ପିଲାଙ୍କ ଓଏମ୍‌ଆର୍ ସିଟ୍‌କୁ ପୋଡ଼ିବା ରିଲସ୍ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ। ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ଶିବପୁରସ୍ଥିତ ପ୍ରାଣବନ୍ଧୁ ବିଦ୍ୟାପୀଠରେ ଏହି ରିଲ୍‌ସ ପ୍ରସ୍ତୁତ ହୋଇଥିବା ଜଳଜଳ ଦିଶୁଛି। ଅନ୍ୟପକ୍ଷରେ କିଛି ଶିକ୍ଷୟିତ୍ରୀ ଶ୍ରେଣୀ ଗୃହରେ ମଧ୍ୟ ପିଲାଙ୍କୁ ବ୍ୟବହାର କରି ରିଲ୍‌ସ କରୁଛନ୍ତି; କେତେକ ସ୍ଥାନରେ ଶୈକ୍ଷିକ କଣ୍ଟେଣ୍ଟ ବ୍ୟତୀତ ଦ୍ୱିଅର୍ଥ ବୋଧକ ଭିଡିଓ କରି ଅପଲୋଡ୍ କରୁଛନ୍ତି। ଶିକ୍ଷକଙ୍କ ତୁଳନାରେ ରିଲ୍‌ସ କରିବାରେ ଶିକ୍ଷୟିତ୍ରୀ ଆଗକୁ ଟପି ଯାଇଛନ୍ତି; ଯାହାକୁ ନେଇ ଅଭିଭାବକ ଓ ଶିକ୍ଷାବିତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ତ୍ତମାନ ▸ପୃଷ୍ଠା-୭



ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରି ଟଙ୍କା ରୋଜଗାର
ଇନ୍‌ଷ୍ଟାଗ୍ରାମ୍‌ରେ ମାଲମାଲ ଦ୍ୱି-ଅର୍ଥବୋଧକ କଣ୍ଟେଣ୍ଟ

## ଖାକିରେ ଦାଗ
# କେଉଁଠି ନିଶା, କେଉଁଠି ନାରୀ

### ମାସକରେ ୨ ଏସ୍‌ଡିପିଓ, ୨ ଆଇଆଇସି ନିଲମ୍ବିତ
### ଜଣେ ଡିଏସ୍‌ପିଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

■ ଭୁବନେଶ୍ୱର, ୧୭।୫ (ସମିସ): ଆଇନଶୃଙ୍ଖଳାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ। ଏହି ସମୟରେ ନିଶାମାଫିଆ, ବାଲି ଓ ଖଣିମାଫିଆଙ୍କୁ ପୃଷ୍ଠପୋଷକତା, ନାରୀ ଆସକ୍ତି ଅଭିଯୋଗ ପୁଲିସର ଖାକି ପୋଷାକରେ ଲଗାଇଛି ଚିକିଟା କଳାଦାଗ। ଯେତେ ଘଷାମଜା କଲେ ବି ଏହି ଦାଗ ଲିଭୁନାହିଁ। ତଳୁ ଉପର ପର୍ଯ୍ୟନ୍ତ ଅନେକ ଅଧିକାରୀ ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗ ହୋଇଛି। ଗତ ମାସକ ମଧ୍ୟରେ ୨ ଏସ୍‌ଡିପିଓ ଓ ୨ ଆଇଆଇସି ନିଲମ୍ବିତ ହେବା ଓ ଜଣେ ଡିଏସ୍‌ପିଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦିଆଯିବା ଏହାର ଚାକ୍ଷୁଷ ପ୍ରମାଣ ବୋଲି କୁହାଯାଉଛି। ଅପରପକ୍ଷରେ ଘୃଣଲଗା ବ୍ୟବସ୍ଥା ଓ ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କ ପାଇଁ ପୁରା ପୁଲିସ ବିଭାଗ ବଦନାମ ମୁଣ୍ଡାଉଛି ବୋଲି ବରିଷ୍ଠ ପୁଲିସ ଅଧିକାରୀସ୍ତରରେ ଚର୍ଚ୍ଚା ହେଉଛି।

ସୁନା ଅଳଙ୍କାର କିଣି ଟଙ୍କା ଦେବା ପରିବର୍ତ୍ତେ ଓଲଟି ଦୋକାନୀକୁ ଧମକଚମକ ଦେବା ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଆସିକା ଏସଡିପିଓ ସନ୍ତୋଷ ଜେନା ଚାକିରିରୁ ନିଲମ୍ବିତ ହୋଇଛନ୍ତି। ସମ୍ପୃକ୍ତ ଦୋକାନୀ ଡିଜିପି ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ତତ୍‌କାଳୀନ ଖଣ୍ଡପଡ଼ା ଏସ୍‌ଡ଼ିପିଓ ମଦନମୋହନ ପ୍ରଧାନ ଥାନାକୁ ଅସିଥିବା ଜଣେ ମହିଳାଙ୍କୁ ରାତି ବିତାଇବାକୁ ବାଧ୍ୟ କରିବା ଅଭିଯୋଗ ହୋଇଛି। ବହୁ ହଟଚମଟ ପରେ ନିଲମ୍ବନ ହୋଇଥିବା ସମ୍ପୃକ୍ତ ଅଧିକାରୀ ଏବେ ଫେରାର ହୋଇ ଯାଇଥିବା ସୂଚନା ମିଳିଛି।

ଇତିମଧ୍ୟରେ ଗଞ୍ଜାମ ଜିଲ୍ଲାର ଡିଏସପି ବିବେକାନନ୍ଦ ସ୍ୱାଇଁଙ୍କ ନାଁରେ ଡିଜିପି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଓ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ସଂପୃକ୍ତି ଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଗୃହ ବିଭାଗକୁ ଅବଗତ କରାଯାଇଛି। ସେହିପରି ଗଞ୍ଜେଇ ମାଫିଆଙ୍କୁ ସହଯୋଗ ଘଟଣାରେ ତତ୍କାଳୀନ ଝାରବନ୍ଧ ଥାନା ଅଧିକାରୀ ଶୁକ୍ର ମାଢ଼ିଙ୍କୁ ପୋଲିସ ଡିଜି ନିଲମ୍ବିତ କରିଛନ୍ତି। ଜଣେ ▸ପୃଷ୍ଠା-୭

# ସବୁ ଜିଲ୍ଲାକୁ ଏନ୍‌କାଉଣ୍ଟର ଟାର୍ଗେଟ

## ବୁର୍ଲାରେ ମନୀଷକୁ ଗୁଳି

■ ସମ୍ବଲପୁର, ୧୭।୫ (ସମିସ): ବେଆଇନ କଫ୍ ସିରପ୍ କାରବାରରେ ଲିପ୍ତ କୁଖ୍ୟାତ ମନୀଷ ସାହୁକୁ ବୁର୍ଲା ପୁଲିସ୍ ଏନ୍‌କାଉଣ୍ଟର୍ କରି ଧରିଛି। ଏହାସହ ତା'ର ୩ ସହଯୋଗୀଙ୍କୁ ମଧ୍ୟ ଗିରଫ କରିଛି। ମନୀଷର ଘର ବରେଇପାଲି ଥାନା ଗୋପାଳପାଲିରେ। ଅନ୍ୟ ଅଭିଯୁକ୍ତମାନେ ହେଲେ, ହୀରାକୁଦ ଥାନା ଗଡ଼ମୁଣ୍ଡାର ଜନ୍ମେଜୟ ଓରାମ (୨୮), ଟାଉନ୍ ଥାନା ଦଳେଇପଡ଼ାର ଶୈଖ ବାବୁ(୨୩) ଓ କୁଚିଣ୍ଡା ଥାନା ଭୋଜପୁରର ରାମେଶ୍ୱର ପାତ୍ର(୨୫)। ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି ଯେ ଆଗକୁ ଶୀତଳଷଷ୍ଠୀ ଯାତ୍ରା ରହିଛି। ତେଣୁ ଯାତ୍ରା ପୂର୍ବରୁ ସମ୍ବଲପୁର ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ବେଆଇନ ଭାବେ କଫସିରପ ▸ପୃଷ୍ଠା-୭



## ୫ ଦିନରେ ତିନି ଜିଲ୍ଲାରେ ୩ ଘାଇଲା

■ ଭୁବନେଶ୍ୱର, ୧୭ ।୫ (ସମିସ): ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଖରାପ ହୋଇ ଚାଲିଛି। ଅପରାଧୀଙ୍କ ଉପରେ ପୁଲିସର ନିୟନ୍ତ୍ରଣ ନାହିଁ ଓ ଲୋକମାନେ ପୁଲିସ ବ୍ୟବସ୍ଥା ଉପରେ ଆଉ ଭରସା କରିପାରୁ ନାହାନ୍ତି। କେଉଁଠି ଅପରାଧୀ ଘରେ ପଶି ଅତି ନିର୍ମମ ଭାବେ ହତ୍ୟା କରୁଛନ୍ତି ତ ଆଉ କେଉଁଠି ପୁଲିସ ବ୍ୟବସ୍ଥା ଉପରୁ ବିଶ୍ୱାସ ହରାଇ ଲୋକମାନେ ଆଇନକୁ ହାତକୁ ନେଉଛନ୍ତି। ଏପରି କାର୍ଯ୍ୟକଳାପ ପୁଲିସ ପ୍ରତି ଅପରାଧୀଙ୍କ ମନରେ ତିଳେମାତ୍ର ଭୟ ନଥିବା ପରି ମନେ ହେଉଥିବା ବେଳେ ପୁଲିସ ନିଜ ଛବି ସୁଧାରିବାକୁ ଆରମ୍ଭ କରିଛି 'ମିଶନ ଏନ୍‌କାଉଣ୍ଟର'। ଉଚ୍ଚ ପୁଲିସ ଅଧିକାରୀସ୍ତରରେ ଏଥିପାଇଁ ନିଷ୍ପତ୍ତି ହେବା ପରେ ୫ ଦିନ ମଧ୍ୟରେ ୩ ଜିଲ୍ଲାରେ ଏନ୍‌କାଉଣ୍ଟର ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରତି ମାସରେ ପ୍ରତି ଜିଲ୍ଲା ଅନ୍ୟୂନ ଗୋଟିଏ ଏନ୍‌କାଉଣ୍ଟର କରିବାକୁ ଟାର୍ଗେଟ ଦିଆଯାଇଛି। ଏହି କ୍ରମରେ ଗତ ଝାରସୁଗୁଡ଼ା, ବ୍ରହ୍ମପୁର ଓ ସମ୍ବଲପୁରରେ ଏନ୍‌କାଉଣ୍ଟର ଆରମ୍ଭ ହୋଇଛି; ଏହାପରେ ନୟାଗଡ଼, ରାଉରକେଲା,



ବାଲେଶ୍ୱର, ଜଗତସିଂହପୁର ଓ ଭଦ୍ରକରେ କ୍ରମାନ୍ୱୟରେ ଏନ୍‌କାଉଣ୍ଟର ହୋଇପାରେ ବୋଲି ସୂଚନା ମିଳିଛି। ମାତ୍ର ବେଲଗାମ୍ ଅପରାଧୀଙ୍କୁ ନିୟନ୍ତ୍ରଣ ପାଇଁ ପୁଲିସର ଏନ୍‌କାଉଣ୍ଟର ମିଶନ କେତେ ସଫଳ ହେବ ଓ ପୁଲିସର ମଳିନ ଛବିକୁ କେତେ ଝଟକାଇବ, ତାହାକୁ ନେଇ ଏବେ ବି ସନ୍ଦେହ ରହିଛି। ▸ପୃଷ୍ଠା-୭

ସମ୍ବଲପୁରରେ ତାତିର ତାଣ୍ଡବ

# ୪୦ ତଳକୁ ଖସୁନି ପାରଦ, ଛଟପଟ ଲୋକେ

ସମ୍ବଲପୁର, ୧୭।୫ (ସମିସ)

ସମ୍ବଲପୁରରେ ତାତିର ତାଣ୍ଡବ। ବିଗତ ୬ ଦିନ ଭିତରେ ୪୦ ଡିଗ୍ରୀ ତଳକୁ ଖସୁନି ପାରଦ। ଟିହିଟିହିଆ ଖରା, ଖାଁ ଖାଁ ସହର। ଶୂନଶାନ ସହର ଆଉ ସବୁଠି ଖରାର ରାଜୁତି। ସକାଳ ୮ଟା ହେଲେ ଘରୁ ବାହାରିବାକୁ ସମ୍ବଲପୁରବାସୀ ଚିନ୍ତା ପ୍ରକଟ କରୁଛନ୍ତି। ପ୍ରଚଣ୍ଡ ତାତିରେ ଜଳୁଛି ସାରା ଓଡ଼ିଶା। ଢ଼ହଢ଼ହ ଖରାରେ ସନ୍ତୁଳି ହେଉଛନ୍ତି ଲୋକେ। ଝାଞ୍ଜି ପବନ ସାଙ୍ଗକୁ ଗୁଳଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜୀବନ ଯାତ୍ରା। ସମ୍ବଲପୁର ସହର ଢ଼ହଢ଼ହ ଖରାରେ ସନ୍ତୁଳି ହେଉଛନ୍ତି ଲୋକେ। ସହର ସାରା ଅଘୋଷିତ କର୍ଫ୍ୟୁ ହେଲା ଭଳି ମନେ ହେଉଛି। ରାସ୍ତାଘାଟ ସବୁ ଶୂନସାନ ହେଇଯାଉଛି। ଗତ ତିନିଦିନ ହେବ ସମ୍ବଲପୁରରେ ତାପମାତ୍ରା ପୁଣି ୪୦ ଡିଗ୍ରୀ ଡେଇଁଲାଣି। ଗତ ଏପ୍ରିଲ ୨୪ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ଏବଂ ୨୮ ତାରିଖରେ ୪୩.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଗତମାସ ଶେଷାର୍ଦ୍ଧରେ ତାପମାତ୍ରା ୪୩ ଡିଗ୍ରୀ ତଳକୁ




ଖସି ନ ଥିଲା। ପରେ କାଳବୈଶାଖୀ ଯୋଗୁଁ ତାପମାତ୍ରା କିଛିଟା ହ୍ରାସ ପାଇଥିବା ବେଳେ ଚଳିତମାସ ଆରମ୍ଭରୁ ପୁଣି ପାରଦ ଚଢ଼ିବା ଆରମ୍ଭ କରିଛି। ଗତ ୧୨ ତାରିଖରୁ ତାପମାତ୍ରା ୪୦ ଡିଗ୍ରୀ ଉପରକୁ ଉଠିବା ଆରମ୍ଭ କଲାଣି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆଗାମୀ ଦିନରେ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ସମ୍ପ୍ରତି ତାପମାତ୍ରାରେ ବୃଦ୍ଧି ହୋଇଥିବାରୁ ଦିନବେଳା ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଅନ୍ୟପକ୍ଷରେ ଓଭରଲୋଡିଂ ଯୋଗୁଁ କୁଲର୍ ଓ ପଙ୍ଖା ଧୀରେ ଧୀରେ ଚାଲୁଥିବା ଦେଖାଯାଉଛି। ଉଷ୍ମ ରାତି ପ୍ରଭାବ ଯୋଗୁଁ ଗତମାସରେ ସର୍ବନିମ୍ନ ତାପମାତ୍ରା ୨୯ ଡିଗ୍ରୀ ଛୁଇଁଥିଲା। ସମ୍ବଲପୁର ସହରାଞ୍ଚଳରେ ରାସ୍ତା ସମ୍ପ୍ରସାରଣ ଓ ବିକାଶ ନାମରେ ୫୦ ରୁ ୬୦ ବର୍ଷ ପୁରୁଣା ଗଛ ଗୁଡ଼ିକ କାଟି ଦିଆଯାଉଛି। ସମ୍ବଲପୁର ସହର ଏବେ କଂକ୍ରିଟ୍ ଜଙ୍ଗଲ ପାଲଟିଗଲାଣି। ସମ୍ବଲପୁର ସହରର ଚାରିପଟେ ଲକ୍ଷ୍ମୀଡୁଙ୍ଗୁରୀ, ଲମ୍ବଡୁଙ୍ଗୁରୀ, ମୋତିଝରିା, ବୁଢ଼ାରଜା ଆଦି ଜଙ୍ଗଲ ରହିଥିଲେ ମଧ୍ୟ ସେଗୁଡ଼ିକରେ ଘନତ୍ୱ କମିବାରେ ଲାଗିଛି। ଅନ୍ୟପକ୍ଷରେ ଜାତୀୟ ରାଜପଥ ସହିତ ସହର ମଧ୍ୟସ୍ଥ ମୁଖ୍ୟରାସ୍ତା ଗୁଡ଼ିକରେ ପୁରୁଣା ଗଛ ଗୁଡ଼ିକ କାଟି ଦିଆଯାଉଛି କିନ୍ତୁ କୌଣସି ରାସ୍ତା ସମ୍ପ୍ରସାରଣରେ ତାହା ବ୍ୟବହାର କରାଯାଉନାହିଁ। ଏହାଦ୍ୱାରା ପ୍ରତିବର୍ଷ ଏକ-ଦୁଇ ଡିଗ୍ରୀ ସମ୍ବଲପୁରର ତାପମାତ୍ରା ବୃଦ୍ଧି ପାଉଛି। ସରକାରଙ୍କ ବନ ବିଭାଗର 'ସହର ବନ' ବା 'ଅର୍ବାନ୍ ଜଙ୍ଗଲ' କେବଳ କାଗଜ କଲମରେ ସୀମିତ ରହିଥିବା ସଚେତନ ମହଲରେ ମତପ୍ରକାଶ ପାଉଛି। ବିଶେଷ ଭାବେ ବ୍ୟବସାୟରେ ମଧ୍ୟ ଏହାର ପ୍ରଭାବ ଦେଖାଦେଇଛି। ୧୦ଟା ବାଜିଲେ ଖରା ତେଜ ଆଶାତୀତ ଭାବେ ବୃଦ୍ଧି ପାଉଛି। ଏହାର ପ୍ରଭାବରେ ଦିନ ମଜୁରିଆ, ରିକ୍ସା ଚାଳକ ଓ ରାସ୍ତା କଡରେ ଛୋଟ ଛୋଟ ବ୍ୟବସାୟୀ ପ୍ରଭାବିତ ହେଉଛନ୍ତି।

# ସୁନା ଦୋକାନରୁ ଚୋରି, ଜଣେ ଗିରଫ

## ବିଭିନ୍ନ ଅଳଙ୍କାର ଉଦ୍ଧାର, ଦୁଇ ନାବାଳକ ସମ୍ପୃକ୍ତ

**ସମ୍ବଲପୁର, ୧୭।୫(ସମିସ):** ସୁନା ଦୋକାନରୁ ଚୋରି ଅଭିଯୋଗରେ ବୁର୍ଲା ପୁଲିସ ଜଣକୁ ଗିରଫ କରିଛି।




ସେ ହେଉଛି ବୁର୍ଲା ଥାନା ଗୋଶାଳ କଦମପଡ଼ାର ରାଜୁ ନାଗ(୨୬)। ଏହି ଘଟଣାରେ ଦୁଇ ଜଣ ନାବାଳକଙ୍କୁ ମଧ୍ୟ ପୁଲିସ ଜୁଭିନାଲ ବୋର୍ଡକୁ ପଠାଇ ଦେଇଛି।

ସୂଚନା ଅନୁସାରେ ଗତ ୧୪ ତାରିଖରେ କର୍ଡୋଲାର ଅକ୍ଷୟ କୁମାର ସାହୁ(୩୫) ତାଙ୍କ ସୁନା ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ୧୩ ତାରିଖ ଦିନ ସେ ଶୀଘ୍ର ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତା ପରଦିନ ଦୋକାନ ଖୋଲିବା ବେଳେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ସେମାନଙ୍କ ନିକଟରୁ ଓଜନ ମେସିନ, ରୂପା ମୁଦି ୪୮ଟା, ରୁପା ବଳା ୫୦ଟା, ରୂପା ତ୍ରିଶୁଳ ଗୋଟାଏ, ରୁପା ମଙ୍ଗଳସୂତ୍ର ୪୨ଟା, ରୁପା ଏଙ୍କଲେଟ ୧୫ଟା, ରୁପା ଲକେଟ ୪୦ଟା, ରୁପା ମୁଦ୍ରା ୧୨ଟା, ସୁନା ଲକେଟ ୧୨ଟି, ସୁନା ନାକ ପିନ ୧୧ଟି ଓ ରୁପା ଖଣ୍ଡ ୫୫୦ ଗ୍ରାମ। ଅଭିଯୁକ୍ତକୁ ଗିରଫ ପରେ କୋର୍ଟଚାଲାଣ କରିଛି।

# କାର୍ ଧକ୍କାରେ ସିମେଣ୍ଟ ମିସ୍ତ୍ରୀ ମୃତ

**ରେଢ଼ାଖୋଲ, ୧୭।୫(ସମିସ):** ସମ୍ବଲପୁର -କଟକ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ବ୍ଲକ ଅଧୀନ ଚାରମାଳ ପଞ୍ଚାୟତ ଅଧୀନ ରାଶିବେଡା ଛକ ନିକଟରେ ରବିବାର ରାତିରେ ଏକ କାର୍ ଧକ୍କାରେ ଜଣେ ସିମେଣ୍ଟ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାରମାଳ ଅଞ୍ଚଳର ବାସିନ୍ଦା ବିଷ୍ଣୁ ବେହେରା (୪୦)।



ସୂଚନା ଯୋଗ୍ୟ ଯେ ଉକ୍ତ ବ୍ୟକ୍ତି ଜଣଙ୍କ ନିଜର କାର୍ଯ୍ୟସାରି ଘରକୁ ଫେରୁଥିବା ସମୟରେ ରାଶିବେଡା ସ୍ଥିତ ନୂତନ ବସ୍‌ଷ୍ଟପ ସମ୍ମୁଖରେ ଏକ କାର୍ ରାୟପୁରରୁ କଟକ ଅଭିମୁଖେ ଯାଉଥିବାବେଳେ ଦୃତ ଗତିରେ ଆସି ଧକ୍କା ହୋଇଥିଲା। ଏଥିରେ ଘଟଣାସ୍ଥଳରେ ସିମେଣ୍ଟ ମିସ୍ତ୍ରୀ ଜଣଙ୍କ ମୃତ୍ୟୁ ହୋଇଯାଇଛି। ସେପଟେ କାର୍ ଚାଳକ ଫେରାର ହୋଇଯାଇଥିବାବେଳେ ପୁଲିସ କାର୍ ଜବତ କରିଥିବା ସୂଚନା ମିଳିଛି।

# ସମ୍ବଲପୁର ବିଜେପିର ଜିଲ୍ଲା ପଦାଧିକାରୀ ବୈଠକ



**ସମ୍ବଲପୁର, ୧୭।୫(ସମିସ):** ବିଜେପି ପକ୍ଷରୁ ସଂଗଠନକୁ ମଜଭୁତ ଓ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ କରିବା ପାଇଁ ରାଷ୍ଟ୍ରୀୟ ସ୍ତରରୁ ବୁଥସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି କ୍ରମରେ ସମ୍ବଲପୁର ଜିଲ୍ଲା ବିଜେପିର ଜିଲ୍ଲା ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ରାମ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ହୋଟେଲ ରିଭର ଇନ୍‌ରେ ଆୟୋଜିତ ଏହି ସାଂଗଠନିକ ବୈଠକରେ ରାଜ୍ୟ ସମ୍ପାଦକ ତଥା ସମ୍ବଲପୁର ଜିଲ୍ଲା ବିଜେପି ପ୍ରଭାରୀ କାଳିନ୍ଦୀ ସାମଲ ଉପସ୍ଥିତ ଥିଲେ। ଜିଲ୍ଲାରେ ବାକି ରହିଥିବା ବିଭିନ୍ନ ମୋର୍ଚ୍ଚା, ପ୍ରକୋଷ୍ଠ, ମଣ୍ଡଳ ଓ ଶକ୍ତି କେନ୍ଦ୍ର ଗୁଡିକର ବିସ୍ତାର କାର୍ଯ୍ୟ ଯଥା ଶୀଘ୍ର ସମ୍ପନ୍ନ କରିବାକୁ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଭାରୀ ଶ୍ରୀ ସାମଲ ପରାମର୍ଶ ଦେଇଥିଲେ। କଂଗ୍ରେସ, ବିଜେଡି ସମେତ ସମସ୍ତ ବିରୋଧୀ ଦଳ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରିବା ଫଳରେ ନାରୀମାନଙ୍କୁ ମିଳିବାକୁ ଥିବା ୩୩ ପ୍ରତିଶତ ଆରକ୍ଷଣରୁ ଦେଶର ନାରୀ ଶକ୍ତି ବଞ୍ଚିତ ହୋଇଛନ୍ତି। ଆଜିର ଜିଲ୍ଲା ପଦାଧିକାରୀ ବୈଠକରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସିଙ୍କ ସମେତ ଜିଲ୍ଲାର ସମସ୍ତ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, ମୋର୍ଚ୍ଚା ସଭାପତି ଉପସ୍ଥିତ ଥିଲେ।

# ସାମାନ୍ୟ ବର୍ଷାରେ ଭୁଶୁଡିଲା ଧାନ କ୍ରୟ କେନ୍ଦ୍ର ପାଚେରି

**ଝାରବନ୍ଧ, ୧୭।୫(ସମିସ):** ଝାରବନ୍ଧ ବ୍ଲକ ଭଣ୍ଡାରପୁରୀ ଧାନ କ୍ରୟ କେନ୍ଦ୍ରର କାନ୍ଥ ସାମାନ୍ୟ ବର୍ଷାରେ ଭାଙ୍ଗି ଯାଇଛି। କିଛି ଦିନ ପୂର୍ବରୁ ଏହା ନିର୍ମାଣ ହୋଇଥିଲା। ଏଣୁ କାମର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ଅନେକ ସ୍ଥାନରେ ମଧ୍ୟ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ବର୍ଷା ଋତୁରେ ସମ୍ପୂର୍ଣ୍ଣ ଭାଙ୍ଗିଯିବା ଆଶଙ୍କା ରହିଛି। ବର୍ତ୍ତମାନ ରବି ଋତୁର ଧାନ ସଂଗ୍ରହ ଆରମ୍ଭ ହୋଇଛି। ଭଙ୍ଗା କାନ୍ଥ ନିକଟରେ ଧାନ ରଖାଯାଇଥିବାରୁ ଜଗୁଆଳି ଓ ସୁରକ୍ଷା ବ୍ୟବସ୍ଥା ପାଇଁ ଅସୁବିଧା ସୃଷ୍ଟି ହେଉଛି।



# ସମ୍ବଲପୁର ଯାଦବ ସଂଘ ପକ୍ଷରୁ ଦହି ସରବତ ବଣ୍ଟନ




**ସମ୍ବଲପୁର, ୧୭।୫(ସମିସ):** ସମ୍ବଲପୁର ଯାଦବ ସଂଘ ପକ୍ଷରୁ ସମଲେଶ୍ୱରୀ ମନ୍ଦିରରେ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତୀବ୍ର ରୌଦ୍ରତାପ କାରଣରୁ ସାଧାରଣ ଲୋକ, ପଥଚାରୀ ଓ ମନ୍ଦିରକୁ ଆସୁଥିବା ଭକ୍ତମାନେ ଅସହ୍ୟ ଗରମରେ ଅତ୍ୟନ୍ତ କଷ୍ଟ ଅନୁଭବ କରୁଥିବା ବେଳେ ସଂଘ ପକ୍ଷରୁ ଏହି ଶୀତଳ ପାନୀୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଶତାଧିକ ପଥଚାରୀ, ଭକ୍ତ ଏବଂ ସାଧାରଣ ଲୋକଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା। ସମାଜ ସେବା ଓ ମାନବିକତାର ବାର୍ତ୍ତାକୁ ଆଗକୁ ନେଇ ସମ୍ବଲପୁର ଯାଦବ ସଂଘ ପକ୍ଷରୁ ଏପରି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି। ଏହି ମହତ୍ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଇଥିଲା। ସମ୍ବଲପୁର ଯାଦବ ସଙ୍ଘର ସଭାପତି ଭୋଲାଶଙ୍କର ମହତମ, ସମ୍ପାଦକ ହେମନ୍ତ ଗହୀର, ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାଗ, ଗୁଣନିଧି ରାଉତ, ଶିବସମ୍ଭୁ ଯାଦବ୍, ହରିହର ଷଣ୍ଢ, ତୋଫାନ ବେହେରା, କାନନ ନାଗ, ରାଜୁ ପୋଢ଼, ନବକିଶୋର ଜାଲ, ଅଲେଖ ଘିବେଲା, ରାଜେଶ ବାଗ, କ୍ରିଷ୍ଣା ଦୀପ, ଲୋକନାଥ ବରର୍ତ୍ତି, ଜଗଦୀଶ ମଲ୍ଲିକ, ଘନଶ୍ୟାମ ମହାକୁର, ଲୋକନାଥ ଅହିର, ନରସିଂହ ବରର୍ତ୍ତୀ, ଜଗଦୀଶ ମଲ୍ଲିକ, ନିଖିଳ ନାଗ, ହରିହର ଷଣ୍ଢ, ମନବୋଧ ବରର୍ତ୍ତି, ଶୁରେଶ ମହତମ ପ୍ରମୁଖ ସହଯୋଗ କରିଥିଲେ।

# ଝାରବନ୍ଧ ଥାନାରେ ବ୍ରିଫିଂ ପରେଡ୍



**ଝାରବନ୍ଧ, ୧୭।୫(ସମିସ):** ଓଡ଼ିଶାରେ ନୂତନ ଭାବେ ଲାଗୁ ହୋଇଥିବା ପୁଲିସ ବିଭାଗର ନିୟମ ଅନୁଯାୟୀ ପ୍ରତ୍ୟେକ ଥାନାରେ ପ୍ରତିଦିନ ସକାଳେ ବ୍ରିଫିଂ ପରେଡ ଆୟୋଜନ କରାଯାଉଛି। ଆଜି ଝାରବନ୍ଧ ଥାନା ପରିସରରେ ଥାନା ଅଧିକାରୀ ସଞ୍ଜୟ ପରିଡ଼ାଙ୍କ ନେତୃତ୍ୱରେ ବ୍ରିଫିଂ ପରେଡ ଅନୁଷ୍ଠିତ ହୋଇଥିଲା। ଏହି ପରେଡରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ନିୟନ୍ତ୍ରଣ ଓ ଜନସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଥାନା ଅଧିକାରୀ କର୍ମଚାରୀଙ୍କୁ ନିଜ ଦାୟିତ୍ୱ ସଚେତନତା ସହ ପାଳନ କରିବା, ସାଧାରଣ ଲୋକଙ୍କ ସହ ଭଲ ବ୍ୟବହାର ରଖିବା ଏବଂ ଅଞ୍ଚଳରେ ଶାନ୍ତି-ଶୃଙ୍ଖଳା ବଜାୟ ରଖିବା ପାଇଁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ରାତ୍ରିକାଳୀନ ପାଟ୍ରୋଲିଂ, ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ କଡ଼ା ନଜର ଓ ବେଆଇନ କାର୍ଯ୍ୟକଳାପ ରୋକିବାକୁ ଅଧିକ ତତ୍ପରତା ଦେଖାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା।

# ପବ୍ଲିକ ଲାଇବ୍ରେରୀରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର

**ସମ୍ବଲପୁର, ୧୭।୫ (ସମିସ) :** ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ଆନୁକୂଲ୍ୟରେ ଆୟୋଜିତ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୨୩ ଟି ବିଦ୍ୟାଳୟର ୪୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଭାଷା ଶିକ୍ଷକ ପଦ୍ମନାଭ ମହାକୁଡ଼ ନିର୍ଭୁଲ ଓ ଶୁଦ୍ଧ ଇଂଲିଶ୍ ଉଚ୍ଚାରଣ ସମ୍ପର୍କରେ ଶିକ୍ଷା ଦେଇଥିଲେ। ଏହାପରେ ଡାଇଟ୍‌ର ପ୍ରାକ୍ତନ ଅଧ୍ୟକ୍ଷ ଶିବଶଙ୍କର ଷଡ଼ଙ୍ଗୀ ଜୀବନ-କୌଶଳ ଶିକ୍ଷା ଅଧୀନ ଯୋଗାଯୋଗ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଫାଷ୍ଟ ଫୁଡ୍‌କୁ ନା ବିଷୟକୁ ବିଶ୍ଳେଷଣାତ୍ମକ ଭାବରେ ଅଧ୍ୟାପିକା ଡ. ଅଭିପ୍ସା ମହାପାତ୍ର ଆଲୋଚନା କରିଥିଲେ। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ଡ. ମହାଦେଓ ଜୈସୱାଲ କାର୍ଯ୍ୟକ୍ରମରେ ଉପସ୍ଥିତ ରହି, ଚଳିତମାଟ୍ରିକ ପରୀକ୍ଷାର ସମ୍ବଲପୁର ଜିଲ୍ଲାର ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଶିକ୍ଷାର୍ଥୀ




ବିଶ୍ୱ ପ୍ରସାଦ ବଳ, ତାଙ୍କ ଅଭିଭାବକ ତଥା ବିଦ୍ୟାଳୟରପ୍ରଧାନ-ଆଚାର୍ଯ୍ୟଙ୍କୁ ଲାଇବ୍ରେରୀ ତରଫରୁ ସମ୍ମାନିତ କରିଥିଲେ। ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରର ସଭାପତି ଡ. ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ-ସମ୍ପାଦକ ରଘୁନାଥ ମିଶ୍ର, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ଓ ହେମନ୍ତ ମହାପାତ୍ରଙ୍କ ସହ ଅନେକ ସଭ୍ୟସଭ୍ୟା ଉପସ୍ଥିତ ରହି ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ଼. ଗିରିଧାରୀ ହୋତା, ଉଦିତ ଚନ୍ଦ୍ର ପଟ୍ଟଯୋଶୀ, ହରି ନାରାୟଣ ପଣ୍ଡା ଓ ରାଜେନ୍ଦ୍ର କୁମାର ପଣ୍ଡା, ପୃଥ୍ୱୀରାଜ ମିଶ୍ର ତଥା ଗ୍ରନ୍ଥାଗାରର ସହକାରୀ ବିଜୟ କୁମାର ସାହୁ ଓ ଭୁବନ କୁମୁରା ସହଯୋଗ କରିଥିଲେ।

# ସିମେଣ୍ଟ ନଗର ହାଇସ୍କୁଲ୍ ନିକଟରେ ଖୋଲା ଟ୍ରାନ୍ସଫର୍ମର

**ବରଗଡ଼, ୧୭।୫(ସମିସ):** ବରଡୋଲ ସିମେଣ୍ଟ ନଗର ହାଇସ୍କୁଲ ନିକଟରେ ଟ୍ରାନ୍ସଫର୍ମର ଖୋଲା ପଡ଼ିଛି। ଏଣୁ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବୃଦ୍ଧି ପାଉଛି। ଏହି ସ୍ଥାନର ସିମେଣ୍ଟ ନଗର ମଡେଲ ପବ୍ଲିକ ସ୍କୁଲ ମଧ୍ୟ ରହିଛି। ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ, ଅଭିଭାବକ, ବୃଦ୍ଧ ଓ ସାଧାରଣ ଲୋକଙ୍କ ଯାତାୟାତ ଲାଗି ରହୁଛି। କେବେ ବି ଅଘଟଣ ଘଟିପାରେ। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। କିଛି ମାସ ପୂର୍ବରୁ ଏହି ଅଞ୍ଚଳରେ ୧୧ କେ ଭି ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଏବେ ବି ଲୋକଙ୍କ ମନରୁ ଲିଭିନାହିଁ।



# ସାରଙ୍ଗପୁରରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

**ପଦ୍ମପୁର, ୧୭।୫(ସମିସ):** ପଦ୍ମପୁର ଅଧୀନ ସାରଙ୍ଗପୁର ଗ୍ରାମରେ ଆଟ୍ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମାଜରେ ସ୍ନେହ ଶ୍ରଦ୍ଧା ତଥା ଭଲ ପାଇବା ବାଣ୍ଟିବା ପାଇଁ ୨୦୧୩ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଆଟ୍ ଅଫ୍ ଗିଭିଂ ବା ଦେବାର କଳା ସାରା ବିଶ୍ୱରେ ପାଳନ କରାଯାଉଥିବା ବେଳେ ଚଳିତବର୍ଷ ସାରଙ୍ଗପୁରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




କିସ୍‌ର ପୁରାତନ ଛାତ୍ର ସତ୍ୟବାନ ବରିହା ଗ୍ରାମର କୁନି କୁନି ଛାତ୍ରୀ ଛାତ୍ରଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁଧିଷ୍ଠିର ବରିହା, ଶ୍ରୀକାନ୍ତ ବରିହା, ପାନାଲାଲ ବରିହା, ସୁରେଶ୍ୱର ମେହେର, ପ୍ରକାଶ ମେହେର, ସଞ୍ଜୀବ ମେହେର, ରବିଲାଲ ବରିହା ସମେତ ବହୁମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ନୃସିଂହ ଗୁରୁଙ୍କ ୧୨୫ତମ ବର୍ଷବ୍ୟାପୀ ଜୟନ୍ତୀ ପାଳନ

## ରଚନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ

ସମ୍ବଲପୁର, ୧୭।୫(ସମିସ)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ରବିବାର ଅନୁଷ୍ଠିତ ହେଉଥିବା 'ଚରିତ୍ର ନିର୍ମାଣ ଜରିଆରେ ଦେଶ ନିର୍ମାଣ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ କରାଯାଇଥିବା ରଚନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଆଜି ପୁରସ୍କୃତ କରାଯାଇଛି। ସ୍ମୃତି ସମିତିର ସଭାପତି ପ୍ରଫେସରଆଦିତ୍ୟପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମାନେଶ୍ୱର ପିଏମଶ୍ରୀ ସରକାରୀ ହାଇସ୍କୁଲର ଛାତ୍ର ସାଇ ପ୍ରୀତମ ସାହୁ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଆଦ୍ୟାସ୍ମୃତି ପାଢ଼ୀ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବୁଢାରଜା ସରକାରୀ ହାଇସ୍କୁଲର ଛାତ୍ରୀ ମୀରା ସାହୁଙ୍କୁ ନଗଦ ଟଙ୍କା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଏହାଛଡା ପ୍ରତିଯୋଗିତାରେ ଭାଗ ନେଇଥିବା ୩୧ ଛାତ୍ରଛାତ୍ରୀଙ୍କୁ ସ୍ମୃତି ସମିତିର ଉପ-ସଭାପତି ଅରବିନ୍ଦ ମହାପାତ୍ର, ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସମ୍ପାଦକ ରଘୁନାଥ ମିଶ୍ର, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ ଗିରିଧାରୀ ହୋତା ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ପଶ୍ଚିମ ଓଡ଼ିଶାର ଗାନ୍ଧୀ ଭାବେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ହରିନାରାୟଣ ପଣ୍ଡା ସଂଯୋଜନା କରିଥିବାବେଳେ ଅରବିନ୍ଦ ମହାପାତ୍ର ନୃସିଂହ ଗୁରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରିଚାଳନାରେ ଶିବ ଶଙ୍କର ଷଡ଼ଙ୍ଗୀ, ପୃଥ୍ୱୀରାଜ ମିଶ୍ର ଓ ଅଧ୍ୟାପକ ଅଶ୍ୱିନୀ ବାରିକ ସହଯୋଗ କରିଥିଲେ।

# ବରଗଡ଼ କେନାଲ ସୌନ୍ଦର୍ଯ୍ୟକରଣ କାମର ଶିଳାନ୍ୟାସ





**ବରଗଡ଼, ୧୭ ।୫(ସମିସ)**

ବରଗଡ଼ ଟାଉନ କେନାଲର ସୌନ୍ଦର୍ଯ୍ୟକରଣ କରାଯିବ। ମୁଖ୍ୟମନ୍ତ୍ରୀ ଧନୁଯାତ୍ରା ମଞ୍ଚରେ ବରଗଡ଼ -ଭେଡେନ ଶାଖା କେନାଲର ସୌନ୍ଦର୍ଯ୍ୟକରଣ ପାଇଁ ଘୋଷଣା କରିଥିଲେ। ଆଜି ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଶୁଭ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ଓ ଟେଣ୍ଡର ମଧ୍ୟ ସରି ସରିଛି। ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି ବିଧାୟକ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଯନ୍ତ୍ରୀ ଏବଂ ଅବବାହିକା ପରିଚାଳକ (ମହାନଦୀ ଅବବାହିକା, ବୁର୍ଲା), ସୁଶୀଲ ବେହେରା, ବରଗଡ଼ ଜଳ ସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମଦନ ମୋହନ ସେଠି, ଜିଲ୍ଲା ଠିକାଦାର ସଂଘ ସଭାପତି ସୁଧାଂଶୁ ଗଡ଼ତିଆ, ସମ୍ପାଦକ ବିଜୟ ସାହୁ, ରବି ରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସଞ୍ଜୀବ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଝାରବନ୍ଧରେ ପେଟ୍ରୋଲ-ଡିଜେଲ ପାଇଁ ଭିଡ଼

**ଝାରବନ୍ଧ, ୧୭ ।୫(ସମିସ):** ଝାରବନ୍ଧ ଅଞ୍ଚଳର ପେଟ୍ରୋଲ ପମ୍ପଗୁଡ଼ିକରେ ଆଜି ପେଟ୍ରୋଲ ଓ ଡିଜେଲ ପାଇଁ ଅଦିନିଆ ଭିଡ଼ ପରିଲକ୍ଷିତ ହୋଇଛି। ସକାଳୁ ହିଁ ଶତାଧିକ ଲୋକ ନିଜ ଯାନବାହନ, ଡବା ଓ ଜାର୍କିନ ଧରି ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଲାଇନରେ ଠିଆ ହୋଇଥିଲେ; କିନ୍ତୁ ପର୍ଯ୍ୟା।ପ୍ତ ପରିମାଣରେ ପେଟ୍ରୋଲ ଓ ଡିଜେଲ ଉପଲବ୍ଧ ନ ଥିବାରୁ ଅନେକ ଲୋକ ନିରାଶ ହୋଇ ଫେରିଯାଇଥିବା ଜଣାପଡ଼ିଛି। ଅଚାନକ ଭିଡ଼ ବଢ଼ିବାରୁ କେତେକ ସ୍ଥାନରେ ଅବ୍ୟବସ୍ଥା ଦେଖାଦେଇଥିଲା। ଯାତାୟାତ ମଧ୍ୟ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା।



# ୧୨ଘଣ୍ଟା ଧରି ବିଦ୍ୟୁତ୍ କାଟ୍‌ରୁ ଦେଶକୁମ୍ଭାରୀରେ ଉତ୍ତେଜନା

**ଭେଡେନ, ୧୭ ।୫ (ସମିସ):** ଭେଡେନ ବ୍ଲକ ଦେଶଭଟିଲି ପଞ୍ଚା।ୟତ ଦେଶକୁମ୍ଭାରୀ ଗ୍ରାମରେ ବିଦ୍ୟୁତ ବିଭାଗ ଆଜି ସକାଳ ୮ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲାଇନ କାଟି ଦେଇଥିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗ୍ରୀଷ୍ମ ପ୍ରବାହ ଭିତରେ ବିଦ୍ୟୁତ ସରବରହ ବନ୍ଦ ରହିଥିବାରୁ ଲୋକେ ଦିନସାରା ଗରମରେ ତହଳ ବିକଳ ହୋଇଥିଲେ। ଗ୍ରାମବାସୀ ଅନେକ ଥର ବିଦ୍ୟୁତ ବିଭାଗକୁ ଫୋନ୍ କରି କାହିଁକି ଲାଇନ କଟାଯାଇଛି ବୋଲି ପଚାରିବାରୁ ଠିକ ଉତ୍ତର ମିଳି ନ ଥିଲା। ସନ୍ଧ୍ୟାରେ ଲାଇନ ଦେବା ଆସିଲା ବେଳକୁ ଗ୍ରାମବାସୀ ବିଦ୍ୟୁତ୍ କର୍ମଚାରୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିଲେ। ପଚାରିବାରୁ ଗ୍ରାମର ଜଣେ ବ୍ୟକ୍ତି ଗଛ କାଟୁଥିବାରୁ ବିଦ୍ୟୁତ୍ ସଂଯୋଗ ବନ୍ଦ କରାଯାଇଥିବା ପ୍ରକାଶ କରିଥିଲେ। ସେହି ବ୍ୟକ୍ତି ଜଣକ ବିଜେପିର ଆଗ ଧାଡ଼ିର ନେତା ବୋଲି ଜଣା ପଡ଼ିଛି। ସେହି କର୍ମୀ ଜଣଙ୍କ ଯୋଗୁଁ ଗାଁରେ ସବୁବେଳେ ଅଶାନ୍ତି ପରିବେଶ ସୃଷ୍ଟି ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗାଁରେ ଉତ୍ତେଜନା ଲାଗି ରହିଥିଲା।

# ଅବ୍ୟବସ୍ଥାରେ ବସେଇକେଲା ମଣ୍ଡି

**ଭେଡେନ, ୧୭ ।୫(ସମିସ):** ବସେଇକେଲା, ଗୁରୁପାଲି ଓ କଟାପାଲିର ଚାଷୀଙ୍କୁ ନେଇ ବସେଇକେଲା ମୌଜାରେ ଏକ ଧାନକ୍ରୟ କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ଭିତ୍ତିଭୂମିର ବିକାଶ ତଥା ଧାନ ରଖିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ ସରକାର ଟଙ୍କା ମଧ୍ୟ ମଞ୍ଜୁର କରିଛନ୍ତି। ଦ୍ରୁତଗତିରେ କାମ ମଧ୍ୟ ଚାଲିଲା; କିନ୍ତୁ ପାଚେରି କାମ ଅଧାରେ ପଡ଼ି ରହିଛି। ପ୍ରଶାସନିକ ଅବହେଳା ଏବଂ ଧିମା କାମ ଯୋଗୁଁ କାମ ଅଟକି ଯାଇଛି। ଠିକାଦାର ଅଧା କାମ କରି ଛାଡି ପଳାଇଛନ୍ତି। ୨ ବର୍ଷ ହେଲା ମାର୍କେଟର ଏଭଳି ଅବ୍ୟବସ୍ଥା ବିଷୟରେ ଅତାବିରା ଆର୍‌ଏମ୍‌ସିରେ ଚାଷୀ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ସ୍ଥାନୀୟ ଜନ ପ୍ରତିନିଧି ମଧ୍ୟ ଅଭିଯୋଗ କଲେ କିଛି ଲାଭ ହେଉନି। ୨ ବର୍ଷ ହେଲା ଏଠାରେ ମାର୍କେଟ ଇନ୍‌ଚାର୍ଜ ଥିବା ବ୍ୟକ୍ତି ଏଠି ବହୁ ଦୁର୍ନୀତି କରିଥିବା ଜଣାପଡ଼ିବାରୁ ତାଙ୍କୁ ଚାଷୀଙ୍କ ଅଭିଯୋଗ ପରେ ବଦଳି କରାଯାଇଥଲା। ପୁଣି ତାଙ୍କୁ ମାର୍କେଟ ଦାୟିତ୍ୱ ଦେବା ପାଇଁ ଆରଏମସି ମସୁଧା କରୁଛି। ଏ ସବୁର ସମାଧାନ ନ ହେଲେ ଚଳିତ ବର୍ଷ ଧାନ କିଣା ବାଧାପ୍ରାପ୍ତ ହେବ ବୋଲି ଚାଷୀ ପ୍ରକାଶ କରିଛନ୍ତି। ଏଣୁ ଚାଷୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ହେଉଛନ୍ତି।

# ପଦ୍ମପୁର ଘରୋଇ ବସ୍‌ଷ୍ଟାଣ୍ଡ ଶୌଚାଳୟରେ ତାଲା, ବିଶ୍ରାମ ଗୃହ ନାହିଁ

**ପଦ୍ମପୁର, ୧୭ ।୫(ସମିସ):** ପଦ୍ମପୁର ଥାନା ଛକ ନିକଟରେ ବହୁ ପୁରୁଣା ଘରୋଇ ବସ୍‌ଷ୍ଟାଣ୍ଡ ରହିଛି। ଏହି ଷ୍ଟାଣ୍ଡ ଦେଇ ପ୍ରତିଦିନ ଲୋକେ ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ନୂଆପଡ଼ା ଆଦି ଜିଲ୍ଲାକୁ ଯିବା ଆସିବା କରିଥାନ୍ତି; ମାତ୍ର ଏଠାରେ ଗୋଟିଏ ବି ବିଶ୍ରାମଗାର ନାହିଁ। ଆଜିକୁ ୨ବର୍ଷ ହେଲା ନିର୍ମାଣ ସରିଥିବା ଶୌଚାଳୟରେ ମଧ୍ୟ ତାଲା ପଡ଼ିଛି। ଏଠାରେ ବିଶ୍ରାମ ଗୃହ କିମ୍ବା ଶୌଚାଳୟ ନ ଥିବାରୁ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା କିମ୍ବା ଖରା ହେଲେ ଲୋକଙ୍କ ଦୋକାନ ପିଣ୍ଡାରେ ଛିଡା ହେବାକୁ ବାଧ ହେଉଛନ୍ତି।

# ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା



**ପଦ୍ମପୁର, ୧୭ ।୫(ସମିସ):** ପଦ୍ମପୁରସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ଆରାଧ୍ୟା ପ୍ରଧାନ ଚଳିତ ଶିକ୍ଷାବର୍ଷ ଏନଏମଏମଏସ ୨୦୨୫-୨୬ ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେର, ବରିଷ୍ଠ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବରଗଡ଼ରେ ମାତିଛନ୍ତି ଏସି ଚୋର

# ମଲ୍, ପ୍ରତିଷ୍ଠାନରୁ କପର ତାର ଚୋରି

**ବରଗଡ଼, ୧୭ ।୫(ସମିସ):** ବରଗଡ଼ ସହରରେ ଦିନକୁ ଦିନ ଏସି ଚୋରଙ୍କ ଆତଙ୍କ ବଢ଼ି ଚାଲିଛି। ସହରର ବିଭିନ୍ନ ବଡ଼ ବଡ଼ ମଲ୍, ଶୋରୁମ୍ ଓ ବ୍ୟାଙ୍କକୁ ଟାର୍ଗେଟ କରି ଚୋରମାନେ ଏ ସି ମେସିନର କପର ତାର ଚୋରି କରି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ କରୁଛନ୍ତି। ରିଲାଇନ୍ସ ସ୍ମାର୍ଟ ପଏଣ୍ଟ, ସେଭେନ ହେଭେନ୍ ରେଷ୍ଟୁରାଣ୍ଟ, ରିଲାଏନ୍ସ ଡିଜିଟାଲ, ରିଲାଏନ୍ସ ଟ୍ରେଣ୍ଡ - ୨ ଓ ଭଟଲିଛକସ୍ଥିତ ଆକ୍ସିସ ବ୍ୟାଙ୍କ୍ ସମେତ ଅନେକ ସରକାରୀ କାର୍ଯ୍ୟାଳୟରୁ ଚୋରମାନେ ରାତିରେ ଏସି ୟୁନିଟର କପର ତାର କାଟି ନେଇଯାଉଛନ୍ତି। ଏହି ଘଟଣାରେ ବ୍ୟବସାୟୀ ଭୟଭୀତ ହୋଇପଡ଼ିଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ଚିନ୍ତା ବଢ଼ିଛି। ସହର ମଝିରେ ଥିବା ଏତେ ବଡ଼ ବଡ଼ ପ୍ରତିଷ୍ଠାନରୁ ଏପରି ଚୋରି ଘଟଣା ପୁଲିସ ପାଟ୍ରୋଲିଂ ଓ ସୁରକ୍ଷା ବ୍ୟବସ୍ଥାକୁ ପ୍ରଶ୍ନର ସମ୍ମୁଖୀନ କରିଛି। ସ୍ଥାନୀୟ ବ୍ୟବସାୟୀଙ୍କ ଦାବି ଶୀଘ୍ର ଚୋରଙ୍କୁ ଧରାଯାଇ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ।ନ ହେଲେ ଏପରି ଘଟଣା ଆହୁରି ବଢ଼ିପାରେ।

# କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଥିବା ଅନେକ ଯୋଜନା ବନ୍ଦ

**ଝାରବନ୍ଧ, ୧୭ ।୫(ସମିସ):** ପଦ୍ମପୁର ଉପଖଣ୍ଡ ଅଧୀନ ଝାରବନ୍ଧ କେନ୍ଦୁପତ୍ର ବନାଞ୍ଚଳରେ ଚଳିତ କେନ୍ଦୁପତ୍ର ଋତୁରେ ବ୍ୟାପକ ଭାବେ ପତ୍ର ସଂଗ୍ରହ କାର୍ଯ୍ୟ ଚାଲିଛି। ୪୧ଟି ଗ୍ରାମକୁ ନେଇ ଗଠିତ ଏହି ବନାଞ୍ଚଳରେ ୪୧ଟି ଫଡ଼ି ମାଧ୍ୟମରେ ଝାରବନ୍ଧ, ଅନଗୁଳ, ଡଭା ଓ କୁର୍ଲୁପାଲି ସେକ୍ସନ ରହିଛି। ଏପର୍ଯ୍ୟନ୍ତ ଏହି ବନାଞ୍ଚଳରେ ମୋଟ ୫, ୭୨୫ ଜଣ ତୋଳାଳି କାର୍ଯ୍ୟରତ ଅଛନ୍ତି। ୯୦ ଲକ୍ଷ ୯୫ ହଜାର ୧୦୦ କେରି କେନ୍ଦୁପତ୍ର ସଂଗ୍ରହ ହୋଇଛି। ଏହି କାମରେ ୭୦ ପ୍ରତିଶତ ମହିଳା ଓ ୩୦ ପ୍ରତିଶତ ପୁରୁଷ ସକ୍ରିୟ ଭାବେ ଯୋଗ ଦେଇଛନ୍ତି। ସରକାରୀ ନିୟମ ଅନୁଯାୟୀ ୧୦୦ କେରି (ବିଡା)କୁ ଏକ ଚଟା ହିସାବରେ ୧୬୦ ଟଙ୍କା ପରିଶ୍ରମିକ ଦିଆଯାଉଛି। ପ୍ରତ୍ୟେକ ତୋଳାଳିଙ୍କ ନାମରେ ୨ ଲକ୍ଷ ଟଙ୍କାର ବୀମା ସୁବିଧା ମଧ୍ୟ ରହିଛି। ଜଙ୍ଗଲକୁ ତୋଳାଳିଙ୍କ ସହ ଯାଉଥିବା ଅନ୍ୟ ପରିବାର ସଦସ୍ୟ ଏହି ବୀମା ସୁବିଧାରୁ କିନ୍ତୁ ବଞ୍ଚିତ। ଝାରବନ୍ଧ ବ୍ଲକ ଦାଦନ ଓ ମରୁଡ଼ି ପ୍ରଭାବିତ ଅଞ୍ଚଳ। ଏଠାରେ ଆଦିବାସୀ ଓ ଦଳିତ ପରିବାରଙ୍କ ସଂଖ୍ୟା ଅଧିକ। ଗ୍ରୀଷ୍ମ ଋତୁରେ କେନ୍ଦୁପତ୍ର ସଂଗ୍ରହ ଏହି ପରିବାରମାନଙ୍କ ପାଇଁ ମୁଖ୍ୟ ଆର୍ଥିକ ଭରସା। ସକାଳୁ ପରିବାରର ସମସ୍ତ ସଦସ୍ୟ ଜଙ୍ଗଲକୁ ଯାଇ ପତ୍ର ସଂଗ୍ରହ କରି ନିଜ ଜୀବିକା ଚାଲାଉଛନ୍ତି। ଏପରି ସ୍ଥିତିରେ କେବଳ ତୋଳାଳି ନୁହେଁ, ତାଙ୍କ ସହ ଯାଉଥିବା ସମସ୍ତ ପରିବାର ସଦସ୍ୟଙ୍କୁ ମଧ୍ୟ ବୀମା ସୁରକ୍ଷା ଭିତରେ ଆଣିବାକୁ ଦାବି ଜୋର ଧରିଛି। ଏହାସହ ପୂର୍ବରୁ ମିଳୁଥିବା ବିବାହ ସହାୟତା ଓ ଛାତ୍ରବୃତ୍ତି ଭଳି କଲ୍ୟାଣମୂଳକ ସୁବିଧା ବର୍ତ୍ତମାନ ବନ୍ଦ ହୋଇଯାଇଥିବାରୁ ତୋଳାଳିଙ୍କ ମଧ୍ୟରେ ନିରାଶା ଦେଖା ଦେଇଛି।

# ଅଟୋରିକ୍ସା ମାଲିକ ସଂଘର ନୂଆ କର୍ମକର୍ତ୍ତା



**ବରଗଡ଼, ୧୭ ।୫(ସମିସ):** ବରଗଡ଼ ଜିଲ୍ଲା ଅଟୋରିକ୍ସା ମାଲିକ ସଂଘ ତରଫରୁ ରବିବାର ନିଶାମଣି ପଡ଼ିଆଠାରେ କାର୍ଯ୍ୟକର୍ତ୍ତା ମନୋନୀତ କରାଯାଇଛି। ସଭାପତି ଭାବେ ସର୍ଦାର ପ୍ରୀତମ ସିଂ, ଉପସଭାପତି ଭାବେ ଜୁଗୁନୁ ଏବଂ ବୃନ୍ଦାବନ ବେହେରା, ସାଧାରଣ ସମ୍ପାଦକ ଭାବେ ସୁଦର୍ଶନ ସ୍ୱାଇଁ, ସହ ସମ୍ପାଦକ ଭାବରେ ସାରଥୀ ମେହେର, କୋଷାଧ୍ୟକ୍ଷ ଭାବେ ଜୟ ତାଣ୍ଡି ଏବଂ ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ଆଶୁତୋଷ ରଥଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଏହା ସହ କୋର କମିଟିରେ ତରଣୀ ସୁରଜାଲ, ସପ୍ତରଥି ମିଶ୍ର ଓ ରାଜେଶ ମୁରଜାନୀଙ୍କୁ ମନୋନୀତ କରାଯାଇଛି। ସେହିଭଳି ୧୨ଟି ଷ୍ଟାଣ୍ଡ ପ୍ରମୁଖଙ୍କୁ ମଧ୍ୟ ବଛା ଯାଇଛି।

# ମଇଁଷି ବୋଝେଇ ଟ୍ରକ୍ ଜବତ





**ଝାରବନ୍ଧ, ୧୭ ।୫(ସମିସ):** ଝାରବନ୍ଧ ଥାନା ପୁଲିସ ଏକ ମଇଁଷି ବୋଝେଇ ଟ୍ରକ୍ ଜବତ ଜବତ କରିଛି। ପୁଲିସ ଟ୍ରକ୍ ସହ ୩ ଜଣଙ୍କୁ ଅଟକ ରଖିଛି। ଝାରବନ୍ଧ ଥାନା ଅଧୀନ ଅଡାପାଣି ଛକ ନିକଟରେ ରିବାର ସକାଳ ପ୍ରାୟ ୫ଟାରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ସନ୍ଦେହଜନକ ଟ୍ରକକୁ ଅଟକାଇ ତନଖି କରିଥିଲା। ତଦନ୍ତ ସମୟରେ ଟ୍ରକରେ ମଇଁଷି ବୋଝେଇ କରି ନିଆଯାଉଥିବା ଜଣାପଡ଼ିଥିଲା।

# ଲାୟନ୍ସ କ୍ଲବ୍ ପକ୍ଷରୁ ଥଣ୍ଡା ପାନୀୟ ବଣ୍ଟନ



**ବରଗଡ଼, ୧୭ ।୫(ସମିସ):** ବରଗଡ଼ ଜିଲ୍ଲା ଲାୟନ୍ସ କ୍ଲବ ଓ ଲିଓ କ୍ଲବର ସଦସ୍ୟ ବରଗଡ଼ର ମୁଖ୍ୟ ଜନଗହଳିପୂର୍ଣ୍ଣ ଛକ ଥାନା ଛକଠାରେ ପ୍ରାୟ ଦୁଇ ହଜାର ବ୍ୟକ୍ତିଙ୍କୁ ଥଣ୍ଡା ପାନୀୟ ଜଳ ବିତରଣ କରିଛନ୍ତିଫ ବରିଷ୍ଠ ଆଇନଜୀବୀ ଯୁଗଗ ପ୍ରସାଦ ସିଂହ, ମନୋଜ ମହାପାତ୍ର, ଅଭୟ ଭୋଇ, ପ୍ରଦୀପ ତୟାଲ, ବିକାଶ ଅଗ୍ରୱାଲ, ଅଞ୍ଜନା ଦାଶ, ଶୁଶାନ୍ତ ତ୍ରିପାଠୀ, ଦୀପକ ବଲୋଦିଆ, ଆୟୁଷ ଗୁପ୍ତା, ଗୌରବ ଅଗ୍ରୱାଲ, କ୍ରିଷ୍ଣା ଅଗ୍ରୱାଲ, ରୌନକ ଅଗ୍ରୱାଲ, କୁନାଲ ଝାୱଲ, ତରୁଣ ଲାଠ, ପ୍ରାଞ୍ଜଳ ଧାନୁକା, କମଲ ଲାଠ, ସୌରଭ ରେଖାନୀ ଆଦି ସହଯୋଗ କରିଥିଲେ।

# ନିଦାବିଷ୍ଟ ଏନ୍‌ଏସି: ଅନ୍ଧାରରେ ବିଜେପୁର

**ବିଜେପୁର, ୧୭ ।୫(ସମିସ):** ବିଜେପୁର ଏନ୍‌ଏସି ଗଠନ ହେବାର ୭ ବର୍ଷ ବିତିସାରିଥିଲେ ମଧ୍ୟ ବିଜେପୁର ଯେତିକି ବିକାଶ ହେବା କଥା ହୋଇ ପାରି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଜେପୁର ଏନଏସି ଅଞ୍ଚଳକୁ ଆଲୋକୀକରଣ ପାଇଁ କୋଟି କୋଟି ଟଙ୍କା ପାଣି ପରି ଖର୍ଚ୍ଚ କରାଯାଇଛି; ହେଲେ ସନ୍ଧ୍ୟା ହେଲେ ବିଜେପୁର ସହରର କେତେକ ରାସ୍ତାରେ ଅନ୍ଧକାର ରାଜୁତି କରୁଛି। ଏହି ଏନ୍‌ଏସି ଅଧୀନ ଏମ.ଗଣ୍ଡପାଲିଠାରୁ ନବନିର୍ମିତ ଏନ୍‌ଏସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଜେପୁରର ମୁଖ୍ୟ ରାସ୍ତା ଦୀର୍ଘ ବର୍ଷ ହେବ ଅନ୍ଧକାର ହୋଇ ପଡ଼ିରହିଛି। ମୁଖ୍ୟ ରାସ୍ତା ଯଦି ଅନ୍ଧକାର ହୋଇରହିଛି ଏହି ଅଞ୍ଚଳର ଅନ୍ୟାନ୍ୟ ପାର୍ଶ୍ୱରାସ୍ତା ଗୁଡିକର ଅବସ୍ଥା କିପରି ହୋଇଥିବ ତାହା ସହଜେ ଅନୁମେୟ। ଏହି ସମସ୍ୟାକୁ ଅଧାର କରି ଗତବର୍ଷ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ପର୍ଯ୍ୟନ୍ତ ମଧ୍ୟ କୌଣସି ସଫଳ ମିଳିପାରି ନାହିଁ। ଦିନକୁ ଦିନ ବିଜେପୁର ଅଞ୍ଚଳର ଆଲୋକୀକରଣ ଦିଗହରା ହେବାରେ ଲାଗିଛି। କେବଳ ବିଜେପୁର ବସ୍ତିକୁ ଛାଡିଦେଲେ ବାକି ସବୁ ରାସ୍ତା ପାର୍ଶ୍ୱରେ ଆଲୋକୀକରଣ ପାଇଁ ଖଞ୍ଜା ଯାଇଥିବା ଷ୍ଟ୍ରିଟ ଲାଇଟ୍ ଅଚଳ ହୋଇପଡ଼ିଛି। ଏହି ଅଞ୍ଚଳର ମୁଖ୍ୟ ରାସ୍ତାଗୁଡିକ ଅନ୍ଧକାରମୟ ହୋଇପଡ଼ିଛି; ଯାହାଫଳରେ ଜହ୍ନ ମାମୁଁ ଭରସାରେ ବିଜେପୁର ବାସୀ ରହିଥିବା ଦେଖିବାକୁ ମିଳିଛି। ଏହି ସମସ୍ୟା ଦୂର କରିବା ପାଇଁ ବିଜେପୁରର ସଚେତନ ନାଗରିକ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧିବାରେ ଲାଗିଛି। ଗୋଟିଏ ପଟେ ସରକାର ସ୍ୱଚ୍ଛ ଓ ସୁନ୍ଦର ତଥା ଆଲୋକୀକରଣ କରିବାକୁ ଡିଣ୍ଡିମ ପିଟୁଥିବା ବେଳେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସହର ବାସୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏନଏସି ଗଠନ ହେବା ପରଠାରୁ ୧୧ଟି ୱାର୍ଡରେ ଆଲୋକୀକରଣ କରିବା ଉଦ୍ଦେଶ୍ୟରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରାଯାଇଥିଲା; କିନ୍ତୁ ପରିଚାଳନା ତ୍ରୁଟି ଯୋଗୁଁ ଦୀର୍ଘ ବର୍ଷ ଧରି ଅଚଳ ହୋଇ ପଡ଼ିରହିଛି। ମିଳିଥିବା ସୂଚନା ଅନୁସାରେ ଏମ.ଗଣ୍ଡପାଲିଠାରୁ ଏନଏସି କାର୍ଯ୍ୟାଳୟ, କଲେଜ ରାସ୍ତା, ସ୍ୱର୍ଗଦ୍ୱାରଠାରୁ ବାଉଁଶପୋଲା ରାସ୍ତା ଏବଂ ରାମଜୀ ମନ୍ଦିର ଠାରୁ ଦାମ୍ବୋଦର କଟା ହିଡ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅନ୍ଧକର ହୋଇ ପଡ଼ିରହିଛି। ଗୁରୁତ୍ୱ ପୂର୍ଣ୍ଣ ବିଷୟ ହେଲା ସନ୍ଧ୍ୟା ସମୟରେ ସହରର ଅଧିକାଂଶ ରାସ୍ତାରେ ସ୍କୁଲ ଛାତ୍ରଛାତ୍ରୀ ଟିଉସନ କିମ୍ବା କୋଚିଂ ସେଣ୍ଟରକୁ ଯାଉଥିବା ବେଳେ ରାସ୍ତାର ଅନ୍ଧାର ଯୋଗୁଁ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାସ୍ତା ଅନ୍ଧାର ସାଙ୍ଗକୁ ଅଧିକାଂଶ ରାସ୍ତାରେ ବୁଲା ଗାଇଗୋରୁ ସାଙ୍ଗକୁ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ପରିସ୍ଥିତିକୁ ଆହୁରି ଜଟିଳ କରୁଛି। ଏହି ଅନ୍ଧାରୁଆ ରାସ୍ତା ଯୋଗୁଁ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣା ହେବା ସହ ରାସ୍ତାରେ ନିଶାସକ୍ତ ରାଜ କରୁଛନ୍ତି। ଅନ୍ୟପଟେ ଦାମୋଦର କଁଟା ହିଡରେ ଲାଇଟ ଜଳୁ ନ ଥିବାରୁ ମହିଳାମାନେ ଭୋରରୁ ସ୍ନାନଶୌଚ ପାଇଁ ଯିବାକୁ ଭୟ କରୁଛନ୍ତି। ଗୋଟିଏ ପଟେ ରାସ୍ତା ଆଲୋକୀକରଣ ସହ ରକ୍ଷଣାବେକ୍ଷଣ ପାଇଁ ରାଜକୋଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିଲେ ମଧ୍ୟ ପରିଚାଳନାଗତ ତ୍ରୁଟି ପାଇଁ ବିଜେପୁର ସହର ସନ୍ଧ୍ୟାହେଲେ ଅନ୍ଧାରମୟ ହୋଇ ରହୁଛି।

# ଝାରବନ୍ଧ ବ୍ଲକ୍ କୁଲତା ସମାଜର ବୈଠକ



**ଝାରବନ୍ଧ, ୧୭ ।୫(ସମିସ):** ସ୍ଥାନୀୟ ବଜାର ପ୍ରାଙ୍ଗଣରେ ଝାରବନ୍ଧ ବ୍ଲକ କୁଲତା ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବାସୁଦେବ ପ୍ରଧାନ ସଭାପତିତ୍ୱ କରିଥିଲେ। ସମ୍ପାଦକ ଶ୍ୟାମସୁନ୍ଦର ବେହେରା ଗତ କଳସ ଯାତ୍ରା ଏବଂ ଚୈତ୍ର ବାସନ୍ତିକ ପୂଜାର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ସମାଜର ଏକତା, ସମନ୍ୱୟ, ଶିକ୍ଷା, ଆର୍ଥିକ ଉନ୍ନତି, ଧାର୍ମିକ କାର୍ଯ୍ୟ, ସାମାଜିକ ସଂସ୍କାର ଓ ସମାଜର ବିକାଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ୫ଟି ଶାଖା କେନ୍ଦ୍ରର ସଭାପତି ଓ ସମ୍ପାଦକମାନଙ୍କୁ ନିଜ ନିଜ ଅଞ୍ଚଳରେ ସଭା ଆୟୋଜନ କରି ସମାଜର ବିକାଶ ଓ ସଂସ୍କାର ବିଷୟରେ ଚର୍ଚ୍ଚା କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସଭାରେ ତୁଳାରାମ ଭୋଇ, ହାରାଧନ ପ୍ରଧାନ, ବୈକୁଣ୍ଠ ବେହେରା, ବିନୋଦ ବିହାରୀ ସାହୁ, ପୂର୍ଣ୍ଣାନନ୍ଦ ଭୋଇ, ଆନନ୍ଦ ନାୟକ, ଉଦ୍ଧବ ପ୍ରଧାନ, ବିନୋବା ପ୍ରଧାନ, ଜଗଦୀଶ ସାହୁ, ମୋହନ ପ୍ରଧାନ, ସତ୍ୟମ୍ ପ୍ରଧାନ, ବିଳାସପୁର ଯୁବ ବାହିନୀ ସହ ବହୁ ଜାତିଭାଇ ଯୋଗ ଦେଇଥିଲେ। ଶେଷରେ ମାନଭଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମାଞ୍ଚଳ ହିତାଧିକାରୀଙ୍କୁ ମିଳୁନି ସରକାରୀ ସୁବିଧା

**ବରଗଡ଼, ୧୭।୫(ସମିସ)**



## ପୂର୍ବତନ ବିଧାୟକ ସାଧୁ ନେପାକଙ୍କ କ୍ଷୋଭ

ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ଆଜି ବରଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିବା ବେଳେ ଗ୍ରାମାଞ୍ଚଳର ବହୁ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ଥିବା ନେଇ ଅବଗତ ହୋଇଥିଲେ। ଯାହାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଭତ୍ତାଭୋଗୀମାନେ ମାସିକ ୩, ୫୦୦ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହା ସହିତ ଯେଉଁ ହିତାଧିକାରୀମାନେ ନଗଦ ଭାବେ ଭତ୍ତା ପାଉଛନ୍ତି ସେମାନେ ପ୍ରତିମାସ ଭତ୍ତା ପାଉଥିବା ବେଳେ ବ୍ୟାଙ୍କ ଖାତା ମାଧ୍ୟମରେ ଭତ୍ତା ପାଉଥିବା ହିତାଧିକାରୀମାନେ ଦୁଇ ମାସରେ ଥରେ ଭତ୍ତା ପାଉଛନ୍ତି। ଏପରି ବୈଷମ୍ୟ କାହିଁକି ହେଉଛି ବୋଲି ସେ ପ୍ରଶ୍ନ କରିଥିଲେ। ପୂର୍ବତନ ବିଧାୟକଙ୍କ ଗସ୍ତ ବେଳେ ଗ୍ରାମବାସୀ ଆବାସ ଯୋଜନା ପାଇଁ ହଜାର ହଜାର ଗରିବ ପରିବାର ଆବେଦନ କରିଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଘର ପାଇନାହାନ୍ତି। ଏନେଇ କର୍ତ୍ତୃପକ୍ଷଙ୍କୁ ପଚାରିଲେ, ଟାର୍ଗେଟ ଆସିନାହିଁ ବୋଲି କହି ସେମାନେ ଦାବିକୁ ଏଡ଼ାଇ ଦେଉଛନ୍ତି। ଏହାଛଡ଼ା ଜାତୀୟ ପରିବାର ସହାୟତା ଯୋଜନା ଅନ୍ତର୍ଗତ ୨୦, ୦୦୦ ଟଙ୍କା ପାଇବାକୁ ଯୋଗ୍ୟ ଥିବା ହିତାଧିକାରୀଙ୍କୁ ମଧ୍ୟ ଟାର୍ଗେଟ ନାହିଁ ବୋଲି କହି ସରକାରୀ ଅଧିକାରୀ ସହାୟତା ପ୍ରଦାନ କରୁ ନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ସମସ୍ତ ଅବ୍ୟବସ୍ଥା ଉପରେ ଗଭୀର କ୍ଷୋଭ ପ୍ରକାଶ କରି ଶ୍ରୀ ନେପାକ ଯଥାଶୀଘ୍ର ଏହି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା, ଆବାସ ଓ ଅନ୍ୟ ସରକାରୀ ଯୋଜନାରେ ସାମିଲ କରା ନ ଗଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସକାଳ THE SAKALA



# ଅସ୍ତିତ୍ୱ ହରାଉଛି ଦେଓଗାଁ ଯୋଗୀସାଗର

ଦେଓଗାଁ, ୧୭।୫(ସମିସ)



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ ରହିଥିବା ଐତିହାସିକ ଯୋଗୀସାଗର ଏକଦା ଦେଓଗାଁର ମୁଖ୍ୟ ପରିଚୟ ସୃଷ୍ଟି କରିଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରେ ଦେଓଗାଁ କହିଲେ ଯୋଗୀସାଗରର କଥା ଉଠୁଥିଲା। ୧୩୦ ଏକର ଜମିରେ କାଚକେନ୍ଦୁ ଭଳି ପାଣି ସାଙ୍ଗକୁ ପଦ୍ମଫୁଲ ଓ ପଦ୍ମଫୁଲରେ ସୂର୍ଯ୍ୟଙ୍କ ପ୍ରଥମ କିରଣର ମନୋହର ଦୃଶ୍ୟ ସମସ୍ତଙ୍କୁ ଆକର୍ଷିତ କରୁଥିଲା। ଯୋଗୀସାଗର ଆଡିବନ୍ଧରେ ଯୋଗେଶ୍ୱର ବାବାଙ୍କ ମନ୍ଦିର ରହିଛି। ଜିଲ୍ଲା ତଥା ଜିଲ୍ଲା ବାହାର ଲୋକ ଦେଓଗାଁକୁ ଆସିଲେ ଯୋଗୀସାଗରରେ ଗାଧୋଇବା ଓ ଯୋଗେଶ୍ୱର ବାବାଙ୍କୁ ଦର୍ଶନ କରିବା ପାଇଁ ବେଶ୍ ଉତ୍ସାହିତ ହେଉଥିଲେ। ଲୋକ ପ୍ରବାଦ ରହିଛି ଏହି ଯୋଗୀସାଗର ମଝିରେ ଗୋଟିଏ ଟାପୁ ରହିଥିଲା। ସେହି ଟାପୁରେ ଜରେ ଯୋଗୀବାବା ରହି ସାଧନା କରୁଥିଲେ। ତାଙ୍କ ସାଧନା ବଳରେ ସେ ପାଣି ଉପରେ ଚାଲିଚାଲି ଗାଁକୁ ଆସୁଥିଲେ। ସାଗରରେ ଏବେ ବି ଅନେକ ପୁରାତନ ପ୍ରସ୍ତରର କଳାକୃତି ରହିଛି। ହନୁମାନ, ବୁଦ୍ଧ, ଚନ୍ଦ୍ର ଆକୃତିର ଅନେକ ପଥର ଖୋଦେଇ କଳାକୃତି ଭଗ୍ନ ଅବସ୍ଥାରେ ରହିଛି। କେତେକ ଗବେଷକଙ୍କ କହିବାନୁସାରେ ଏହି ସାଗର ଐତିହ୍ୟପୂର୍ଣ୍ଣ। ଏହାର ପୁନରୁଦ୍ଧାର ଓ ଗବେଷଣାର ଆବଶ୍ୟକତା ରହିଛି। ଏଣୁ ଏହି ଜଳାଶୟର ବିକାଶ ସାଙ୍ଗକୁ ଏହି ସ୍ଥଳକୁ ସରକାର ଇକୋ ଟୁରିଜମ ପାଇଁ ପଦକ୍ଷେପ ଗ୍ରହଣ କରିବା କଥା। ଏଠିକାର ପାଣି ଦେଓଗାଁ ଓ କଛାରପାଲି ଗାଁର ୧୧ଟି ୱାର୍ଡର ଲୋକଙ୍କ ଉଭୟ ପାନୀୟ ଓ ନିତ୍ୟ ବ୍ୟବହାରରେ ଆସେ; ହେଲେ ଏବେ ଏହି ଯୋଗୀସାଗର ନିଜ ଅସ୍ତିତ୍ୱ ହରାଇ ବିଲୁପ୍ତ ହେବାକୁ ବସିଛି। ପୂର୍ବତନ ରାଜ୍ୟ ସରକାର ୬/୭ ବର୍ଷତଳେ ଯୋଗୀସାଗରର ପୁନରୁଦ୍ଧାର ପାଇଁ ୧କୋଟି ଟଙ୍କା ମଞ୍ଜୁର କରିଥିଲେ; ହେଲେ ସମ୍ପୃକ୍ତ ଠିକାଦାର ଓ କିଛି କୁଚକ୍ରୀଙ୍କ ମଧ୍ୟରେ ସଲାସୁତୁରା ହୋଇ ମାଟି ପୁନରୁଦ୍ଧାର କାମ ଠିକ୍ ରୂପେ ହୋଇପାରିଲା ନାହିଁ। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ସିଂହଭାଗ ଅନୁଦାନ ବାଟମାରଣ ହୋଇଗଲା। ଲୋକେ ସବୁ ଦେଖି, ଜାଣି ଚୁପ୍ ରହିଲେ। ଏହାର ପ୍ରତିବାଦ କରିବା ପାଇଁ କେହି ଆଗକୁ ଆସି ଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତତ୍କାଳୀନ ବିଧାୟକ ନରସିଂହ ମିଶ୍ର ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଆଣି କାମର ତଦାରଖ କରାଇଥିଲେ; ହେଲେ ଯଥା ପୂର୍ବଂ ତଥା ପରଂ ସଦୃଶ ହୋଇରହିଗଲା। ଏବେ ଏହି ସାଗର ଏକ ପୋଖରୀ ଭଳି ମନେ ହେଉଛି। ଚାରିପଟେ ପଙ୍କ ଓ କାଦୁଅ ଭର୍ତ୍ତି। ଗ୍ରାମବାସୀ ଗାଧୋଇବା ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି। ଏବେ ଦେଓଗାଁ ଓ କଛାରପାଲି ଗାଁର ମହିଳା, ପୁରୁଷ ସମସ୍ତଙ୍କ ଗୋଟିଏ ଦାବି ଯୋଗୀସାଗରର ଉନ୍ନତିକରଣ କରିବା ସହ ଇକୋଟୁରିଜିମ ଭାବେ ଏହାକୁ ଘୋଷଣା କରିବା। ଚଳିତ ମାସରେ ଦେଓଗାଁ ପଞ୍ଚାୟତ ସମିତି ବୈଠକରେ ଏହି ସାଗରର ପୁନରୁଦ୍ଧାର ଦାବି ଉଠିଛି। ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଗ୍ରାମବାସୀ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବଲାଙ୍ଗିର ଏମ୍‌ପି ସଙ୍ଗୀତା କୁମାରୀ ସିଂ ଦେଓଙ୍କୁ ତାଙ୍କ ବ୍ଲକ ପ୍ରତିନିଧି ଶଶି ଭୂଷଣ ପାଣିଗ୍ରାହୀ ଓ ସ୍ଥାନୀୟ ମଣ୍ଡଳ ସଭାପତି ଗୌରୀ ଶଙ୍କର ଥନାପତି ଏହି ସାଗରକୁ ଇକୋ ଟୁରିଜମ ଭାବେ ସରକାର ଘୋଷଣା କରିବାକୁ ଦାବି କରିଥିବା ବେଳେ ଏମ୍‌ପି ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିବା ନେତୃମଣ୍ଡଳୀ ସୂଚନା ଦେଇଛନ୍ତି।

## ରାୟପୁରରେ କାନ୍ଥ ପଡ଼ି ଓଡ଼ିଆ ସୁରକ୍ଷା କର୍ମୀଙ୍କ ମୃତ୍ୟୁ

**ଦେଓଗାଁ, ୧୭।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ କଛାରପାଲି ଗାଁ କନ୍ଧପାଲିର ପ୍ରମୋଦ ମେହେର (୪୮)ଙ୍କ ମୃତ୍ୟୁକ୍ୟୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରବିବାର ସନ୍ଧ୍ୟାରେ ଗାଁକୁ ତାଙ୍କ ଶବ ଫେରିଛି। ୯ ମାସ ତଳେ ରାୟପୁରର ଏକ ଘରୋଇ କମ୍ପାନୀରେ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। ଶନିବାର ସନ୍ଧ୍ୟାରେ ସେଠାରେ ଝଡତୋଫାନ ବେଳେ କାନ୍ଥ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ତାଙ୍କ ସ୍ତ୍ରୀ, ୨ଝିଅ ଓ ୨ପୁଅ ଭାଙ୍ଗି ପଡ଼ିଛନ୍ତି। ପରିବାରର ଏକମାତ୍ର ସାହାରା ଚାଲିଯିବା ପରେ ଏବେ ଏମାନେ କେମିତି ଚଳିବେ ତାହା ଚିନ୍ତାର ବିଷୟ ହୋଇଛି। ତେବେ ସନ୍ଧ୍ୟାରେ ସ୍ଥାନୀୟ ସୋନଗଡ଼ ନଦୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅନ୍ୟପକ୍ଷେ ଗତ ୧୧ତାରିଖରେ ଖପ୍ରାଖୋଲ ଥାନା ଭରୁଆମୁଣ୍ଡା ଗାଁର ଲୋକନାଥ ମାଝୀଙ୍କ ଶବ ଫେରିଥିଲା। ସେହିଭଳି ସାବିତ୍ରୀ ବ୍ରତ ପୂର୍ବ ଦିନ ତୁଷୁରା ଥାନା ଡୁଙ୍ଗୁରୀପାଲି ଗାଁର ବିରେନ୍ଦ୍ର ଛତ୍ରିଆଙ୍କ ଶବ ଗୁଜୁରାଟରୁ ଫେରିଥିଲା। ସେ ଗୁଜୁରାଟର ଲିଜୁରାସ୍ଥିତ ଏକ ମାର୍ବଲ କାରଖାନାରେ କାମ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଳିଯାଇଥିଲେ। ତାଙ୍କ ଘରେ ମଧ୍ୟ ସ୍ତ୍ରୀ ସହ ୨ପୁଅ ଓ ଗୋଟିଏ ଝିଅ ରହିଛନ୍ତି।



## ଇଟାଭାଟିରେ ନାବାଳକ ଶ୍ରମିକଙ୍କ ମୃତ୍ୟୁ

**କଣ୍ଟାବାଞ୍ଜି, ୧୭।୫(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଅଞ୍ଚଳରେ ଦାଦନର କରୁଣ ଚିତ୍ର ପୁଣି ଥରେ ସାମ୍ନାକୁ ଆସିଛି। ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିବା ଜଣେ ନାବାଳକ ଦାଦନ ଶ୍ରମିକଙ୍କ ସେଠାରେ ଟ୍ରାକ୍ଟର ଚାପାରେ ମୃତ୍ୟୁ ଘଟିଛି। ଇଟାଭାଟି ମାଲିକ ଗାଁକୁ ଶବ ପଠାଇବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏଭଳିକି ଟଙ୍କା ଦେଇ ଘଟଣା ରଫାଦଫା କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଅସନ୍ତୋଷ ଓ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକ ହେଲେ ତୁରେକେଲା ଥାନା ବରିଆଳି ଗାଁର ମକାରୁ ଧରୁଆଙ୍କ ନାବଳକ ପୁଅ। ଗତ ୫ ମାସ ତଳେ ଗାଁ ଓ ଆଖପାଖ ଅଞ୍ଚଳର ଅନ୍ୟ କିଛି ପରିବାର ସହ ମିଶି ସେ ଦାଦନ ଯାଇଥିଲେ। ତୁରେକେଲା ବ୍ଲକ ଗଭରା ଗାଁର ଜଣେ ଦାଦନ ସର୍ଦ୍ଦାର ସେମାନଙ୍କୁ ଆଗୁଆ ବଇନା ଦେଇ ଇଟାଭାଟିକୁ ପଠାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ମୃତ୍ୟୁ ପରେ ସ୍ଥାନୀୟ ପ୍ରଶାସନ ବା ପୁଲିସକୁ ନ ଜଣାଇ ଇଟାଭାଟି ମାଲିକ ନିଜେ ଶବ ଧରି ଗାଁକୁ ଆସିଥିଲେ। ଏଭଳିକି ସତ୍କାର କରି ଦେଇଥିଲେ।



## ଘୋରଡ଼ାରେ ଶ୍ରୀମଦ ଭାଗବତ ଅଷ୍ଟପ୍ରହର ନାମଯଜ୍ଞ

**ହରଭଙ୍ଗା, ୧୭।୫(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଘୋରଡ଼ାରେ ଗ୍ରାମବାସୀ ଓ ଗ୍ରାମର ଭାଗବତ ସଂକୀର୍ତ୍ତନ ମଣ୍ଡଳୀ ମିଳିତ ସହଯୋଗରେ ଦ୍ୱିତୀୟ ବାର୍ଷିକ ଶ୍ରୀମଦ ଭାଗବତ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହାନଦୀ ଘାଟରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁ ଗ୍ରାମ ପରିକ୍ରମା କରି ଗ୍ରାମର ମାଁ ଦକ୍ଷିଣ କାଳୀ ମନ୍ଦିର ପ୍ରାଙ୍ଗଣ ଯଜ୍ଞ ମଣ୍ଡପରେ ଅବସ୍ଥାପିତ କରିଥିଲେ।ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୪ ଦଳ ଭାଗବତ ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତ ନାମ ସଂକୀର୍ତ୍ତନରେ ଯୋଗ ଦେଇଥିଲେ। ଗୌନ୍ତିଆ ବିଷ୍ଣୁ ଚରଣ ଭୋକ୍ତା ସପତ୍ନୀକ କର୍ତ୍ତା ଥିଲେ।

## ଟୀରଡ଼ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପରଲୋକ



**ହରଭଙ୍ଗା, ୧୭।୫(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଟୀରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ବେହେରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। କୁମାରୀ ଗ୍ରାମରେ ତାଙ୍କ ଘର। ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଶୋକର ଛାୟା ଖେଳି ଯାଇଛି। ଗାଁ ମଶାଣିରେ ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ବଡ଼ ପୁଅ ମୁଖାଗ୍ନି ଦେଇଥିଲେ।

## ରାସ୍ତା ଉପରେ ପଡ଼ିଲା ଗଛ

**ବୌଦ୍ଧ, ୧୭।୫(ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ବୁରଗୋରା ଗ୍ରାମ ନିକଟରେ କାଳ ବୈଶାଖୀ ଯୋଗୁଁ ଏକ ଆମ୍ବଗଛ ରାସ୍ତା ଉପରେ ଭାଙ୍ଗି ପଡ଼ିଛି। ଏଥିଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବର ପାଇ ବୌଦ୍ଧ ଅଗ୍ନିଶମ ବାହିନୀ ପହଞ୍ଚି ଗଛକୁ କାଟିବା ପରେ ରାସ୍ତାରେ ଯିବା ଆସିବା ସ୍ୱାଭାବିକ ହୋଇଥିଲା।



## ବଲାଙ୍ଗିରରେ ତୈଳ ଯାଞ୍ଚ

**ବଲାଙ୍ଗିର, ୧୭।୫(ସମିସ):** ବଲାଙ୍ଗିର ଜିଲ୍ଲାରେ ପେଟ୍ରୋଲ ପମ୍ପଗୁଡ଼ିକରେ ଡିଜେଲ ଓ ପେଟ୍ରୋଲ ବିକ୍ରି ନେଇ ଦେଖାଦେଇଥିବା ସଙ୍କଟକୁ ପ୍ରଶାସନିକ ଯାଞ୍ଚ ଆରମ୍ଭ କରାଯାଇଛି। ବିଭାଗୀୟଅଧିକାରୀ ଟାଙ୍କି ପରିଦର୍ଶନ କରି ଷ୍ଟକ ଯାଞ୍ଚ କରିବା ସହ କୌଣସି ପ୍ରକାର ସମସ୍ୟା ସୃଷ୍ଟି ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଲାଙ୍ଗିର ଉପଜିଲ୍ଲାପାଳ, ସଦର ଏସିଏସଓ ଏବଂ ପୁଇଁନ୍ତଲା ଯୋଗାଣ ନିରୀକ୍ଷକ ପ୍ରମୁଖ ବଲାଙ୍ଗିର ସହରର ବିଭିନ୍ନ ପେଟ୍ରୋଲ ପମ୍ପ ପରିଦର୍ଶନ କରି ଇନ୍ଧନର ମହଜୁଦ ସ୍ଥିତି ଏବଂ ବିକ୍ରୟ ପ୍ରକ୍ରିୟାର ସରଜମିନ ଯାଞ୍ଚ କରିଛନ୍ତି। ଶାନ୍ତିପଡ଼ା ପାଣିଗ୍ରାହୀ ଫୁଏଲ୍ସରେ ଯାଞ୍ଚ ସମୟରେ ୪୯୯୫ ଲିଟର ଡିଜେଲ ଏବଂ ୩୬୭୮ ଲିଟର ପେଟ୍ରୋଲ ମହଜୁଦ ରହିଥିବା ଜଣାପଡ଼ିଥିଲା। ଝାରସୁଗୁଡ଼ାରୁ ୮୦୦୦ ଲିଟର ଡିଜେଲ ଏବଂ ୪୦୦୦ ଲିଟର ପେଟ୍ରୋଲ ଆସୁଥିବା ଜଣା ପଡ଼ିଛି। ପଥରଚେପା ସରୋଜିନୀ ଫିଲିଙ୍ଗ ଷ୍ଟେସନରେ ପୂର୍ବରୁ ୨୬୦୦ ଲିଟର ଡିଜେଲ ମହଜୁଦ ଥିଲା। ପରିଦର୍ଶନ ସମୟରେ ଆଉ ୮୦୦୦ ଲିଟର ଡିଜେଲ ଏବଂ ୪୦୦୦ ଲିଟର ପେଟ୍ରୋଲ ଗାଡ଼ିରୁ ଅନଲୋଡ୍ କରାଯାଉଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ସହରରେ ଥିବା ଅନ୍ୟ ସମସ୍ତ ପେଟ୍ରୋଲ ପମ୍ପଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ମହଜୁଦ ରହିଛି। ସେଗୁଡ଼ିକ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି। ସମଗ୍ର ବଲାଙ୍ଗିର ସହରରେ କୌଣସି ପ୍ରକାରର ଇନ୍ଧନ ସଙ୍କଟ କିମ୍ବା ଅଭାବ ନାହିଁ। ଜନସାଧାରଣଙ୍କୁ ଆଦୌ ଆତଙ୍କିତ ନ ହେବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ତେବେ ପ୍ରଶାସନିକ ଚଢ଼ଉ ଓ ଯାଞ୍ଚ ପରେ ବି ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପରେ ନିର୍ଦ୍ଦିଷ୍ଟ ପରିମାଣ ର ପେଟ୍ରୋଲ ଓ ଡିଜେଲ ଦେଉଥିବା ଅଭିଯୋଗ ହୋଇଛି।

## କାର୍‌ରୁ ବିପୁଳ ଗଞ୍ଜେଇ ଜବତ, ୨ ମାଫିଆ ଗିରଫ

**ଶଗଡ଼ା, ୧୭।୫(ସମିସ):** ମନମୁଣ୍ଡା ପୁଲିସ ଏକ କାର (ଓଡି ୦୨ ଆର ୦୧୪୪)ରୁ ୬୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ମନମୁଣ୍ଡା ଥାନା ଅଞ୍ଚଳର ଦିବାକର କହଁର ଓ ଢେଙ୍କାନାଳ ଜିଲ୍ଲା କଙ୍କଡା ହାଡ ଥାନା ଅଞ୍ଚଳର ଯୋଗେଶ ସେଠୀ ଗିରଫ ହୋଇଛନ୍ତି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଉଭୟ ମନମୁଣ୍ଡା ଓ ଶଗଡ଼ା ଫାଣ୍ଡି ପୁଲିସ ମିଳିତ ଭାବେ ବିଳାସପୁର ମେହେରୁଣୀ ପୋଲ ନିକଟରେ ଚଢ଼ଉ କରିଥିଲା।



## ମ୍ୟାପ୍ ଗୋଟିଏ, କାମ ଆଉ ଗୋଟିଏ

**କଣ୍ଟାବାଞ୍ଜି, ୧୭।୫(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କମେଇମୁଣ୍ଡା ଅଞ୍ଚଳରେ ଜଙ୍ଗଲ ଜମିକୁ ହଡ଼ପ କରି ଏକ ବଡ଼ଧରଣର ବେଆଇନ ରାସ୍ତା ନିର୍ମାଣ ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଖବର 'ସକାଳ'ରେ ପ୍ରକାଶ ପାଇବା ପରେ ସରକାରୀ ନିୟମକୁ ବେଖାତିର କରି ଏବଂ ମାନଚିତ୍ରକୁ ବଦଳାଇ ଏହି ରାସ୍ତା ତିଆରି କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମ୍ପୂର୍ଣ୍ଣ ଘଟଣାର ତଦାରଖ ବେଳେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିବାରେ ଲାଗିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିନା ଅନୁମତି ଓ କୌଣସି ଟେଣ୍ଡର ପ୍ରକ୍ରିୟା ବିନା ପ୍ରାୟ ୫ କୋଟି ଟଙ୍କାର ଏହି କାର୍ଯ୍ୟ ଚାଲିଛି ବୋଲି ଟିଟିଲାଗଡ଼ ଉପଖଣ୍ଡ ସ୍ତରୀୟ ବନବାସୀ କମିଟି ସଦସ୍ୟ ଗିରିରାଜ ସିଂ ମାଝୀ ଅଭିଯୋଗ ଆଣିଛନ୍ତି। ସରକାରୀ ନିୟମ ଅନୁସାରେ ଏତେ ବଡ଼ ଅର୍ଥରାଶିର ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯିବା ବାଧ୍ୟତାମୂଳକ। ଏଠାରେ କେଉଁ ଆଧାରରେ କାମ ଚାଲିଛି ତାହା ଏବେ ବଡ଼ ପ୍ରଶ୍ନ। ସରକାରୀ ଗାଇଡଲାଇନର ମ୍ୟାପ୍‌ରେ ରାସ୍ତାର ଗତିପଥ ଅଲଗା ସ୍ଥାନରେ ଥିବା ବେଳେ ବାସ୍ତବରେ ଅନ୍ୟ ଏକ ରୁଟ୍ ଦେଇ ଜଙ୍ଗଲ ଜମି ଭିତରେ ରାସ୍ତା ନିର୍ମାଣ କରାଯାଉଛି। ଏହି ଜଙ୍ଗଲ ଭିତରେ ରାସ୍ତା ହେଲେ ପରିବେଶ ନଷ୍ଟ ହେବା ସହ ଗ୍ରାମବାସୀଙ୍କୁ ବ୍ୟାପକ ହଇରାଣ ହେବାକୁ ପଡ଼ିବ। ତେବେ ଜନସାଧାରଣଙ୍କ ସ୍ୱାର୍ଥକୁ ପଛରେ ପକାଇ କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଏହି ବେଆଇନ କାର୍ଯ୍ୟ ଚାଲିଛି ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜଣେ ନେତାଙ୍କ ଛତ୍ରଛାୟା ତଳେ ଥିବା ଜଣେ ପ୍ରଭାବଶାଳୀ ଠିକାଦାର ଏହି କାମ କରୁଛନ୍ତି। ରାଜନୈତିକ ଚାପ ଯୋଗୁଁ ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ଏହା ବିରୋଧରେ କୌଣସି ପଦକ୍ଷେପ ନେଉନାହିଁ। ଏପରିକି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରେଞ୍ଜରଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ମୁହଁ ଖୋଲୁ ନାହାନ୍ତି, ଯାହା ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ଥିବା ଆଶଙ୍କାକୁ ଅଧିକ ଦୃଢ଼ କରୁଛି।



## ଆନ୍ଦୋଳନ ପାଇଁ ବିଜୟାନନ୍ଦ ଚିନିକଳ କର୍ମଚାରୀଙ୍କ ପ୍ରସ୍ତୁତି

**ବଲାଙ୍ଗିର, ୧୭।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଗରପାଲିରେ ଥିବା ଚିନିକଳ ବନ୍ଦ ହେବା ଦିନଠାରୁ କାମ କରୁଥିବା ଅନେକ କର୍ମଚାରୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। କାମ କରୁଥିବା କର୍ମଚାରୀଙ୍କୁ ଦରମା ନ ଦେଇ ସମବାୟ ବିଭାଗ ଚିନିକଳକୁ ବନ୍ଦ ଘୋଷଣା କରିଦେଇଥିଲେ; ଫଳରେ ପ୍ରାୟ ୩ ମାସର ଦରମା ନ ପାଇ କର୍ମଚାରୀ ନିରାଶ ହୋଇଥଲେ। କେବଳ ଚିନିକଳ ପୁନଃ କାର୍ଯ୍ୟକ୍ଷମ ହେବା ଆଶାହିଁ କର୍ମଚାରୀଙ୍କୁ ଦରମା ଦାବିରୁ ଦୂରେଇ ରଖିଥିଲା; କିନ୍ତୁ କିଛି ଦିନ ପୂର୍ବରୁ ବଲାଙ୍ଗିରରେ ନୂତନ ଚିନିକଳ ପ୍ରତିଷ୍ଠା ହେବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ଏବେ ପୂର୍ବତନ କର୍ମଚାରୀମାନେ ନିଜ ପାଉଣା ଦାବି କରିଛନ୍ତି। ବକେୟା ପାଉଣା ନ ମିଳିଲେ ଅନ୍ଦୋଳନ ଲାଗି ଚେତାବନୀ ଦେଇଛନ୍ତି।

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଗରପାଲିଠାରେ ଥିବା ଚିନିକଳ ବଲାଙ୍ଗିର ଜିଲ୍ଲା ଅର୍ଥନୀତିକୁ ସୁଦୃଢ କରିଥିଲା। ବହୁ କର୍ମଚାରୀ, ଶ୍ରମିକ ଏହି ମିଲ୍‌ରେ ନିୟୋଜିତ ହୋଇ ପରିବାର ଚଳାଉଥିଲେ। ୨୦୧୪ରୁ ଏହି ଚିନିକଳକୁ ବନ୍ଦ କରିଦିଆଯାଇଥିଲା। ପ୍ରଥମେ କ୍ଷତି ଓ ପରେ ଆର୍ଥିକ ଅନିୟମିତତା କାରଣରୁ ଏହି ମିଲ୍ ବନ୍ଦ ହୋଇଥଲା। ପୁଣି ଥରେ ଆରମ୍ଭ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଆସୁଥିଲେ। ଏହା ବିଗତ ନିର୍ବାଚନ ସମୟରେ ନିର୍ବାଚନୀ ପ୍ରସଙ୍ଗ ମଧ୍ୟ ପାଲଟିଥିଲା; କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଚିନିକଳ ଆରମ୍ଭ ହୋଇପାରିନାହିଁ। ତଥାପି ସେହି ଚିନିକଳରେ କାର୍ଯ୍ୟ କରୁଥିବା ଶ୍ରମିକ ୩ ମାସର ପାଉଣା ପାଇ ନ ଥିଲେ ମଧ୍ୟ ପୁଣି ଥରେ ଚିନିକଳ ଆରମ୍ଭ ହେଲେ ଅନ୍ତତଃ ଆଉ ଥରେ ନିୟୋଜିତ ହେବେ ବୋଲି ଆଶା କରିଥିଲେ; କିନ୍ତୁ କିଛି ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗିର ଗସ୍ତରେ ଆସି ଜିଲ୍ଲାରେ ଏକ ନୂତନ ଚିନିକଳ ପ୍ରତିଷ୍ଠା ହେବା ନେଇ ଘୋଷଣା କରିଥିଲେ। ଅର୍ଥାତ ଦେଓଗାଁ ଚିନିକଳକୁ କୌଣସି ମତେ ପୁନଃଆରମ୍ଭ କରିବାର ଆଶା ନ ଥିବା ବେଳେ ବିଗତ ଦଶନ୍ଧି ଧରି ଅପେକ୍ଷା ରହିଥିବା କର୍ମଚାରୀ ଶେଷରେ ନିରାଶ ହୋଇଛନ୍ତି। ଆଉ ଥରେ ଚିନିକଳରେ କାମ କରିବା କିମ୍ବା ପରିବାର ଚଳାଇବାର ଆଶା ନ ଥିବା ପୂର୍ବତନ କର୍ମଚାରୀ ସଂଘ ଅଭିଯୋଗ କରିଛି। ତେବେ ମିଲ୍ ବନ୍ଦ ହେବା ସମୟରେ ବିନା ଦରମାରେ ପୂର୍ବତନ କର୍ମଚାରୀମାନେ ୩ ମାସ ଧରି କାମ କରିଥିବା ବେଳେ ସମବାୟ ବିଭାଗ ଆଜି ପର୍ଯ୍ୟନ୍ତ ସେମାନଙ୍କ ଦରମା ଦେଇ ନ ଥିବା ଅଭିଯୋଗ କରିଛନ୍ତି। ତେବେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମସ୍ତ କର୍ମଚାରୀଙ୍କ ବକେୟା ପଡ଼ିଥିବା ୩ ମାସର ଦରମା ପ୍ରଦାନ କରିବାକୁ ପୂର୍ବତନ କର୍ମଚାରୀ ସଂଘ ଦାବି କରିଛି। ଯଦି ଏହା ଶୀଘ୍ର ପ୍ରଦାନ କରା ନ ଯାଏ ତେବେ ଆଗାମୀ ଦିନରେ ସଂଘ ଅନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ଏନେଇ ରବିବାର ପୂର୍ବତନ ସଂଘ ପକ୍ଷରୁ ଏକ ବୈଠକରେ ଆଲୋଚନା କରାଯାଇଛି।

## ଡକାୟତି ଯୋଜନା ପଣ୍ଡ, ୪ ସନ୍ଦିଗ୍ଧ ଗିରଫ

## ମାରଣାସ୍ତ୍ର ସହ ୪ ବାଇକ ଓ ୬ ମୋବାଇଲ ଜବତ



**ବୌଦ୍ଧ, ୧୭।୫(ସମିସ):** ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିବା ସମୟରେ କନ୍ଧମାଳ ପୁଲିସ ପଣ୍ଡ କରିଛି। କନ୍ଧମାଳ ଥାନା ଶୁଲିଆ ଗ୍ରାମର ଶୁଲିଆ ପାହାଡ଼ ନିକଟରୁ ୪ ସନ୍ଦିଗ୍ଧ ଯୁବକଙ୍କୁ ପୁଲିସ ଗିରଫ କରିଛି। ଏ ନେଇ ବୌଦ୍ଧ ଜିଲା ମନମୁଣ୍ଡା ଥାନା ସାନମନମୁଣ୍ଡା ଗ୍ରାମର ବିଶିକେସନ ବାଘ, ବାଘମୁଣ୍ଡା ଗ୍ରାମର ଆଲୋକ ଦଳବେହେରା, ପିପିଲିପାଲି ଗ୍ରାମର ଭୁବନ ଥପା, ଟାଙ୍ଗିଆପାଲି ଗ୍ରାମର ଧରଣୀ ମହାକୁଡ଼ଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୪ଟି ବାଇକ, ୬ଟି ମୋବାଇଲ୍, ଗୋଟିଏ ଛୁରା, ଲୁହା ଛଡ଼, ଲୁହା ପାଇପ୍, ଦଉଡ଼ି, ମଦ, ସିଗାରେଟ୍ ଆଦି ଜବତ ହୋଇଛି। ଅନ୍ୟପକ୍ଷରେ ପିପିଲିପାଲି ଗ୍ରାମର ସୁବ୍ରତ ପ୍ରଧାନ ଓ ବଘିଆବାହାଲ୍ ଗ୍ରାମର ପୂର୍ଣ୍ଣଚନ୍ଦ୍ର କ୍ଷେତି ଫେରାର ହୋଇ ଯାଇଥିବା ବୌଦ୍ଧ ଏସ୍‌ପି ରାହୁଲ୍ ଗୋୟଲ ସୂଚନା ଦେଇଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ପାଣ୍ଡେଲ ସ୍କୁଲ କୋଠା କାମ ନିମ୍ନମାନର

**ଦେଓଗାଁ, ୧୭।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚଯତ ପାଣ୍ଡେଲ ଗାଁରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀକୋଠା ନିର୍ମାଣ ଅତିନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। କୋଠା ନିର୍ମାଣର କେତେକ ସ୍ଥାନରେ ବାଲି ବଦଳରେ ମୋରମ ବ୍ୟବହାର ହୋଇଥିବା ନଜରକୁ ଆସିଛି। ସ୍ଥାନୀୟ ଲୋକେ ସମ୍ପୃକ୍ତ ଠିକାଦାରଙ୍କୁ ଏନେଇ ଅଭିଯୋଗ କଲେ ମଧ୍ୟ ସେ କର୍ଣ୍ଣପାତ କରୁ ନ ଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ବାଲି ସିମେଣ୍ଟ, ଗେଟି ବ୍ୟବହାର ସ୍ଥାନରେ ଠିକାଦାର କେମିତି ମୋରମ ବ୍ୟହାର କଲେ ଏବଂ ତାହା ବିଭାଗୀୟ ଯନ୍ତ୍ରୀ ଜାଣିପାରୁନାହାନ୍ତି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ସୂଚନାଫଳକ ଅନୁସାରେ ଅତିରିକ୍ତ ଶ୍ରେଣୀକୋଠା ନିର୍ମାଣ ପାଇଁ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ସମ୍ପୃକ୍ତ ଠିକାଦାର ଯୋଗିନ୍ଦ୍ର କୁଅଁର ବୋଲି ଦର୍ଶାଯାଇଥିବା ବେଳେ ଏହି କାମକୁ କିନ୍ତୁ ଜଣେ ପେଟି ଠିକାଦାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ ଆରମ୍ଭରୁ ସିମେଣ୍ଟରେ ପାଣି ବ୍ୟବହାର ହେଉ ନ ଥିବାରୁ କୋଠରୀର ଅନେକ ସ୍ଥାନରେ ଫାଟ ଦେଖା ଦେଲାଣି। କୋଠା ତଳେ ଯଦି ମୋରମ ବ୍ୟବହାର ହୋଇଛି ଏବଂ ଆବଶ୍ୟକ ପାଣି ବ୍ୟବହାର ନ କରିବା ସହ ନିମ୍ନମାନର ସିମେଣ୍ଟ ବ୍ୟବହାର କରି କାମ କରାଯାଏ ତାହା ହେଲେ କୋଠାର ସ୍ଥାୟିତ୍ୱ କେମିତି ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରିୟରଞ୍ଜନ କୁମାରଙ୍କୁ ପଚାରିବାରୁ ଏଦିଗରେ ବିଭାଗୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



# କାମରେ ଲାଗୁନି ଓଭରହେଡ୍ ଟ୍ୟାଙ୍କ

ତରଭା, ୧୭।୫(ସମିସ)

ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତସ୍ତରରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଉଛି; ହେଲେ ଏହି ପ୍ରକଳ୍ପଗୁଡିକ କେଉଁଠି ଅଧପନ୍ତରିଆ ହୋଇ ପଡ଼ିଛି ତ କେଉଁଠି ଅଚଳ ହୋଇ ପଡ଼ିଛି। କେଉଁଠି ପୁଣି ତିନି ଚାରି ଦିନରେ ଥରେ ଜଳ ଯୋଗାଣ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ତରଭା ବ୍ଲକ କମସରା ପଞ୍ଚାୟତ ଅଧୀନ ସାଗରପାଲି ଗ୍ରାମରେ। ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ଏହି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ସେଠାରେ ଏକ ବୋରିଙ୍ଗ ଖୋଳାଯାଇଛି। ଓଭରହେଡ ପାଣିଟାଙ୍କିକୁ ଜଳ ଚଢ଼ାଯାଇ ଯୋଗାଇବା ବ୍ୟବସ୍ଥା ରହିଛି; ହେଲେ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସାଗରପାଲି ଗ୍ରାମରେ ଗୋଟିଏ ୱାର୍ଡ। ଏଠାରେ ୬୬ ପରିବାରରେ ୨୫୪ରୁ ଅଧିକ ଲୋକ ବସବାସ କରନ୍ତି। ଦୀର୍ଘ ୩ ବର୍ଷ ହେବ ବସୁଧା ଯୋଜନାରେ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ଏହି ଗ୍ରାମରେ ୪ଟି ନଳକୂପ ରହିଛି; ହେଲେ ଗୋଧୋଇବା ପାଇଁ ଗାଁରେ କୌଣସି ବନ୍ଧ ବା ପୋଖରୀ ନ ଥିବାରୁ ଗ୍ରାମବାସୀ ବହୁତ ଡହକ ବିକଳ ହେବା ସହ ନଳକୂପ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଏ ବାବଦରେ ପଞ୍ଚାୟତ ତରଫରୁ ୨୦୨୩ ଅକ୍ଟୋବର ୧୬ରେ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିରରେ ୱାର୍ଡସଭ୍ୟା ପଦ୍ମିନୀ କୁଅଁର ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ତରଭା ବ୍ଲକ ଗ୍ରାମ୍ୟ ପାନୀୟ ଜଳଯୋଗଣ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସାହୁଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଟିମ୍ ସି ଫେରିଯାଇଥିଲେ। ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଏହି ଗ୍ରାମର ନଳକୂପରେ ଫ୍ଲୋରାଇଡ଼ ପାଣି ବାହାରୁ ଥିବାରୁ କିଛି କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ସହ କିଛି ଲୋକ ଅଣ୍ଟା ଅଙ୍କାବଙ୍କା ହୋଇ ରୋଗଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ପ୍ରତି ବର୍ଷ ଏହି ସମସ୍ୟା ଦେଖାଯାଉଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ ବୋଲି ଅଲିଭା ଗ୍ରାମପଞ୍ଚାୟତ ମହିଳା ପ୍ରତିନିଧି ମହାସଂଘ ସମ୍ପାଦିକା ଆହୁତି କୁମ୍ଭାର ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଏସ୍‌ଡିଓ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ ଆସନ୍ତା କାଲି ଟିମ ପଠାଇ ପାଣି ଯୋଗାଣର ବ୍ୟବସ୍ଥା କରିବେ। ଏହାସହ ପାଣିର ନମୁନା ସଂଗ୍ରହ କରି ଟେଷ୍ଟ କରାଯିବ ବୋଲି କହିଥିଲେ।



### ■ ବିଦ୍ୟୁତ୍ ଆଘାତରେ ଫୁଲ ମାଝୀ ମୃତ୍ୟୁ ଘଟଣା

## ୪ ଲକ୍ଷ ୨୦ ହଜାର କ୍ଷତିପୂରଣ ଦେଲା ବେଦାନ୍ତ

**ଭବାନୀପାଟଣା, ୧୭ ।୫ (ସମିସ):** ଗତ ୨୦୨୫ ଏପ୍ରିଲ ୧୬ରେ ବେଦାନ୍ତ କମ୍ପାନୀକୁ ସଂଯୋଗ କରୁଥିବା ୧୩୨ କେଭି ବିଦ୍ୟୁତ ତାର ଲାଗି ବେଲମ୍ବା ଗ୍ରାମର ଆଦିବାସୀ ମହିଳା ଫୁଲ ମାଝୀ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ଦାୟର ହେବାପରେ ବେଦାନ୍ତ କମ୍ପାନୀ ପକ୍ଷରୁ ମୃତକ ଫୁଲ ମାଝୀଙ୍କ ପରିବାରକୁ ୪ ଲକ୍ଷ ୨୦ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଥିବା କମିଶନଙ୍କ ଚୂଡାନ୍ତ ନିର୍ଦ୍ଦେଶନାମାରୁ ଜଣାପଡ଼ିଛି। ଏଥିସହିତ କମିଶନ ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ଘଟଣା ବିଦ୍ୟୁତ ସଞ୍ଚାରଣ ଆଇନ -୨୦୦୩ରେ ନିର୍ଦ୍ଧାରଣ କରାଯାଇଥିବା ନିୟମ ଏବଂ ସୁରକ୍ଷା ବ୍ୟବସ୍ଥା ଗୁଡ଼ିକ ଉଲ୍ଲଙ୍ଘନ କରୁଥିବାରୁ ସମ୍ପୃକ୍ତ ବେଦାନ୍ତ କମ୍ପାନୀ ଏବଂ ଓ ପିଟିସିଏଲ୍ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶନାମା ଜାରି କରି ଭବିଷ୍ୟତ ରେ ସୁରକ୍ଷା ବ୍ୟବସ୍ଥା କଡାକଡି ପାଳନ କରିବାକୁ କହିଛନ୍ତି। ମାନବାଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ଅଭିଯୋଗକ୍ରମେ ମାନବାଧିକାର କମିଶନ କେଶ ନମ୍ବର ୩୫୮/୧୮/୬/୨୦୨୫ ପଞ୍ଜୀକରଣ କରି ଶକ୍ତି ବିଭାଗକୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଥିଲେ। କମିଶନଙ୍କ ନୋଟିସ ପାଇଲା ପରେ ପଶ୍ଚିମାଞ୍ଚଳ ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟବିଦ୍ୟୁତ ପରିଦର୍ଶକ ସରଜମିନ ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ। ଏହି ରିପୋର୍ଟକୁ ଶକ୍ତି ବିଭାଗ ପକ୍ଷରୁ ୧୧ ଫେବୃଆରୀ ୨୦୨୬ ରେ ମାନବାଧିକାର କମିଶନଙ୍କ ନିକଟରେ ଦାଖଲ କରାଯାଇଥିଲା। ରିପୋର୍ଟର ତଥ୍ୟ ଅନୁଯାୟୀ ବେଦାନ୍ତ କମ୍ପାନୀ କୁ ସଂଯୋଗ କରୁଥିବା ୧୩୨ କେଭି ଲାଇନର ଟାୱାର ନମ୍ବର ୪୭ ଏବଂ ୪୮ ମଧ୍ୟରେ ୧୩୨ କେଭି ତାର କୂଳେର ଶାଗ ଗଛକୁ ଛୁଇଁଥିଲା, ଯାହା ଫଳରେ ଶାଗ ତୋଳିଲା ବେଳେ ଫୁଲ ମାଝୀ ବିଦ୍ୟୁତ ଆଘାତ ପାଇ ଥିଲେ ଓ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସବୁ ନିୟମ ସଠିକ ପାଳନ କରି ଭବିଷ୍ୟତରେ ଏଭଳି ଦୁର୍ଘଟଣା ଯେପରି ନହୁଏ ସେଥିପ୍ରତି ସତର୍କତା ଅବଲମ୍ବନ କରିବାକୁ ବେଦାନ୍ତ ଲାଞ୍ଜିଗଡ଼ ସହିତ ଓ ପିଟିସିଏଲ ବାଧ୍ୟ ବୋଲି କଡା ନିର୍ଦ୍ଦେଶ ଦେବାକୁ କମିଶନ ଶକ୍ତି ବିଭାଗ ପ୍ରମୁଖ ସଚିବଙ୍କୁ ସୂଚାଇ ଦେଇଛନ୍ତି।

### କୋକସରା ଚାଷୀ ଆନ୍ଦୋଳନ ଦଶମ ଦିନରେ

# ୧୯ରେ ଜିଲ୍ଲାପାଳ ଅଫିସ ଘେରଉ; ୨୦ରୁ ଆମରଣ ଅନଶନ

**କୋକସରା, ୧୭ ।୫(ସମିସ)**

ପି-ପାସ୍ ପୋର୍ଟାଲ ଖୋଲିବା ଓ ଚାଷୀ ପଞ୍ଜୀକରଣ ଦାବିରେ କୋକସରାଠାରେ ଚାଲିଥିବା ଇନ୍ଦ୍ରାବତୀ ଉଠାଜଳସେଚନ ଚାଷୀଙ୍କ ଗଣଧାରଣା ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ରବିବାର ଏହି ଆନ୍ଦୋଳନ ଦଶମ ଦିନରେ ପହଞ୍ଚିଥିବାବେଳେ, ଚାଷୀଙ୍କ ଏହି ଦାବିକୁ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ ଓ ସ୍ଥାନୀୟ ଜନସାଧାରଣଙ୍କ ବ୍ୟାପକ ସମର୍ଥନ ମିଳୁଛି। ଇନ୍ଦ୍ରାବତୀ ମେଗା ଉଠାଜଳସେଚନ କୃଷକ ସଂଘର ସଭାପତି ପୁରୁଷୋତ୍ତମ ଦାସ ଗୁପ୍ତା ଏବଂ ଉପସଭାପତି ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଜାରି ରହିଥିବା ଏହି ଆନ୍ଦୋଳନରେ କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ଶହ ଶହ ଚାଷୀ ପ୍ରତିଦିନ ସାମିଲ ହେଉଛନ୍ତି। ଆଜି ଆନ୍ଦୋଳନସ୍ଥଳରେ ପହଞ୍ଚି ପିସିସି ସଦସ୍ୟ ତୁଷାର ରଞ୍ଜନ ପାଟ୍ଟଯୋଶୀ, ବରିଷ୍ଠ କଂଗ୍ରେସ ନେତା ରବୀନ୍ଦ୍ର କୁମାର ପାଟ୍ଟଯୋଷୀ, ଧର୍ମଗଡ଼ ବ୍ଲକ କଂଗ୍ରେସ ସଭାପତି ପ୍ରେମଲାଲ ଶାଗର ଏବଂ ବରିଷ୍ଠ ଚାଷୀ ନେତା ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ଚାଷୀଙ୍କ ସହ ଗଣଧାରଣାରେ ବସିଥିଲେ। ନେତୃବୃନ୍ଦ ସରକାରଙ୍କ 'ଚାଷୀ ମାରଣ ନୀତି' କୁ ତୀବ୍ର ସମାଲୋଚନା କରିବାସହ ଚାଷୀଙ୍କ ହକ୍ ପାଇଁ ଲଢ଼େଇ ଜାରି ରଖିବାକୁ ସଂକଳ୍ପ ବଦ୍ଧ ହୋଇଛନ୍ତି।




ସୂଚନାଯୋଗ୍ୟ ଯେ, ଇନ୍ଦ୍ରାବତୀ ବାମ ଓ ଡାହାଣ କେନାଲ ଅଞ୍ଚଳର ଚାଷୀମାନେ ରବି ଧାନ ବିକ୍ରି ପାଇଁ ସହଜରେ ପଞ୍ଜୀକରଣ କରିଥିବାବେଳେ, ମେଗା ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ପ୍ରାୟ ୧୫ ହଜାର ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି। ପି-ପାସ୍ ପୋର୍ଟାଲରେ 'ମେଗା ଲିଫ୍ଟ'ର ବିକଳ୍ପ ନଆସିବା ଯୋଗୁଁ ଚାଷୀମାନେ ପଞ୍ଜିକରଣ କରିପାରି ନାହାନ୍ତି। ସରକାରଙ୍କ ଏଭଳି ପାତରଅନ୍ତର ନୀତି ଯୋଗୁଁ ଯଦି ଚାଷୀ ଧାନ ବିକ୍ରି କରି ନପାରନ୍ତି, ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଶାସକ ଦଳକୁ ଏହାର ଭାରି ପରିଣାମ ଭୋଗିବାକୁ ପଡ଼ିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ' ଗତ ୮ ତାରିଖରେ କୋକସରାଠାରେ ହଜାର ହଜାର ଚାଷୀ ଜାତୀୟ ରାଜପଥ ଅବରୋଧ କରି ପ୍ରତିବାଦ ଜଣାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନଥିଲା। ଅସନ୍ତୋଷ ଚାଷୀମାନେ ୧୯ ତାରିଖରେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାପରେ ମଧ୍ୟ ସରକାର ସେମାନଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରନ୍ତି ତେବେ ୨୦ ତାରିଖରୁ କୋକସରାଠାରେ ପୁଣି ଆମରଣ ଅନଶନରେ ବସିବା ସହ ୨୩ ତାରିଖରେ ଜାତୀୟ ରାଜପଥ ଓ ବିଜୁ ଏକ୍ସପ୍ରେସୱେର ଆମପାଣିଠାରେ ଭୟାବହ ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ଆଜି ଗଣଧାରଣାରେ ବରିଷ୍ଠ ଆଇନଜୀବୀ ଦିଗାମ୍ବର ଦୁରିଆ, ଦୁର୍ଗା ନାଏକ, ରବିନାରାୟଣ ଦାସ, ପ୍ରଶାନ୍ତ ତିୱାରୀ, ତ୍ରିଭୁବନ ନାଏକ, ବିଶ୍ୱନାଥ ପଟ୍ଟନାୟକ, ପ୍ରଣବ ବେହେରା, ଅମୋଜ ଧାରୁଆ, ଧବଳେଶ୍ୱର ନାଗ, ପଙ୍କଜ ପୋଡ଼, ମନିଜର ପୋଡ଼, ଚିତ୍ତରଞ୍ଜନ ପୁଝାରୀ, ରଘୁ ପଣ୍ଡା, ନିମାଇଁ ଚରଣ ଧଙ୍ଗଡ଼ାମାଝୀ, ପ୍ରମୋଦ ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ସୁଶାନ୍ତ ବେହେରା, ଲଲାଟେନ୍ଦୁ ପ୍ରଧାନୀ, କିରଣ ସାହୁଙ୍କ ସମେତ କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଚାଷୀମାନେ ସାମିଲ ହୋଇଥିଲେ।

### ସ୍ୱୟଂ ସହାୟିକା ଗୋଷ୍ଠୀର ଟଙ୍କା ହଡ଼ପ ଅଭିଯୋଗ

## ସଭାନେତ୍ରୀଙ୍କ ବିରୋଧରେ ମହିଳା ଥାନାର ଦ୍ୱାରସ୍ଥ

**ଧର୍ମଗଡ଼, ୧୭ ।୫(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ସେମଲା ଗ୍ରାମରେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ଜମାଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଅଭିଯୋଗ



ଆସିଛି। ସେମଲା ଗ୍ରାମର 'ଅନ୍ନପୂର୍ଣ୍ଣା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ'ର ସଭାନେତ୍ରୀ ରଶ୍ମିତା ବାଗଙ୍କ ନାମରେ ୧୮ ମାସ ଧରି ପ୍ରାୟ ୩ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ କରି ଗୋଷ୍ଠୀର ସଦସ୍ୟାମାନେ ଧର୍ମଗଡ଼ ଥାନାରେ ଏକ ଏତଲା ଦେଇଛନ୍ତି।

ସୂଚନା ଅନୁସାରେ, ଗୋଷ୍ଠୀର ସଦସ୍ୟାମାନେ ପ୍ରତିମାସରେ ନିଜ ନିଜ ମଧ୍ୟରେ ଧାର୍ କରଜ କରି ୧୬, ୫୦୦ ଟଙ୍କା ସଂଗ୍ରହ କରିଥିଲେ। ଏହି ଟଙ୍କାକୁ ଧର୍ମଗଡ଼ ଷ୍ଟେଟ ବ୍ୟାଙ୍କରେ ଥିବା ଜମା ଖାତାରେ ଜମା କରିବା ପାଇଁ ସଭାନେତ୍ରୀ ରଶ୍ମୀତା ବାଗଙ୍କୁ ଦିଆଯାଉଥିଲା। ମାତ୍ର ସଭାନେତ୍ରୀ ବ୍ୟାଙ୍କରେ ଟଙ୍କା ଜମା ନକରି ଦୀର୍ଘ ୧୮ ମାସ ଧରି ସମୁଦାୟ ପ୍ରାୟ ୩ ଲକ୍ଷ ଟଙ୍କା ନିଜ ପାଖରେ ରଖି ଆତ୍ମସାତ କରିଥିବା ମହିଳାମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସଭାନେତ୍ରୀଙ୍କୁ ପଚାରିବାରୁ ସେ ଏବଂ ତାଙ୍କ ସ୍ୱାମୀ ଓଲଟା ମହିଳାମାନଙ୍କୁ ନାଲିଆଖି ଦେଖାଇ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ମହିଳା ଗୋଷ୍ଠୀର ସଦସ୍ୟାମାନେ ଧର୍ମଗଡ଼ ବିଧାୟକଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଗୋଷ୍ଠୀର ସମ୍ପାଦିକା ମିଥିଳା ବାଗଙ୍କ ସମେତ ଯଶୋଦା ବାଗ, କେକେଁ ଗୋପାଳ, ରୁକ୍ମଣୀ ଗୋପାଳ ଏବଂ ସୁବର୍ଣ୍ଣ ଗୋପାଳ ପ୍ରମୁଖ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସେମାନଙ୍କର କଷ୍ଟଅର୍ଜିତ ଟଙ୍କା ଫେରସ୍ତ କରିବାକୁ ଦାବି କରିଛନ୍ତି।

## ବାଦି ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ସଭା

**ନୂଆପଡ଼ା, ୧୭ ।୫(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ବାଦି ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ତହସିଲଦାର ନରସିଂହ ଗଦବା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟାକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିଶୁର ପିତାମାତାଙ୍କୁ ଉପହାର ସହିତ ଚାରା ପ୍ରଦାନ କରିଥିଲେ। ଏହି ଅବସରରେ, ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ପ୍ରବାସୀ ଶ୍ରମିକ ନିରାକରଣ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରାଯାଇ ଥିଲା। ଶିବିରରେ ଜିଲ୍ଲାପାଳ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ସରକାରଙ୍କ ପକ୍ଷରୁ ବହୁତ ଜନମଙ୍ଗଳକାରୀ ତଥା କର୍ମ ନିଯୁକ୍ତି ଯୋଜନା ଜିଲ୍ଲାରେ ଉପଲବ୍ଧ ଅଛି। ସେ ଗ୍ରାମବାସୀଙ୍କୁ ପ୍ରବାସୀ ଶ୍ରମିକ ଭାବରେ ନ ଯାଇ ଘରେ ରହି ଏହାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ସେ ଛୋଟ ପିଲାଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ନକରି ସ୍କୁଲ ପଠାଇବା ପାଇଁ ବାପା ମାଆ ମାନଙ୍କୁ କହିଥିଲେ। ସେହିପରି ଗାଁକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ହିତାଧିକାରୀ ଶ୍ରମିକଙ୍କୁ ମନରେଗା ଯୋଜନାରେ ୧୦୦ରୁ ଅଧିକ ଦିନ କାମ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପକ୍ଷୀପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଁରେ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନେ ପହଞ୍ଚି ପ୍ରାଣୀ ଚିକିତ୍ସା କରିଥିଲେ। ଏହି ଶିବିରକୁ ଖଡ଼ିଆଳ



ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍ ଗୀତା, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତିରାଜ ବିଭାଗ, ଜଙ୍ଗଲବିଭାଗ ପ୍ରମୁଖ ମିଳିତ ଭାବରେ ଆୟୋଜନ କରିଥିଲେ। ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ବୁଝାଇବା ସହ ଏହାର ଲାଭ ନେବା ପାଇଁ ମଧ୍ୟ ଜିଲ୍ଲାପାଳ ତାହାଙ୍କୁ ପରାମର୍ଶ ଦେଇଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଭବାନୀପାଟଣା, ୧୭ ।୫(ସମିସ):** ଭବାନୀପାଟଣାସ୍ଥିତ ପୁରୁଣାପଡ଼ା ସାନବନ୍ଧରୁ ରବିବାର ସକାଳୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାମ ପୂର୍ଣ୍ଣଚନ୍ଦ୍ର ନାୟକ(୭୦) ଓ ସେ ସହରର ବଡ଼ପଡ଼ାର ହୋଇଥିବାବେଳେ କ୍ଷୁଦ୍ର ଜଳସେଚନ ବିଭଗର ଅବସରପ୍ରାପ୍ତ କର୍ମଚାରୀ ବୋଲି ଜଣାପଡ଼ିଛି। ଶନିବାର ତାଙ୍କ ଭାଉଜଙ୍କ ମୃତ୍ୟୁପରେ ଅନ୍ତେଷ୍ଟି କ୍ରିୟା ପାଇଁ ଏହି ପୋଖରୀକୁ ଗାଧୋଇବା ଆସିଥିଲେ। ପୋଖରୀଟି ବହୁତ ବଡ଼ ଓ ଗଭୀର ଥିବାରୁ ସେ ଜାଣି ନ ପାରି ଗାଧୋଉଥିବା ଅବସ୍ଥାରେ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ବି ତାଙ୍କୁ ପାଇ ନ ଥିଲେ। ଟାଉନ ଥାନା ପୁଲିସ ଏବଂ ଦମକଳବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଗୋଲାମୁଣ୍ଡା, ୧୭ ।୫(ସମିସ):** କଳାହାଣ୍ଡି ଜିଲ୍ଲା କେ ଗାଁ ଥାନା ଅଧୀନରେ ଥିବା ମିରମିରି, ତେଣ୍ଡୋପାଣି ରାସ୍ତା କଡ଼ରେ ଜଣେ ଅଚିହ୍ନା ଯୁବକଙ୍କ ଶବ ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ଏହା ଆତ୍ମହତ୍ୟା ନା ହତ୍ୟା ଜଣାପଡ଼ି ନାହିଁ। କେଗାଁ ପୁଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଟ୍ରାନ୍ସଫର୍ମରରୁ ଲକ୍ଷାଧିକ ଟଙ୍କାର ତମ୍ବାତାର ଚୋରି




**କେସିଙ୍ଗା, ୧୭ ।୫(ସମିସ):** କେସିଙ୍ଗା ତେଲନଦୀରୁ ଲାଞ୍ଜିଗଡ଼ରେ ଥିବା ବେଦାନ୍ତ ଆଲୁମିନା କମ୍ପାନୀକୁ ପାଣି ସପ୍ଲାଏ ହୋଇଥାଏ। ସେଥିପାଇଁ ବେଦାନ୍ତ ପକ୍ଷରୁ ତେଲ ନଦୀ ତୁଠରେ ପମ୍ପ ହାଉସ ତିଆରି କରି ଏକ ୩୩କେଭି ବିଦ୍ୟୁତ୍ ସବ୍‌ଷ୍ଟେସନ ତିଆରିକରି ବଡ଼ବଡ଼ ପାଣି ପମ୍ପ ଲଗାଇ ନଦୀରୁ ପାଣି ଉଠାଇ ଲାଞ୍ଜିଗଡ଼ରେ ଥିବା ବେଦାନ୍ତ ଆଲୁମିନା କମ୍ପାନୀ ପର୍ଯ୍ୟନ୍ତ ପାଣି ପହଞ୍ଚୁଥିଲା। ଏହି ସବ୍‌ଷ୍ଟେସନର ପ୍ରାୟ ତିନୋଟି ଟ୍ରାନ୍ସଫର୍ମରରୁ ପ୍ରାୟ ୨୦ ରୁ ୨୫ ଲକ୍ଷ ଟଙ୍କାର ତମ୍ବା ତାର ଚୋରି ହୋଇଥିବା କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମିଳିବା ପରେ କେସିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ଯଥାଶୀଘ୍ର ଚୋର ମାନଙ୍କୁ ଧରାଯିବ ବୋଲି କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି।

## ବୃନ୍ଦାବାହାଲ ହାଇସ୍କୁଲ ମଧ୍ୟାହ୍ନଭୋଜନ ସେଡ୍ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

**ଧର୍ମଗଡ଼, ୧୭ ।୫(ସମିସ):** ଗୋଲାମୁଣ୍ଡା ବ୍ଲକ ଅଧୀନ ବୃନ୍ଦାବାହାଲ ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ହେବାକୁ ଯାଉଛି। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଏକ ସେଡ୍ ନିର୍ମାଣ ନିମନ୍ତେ ୨ ଲକ୍ଷ ୪୮ ହଜାର ଟଙ୍କାର ପାଣ୍ଠି ଅନୁମୋଦନ ହୋଇଛି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନିଜ ପ୍ରତିଶ୍ରୁତି ରକ୍ଷାକରି ଏହି ପଦକ୍ଷେପ ନେଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦୀର୍ଘଦିନ ଧରି ମଧ୍ୟାହ୍ନ ଭୋଜନ ସମୟରେ ବେଶ୍ ସମସ୍ୟାର ସମ୍ମୁଖୀନ ହେଉଥିଲେ। ସେଡ୍ ନ ଥିବାରୁ ପିଲାମାନେ ଖୋଲା ଆକାଶ ତଳେ ଓ ଗଛମୂଳେ ବସି ଖାଉଥିଲେ। ଏହି ସମସ୍ୟା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅନ୍ୟାନ୍ୟ ଶିକ୍ଷକ କର୍ମଚାରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟମାନେ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଅଧ୍ୟକ୍ଷ ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦେଇଥିବା କଥା ମୁତାବକ ବ୍ଲକ ଅଧ୍ୟକ୍ଷ ମଧ୍ୟାହ୍ନ ଭୋଜନ ସେଡ୍ ପାଇଁ ୨, ୪୮, ୦୦୦ ଟଙ୍କା ମଞ୍ଜୁର କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଜଣାପଡ଼ିଛି। ପାଣ୍ଠି ଅନୁମୋଦନ ହେବା ଖବର ଜଣାପଡ଼ିବା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ ରାଉତ, ସହଶିକ୍ଷକ ବିଶ୍ୱପ୍ରିୟ କ୍ରାନ୍ତି ପ୍ରଧାନ, ପ୍ରମୋଦ ବର୍ଗେ, କରୁଣା ରଣା, ଜୟ ପ୍ରକାଶ ଖୁରା, ଦୁର୍ଯୋଧନ ମାଝୀ, ଚିନ୍ମୟୀ ମାଝୀ, ତୃପ୍ତିମୟୀ ମେହେରଙ୍କ ସମେତ ପରିଚାଳନା କମିଟିର ସଭାପତି ବବୃବାହାନ ଟୋଲଟିଆ ଓ ସମସ୍ତ କର୍ମଚାରୀ ବ୍ଲକ ଅଧ୍ୟକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି।

### କୋଶଲା ମାଳୀ ସମାଜର ସାଧାରଣ ବୈଠକ

## ଜନ୍ମେଜୟ ଜିଲ୍ଲା ସଭାପତି ମନୋନୀତ

**ଧର୍ମଗଡ଼, ୧୭ ।୫(ସମିସ):** କୋଶଲା ମାଳୀ (ପଟେଲ) ସମାଜର ଏକ ସାଧାରଣ ବୈଠକ ତରାପୁରସ୍ଥିତ କୋଶଲା ମାଳୀ (ପଟେଲ) ସମାଜ ଭବନରେ ସମାଜର ଉପ-ସଭାପତି ଧର୍ମୁ ପଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପଟେଲ ସମାଜର ଉପସଭାପତି ଧର୍ମୁ ପଟେଲ, ସମ୍ପାଦକ ପବିତ୍ର ପଟେଲ, ସହ-ସମ୍ପାଦକ ଜୟହରି ପଟେଲ, କୋଷାଧ୍ୟକ୍ଷ ପ୍ରଦୀପ ପଟେଲ, ପୂର୍ବତନ ଜିଲ୍ଲା ସଭାପତି ସଞ୍ଜୟ କୁମାର ପଟେଲ, ପୂର୍ବତନ ଜିଲ୍ଲା ସଭାପତି ଘନଶ୍ୟାମ ପଟେଲ, ଟଙ୍କଧର ପଟେଲ, ଗଣେଶ ରାମ ନାଏକ ଓ ମସ୍ତରାମ ପଟେଲ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଦୀର୍ଘଦିନ ହେବ କୋଶଲା ମାଳୀ (ପଟେଲ) ସମାଜର ଜିଲ୍ଲା ସଭାପତି ପଦ ଖାଲିରହିଥିବାବେଳେ ଏହି ସାଧାରଣ ସଭାରେ ଜନ୍ମେଜୟ ନାଏକଙ୍କୁ ସର୍ବସମ୍ମତିକ୍ରମେ ଜିଲ୍ଲା ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହି ଅବସରରେ ମଞ୍ଚାସୀନ ଅତିଥି ଭାବେ ଚିନ୍ତାମଣି ପଟେଲ, ଜୟକର ପଟେଲ, ରଘୁ ପଟେଲ, ଅଚ୍ୟୁତ ପଟେଲ, କୁଳମଣୀ ପଟେଲ, ପଦ୍ମରାମ ପଟେଲଙ୍କ ସହ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଆଞ୍ଚଳିକ କେନ୍ଦ୍ରର ସଭାପତି, ସମ୍ପାଦକ ଓ ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଆର୍ଟ ଅଫ୍ ଗିଭିଂ ସମାରୋହ

# ଶିକ୍ଷା ଓ ସେବା କ୍ଷେତ୍ରରେ କିଟ୍-କିସ୍‌ର ଅବଦାନ ଅତୁଳନୀୟ

**କୋକସରା, ୧୭ ।୫(ସମିସ)**

'ବାଣ୍ଟିଲେ ହିଁ ଚମକିବ' ଏହି ବାର୍ତ୍ତାକୁ ନେଇ ସମଗ୍ର ବିଶ୍ୱରେ କିଟ୍ ଓ କିସ୍ ପକ୍ଷରୁ ୧୩ତମ 'ଆଟ୍‌ର୍ ଅଫ୍ ଗିଭିଂ' ଦିବସ ପାଳିତ ହୋଇଛି। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଫୁପଗାଁ ଧାନମଣ୍ଡି ପରିସରରେ ରବିବାର କିଟ୍ ଓ କିସ୍ କୋକସରା ଶାଖା ପକ୍ଷରୁ ବ୍ଲକସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଛି। ବ୍ଲକ ସଂଯୋଜକ ସନ୍ଥ କୁମାର ନାଏକଙ୍କ ସଂଯୋଜନା ଏବଂ କିସର ପୂର୍ବତନ ଛାତ୍ର ଭୁବନେଶ୍ୱର ଦିଶାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୃତିବାସ ଶବର ମୁଖ୍ୟବକ୍ତା, ତୁଳସୀ ପ୍ରାସାଦ ଶବର, ଦୋଳଗୋବିନ୍ଦ ନାଏକ, କିଶୋର ମାଝୀ ଏବଂ ଅର୍ଜୁନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମାରୋହରେ କୋକସରା ବ୍ଲକର ବିଭିନ୍ନ ଗ୍ରାମରୁ କିଟ୍ ଓ କିସର ବହୁ ପୁରାତନ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। କଳାହାଣ୍ଡି କିସ୍‌ର ଛାତ୍ରୀ ସ୍ନେଶା ଶବର ଓ ଅର୍ଚ୍ଚିତା ଶବର ମଞ୍ଚ ପରିଚାଳନା କରିଥିବାବେଳେ ଭରତ ପୁଝାରୀ, ପ୍ରେମଲାଲ ଶବର, ଫକୀର ପାତ୍ର, କାମାକ୍ଷ ଶବର, ତୀର୍ଥବାସ ପୁଝାରୀ, ଶ୍ୟାମ ସୁନ୍ଦର ନାଏକ, ନରେନ୍ଦ୍ର ନାଏକ, ମାଧବ ଶବର, ଦୟାନିଧି ଭୋଇ, ମଦନ ଭୋଇ, ବବୃବାହାନ ପାତ୍ର ଏବଂ ଆଶା କର୍ମୀ ନବ ନାଏକ, ଦୁତିକା ପାତ୍ର ଓ ଲଳିତା ଶବର ପ୍ରମୁଖ ସହଯୋଗ କରିଥିଲେ।




**ମ.ରାମପୁର:** ମ ରାମପୁର ବ୍ଲକ ସ୍ଥିତ ଦୁର୍ଗାମାଧବ ଉଚ୍ଚବିଦ୍ୟାପୀଠ ଠାରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏ ବର୍ଷର ଥିମ୍ 'ସେୟାର ଟୁ ସାଇନ୍' ରହିଥିବାବେଳେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସତ୍ୟ ପଟ୍ଟନାୟକ, ସୁଜାତା ଆଚାରୀ, ନନ୍ଦକିଶୋର ପାତ୍ର ଓ ସମାଜସେବୀ ସତ୍ୟନାରାୟଣ ସାହୁ, ଉଦ୍ଧବ ପଣ୍ଡା, ବିଜୟ କୁମାର ମହାକୁଡ଼, କମ୍ବୁପାଣି ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। କିସ୍ ଅନୁଷ୍ଠାନର କୋର୍ ଗାର୍ଡିଆନ୍ ଦ୍ରୋଣାଚାର୍ଯ୍ୟ ପାତ୍ର ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ପୂର୍ବତନ ଛାତ୍ର ନୀଳାମ୍ବର ପାତ୍ର ଆର୍ଟ ଅଫ ଗିଭିଂ ବିଷୟରେ ବିଶଦ ଭାବରେ ଧାରଣା ଦେଇଥିଲେ। ଏ ଅବସରରେ ପୂର୍ବତନ ଛାତ୍ର କୁଳମଣି ପାତ୍ର, ଗୌରଚନ୍ଦ୍ର ମାଝୀ, ତଥା ଅନ୍ୟାନ୍ୟ ସମାଜ ସେବୀ ଓ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ହାସ୍ୟକବି ସୁଶାନ୍ତ ମିଶ୍ରଙ୍କ କଳା ପ୍ରଦର୍ଶନରେ ସମସ୍ତଙ୍କ ମୁହଁରେ ହସ ଫୁଟି ଆସିଥିଲା। ମୁଖ୍ୟଅତିଥି ପୁଷ୍ପେନ୍ଦ୍ର ସିଂଦେଓ ଡ.ଅଚ୍ୟୁତ ସାମନ୍ତଙ୍କ ଆଦିବାସୀଙ୍କ ପ୍ରତି କରିଥିବା ଅନନ୍ୟ ସେବାପାଇଁ ପ୍ରଶଂସା କରିଥିଲେ। ୨୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଓ ଛାତ୍ରଛାତ୍ରୀ ଏ ଉତ୍ସବରେ ଯୋଗ ଦେଇଥିଲେ। କୋର୍ ଗାର୍ଡିଆନ୍ ନିରାକାର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



**ଧର୍ମଗଡ଼ :** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ସ୍ଥିତ ପଞ୍ଚାୟତ ମହାବିଦ୍ୟାଳୟଠାରେ ତ୍ରୟୋଦଶ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ 'ଶେୟାର ଟୁ ସାଇନ' ରହିଥିବାବେଳେ, ଅନ୍ୟଙ୍କ ସହ ଭାଗିନେବା ଓ ସେବାଭାବକୁ ପ୍ରୋତ୍ସାହନ ଦେବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅରୂପାନନ୍ଦ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ ପରସ୍ପର ସହଯୋଗ ଓ ଦାନଶୀଳତାର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବଙ୍କିମ ଚନ୍ଦ୍ର ମୁଣ୍ଡ ଯୋଗଦେଇ 'ଆର୍ଟ ଅଫ ଗିଭିଙ୍ଗ' କାର୍ଯ୍ୟକ୍ରମ କେବଳ ଦାନ କିମ୍ବା ସହାୟତାରେ ସୀମିତ ନୁହେଁ, ଏହା ମାନବିକତା, ସହଯୋଗ ଓ ଭଲପାଇବାର ଏକ ମହାନ ବାର୍ତ୍ତା। ସମ୍ମାନିତ ଅତିଥି ଭାବେ ସମାଜସେବୀ ଘନଶ୍ୟାମ ଅଗ୍ରୱାଲ ଯୋଗ ଦେଇ 'ଆର୍ଟ ଅଫ ଗିଭିଙ୍ଗ' ହେଉଛି ମାନବିକତାର ଏକ ସୁନ୍ଦର ପରମ୍ପରା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ କିସ ଭୁବନେଶ୍ୱରର ଅଭିଭାବକ ସଙ୍ଘର ସଦସ୍ୟ ପବିତ୍ର ମୋହନ ଶବର, କଳାହାଣ୍ଡି କିସର ଅଭିଭାବକ ଇନ୍ଦ୍ରଜିତ ନାଏକ ଉପସ୍ଥିତ ଥିଲେ। ରୁପେନ୍ଦ୍ର ସୁନାନୀ ସଭା ପରିଚାଳନା କରିଥିବାବେଳେ ବନମାଳୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କିସ୍‌ର ମ୍ୟାନେଜମେଣ୍ଟ ଷ୍ଟାଫ ସିଦ୍ଧାନ୍ତ ମାଝୀ, ରୁକୁରାମ ଶବର, ଦୟାନିଧି ମାଝୀ, ବିଶ୍ୱମ୍ବର ଶବର, ଦୟାନିଧି ଶବର, ଦିଲ୍ଲୀପ ଭୋଇ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

### ଗୋଟିଏ ପମ୍ପ ମାସେ ହେବ ବନ୍ଦ, ଅନ୍ୟଟି ଦିନେ ଛଡ଼ା ଦିନେ

# ତେଲ ପାଇଁ ଲମ୍ବା ଲାଇନ୍





ବୈପାରୀଗୁଡ଼ା, ୧୭।୫(ସମିସ): କେବେ ଦୂର ହେବ ପେଟ୍ରୋଲ ସମସ୍ୟା? ସହରାଞ୍ଚଳ ପରେ ଏବେ ଗ୍ରାମାଞ୍ଚଳରେ ତେଲ ସଙ୍କଟ ଦେଖିବାକୁ ମିଳିଛି। ବୈପାରୀଗୁଡା ସଦର ମହକୁମାଠାରେ ପେଟ୍ରୋଲ ଓ ଡିଜେଲ୍ ସଙ୍କଟ ଦେଖିବାକୁ ମିଳିଛି। ବୈପାରୀଗୁଡା ତଥା ରଞ୍ଚି-ବିଜୟୱାଡ଼ା ୩୨୬ ନମ୍ବର ଜାତୀୟ ରାଜପଥରେ ହରଗୌରୀ ଫିଲିଂ ଷ୍ଟେସନ ଓ କୌଶଲ୍ୟା ଫିଲିଂ ଷ୍ଟେସନ ଭଳି ୨ଟି ପେଟ୍ରୋଲ ପମ୍ପ ରହିଛି; କିନ୍ତୁ ହରଗୌରୀ ପମ୍ପ ମାସେ ହେବ ବନ୍ଦ ରହିଥିବା ବେଳେ କୌଶଲ୍ୟା ଫିଲିଂ ଷ୍ଟେସନରେ ଦିନେ ଛଡା ଦିନେ ତେଲ ବଣ୍ଟନ ଚାଲିଛି। ଫଳରେ ବୈପାରୀଗୁଡା ସମତ ଆଖପାଖ ଅଞ୍ଚଳରେ ପେଟ୍ରୋଲ ଓ ଡିଜେଲ ସଙ୍କଟ ଦେଖାଦେଇଛି। ପେଟ୍ରୋଲ ପମ୍ପରେ ପର୍ଯ୍ୟାପ୍ତ

### ପୁଲିସ ସୁରକ୍ଷା ବଳୟରେ ପେଟ୍ରୋଲ ପମ୍ପ

ତେଲ ନଥିବାରୁ ସାଧାରଣ ଲୋକ ଭାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଶଲ୍ୟା ଫିଲିଂ ଷ୍ଟେସନ ସମ୍ମୁଖରେ ଆଜି ଦୀର୍ଘ ଲାଇନ ଲାଗିଥିବା ବେଳେ ଯାତାୟାତ ଓ ଦୈନନ୍ଦିନ କାର୍ଯ୍ୟକଳାପ ମଧ ପ୍ରଭାବିତ ହୋଇଛି। ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ଲାଇନରେ ଯାଇ ତେଲ ନେଉଥିଲେ। କିଛି ସମୟ ପାଇଁ ଏଭଳି ଟ୍ରାଫିକ ସମସ୍ୟା ଉପୁଜିଥିଲା ଯେ ପୁଲିସ କର୍ମଚାରୀଙ୍କୁ ମୃତୟନ କରବାକୁ ପମ୍ପ କର୍ତ୍ତୃପକ୍ଷ ବାଧ ହୋଇଥିଲେ। ସେହିପରି ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ଏହି ପମ୍ପରେ ଦିନେ ତେଲ ମିଳିଲେ ଆଉ ୨ ଦିନ ବନ୍ଦ ରହୁଛି। ହଠାତ୍ ଇନ୍ଧନ ସଙ୍କଟ ଯୋଗୁଁ ସାଧାରଣ ଯାତାୟାତ, ବ୍ୟବସାୟ ଓ ଜରୁରୀ ସେବାରେ ବାଧା ସୃଷ୍ଟି ହେଉଛି। ସେହିପରି ହରଗୌରୀ ପେଟ୍ରୋଲ ପମ୍ପଟି ଏକ ମାସ ତଥା ୩୦ରୁ ଅଧିକ ଦିନ ହେବ ବନ୍ଦ ରହିଛି। ଖବର ନେବାରୁ ଜଣାପଡିଛି ଯେ ପେମେଣ୍ଟ୍ ସମସ୍ୟା ଯୋଗୁଁ ଏହି ପମ୍ପରେ ତେଲ ପହଞ୍ଚିପାରୁ ନାହିଁ। ସାଧାରଣତଃ ପେଟ୍ରୋଲ ପମ୍ପଗୁଡିକ ନିଜ କମ୍ପାନିକୁ ପେମେଣ୍ଟ୍ କରିବା ପରେ ସେମାନଙ୍କ ପାଖରେ ସେହିଦିନ ତେଲ ପହଞ୍ଚିଥାଏ। ଯେତିକି ଟଙ୍କାର ପେମେଣ୍ଟ୍ କରାଯାଏ ସେତିକି ତେଲ ଆସି ପହଞ୍ଚିଥାଏ। ହରଗୌରୀ ଫିଲିଂ ଷ୍ଟେସନରେ ପେମେଣ୍ଟ୍ ସମସ୍ୟା ଯୋଗୁଁ ତେଲ ପହଞ୍ଚିପାରୁ ନାହିଁ।

### ■ ଟାଙ୍କିରେ ମିଳୁନି ପେଟ୍ରୋଲ, ଗ୍ରାମାଞ୍ଚଳରେ ମିଳୁଛି

# ସ୍ଥାଣୁ ପାଲଟିଛି କି ବ୍ଲକ ଯୋଗାଣ ବିଭାଗ ?

ମାଥିଲି,୧୭।୫ (ସମିସ):



ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ପାଇଁ ଦେଶରେ ତୈଳ ସଙ୍କଟ ସୃଷ୍ଟି ହୋଇଛି। ରାଜ୍ୟରେ ମଧ ତୈଳ ସଙ୍କଟ ପାଇଁ ଟାଙ୍କିଗୁଡ଼ିକ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏପରିକି ଅନେକ ତୈଳ ଟାଙ୍କି ବନ୍ଦ ଥିବା ଦେଖିବାକୁ ମିଳିଛି। ଏହାରି ଭିତରେ ଯେଉଁ ଟାଙ୍କିରେ ତୈଳ ଗଛିତ ଅଛି ସେଠାରେ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହେବାକୁ ପଡୁଛି। ଘଣ୍ଟା ଘଣ୍ଟା ଧରି ଛିଡା ହେବା ପରେ କେଉଁ ଟାଙ୍କିରେ ବାଇକ ଚାଳକ ପାଇଁ ୧୦୦ ଟଙ୍କାର ମିଳୁଛି ତ କେଉଁଠି ୨୦୦ ଟଙ୍କାର ମିଳୁଛି। ଯାହା ଆବଶ୍ୟକଠାରୁ କମ ମିଳୁଥିବାରୁ ବାଇକ ଚାଳକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଡିଜେଲ ଗାଡିକୁ କେଉଁଠି ୫ ଶହ ତ କେଉଁଠି ୧୦୦୦ ଟଙ୍କାର ମିଳୁଛି। ଗ୍ରାମାଞ୍ଚଳରେ ପ୍ରଯ୍ୟାପ୍ତ ପରିମାଣରେ ତେଲ ମିଳୁଛି ସେ ବି ଚଢା ଦରରେ। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ। ଟାଙ୍କି ମାଲିକମାନେ ଗ୍ରାମାଞ୍ଚଳ ବେପାରୀଙ୍କୁ ବିଳମ୍ବିତ ରାତିରେ ଜାରକିନରେ ଶହ ଶହ ଲିଟର ତେଲ ଦେଉଛନ୍ତି ବୋଲି ଅନେକ ଲୋକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ତୈଳ ସଙ୍କଟକୁ ନେଇ ଯୋଗାଣ ବିଭାଗ କଡା ନଜର ରଖିଛନ୍ତି। ମାଥିଲି ଅଞ୍ଚଳରେ ଯୋଗାଣ ବିଭାଗ ଅଧିକାରୀମାନେ ସ୍ଥାଣୁ ପାଲଟି ଯାଇଛନ୍ତି। ଯାହା ଫଳରେ ଟାଙ୍କି ମାଲିକ ମାନେ ମାନମୁଖୀ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଦିନତମାମ ଲୋକେ ତେଲ ପାଇଁ ଟାଙ୍କିକୁ ଯାଇ ଲମ୍ବା ଧାଡିରେ ଛିଡ଼ା ହେବା ପରେ ସେବୀ ସ୍ୱଳ୍ପ ମାତ୍ରାରେ ମିଳୁଛି ତେଲ ଯାହା ସମୁଦ୍ରକୁ ଶଙ୍ଖେ। ତେଲ ଟାଙ୍କିରେ ଜାରକିନରେ ତେଲ ମିଳୁ ନ ଥିବା କାରଣ ପାଇଁ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ପରିଲକ୍ଷିତ ହେଉଛି। ବିଜ୍ଞାନ ଯୁଗରେ ଚାଷୀମାନେ ଏବେ ଯନ୍ତ୍ର ଚାଳିତ ଯନ୍ତ୍ରପାତି ଉପରେ ନିର୍ଭରଶୀଳ ହୋଇ ନିଜର ହଳ ଲଙ୍ଗଳ ଭୁଲି ଗଲେଣି। ତାହା ସହିତ ଆଗକୁ ଚାଷ କାର୍ଯ୍ୟ ଆସୁଥିବାରୁ ଟ୍ରାକ୍ଟର ମାଲିକଙ୍କୁ ଜାରକିନରେ ତେଲ ମିଳୁ ନଥିବାରୁ ଚିନ୍ତାରେ ଏବେ ଚାଷୀ। ଆଗକୁ କରିବେ କଣ ବୋଲି ଭାଳେଣି ପଡ଼ିଲାଣି। ଆଗକୁ ଯଦି ଏପରି ପରିସ୍ଥିତି ଲାଗି ରହେ ଚଳିତ ବର୍ଷ ଖରିଫ ଚାଷ କିପରି କରିବେ ବୋଲି ଏବେଠାରୁ ମୁଣ୍ଡରେ ହାତ ଦେଇ ବସିଲେଣି ଚାଷୀ। ଆମେ ଏବିଷୟରେ ମାଥିଲି ଯୋଗାଣ ଅଧିକାରୀ ରାଜେଶ ସବରଙ୍କୁ ଯୋଗାଯୋଗ କରିବାରୁ ବାବୁଙ୍କ ନମ୍ବର ଟେମ୍ପରାରି ଆଉଟ ଅଫ ସର୍ଭିସ ବୋଲି କହୁଛି। ଯଦି ଏପରି ସ୍ଥିତିରେ ଯୋଗାଣ ଅଧିକାରୀଙ୍କ ସହିତ ଯୋଗାଯୋଗ ହୋଇ ନପାରିବ ତାହେଲେ କିପରି ଏପରି ସ୍ଥିତିକୁ ସାମ୍ନା କରିବ ଯୋଗାଣ ବିଭାଗ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଏହାକୁ ତୁରନ୍ତ ହସ୍ତକ୍ଷେପ କରି ସମାଧାନ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ମହିଳାଙ୍କ ଗଳିତ ଶବ ଜବତ

କୋଷାଗୁମୁଡା,୧୭।୫(ସମିସ): ଆଜି ସକାଳେ ବିଶେଷ ସୂତ୍ରରୁ ଖବର ପାଇ କୋଷାଗୁମୁଡା ଥାନାଧିକାରୀ ବଙ୍ଗୀ ମାଂଝୀ ଏଏସଆଇ ରାମଚନ୍ଦ୍ର ଖଣ୍ଡଗୋରୀଙ୍କ ସହ କୋଷାଗୁମୁଡାଠାରୁ ପଣ୍ଡୁଗୁଡା ଗ୍ରାମ ମଧ୍ୟରେ ଥିବା ନୀଳଗିରି ଜଙ୍ଗଲର ଟ୍ରେଞ୍ଚ ନାଳ ଉପରେ ଏକ ଗଳିତ ଶବକୁ ଉଦ୍ଧାର କରିବା ସହ ନବରଙ୍ଗପୁର ସାଇଣ୍ଟିଫିକ ଟିମକୁ ଖବର ଦେଇଥିଲେ। ଘଟଣା ଉପରେ ସାଇଣ୍ଟିଫିକ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ମୃତ ମହିଳା ହେଲେ ଧନାଇ ଗୌଡ଼(୭୫)। କୋଷାଗୁମୁଡା ସଦର କୁମ୍ଭାର ସାହିର ବୋଲି ଜଣାପଡିଛି। ଖବର ପାଇ ଭଣଜା କୃଷ୍ଣ ଗୌଡ଼(୫୨) ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିଛନ୍ତି। ଦୀର୍ଘ ଦିନରୁ ଧନାଇ ମାନସିକ ରୋଗାକ୍ରାନ୍ତ ଥିଲେ ବୋଲି ପରିବାର ଲୋକେ କହିଛନ୍ତି । କୃଷ୍ଣ ଗୌଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ କୋଷାଗୁମୁଡା ଥାନାଧିକାରୀ ଶ୍ରୀମତୀ ମାଂଝୀ ଥାନାରେ ଏକ ଅପମୃତ୍ୟୁ ମାମଲାରେ କେସ ନମ୍ବର ୬/୨୬ରେ ମାମଲା ରୁଜୁ କରିଥିବା କହିଛନ୍ତି।

## ଘର ଭିତରେ ଗାମୁଛାରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

ଉମରକୋଟ, ୧୭।୫ (ସମିସ): ବେକରେ ଗାମୁଛା ବାନ୍ଧି ଘର ଭିତରେ ଝୁଲି ପଡ଼ି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଆତ୍ମହତ୍ୟା କରିଥିବା ଯୁବକ ଜଣକ ହେଲେ ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ଯୁଭି ୫ ଗ୍ରାମର ମିଣ୍ଟୁ ବିଶ୍ୱାସ (୪୫)। ମିଳିଥିବା ସୂଚନା ଅନୁସାରେ, ମିଣ୍ଟୁ ଗତକାଲି ଅପରାହ୍ନ ୧ଟା ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ଘର ଭିତରେ ନିଆଁ ଲଗାଇ ଘର ଭିତରେ ଥିବା ଲୁହା ପାଇପରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହାର କିଛି ସମୟ ପରେ ମିଣ୍ଟୁଙ୍କ ଭାଇ ମନୋଜ ବିଶ୍ୱାସ ଘର ଭିତରୁ ଧୂଆଁ ବାହାରୁ ଥିବା ଦେଖି ଘର ଭିତରକୁ ପଶିଥିଲେ। ଘର ଭିତରେ ପଶି ଦେଖିଲେ ଯେ ମିଣ୍ଟୁ ଘର ଭିତରେ ଥିବା ଲୁହା ପାଇପରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। କାଳେ ବଞ୍ଚିଥିବ ଭାବି ତଳକୁ ଓହ୍ଲାଇଥିଲେ। କିନ୍ତୁ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ମିଣ୍ଟୁ ମୃତ୍ୟୁବରଣ କରିଥିଲେ। ଏହାପରେ ଗ୍ରାମବାସୀ ଆସି ନିଆଁ ଲିଭେଇଥିଲେ। ଏନେଇ ମନୋଜ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। କାଲି ସଂଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇ ପାରି ନଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଥାଉକି ପାରିବାରିକ ଝଗଡ଼ା ହୋଇ ମିଣ୍ଟୁଙ୍କ ମାନସିକ ଅବସ୍ଥା ଠିକ୍ ନଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତଦନ୍ତ ଭାର ଏସଆଇ ସଞ୍ଜୟ ମଣ୍ଡଳ ସମ୍ଭାଳିଛନ୍ତି।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ



ସେମିଳିଗୁଡ଼ା, ୧୭।୫(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସେମିଳିଗୁଡା ଭେଣ୍ଡିଂ ଜୋନଠାରେ ଜଳଛତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗତକାଲିର କାଳ ବୈଶାଖୀର ପ୍ରଭାବ ପରେ ଆଜି ରବିବାର ସକାଳଠାରୁ ପ୍ରବଳ ଗରମ ଓ ଗୁଳିଗୁଳି ଅନୁଭବ ହେଉଥିବା ବେଳେ ସାପ୍ତାହିକ ହାଟକୁ ପନିପରିବା କିଣିବାକୁ ଆସିଥିବା ଲୋକମାନଙ୍କୁ ବରିଷ୍ଠ ନାଗରିକଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଦହି ଓ ଲେମ୍ବୁ ପାଣିକୁ ବେଶ ଆନନ୍ଦ ସହକାରେ ପାନ କରୁଥିଲେ। ଏତଦ୍‌ବ୍ୟତୀତ ପନିପରିବା ବିକ୍ରୟ କରିବାକୁ ଖରାରେ ବସି ରହିଥିବା ମହିଳା ଓ ପୁରୁଷଙ୍କୁ ମଧ ଉକ୍ତ ଦହି ପାଣି ବରିଷ୍ଠ ନାଗରିକମାନେ ଯୋଗାଉଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରତାପଚନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ଭୁବନେଶ୍ୱର ପଟ୍ଟନାୟକ, ବରିଷ୍ଠ କର୍ମକର୍ତ୍ତା ଈଶ୍ୱରଚନ୍ଦ୍ର ଗୁରୁ, ପ୍ରଶାନ୍ତଚନ୍ଦ୍ର ବେହେରା, ନୀଳମଣି ନାୟକ, ସିଏଚପିକେ ପାତ୍ର ପ୍ରମୁଖ ଜଳଛତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ସହଯୋଗ କରିଥିଲେ। ସୁନାବେଡା ପୌରାଧକ୍ଷ ଡ଼ଃ ରାଜେନ୍ଦ୍ର କୁମାର ପାତ୍ର, କାଉନସିଲର ମମତା ରାୟଙ୍କ ସମେତ ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉକ୍ତ ଜଳଛତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# 'ଲାୟନ୍ସ ଅପରାଜିତା' ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ରାୟଗଡ଼ା,୧୭।୫(ସମିସ):



"ଆଜି ଏକ ସଫା ସ୍ଥାନ, କାଲିର ଏକ ସୁରକ୍ଷିତ ଭବିଷ୍ୟତ' ଏହି ମୂଳମନ୍ତ୍ର ସହିତ, ଲାୟନ୍ସ କ୍ଲବ୍ ରାୟଗଡ଼ ଅପରାଜିତା ରାୟଗଡ଼ ରେଳ ଷ୍ଟେସନ ଅଞ୍ଚଳରେ ଏକ ସ୍ୱଚ୍ଛ ଭାରତ ସ୍ୱଚ୍ଛତା ଅଭିଯାନ ସଫଳତାର ସହିତ ଆୟୋଜନ କରିଛି। ସୁସ୍ଥ, ପ୍ରଦୂଷଣମୁକ୍ତ ଏବଂ ରୋଗମୁକ୍ତ ସମାଜ ପାଇଁ ପରିବେଶକୁ ସଫା ରଖିବାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଲାୟନ୍ସ କ୍ଲବ ରାୟଗଡ଼ର ସଦସ୍ୟମାନେ ଲାୟନ୍ସ ସରଣ୍ୟ, ଲାୟନ୍ସ ଭେଙ୍କଟ ରମଣା, ଲାୟନ୍ସ ଏମ୍ ସତୀଶ କୁମାର, ଲାୟନ୍ସ ବିଜୟା ଆଚାର୍ଯ୍ୟ, ଲାୟନ୍ସ ମଣିକଣ୍ଠା, ଅଧକ୍ଷ ଲାୟନ୍ସ ଜି. ରାମ କୃଷ୍ଣ, ଭିପିଂ ଲାୟନ୍ସ ରଜିତା କୋରାଡା, ସଚିବ ଲାୟନ୍ସ ବି. ଅବନ୍ତି, କୋଷାଧକ୍ଷ ଲାୟନ୍ସ ପି. କଲ୍ୟାଣୀ ଏବଂ ଜେମ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ରାୟଗଡ଼ର ଛାତ୍ର ଏବଂ ସମ୍ମାନିତ ଅଧକ୍ଷ (ଲାୟନ୍ସ ଶେଷଗିରି)ଙ୍କ ସହିତ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ସେବା କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ବ୍ୟକ୍ତି ଏବଂ ଅତିଥିମାନେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଲାୟନ୍ସ ଅଶ୍ୱିନୀ ଦାଶ, ପ୍ରଥମ ଭିଡିଜି ଏମଜେଏଫ, ଲାୟନ୍ସ ପ୍ରସନ୍ନ କୁମାର ଗନ୍ତାୟତ (ଜେଡସି), ଲାୟନ୍ସ ଏସ.ବି. ପତି (ସଦସ୍ୟତା ଅଧକ୍ଷ), ଲୟନ୍ସ ଟି. ଜୟରାମ (କ୍ୱେଷ୍ଟ ଅଧକ୍ଷ), ଲୟନ୍ସ ଲାଲ ବିହାରୀ ଲେଙ୍କା (ସଭାପତି, ଲାୟନ୍ସ କ୍ଲବ ରାୟଗଡ),ଲୟନ୍ସ ପ୍ରତାପ ବାଉରୀ (ଉପସଭାପତି, ଲାୟନ୍ସ କ୍ଲବ ରାୟଗଡା), ଲୟନ୍ସ ରମେଶ ଗୁଲାନି,ଲୟନ୍ସ ବାବୁରାଓ (ସଭାପତି, ଲାଫ୍ଟର ୱାକର୍ସ କ୍ଲବ), ଲୟନ୍ସ ଗିରିଶ, ଲୟନ୍ସ ଉଦୟ ପଣ୍ଡା, ଏବଂ ଲୟନ୍ସ କୋରଡା ଭାଗୀରଥି (ଟାରାରୋପଣ ଅଧକ୍ଷ, ଲାୟନ୍ସ କ୍ଲବ ରାୟଗଡ) ଯୋଗ ଦେଇଥିଲେ।

# ଗାଁମୁହାଁ ଭାଲୁ; ଭୟରେ ଅଞ୍ଚଳବାସୀ



ନନ୍ଦାହାଣ୍ଡି,୧୭।୫(ସମିସ): ଖାଦ୍ୟ ଅନ୍ୱେଷଣରେ ଗାଁ ମଧ୍ୟରେ ଦଳ ଦଳ ହୋଇ ପ୍ରବେଶ କରୁଛନ୍ତି ଭାଲୁ। ଗତକିଛି ଦିନ ହେବ ପ୍ରତି ରାତ୍ରରେ ମେଣ୍ଟ୍ରି ପଞ୍ଚାୟତର ବାଦିଗୁଡା ଗ୍ରାମକୁ ଭାଲୁ ଖାଦ୍ୟ ଅନ୍ୱେଷଣ ପାଇଁ ଆସୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ଗାଁ ଭିତରକୁ ପ୍ରବେଶ କରି ରାତିତମାମ୍ ଗ୍ରାମ ଉପକଣ୍ଠରେ ଥିବା କାଜୁ, ପଣସ, କେନ୍ଦୁ, ଆମ୍ବ ଗଛ ମୂଳେ ଓ ଗାଁ ଭିତରେ ସକାଳ ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। କିଛିଦିନ ମଧ୍ୟରେ ଗାଁର ଏକ ଯୁବକ ଶୌଚ ପାଇଁ ଯାଇଥିବା ସମୟରେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାର ଦୃଶ୍ୟ ଦେଖି ଗାଁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ବାଦିଗୁଡା ଗାଁ ଦୁଇଟି ପାହାଡ ମଧ୍ୟରେ ଅବସ୍ଥିତ। ଗାଁର ଉତ୍ତର ଦିଗରେ ଫୋସ୍ପା ପାହାଡ ଦକ୍ଷିଣରେ ଧଣ୍ଡରା ପାହାଡ ଅବସ୍ଥିତ ଥିବାରୁ ଭାଲୁ ଗାଁ ମଧ୍ୟରେ ପ୍ରବେଶ କରି ଖାଦ୍ୟ ଅନ୍ୱେଷଣ କରିବା ସହ ଏ ପାହାଡରୁ ସେ ପାହାଡ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ରାତିରୁ ସୂର୍ଯ୍ୟଉଦୟ ପର୍ଯ୍ୟନ୍ତ ଯାତାୟାତ କରିବାପାଇଁ ଲୋକ ସାହସ କରିପାରୁନାହାନ୍ତି। ସେମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଭାଲୁମାନଙ୍କୁ କାବୁ କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ

କୋଷାଗୁମୁଡା,୧୭।୫(ସମିସ): କଂଗ୍ରେସ ମହିଳା ସମୃଦ୍ଧି ବିଲ୍‌କୁ ରାଜ୍ୟସଭାରେ ବିରୋଧ କରିବାକୁ ନେଇ ବିଜେପି ପକ୍ଷରୁ ଆଜି ଅପରାହ୍ଣରେ କୋଷାଗୁମୁଡା ଚଉଁରିଆ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅଞ୍ଚଳର ପ୍ରାୟ ଶତାଧିକ ମହିଳା ଯୋଗଦେଇ ନାରାବାଜୀ କରିଥିଲେ। ଫ୍ଲାଗ, ବ୍ୟାନର ଧରି ଗ୍ରାମ ପରିକ୍ରମା କରିଥିଲେ। ପରେ ଚଉଁରିଆଙ୍କ ମନ୍ଦିର ପ୍ରାଙ୍ଗଣରେ ଏହି ଜନ ଆକ୍ରୋଶ ସଭାରେ ନାରୀ ସମୃଦ୍ଧି ପେଥରେ କାହିଁକି କଂଗ୍ରେସ



ବିରୋଧୀ ହୋଇ ମହିଳାଙ୍କ ପ୍ରଗତିକୁ ବନ୍ଦ କରୁଛି ବୋଲି ବିଜେପି ମହିଳା ମୋର୍ଚ୍ଚା ନିନ୍ଦା କରିବା ସହ ଦୃଢ଼ ପ୍ରତିବାଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରି ଦାସ, ସାଂସଦ ପ୍ରତିନିଧି ସୁରେଶ ପାତ୍ର, ପ୍ରଦେଶ ଜନଜାତି ମେମ୍ବରସମନାଥ ପୂଜାରୀ, ଏସଟିଏସି ଜିଲ୍ଲା ଅଧକ୍ଷ ପଦ୍ମିନୀ ମାଝୀ, ଉପାଧକ୍ଷ ଲିଙ୍ଗରାଜ ଭତ୍ରା, ଜିଲ୍ଲା ବିଜେପି ମହିଳା ଶୋଭାନେତ୍ରୀ ମନ୍ଦିରା ନାୟକ, ଭୁବନେଶ୍ୱର ନାୟକ, ଦେବାନନ୍ଦ ପଟନାୟକ, ଧନୁର୍ଜୟ ବେହେରା, ହରେକୃଷ୍ଣ ପ୍ରଧାନ, ମଣ୍ଡଳ ସଭାପତି ବଳଦେବ ଭତ୍ରା, ପ୍ରଫୁଲ ଗୋରଡା, ପୋପି ପ୍ରଧାନ ପ୍ରମୁଖଙ୍କ ସହ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ।

# ମହିମା ସମାଜର ଅଖଣ୍ଡ ବ୍ରହ୍ମଯଜ୍ଞ



କୁନ୍ଦୁରା, ୧୭।୫(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଗୁଣ୍ଡାଳ ପଞ୍ଚାୟତ ଝୋଲାଗୁଡ଼ାଠାରେ ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ କୌପନଧାରୀ ମହିମା ସମାଜ ପକ୍ଷରୁ ଅଖଣ୍ଡ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସତ୍ୟ ମହିମା ଉପାସନା ପୀଠ ପକ୍ଷରୁ ସମବେଦ ବିଭୁ ପ୍ରାର୍ଥନା ସହ ଅଖଣ୍ଡ ବ୍ରହ୍ମଧ୍ୱନି ପ୍ରଜ୍ୱଳନ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀମତ ବୀଣାକର ବାବା, ଶ୍ରୀମତ ସୁମନ୍ତ ବାବା, ଶ୍ରୀମତ ସଦାନନ୍ଦ ବାବା, ତ୍ୟାଗୀ ତୁକାରାମ ଦାସ, ତ୍ୟାଗୀ ମନୋରଞ୍ଜନ ଦାସ, ତ୍ୟାଗୀ ସିଦ୍ଧେଶ୍ୱର ଦାସ ପ୍ରମୁଖ ପୂଜା କାର୍ଯ୍ୟରେ ନେତୃତ୍ୱ ନେଇଥିଲେ। ଏହି ଅବସରରେ କଳସ ଯାତ୍ରା, ଅଖଣ୍ଡ ଝାଡ଼ବତୀ ପ୍ରଜ୍ୱଳନ, ଯଜ୍ଞ, ପୂର୍ଣ୍ଣାହୁତି, ସପ୍ତାମୃତ ପଣା ଓ ବାଳଭୋଗ ବଣ୍ଟନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ସାଧୁସନ୍ଥ ଓ ମହିମା ସମାଜର ଶତାଧିକ ଭକ୍ତ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୂପୁ ଭତରା, ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ବ୍ଲକ ସଭାପତି ଧନୁର୍ଜୟ ଘିଉରିଆ, କୁନ୍ଦୁରା ସରପଞ୍ଚ ଲବ ପରଜା, ଗୁଣ୍ଡାଳ ସରପଞ୍ଚ ବାସନ୍ତୀ ମାଛ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀ ମିନରବାଲିଆ, ଶ୍ରୀକାନ୍ତ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର କୁଣ୍ଡୁ, ଅଚ୍ୟୁତ ବଡ଼ଭାଇ, ରଘୁ ପୂଜାରୀ, ରତ୍ନାକର କମାର, ପଦଲାମ ଖିଲ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ




ମାଥିଲି,୧୭।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉତ୍କଳମଣି ଗୋପବନ୍ଧୁ ସ୍ନାତକ ମହାବିଦ୍ୟାଳୟରେ କିସ କୋର କମିଟି ଜିଲ୍ଲା ସମ୍ପାଦକ ନରସିଂହ ନାୟକଙ୍କ ନେତୃତ୍ୱରେ ଆଜି ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି।ଏ ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆର.ସତ୍ୟ ନାରାୟଣ ରାଓ, ମୁଖ୍ୟବକ୍ତା ଭାବରେ ମହାବିଦ୍ୟାଳୟର ଉନ୍ନତୀକରଣ ଦାତା ତଥା ଚାଉଳମେନ୍ଦୀ ପଞ୍ଚାୟତର ସରପଞ୍ଚ ଜଳନ୍ଧର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ରାମଚନ୍ଦ୍ର ମାଛା, ମହାବିଦ୍ୟାଳୟ ଅଧକ୍ଷା ନିଳିମା ମହାନ୍ତି, ବରିଷ୍ଠ ଶିକ୍ଷା ଅଧ୍ୟାପକ ରତ୍ନାକର ସାହୁ ଓ ରଞ୍ଜନ କୁମାର ରାଉତ, ଅଧ୍ୟାପିକା ବବିତା ନାୟକ, ବିଶ୍ୱଜ୍ୟୋତି ନାୟକ ବରିଷ୍ଠ ସାମ୍ବାଦିକ ବାସୁଦେବ ଜେନା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର ସନ୍ତୋଷ କିର୍ଷାନିଙ୍କ ସନକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କର ଆମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା ହୋଇଥିଲା। ଆଜି ଆର୍ଟ ଅଫ ଗିଭିଂ ଦିବସ ୨୨୨ ଦେଶ ତଥା ଭାରତରେ ପଲ୍ଲୀଠାରୁ ଆରମ୍ଭ କରି ମହନଗରୀ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏଥିରେ ଜାତି,ଧର୍ମ, ଲିଙ୍ଗ,ଜନ୍ମ ସ୍ଥାନ,ଜାତୀୟତା, ବେଉସା, ବୟସ ନିର୍ବିଶେଷରେ ସମସ୍ତେ ସାମିଲ ହୋଇଛନ୍ତି। ତାହା ସହିତ ଛାତ୍ରଛାତ୍ରୀଙ୍କଠାରୁ ବରିଷ୍ଠ ନାଗରିକ, ପଲ୍ଲୀବାସୀ ବନବାସୀ, ସହରବାସୀ ଓ ନଗରବାସୀ ସମସ୍ତେ ଏକ ବିଚାରର ସୂତ୍ରରେ ବାନ୍ଧି ହୋଇଛନ୍ତି। ଯେଉଁ ବନ୍ଧନ ମୁକ୍ତ ହୃଦୟର ବନ୍ଦନା ଗାନ କରେ। ଜୀବନର ଜୟ ଗାନ କରେ ସଂକୀର୍ଣ୍ଣତାର ସୀମା ବିଲୋପ କରି ଅସୀମତାର ଆବାହନ କରେ। ଏହି ଦିବସ ଅବସରରେ ଅତିଥିଙ୍କ ଦ୍ୱାରା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଟି ସାର୍ଟ, ଡାୟରୀ ଓ ପେନ ସହିତ ଛାତ୍ରଛାତ୍ରୀଙ୍କୁ ଖେଳ ସାମଗ୍ରୀ ମଧ ବଣ୍ଟନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ମାଲକାନଗିରି ଜିଲ୍ଲା ସଦରସ୍ଥିତ ଆଓମା ଗୁରୁକୁଳରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲାଞ୍ଚ ଯାଚିଥିବା ବିଜେଡି କାଉନ୍‌ସିଲରଙ୍କ ନାମ ପ୍ରକାଶ କରନ୍ତୁ ଜୟପୁର ବିଧାୟକ: ରବି ନନ୍ଦ

ଜୟପୁର, ୧୭।୫(ସମିସ): ଜୟପୁର ପୌରସଂସ୍ଥା ପକ୍ଷରୁ ସହରର ସଫେଇ ଟେଣ୍ଡର ପାଇଁ ଏକ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ କାର୍ଯ୍ୟ ପ୍ରଦାନ କରିବା ନେଇ ଜୟପୁର ବିଧାୟକଙ୍କ ୧୫ ଲକ୍ଷ ଟଙ୍କା ଲାଞ୍ଚ ପ୍ରଦାନ ନେଇ ପ୍ରସ୍ତାବ ଦିଆଯାଇଥିଲା ଏବଂ ଏଥିରେ ବିଜେଡି ସମର୍ଥିତ ୭ ଜଣ କାଉନସିଲର ତାଙ୍କୁ ପ୍ରସ୍ତାବ ପ୍ରଦାନ କରିଥିବା ନେଇ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ତେଣୁ ଉକ୍ତ ବିଜେଡି କାଉନସିଲରଙ୍କ ନାମ ଘୋଷଣା କରନ୍ତୁ ଏବଂ ପ୍ରମାଣ ଦିଅନ୍ତୁ ବୋଲି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଆହ୍ୱାନ କରିଛନ୍ତି। ଏହିପରି ବିଜେଡି ଦଳର ଲୋକ ପ୍ରତିନିଧି ଏବଂ କର୍ମକର୍ତ୍ତାଙ୍କୁ ବଦନାମକୁ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀ ନନ୍ଦ ପ୍ରକାଶ କରିଛନ୍ତି। ଯଦି ଉକ୍ତ ବିଜେଡି ସମର୍ଥିତ କାଉନିସଲରମାନେ ବିଧାୟକଙ୍କୁ ଲାଞ୍ଚ ଯାଚିଥିଲେ, ତେବେ ବିଧାୟକ ଶ୍ରୀ ବାହିନୀପତି ସେମାନଙ୍କ ବିରୋଧରେ ଥାନାରେ ଏତଲା ପ୍ରଦାନ କରନ୍ତୁ ଏବଂ ନିଜ ଘରର ସିସିଟିଭି ଭିଡିଓ ପ୍ରକାଶ କରି ପ୍ରମାଣ ଉପସ୍ଥାପନ କରିନ୍ତୁ ବୋଲି ଶ୍ରୀ ନନ୍ଦ ଦାବି କରିଛନ୍ତି। ଏହି କାର୍ଯ୍ୟରେ ଯଦି କୌଣସି ବିଜେଡି ସମର୍ଥିତ କାଉନସିଲର ସଂଶ୍ଳିଷ୍ଟ ରହିଥିବେ ତେବେ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ସୂଚନାଯୋଗ୍ୟ, କିଛି ବିଜେଡି କାଉନସିଲର ଏକ ଠିକାସଂସ୍ଥାକୁ ସଫେଇ ଟେଣ୍ଡର ପ୍ରଦାନ ନେଇ ବିଧାକୟକଙ୍କୁ ସାକ୍ଷାତ କରିବା ସହିତ ୧୫ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ପ୍ରସ୍ତାବ ଦେଇଥିଲେ ବୋଲି ବିଧାୟକ ଶ୍ରୀ ବାହିନୀପତି ଗଣମାଧ୍ୟକୁ ସୂଚନା ଦେଇଥିଲେ। ଏହି ପ୍ରସଙ୍ଗକୁ ନେଇ ଜୟପୁର ରାଜନୀତି ଉଷ୍ମତା ବୃଦ୍ଧି ପାଇଥିବା ବେଳେ ଏହିପରି ନେତାଙ୍କ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପୌରସଂସ୍ଥାର ବିଜେଡି ସମର୍ଥିତ କାଉନସିଲରମାନେ ଟେଣ୍ଡର ପ୍ରଦାନରେ ଟେଣ୍ଡର ପ୍ରକ୍ରିୟାରରେ ବ୍ୟାପକ ଅନିୟମିତା ଓ ଦୁର୍ନୀତି କରାଯାଇଥିବା ଅଭିଯୋଗ ନେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହିତ ଏଥିନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେହିପରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏହାର ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ପୌରସଂସ୍ଥା ପକ୍ଷରୁ ଟେଣ୍ଡର ଲଟେରୀ ଉଠାଣ କରାଯାଇ ଠିକାସଂସ୍ଥାକୁ ତରବରିଆ ଭାବେ କାର୍ଯ୍ୟାଦେଶ ପ୍ରଦାନକୁ ନେଇ ସନ୍ଦେହକୁ ଦ୍ୱିଗୁଣିତ କରଛି।

# ବିମାରିପୁଟ ଦେଶୀ ମଦଭାଟିରେ ଚଢ଼ଉ

## ୮୦୦ ଲିଟର ପୋଚ ସହ ବିପୁଳ ସାମଗ୍ରୀ ଜବତ, ଜଣେ ଗିରଫ



ଲମତାପୁଟ/ନନ୍ଦପୁର, ୧୭।୫ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ନନ୍ଦପୁର ଥାନା ଅଧୀନ ବନମାଳିପୁଟ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରମେଶ ବିଶୋଇଙ୍କ ବିମାରୀପୁଟସ୍ଥିତ ଘରେ ସ୍ଥାପିତ ଦେଶୀମଦ ଭାଟିକୁ ନନ୍ଦପୁର ପୁଲିସ ଭାଙ୍ଗି ନଷ୍ଟ କରିଛି। ଭାଟିରେ ଥିବା ମଦରନ୍ଧା ଚୁଲିକୁ ଭାଙ୍ଗି ଏକାଧିକ ପ୍ଲାଷ୍ଟିକ ଡ୍ରମରେ ଥିବା ୮୦୦ ଲିଟରରୁ ଅଧିକ ପୋଚ ଢାଳି ନଷ୍ଟ କରିବା ସହ ସମିତିସଭ୍ୟ ରମେଶ ବିଶୋଇ (୫୪)ଙ୍କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ଥାନାରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗିରଫ ସେନ ବିଶୋଇ ବିମାରିପୁଟ ଗ୍ରାମରେ ଥିବା ତାଙ୍କ ନିଜସ୍ୱ ଘରେ ଦୀର୍ଘଦିନ ହେଲା ଦେଶୀମଦ ଭାଟି ସ୍ଥାପନ କରି ବିକ୍ରି କରୁଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଗ୍ରାମର ମହିଳାମାନେ ଅଭିଯୋଗ କରିଥିଲେ। ଅଭିଯୋଗ ଟିକେଟ କ୍ରମାଙ୍କ ସିଏମଓ୨୦୨୬୧୫୯୬୧୯୪ ପ୍ରକାରେ ପଞ୍ଜିକୃତ ହୋଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆସିଥିଲା। ଏସପି ଓ ନନ୍ଦପୁର ଏସଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶ ମୁତାବକ ନନ୍ଦପୁର ଥାନାଧିକାରୀ ଅଭିଯୋଗର ତଦନ୍ତ କରି ଭିମାରିପୁଟ ଗ୍ରାମରେ ସ୍ଥିତ ସେନ ବିଶୋଇଙ୍କ ଘରେ ଚଢ଼ାଉ କରିଥିଲେ। ଗ୍ରାମବାସୀଙ୍କ ସମ୍ମୁଖରେ ପୋଲିସ ଦଳ ମଦରନ୍ଧା ଭାଟିର ଚୁଲା ଭାଙ୍ଗିବା ସହ ଏକାଧିକ ଡ୍ରମରେ ଥିବା ୮୦୦ ଲିଟର ପୋଚକୁ ଢାଳି ନଷ୍ଟ କରିଥିଲେ। ୭୦ ଲିଟରରୁ ଉର୍ଦ୍ଧ ବିକ୍ରି ପାଇଁ ଗଚ୍ଛିତ ରନ୍ଧାମଦ ଜବତ କରିଥିଲେ। ଚଢ଼ଉ ଦଳରେ ଥାନାଧିକାରୀଙ୍କ ସମେତ ଏସଆଇ ଜ୍ୟୋତିମୟୀ ଶବର ପୁଲିସ ଓ ଆଇଆରବିଏନ୍ ଯବାନ ସାମିଲ ଥିଲେ।

# ଜିଲ୍ଲା କିନ୍ନର ସଂଘ ପକ୍ଷରୁ ସାବିତ୍ରୀ ବ୍ରତ



ନବରଙ୍ଗପୁର, ୧୭।୫(ସମିସ): ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘ ପକ୍ଷରୁ ବିନାୟକ ଭବନରେ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ଉକ୍ତ ପୂଜାରେ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା କିନ୍ନରମାନେ ଯୋଗ ଦେଇ ଜଗତ କଲ୍ୟାଣ ନିମନ୍ତେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସାବିତ୍ରୀ ପୂଜା ସମୟରେ ସଙ୍ଘର ସଭାପତି କାଜଲ କିନ୍ନର, ସମ୍ପାଦକ ଚୁମକି କିନ୍ନର, ସହସମ୍ପାଦକ ପ୍ରୀତି କିନ୍ନର, ଶ୍ରୁତି, ଲକ୍ଷ୍ମୀ, ଅନିତା, ମେହେନ୍ଦି, ଏଲିନା, ଶିବାନୀ, କବିତା, ସୁବର୍ଣ୍ଣ, ଇପିଶିତା ସମେତ ଜିଲ୍ଲାର କୋଣ ଅନୁକୋଣରୁ ଅନେକ କିନ୍ନର ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ସଂଘର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ମହାପାତ୍ର, ଆଇନ ପରାମର୍ଶଦାତା ଅଧିବକ୍ତା ରାମପ୍ରସାଦ ପାତ୍ର ଏବଂ ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏମ.ବାଲା କୃଷ୍ଣ ରାଓ, ସଂଘର ଉପଦେଷ୍ଟା ଶର୍ମିଷ୍ଠା ଦେଓ, କିଶୋରୀ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଇଂ ଚନ୍ଦନା ମଲ୍ଲିକ, ଅଧ୍ୟାପକ ଅଖିଳ ଭଟ୍ଟ, ଦୁର୍ଗା ପାଢ଼ୀ, ନିନି ବାବୁ ତ୍ରିପାଠୀ ସମେତ ଅନ୍ୟ ସମସ୍ତ ସଦସ୍ୟ ସଂଘର ଏହି ପୂଜା ନେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କାଳବୈଶାଖୀ ପ୍ରଭାବରେ ଗଛ ପଡ଼ି ରାସ୍ତା ଅବରୋଧ



ନନ୍ଦପୁର,, ୧୭।୫(ସମିସ): ଗତକାଲି ରାତିରେ ନନ୍ଦପୁର ବ୍ଲକ ଅଧୀନସ୍ଥ ବାଲଡା ପଞ୍ଚାୟତର ସୋପୁଟ ଗ୍ରାମରେ ଏକ ବିରାଟ ପଣସ ଗଛ କାଳବୈଶାଖୀ ପ୍ରଭାବରେ ଉପୁଡି ପଡିଥିଲା। ଗଛଟି ସୋପୁଟ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖ ରାସ୍ତା ଉପରେ ପଡ଼ିଯାଇଥିବାରୁ ଗ୍ରାମକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଫଳରେ ଗ୍ରାମବାସୀ ବହୁ ସମୟ ଧରି ଯାତାୟାତ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ନନ୍ଦପୁର ଅଗ୍ନିଶମ ବାହିନୀର କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱରେ ମୁଖ୍ୟ ଅଗ୍ନିଯୋଦ୍ଧା ଚିନ୍ନା ରେଡ୍ଡୀ, ଅଗ୍ନିଯୋଦ୍ଧା ପ୍ରକାଶ କିଷାନ, ଥବିର ଭୋଇ, କିରଣ କୁମାର ମହାରଣା, ଜଗନ୍ନାଥ ଦଳାଇ ଏବଂ ଗାଡ଼ି ଚାଳକ ଏସ୍. ପଣ୍ଡା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସକାଳ ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ଗଛ କାଟି ରାସ୍ତାରୁ ହଟାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲା। ସୂଚିତ ଯେ ଗତକାଲି ଗୋଲୁର୍ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଡା ଓ ଖୁଡୁବ ଗ୍ରାମରେ ଦୁଇଜଣଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ପାଡୁଆର ଏକ ଚାହା ଦୋକାନ ଉପରେ ଗଛ ପଡ଼ିବା ଦ୍ୱାରା ଦୋକାନ ଓ ଦୋକାନ ସମ୍ମୁଖରେ ରଖାହୋଇଥିବା ଦୁଇଟି ବାଇକ୍ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲା।

# ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ



ନନ୍ଦପୁର, ୧୭।୫(ସମିସ): ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷରୁ ନନ୍ଦପୁର ବ୍ଲକ ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ନନ୍ଦପୁରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଗୋପାଳ ବେହେରା, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକ, ଲାଲବାହାଦୁର ଚୌଧୁରୀ, ଶକ୍ତିପ୍ରସାଦ ପାତ୍ର, ଆନନ୍ଦ ରାଓ, ଏ.ଲୋକ ନାଥ, ମହେନ୍ଦ୍ର କୁମାର ନାୟକ, ସାମାଜିକ କର୍ମୀ ମୁନା ଦଳପତି, ବିଷ୍ଣୁ ପାଲି, ରମେଶ କୁମାର ଚୌଧୁରୀ ଦେବଜିତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ଶ୍ରୀ ପାଙ୍ଗି ଏକା ସାଙ୍ଗରେ ସାମ୍ବାଦିକତା ଓ ଆଇନଜୀବୀ ଭାବେ ଅଞ୍ଚଳରେ ସୁନାମ ରଖିବା ନେଇ ସ୍ୱର୍ଗତ ବିଶ୍ୱଜିତଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ରାଜସ୍ୱନିରୀକ୍ଷକ ଶ୍ରୀ ନାୟକ ତାଙ୍କ ଅକାଳ ବିୟୋଗ ନେଇ ଗଭୀର ଶୋକ ପ୍ରକାଶ କରିଥିଲେ। ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା ପରିଚାଳନା କରିଥିବା ବେଳେ ପ୍ରେସ କ୍ଲବ୍ ସମ୍ପାଦକ ରମେଶ କୁମାର ଅଧିକାରୀ ତାଙ୍କ ପରିବାରଙ୍କୁ ମହାପ୍ରଭୁ ଅସୀମ ଶକ୍ତି ପ୍ରଦାନ କରିବା ପାଇଁ ପ୍ରାର୍ଥନା କରିଥିଲେ। ପ୍ରେସ କ୍ଲବ୍ ଉପସଭାପତି ବିମଳ ରାଓ ସ୍ମିଥ, ଉଗ୍ରସେନ ଗୁଣ୍ଟା, ବଳରାମ ଭାଇ ପ୍ରମୁଖ ସହଯୋଗ କରିଥିଲେ।

● କଲଭର୍ଟ ନିର୍ମାଣ କାର୍ଯ୍ୟରେ ବାଧକ

# ଗାଁ ମଝିରେ ମୂଳଦୁଆ ଗାତ; ଯାତାୟାତ ବାଧାପ୍ରାପ୍ତ



ନବରଙ୍ଗପୁର/ନନ୍ଦାହାଣ୍ଡି, ୧୭।୫(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମେରନାସ ଗ୍ରାମ ସୌରା ସାହିରେ କଲଭର୍ଟ ନିର୍ମାଣ ପାଇଁ ପାଞ୍ଚ ମାସ ତଳେ ଯନ୍ତ୍ରୀ ମୂଳଦୁଆ ଗାତ ଖୋଳାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ତ ଦୂରର କଥା ଆରମ୍ଭ ବି ହୋଇ ପାରିନାହିଁ। ଯଦ୍ୱାରା ସ୍ଥାନୀୟ ଲୋକ ଯାତାୟତ ପାଇଁ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ଜମି ମଧ୍ୟକୁ ଦେଇ ଡାଇଭର୍ସନ ରାସ୍ତା କରାଯାଇଛି ଯାହାକି ସାମାନ୍ୟ ବର୍ଷା ହେଲେ ବାଇକ ଚଳାଚଳ ମଧ୍ୟ କଷ୍ଟ ହେଉଛି। ଆଗକୁ ଯେହେତୁ ବର୍ଷା ଋତୁ ଥିବା ଯୋଗୁଁ ଜମିରେ ପାଣି ଭରିଯିବ ଏବଂ ଯାତାୟାତ ସମ୍ପୂର୍ଣ ଠପ୍ ହୋଇଯିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବାନୁସାରେ, କଲଭର୍ଟ ପାଇଁ ପାଞ୍ଚ ମାସ ତଳେ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୂଳଦୁଆ ଓ ସୁଚନଫଳକ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଠିକା କାମକୁ କେନ୍ଦ୍ରକରି ସ୍ଥାନୀୟ ୱାର୍ଡସଭ୍ୟ ଯୁଧିଷ୍ଠିର ହରିଜନ ସୂଚନାଫଳକକୁ ଭାଙ୍ଗିବା ସହ ବିଭ୍ରାଟ ସୃଷ୍ଟି କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ଫେବୃଆରୀରେ ନିର୍ବାଚିତ ସରପଞ୍ଚ କମଳା ପୂଜାରୀ ଆସ୍ଥା ଭୋଟରେ ପରାସ୍ତ ହୋଇ ପଦଚ୍ୟୁତ ହୋଇଥିଲେ। ବର୍ତ୍ତମାନ ନାଏବ ସରପଞ୍ଚ କନକ ପାଇକ ସରପଞ୍ଚ ଦାୟିତ୍ୱରେ ଅଛନ୍ତି। ପୂର୍ବ ସରପଞ୍ଚ ମଞ୍ଜୁର କରିଥିବା ପ୍ରକଳ୍ପକୁ ନୂତନ ସରପଞ୍ଚ ରଦ୍ଦ କରିଛନ୍ତି ବୋଲି ସ୍ଥାନୀୟ ଲୋକ ଗମ୍ଭୀର ଆରୋପ କରିଛନ୍ତି। ଏ ବାବଦରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭିଷେକ ବାଘକୁ ପଚାରିବାରୁ କହିଛନ୍ତି ଯେ ଉକ୍ତ ପ୍ରକଳ୍ପ ପାଇଁ ଦୁଇ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ଯାହା କି ଅତିଶୀଘ୍ର ସମ୍ପୂର୍ଣ କରାଯିବ। ପ୍ରକୃତରେ ଲେଆଉଟ୍ ଦେବା ସମୟରେ ପଞ୍ଚମ ଆର୍ଥିକ କମିଶନ ପାଣ୍ଠିରୁ କଲଭର୍ଟ ଓ ଗାର୍ଡୱାଲ୍ ପାଇଁ ପାଞ୍ଚ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା କିନ୍ତୁ ଏବେ କେମିତି ତାହା ଦୁଇ ଲକ୍ଷ ଟଙ୍କା ହେଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ କହୁଥିବା ଅଟକଳ ମୂଲ୍ୟ ଦୁଇ ଲକ୍ଷ ଟଙ୍କା ଓ ମୂଳଦୁଆ ଦେଇଥିବା ଯନ୍ତ୍ରୀଙ୍କ ମତ ତାଳମେଳ ରହୁ ନଥିବା ଜଣାପଡ଼ିଛି।

# ନାବାଳିକାଙ୍କୁ ବିବାହ ଓ ପ୍ରତାରଣା; ଅଭିଯୁକ୍ତ ଗିରଫ



ଜୟପୁର,୧୭।୫(ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ଥାନାଞ୍ଚଳର ଜଣେ ୧୭ ବର୍ଷିଆ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିବା ସହ ଜୋରଜବରଦସ୍ତ ବିବାହ ପରେ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇଛି। ଘରରୁ ମାଡ଼ମାରି ବାହାର କରିଦେବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଜୟପୁର ମହିଳା ଥାନା ପୁଲିସ ଏକ ମାମଲା ରୁଜୁକରି ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛି କୋଟପାଡ ଥାନା ବାସ୍ତାମ୍ବା ଗ୍ରାମର ଅଜୟ ନାୟକ (୨୧)। ପୁଲିସ ସୂଚନା ଅନୁଯାୟୀ, ୨ ବର୍ଷ ପୂର୍ବରୁ ନାବାଳିକା ଯୁକ୍ତ ୨ ଶ୍ରେଣୀରେ ପାଠ ପଢୁଥିବା ବେଳେ ପ୍ରେମିକ ଅଭିଯୁକ୍ତ ଅଜୟ ତାଙ୍କ ସହ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା। କିଛି ଦିନ ପରେ ନାବାଳିକାଙ୍କ ଗ୍ରାମର ପହଞ୍ଚି ଉକ୍ତ ନାବାଳିକାଙ୍କୁ ନିଜ ଘରକୁ ନେଇଯାଇ ପତ୍ନୀ ଭାବେ ରଖିବା ନେଇ ଗ୍ରାମରେ ପାଟିତୁଣ୍ଡ କରିଥିଲା। ଶେଷରେ ନାବାଳିକାଙ୍କ ପରିବାର ଓ ଗ୍ରାମବାସୀ ଏବଂ ଅଭିଯୁକ୍ତଙ୍କ ପରିବାର, ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ମାଧ୍ୟମରେ ନାବାଳିକାଙ୍କୁ ଉକ୍ତ ଯୁବକଙ୍କ ସହିତ ବିବାହ କରାଯାଇଥିଲା। କିଛି ନାବାଳିକା ଅଭିଯୁକ୍ତଙ୍କ ଗ୍ରାମରେ ତାଙ୍କ ଘରରେ ରହିବା ପରେ ଅଭିଯୁକ୍ତ ଯୁବକ ଏବଂ ତାଙ୍କ ପରିବାର ପକ୍ଷରୁ ନାବାଳିକାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇ ଘରରୁ ବାହାର କରିଦିଆଯାଇଥିଲା। ଶେଷରେ ନାବାଳିକା ନିଜ ବାପ ଘରକୁ ଫେରିବା ସହିତ ନିରୁପାୟ ହୋଇ ମହିଳା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ ବୋଲି ଥାନାଧିକାରୀ ଆଶ୍ରିତା ଖାଲକୋ ପ୍ରକାଶ କରିଛନ୍ତି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

# ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ହାସଲ



କୋରାପୁଟ,୧୭।୫(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଦ୍ୱାରା ହାଇଦ୍ରାବାଦର ଜିଏମସି ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଆୟୋଜିତ ୨୫ତମ ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ର ରିତେଶ ମେହେର ରୌପ୍ୟ ପଦକ ହାସଲ କରି ଇତିହାସ ରଚିଛନ୍ତି। ଓଡ଼ିଆ ବିଭାଗ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିବା ରିତେଶ ୧୦୦ ମିଟର୍ ବଟରଫ୍ଲାଏ ସନ୍ତରଣ ପ୍ରତିଯୋଗିତାକୁ ମାତ୍ର ଏକ ମିନିଟ୍ ୫୫ ସେକେଣ୍ଡରେ ସଫଳତାର ସହ ସମାପନ କରିଥିଲେ। ମାତ୍ର ୨ ସେକେଣ୍ଡ ପାଇଁ ସେ ସ୍ୱର୍ଣ୍ଣ ପଦକ ହାସଲ କରିବାରୁ ବଞ୍ଚିତ ହୋଇଥିଲେ। ବରଗଡ଼ ଜିଲ୍ଲାର 'ଚକରକେନ୍ଦ ଗ୍ରାମରେ ଜନ୍ମିତ ରିତେଶ ବାଲ୍ୟ ଅବସ୍ଥାରୁ ବିଭିନ୍ନ ସମସ୍ୟା ସତ୍ତ୍ୱେ ଅଖଣ୍ଡ ନିଷ୍ଠା ଓ ଦୃଢ଼ ମନୋବଳ ଯୋଗୁଁ ଅସାଧ୍ୟ ସାଧନ କରିପାରିଛନ୍ତି। ଭବିଷ୍ୟତରେ ତାଙ୍କୁ ଯଦି ସରକାରୀ ଏବଂ ବେସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବ, ସେ ନିଶ୍ଚିତ ଭାବେ ଦେଶ ତଥା ରାଜ୍ୟ ପାଇଁ ଅଲିମ୍ପିକ୍ ଓ ବିଭିନ୍ନ ଅନ୍ତର୍ଜାତୀୟ ସନ୍ତରଣ କ୍ରୀଡ଼ା ପ୍ରତିଯୋଗିତାରେ ଗୌରବ ଆଣିବାର ଆଶା ଓ ସ୍ୱପ୍ନ ରଖିଥିବା କହିଛନ୍ତି। ଏହି ସଫଳତା ଅନ୍ୟ ବିଦ୍ୟାର୍ଥୀଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଶ୍ରୀ ମେହେରଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ବକ୍ତବ୍ୟ ରଖିଛନ୍ତି।

# କୁନ୍ଦୁଲୀ ଗୁରୁକୁଳ ଆଶ୍ରମରେ ସଂସ୍କାର ସ୍ୱାବଲମ୍ବନ ଲଘୁ ଗୁରୁକୁଳ ଶିବିର ଉଦ୍‌ଯାପିତ



ସେମିଳିଗୁଡ଼ା, ୧୭।୫(ସମିସ): ସେମିଳିଗୁଡା ବ୍ଲକ ଅନ୍ତର୍ଗତ କୁନ୍ଦୁଲୀସ୍ଥିତ ଆଦିମ ଗୁରୁକୁଳ ଆଶ୍ରମରେ ଏକ ଚାରିଦିନିଆ ଗ୍ରୀଷ୍ମକାଳୀନ ସଂସ୍କାର ସ୍ୱାବଲମ୍ବନ ଲଘୁ ଗୁରୁକୁଳ ଶିବିର ଅନୁଷ୍ଠିତ ହୋଇ ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଟାଙ୍ଗୀ ବିଧାୟକ ତଥା କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଆଶ୍ରମର ପରିଚାଳନା କମିଟିର ସଭାପତି ଆନନ୍ଦ ପାଟୱାନିଆ, ଉପସଭାପତି ସୁନୀଲ ଅଗ୍ରୱାଲ, କାର୍ଯ୍ୟକାରିଣୀ ସଦସ୍ୟ ଶିକ୍ଷାବିତ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ। କୋଷାଧ୍ୟକ୍ଷ ଡକ୍ଟର ଜଳେନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଆଶ୍ରମର ଆଚାର୍ଯ୍ୟ ମନୁଦେବ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏପରି ଶିବିର ଆଗକୁ ଆୟୋଜନ କରି ପିଲାଙ୍କୁ ସଂସ୍କାର, ସଂସ୍କୃତି, ବ୍ୟବହାର, ଆତ୍ମନିର୍ଭରଶୀଳତା ଶିଖାଇବା ପାଇଁ ବକ୍ତାମାନେ ମତପ୍ରକାଶ କରିଥିଲେ। ହାଲର କର୍ମକର୍ତ୍ତା ଓ କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ପିଲାମାନଙ୍କୁ ବହି ଖାତା ପ୍ରଦାନ କରିଥିଲେ। ଶ୍ରୀମତୀ ପାଟୱାନିଆ, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର, ଅର୍ଜୁନ ବାଙ୍କା, ଶୁକ୍ରା ଭାଇ ପ୍ରମୁଖଙ୍କ ସହ ସମସ୍ତ ଛାତ୍ରଙ୍କ ଅଭିଭାବକ ଯୋଗଦେଇଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଏନ୍‌ସିସି ଓଡ଼ିଶା ୧୫ତମ ବାଟାଲିୟନର ପ୍ରଶିକ୍ଷଣ ଶିବିର





ଜୟପୁର, ୧୭।୫(ସମିସ): କୋରାପୁଟ ଜୟପୁରସ୍ଥିତ ସମର ଶିକ୍ଷାର୍ଥୀ ବାହିନୀ ୧୫ତମ ଓଡିଶା ବ୍ୟାଟାଲିୟନ୍ ଏନ୍‌ସିସି ପକ୍ଷରୁ ୧୦ ଦିନିଆ ବାର୍ଷିକ ପ୍ରଶିକ୍ଷଣ ଶିବିର (ଏଟିସି କ୍ୟାମ୍ପ) ଆଜିଠାରୁ ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ଶିବିରରେ କୋରାପୁଟ, ରାୟଗଡା ଏବଂ ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟଓ ବିଦ୍ୟାଳୟରମୋଟ ୩୬୮ ଜଣ ଏନସିସି ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ପ୍ରଥମ ଥର ପାଇଁ ଜୟପୁରଠାରେ ଆୟୋଜିତ ଶିବିରର ଏନସିସି ଛାତ୍ରୀ ବାହିନୀର କ୍ୟାଡେଟ ଯୋଗଦାନ କରିଛନ୍ତି। ଶିବିରଟି ୧୫ତମ ବାଟାଲିୟନ କମାଣ୍ଡିଂ ଅଫିସର ଲେଫ୍‌ଟେନାଣ୍ଟ କର୍ଣ୍ଣଲ ପ୍ରୀତିରଞ୍ଜନ ଦାଶଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି। ଏହି ଶିବିରରେ ଶୃଙ୍ଖଳା, ନେତୃତ୍ୱ ଗୁଣ, ଦେଶପ୍ରେମ, ଡ୍ରିଲ୍, ମାନଚିତ୍ର ପଠନ, ଶାରୀରିକ ପ୍ରଶିକ୍ଷଣ, ଯୋଗାଭ୍ୟାସ, ସାମାଜିକ ସଚେତନତା ସହିତ ବନ୍ଧୁକରେ ଗୁଳିଚାଳନା ତାଲିମ ଓ ବିଭିନ୍ନ ସାମରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେହିପରି ଏନ୍‌ସିସି କ୍ଷେତ୍ରରେ ନାରୀ ସଶକ୍ତୀକରଣ ଓ ଯୁବତୀମାନଙ୍କ ମଧ୍ୟରେ ଦେଶସେବାର ମନୋଭାବ ବୃଦ୍ଧିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଶିବିରରେ ଏଏନଓ କ୍ୟାପେଟନ ଡ. ଲକ୍ଷ୍ମଣ ପାତ୍ର, ଲେଫ୍‌ଟେନାଣ୍ଟ ଉଦୟ ନାୟକ, ମଦନ ମୋହନ ଓଝା, ଡି. ଉଦୟ ଭାସ୍କର ରାଓ, ଡମ୍ବୁରୁଧର ତ୍ରିପାଠୀ, ସଞ୍ଜୟ କୁମାର ପାଢ଼ୀ, ଭୀମ ବେହେରା ଏବଂ ଗୁପ୍ତେଶ୍ୱର ସାହୁ ପ୍ରମୁଖ ଏଏନଓମାନେ ଶିବିର ପରିଚାଳନା ଓ କ୍ୟାଡେଟ୍‌ଙ୍କ ପ୍ରଶିକ୍ଷଣରେ ସହଯୋଗ କରୁଛନ୍ତି। ସେହିପରି ପିଆଇ ଷ୍ଟାଫ୍ ଭାବେ ସୁବେଦାର ପବନ କୁମାର, ସୁବେଦାର ଜଗଦୀଶ ପ୍ରସାଦ, ହାବିଲଦାର ମାନକ ଚାନ୍ଦ, ହାବିଲଦାର ବିକ୍ରମ ସିଂହ, ହାବିଲଦାର ଓବର ସିଂହ, ହାବିଲଦାର ହରପ୍ରୀତ ସିଂହ, ହାବିଲଦାର ଅମରଜିତ ଯାଦବ, ହାବିଲଦାର ରମଣ ସିଂହ ଏବଂ ଏନସିଇ ଦେବେନ୍ଦ୍ର ଥାପା ପ୍ରମୁଖ କ୍ୟାଡେଟ୍‌ଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ବିଶ୍ୱବିଦ୍ୟାଳୟର ବରିଷ୍ଠ ସହାୟକ ମନୋରଞ୍ଜନ ବାରିକ, କନିଷ୍ଠ ସହାୟକ ସୁଜିତ କୁମାର ଜାନୀ ଶ୍ରୀଧର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ନେଉଟିଆ କିଆରୀ ପାଲଟିଛି ଜଗତସିଂହପୁର-ଆଲିପିଙ୍ଗଳ ରାସ୍ତା

# ସୁଧୁରୁନି ଦୁରବସ୍ଥା; ହୀନସ୍ତା ଭୋଗୁଛନ୍ତି ଯାତ୍ରୀ

**ଜଗତସିଂହପୁର, ୧୭।୫(ସମିସ)**



**ଲୁଟି ଖାଉଛନ୍ତି ଯନ୍ତ୍ରୀ ଓ ଠିକାଦାର**

ଜଗତସିଂହପୁର ରାସ୍ତା ଓ ଗୃହନିର୍ମାଣ ବିଭାଗ ଅଧୀନରେ ଥିବା ଜଗତସିଂହପୁର ପୋଷ୍ଟ ଅଫିସ ଠାରୁ ଆଲିପିଙ୍ଗଳ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ନିୟମିତ ବ୍ୟବଧାନରେ ମରାମତି ଓ ନବୀକରଣ କରାଯାଇ ଆସୁଛି। ହେଲେ କାମ ସରିବାର ଦିନ କେଇଟା ମଧ୍ୟରେ କେଉଁଠି ରାସ୍ତାରୁ ପିଚୁ ଉଠିଯାଉଛି ତ ଆଉ କେଉଁଠି ଗର୍ତ୍ତ ସୃଷ୍ଟି ହୋଇ ଗମନାଗମନ ବାଧାପ୍ରାପ୍ତ ହେଉଛି। ଗତ ୨୦୨୪ ମସିହାରେ ଏହି ରାସ୍ତାର ପୋଷ୍ଟଅଫିସ ଛକ ଠାରୁ ଅତାମଳା ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ଏବେ କିନ୍ତୁ ପୋଷ୍ଟଅଫିସ ଛକ, ପବ୍ଲିକ୍ ସ୍କୁଲ, ଜୟବଡ଼ ଛକ ସମେତ ଅନେକ ସ୍ଥାନରେ ଉକ୍ତ ରାସ୍ତାରେ ପିଚୁ ଉଠିଯାଇ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଗଲାଣି। ଯାହାଦ୍ୱାରା ଗମନାଗମନରେ ଅସୁବିଧା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଗତ ୨୦୨୫ ମାର୍ଚ୍ଚ ମାସରେ ଅତାମଳା ଠାରୁ କାଠପୋଲ ପର୍ଯ୍ୟନ୍ତ ୨ କିମି ରାସ୍ତା ପିଚୁ କରାଯାଇଥିଲା। ହେଲେ ୨୪ ଘଣ୍ଟା ନ ପୂରୁଣୁ ଅତାମଳା ନିକଟରେ ଗୋଡ଼ ମାରିଦେଲେ ଫଡ଼ା ଫଡ଼ା ହୋଇ ପିଚୁ ଛାଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଅବଶ୍ୟ ଏହାକୁ ମରାମତି କରାଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା।

ଏଠାରେ ସୂଚନାଯୋଗ୍ୟ ବର୍ଷକୁ ପ୍ରାୟତଃ ୩/୪ ଥର ଏହି ରାସ୍ତାର ମରାମତି କରାଯାଇଥାଏ। ମରାମତି ଆଳରେ ରାସ୍ତାରେ ହୋଇଥିବା ଖାଲଖମାକୁ କେବଳ ଧର୍ମକୁ ଆଖିଠାର ମାରିବା ଭଳି ପ୍ୟାଚ୍ କରାଯାଏ ଯାହାକି ଅସରାଏ ବର୍ଷାରେ ପୂର୍ବ ଅବସ୍ଥାକୁ ଫେରିଆସେ। କିଛିବର୍ଷ ପୂର୍ବେ ଏହି ରାସ୍ତାର ଏକ ବଡ଼ ଅଂଶକୁ କଂକ୍ରିଟ ଢଳେଇ କରାଯାଇଥିଲା। ହେଲେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାରୁ ଦିନ କେଇଟା ପରେ ସିମେଣ୍ଟ ଅଂଶ ଧୋଇଯାଇ ମେଣ୍ଟାଲ ସବୁ ବାହାରି ପଡ଼ିଥିଲା। ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ପୁଣି ଥରେ ରାସ୍ତା ମରାମତି ହୋଇଥିଲା। କିଛି ମାସ ତଳେ ଏହି ରାସ୍ତାର କେତେକ ସ୍ଥାନରେ ପିଚୁ ଏବଂ ବଜ୍ରି ପକାଇ ମରାମତି କରାଯାଇଥିଲା। ହେଲେ ଏହା ଏବେ ସମ୍ପୂର୍ଣ୍ଣ ଉଠିଯାଇ ପୁଣି ଗର୍ତ୍ତ ସୃଷ୍ଟି ହୋଇଛି। ଜଗତସିଂହପୁରରୁ ଭୁବନେଶ୍ୱର ଓ ପୁରୀ ପ୍ରଭୃତି ସ୍ଥାନକୁ ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ କରିଥାଏ। ସେହିପରି ସୋମନାଥ ହାଟ, ଜଗତସିଂହପୁର ବ୍ଲକ, ଜଗତସିଂହପୁର ତହସିଲ, ଜଗତସିଂହପୁର କାରାଗାର, ଆଲିପିଙ୍ଗଳରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗ କାର୍ଯ୍ୟାଳୟ ପ୍ରଭୃତିକୁ ଏହି ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଏହାଛଡା ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଏହି ରାସ୍ତାରେ ସ୍କୁଲ ଏବଂ କଲେଜକୁ ଯିବା ଆସିବା କରିଥାନ୍ତି। ଏସବୁ ଦୃଷ୍ଟିରୁ ଏହା ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ଗଣାଯାଇଥାଏ। ତେଣୁ ଏହି ରାସ୍ତାର ନବୀକରଣ କିମ୍ବା ମରାମତି ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଅଧିକ ଯତ୍ନବାନ ହେବାକୁ ସାଧାରଣରେ ଦାବି କରାଯାଇଛି। ଆଗକୁ ବର୍ଷାଦିନ ଆସୁଥିବାରୁ ଯଥାଶୀଘ୍ର ଏହି ବ୍ୟସ୍ତବହୁଳ ରାସ୍ତାର ନବୀକରଣ କରିବା ଜରୁରୀ ହୋଇପଡ଼ିଛି।

## ବରିମୂଳ ଗ୍ରାମରେ ଅଗ୍ନିକାଣ୍ଡ

**ବାଲିକୁଦା, ୧୭।୫(ସମିସ):** ବାଲିକୁଦା ତହସିଲ ଅନ୍ତର୍ଗତ ତିତିରା ପଞ୍ଚାୟତ ବରିମୂଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଯୁଧିଷ୍ଠିର ଦାସଙ୍କ ୪ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନକାଣ୍ଡରେ ଧାନ, ଚାଉଳ, ଲୁଗାପଟା, ସୁନାରୁପା, ଆସବା ପତ୍ର, ସହିତ ସମସ୍ତ କାଗଜପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଖବର ପାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ଫାଉଣ୍ଡେସନ ସଭାପତି ରଶ୍ମିରଞ୍ଜନ ପାତ୍ର, ସମ୍ପାଦକ ସମ୍ବିତ କୁମାର ପାଇଟାଳ, ସାହାଜନ ପ୍ରଧାନ, ରାଜକିଶୋର ବେହେରା, ରଶ୍ମିରଞ୍ଜନ ପ୍ରଧାନ, ରାକେଶ ବେହେରା, ସମୀକ୍ଷା ଯତୀ, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଯୁଧିଷ୍ଠିରଙ୍କ ପରିବାରକୁ ଭେଟି ଗୋଟେ ମାସ ପାଇଁ ରାସନ ସାମଗ୍ରୀ, ପରିବାର ସମସ୍ତଙ୍କୁ ପିନ୍ଧିବା ପାଇଁ ବସ୍ତ୍ର ଓ ପାଞ୍ଚ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିବା ସହିତ ଆଗାମୀ ଦିନରେ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସେବା ଫାଉଣ୍ଡେସନ ସଭାପତି ରଶ୍ମି ରଞ୍ଜନ ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ବିଦ୍ୟୁତ୍ କର୍ମଚାରୀ ଗୁରୁତର

**ବାଲିକୁଦା, ୧୭।୫(ସମିସ):** ବିଦ୍ୟୁତ ଆଘାତରେ ବିଦ୍ୟୁତ କର୍ମଚାରୀ ଗୁରୁତର ହୋଇ କଟକରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବାଲିକୁଦା ବିଦ୍ୟୁତ ବିଭାଗ ଅଧୀନ ଦଶବାଟିଆ ଫିଡରରେ କିଛି ବିଦ୍ୟୁତ ସମସ୍ୟା ଥିବା ବେଳେ ଆଜି ସକାଳ ୯.୩୦ ମିନିଟରେ ସଟ୍‌ଡାଉନ ଆଣି ବିଦ୍ୟୁତ କାର୍ଯ୍ୟ ଜାରି ରହିଥିଲା। ଆଉ ଏହାପରେ ବିଦ୍ୟୁତ କର୍ମଚାରୀ ପ୍ରଦୋଷ ବେହେରା ଫିଡର ଉପରେ ଚଢ଼ି କାମ କରୁଥିଲେ। ଏହି ସମୟରେ ପବନ ଜୋରରେ ହେବାରୁ ବନ୍ଦର ଲାଇନ ଫିଡରର ବିଦ୍ୟୁତର ପ୍ରଭାବ ନହରଣା ଫିଡର ମଧ୍ୟ ଦେଇ ଆସିଥିଲା। ଫଳରେ ଖୁଣ୍ଟିରେ ଚଢ଼ି କାମ କରୁଥିବା ବାଲିପାଟଣା ଗ୍ରାମର ପ୍ରଦୋଷ ବେହେରା ବିଦ୍ୟୁତ ସଂସ୍ପର୍ଶରେ ଆସି ସିଧା ତଳକୁ ଖସି ପଡ଼ି ଗୁରୁତର ହୋଇଥିଲେ। ପ୍ରଦୋଷଙ୍କୁ ପ୍ରଥମେ ବାଲିକୁଦା ମେଡିକାଲ ଓ ପରେ ଜଗତସିଂହପୁର ମେଡିକାଲ ନିଆଯାଇ ଚିକିତ୍ସା କରାଯାଉଥିବା ବେଳେ ଡାକ୍ତର ଗୁରୁତର ଥିବା ଦର୍ଶାଇ ଅଧିକ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଫଳରେ ପରିବାର ଓ ସହଯୋଗୀମାନେ ଚିକିତ୍ସା ପାଇଁ କଟକର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥଲେ।

## କୋଠି ପଞ୍ଚାୟତ ସରପଞ୍ଚଙ୍କ ପରଲୋକ

**କୁଜଙ୍ଗ, ୧୭।୫(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ କୋଠି ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀଧର ସାହୁ(୫୭)ଙ୍କ ଆଜି ଅପରାହ୍ନରେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ୧୧ ମାସ ତଳେ ନିଜ ପତ୍ନୀଙ୍କୁ ହରାଇଥିବା ଲକ୍ଷ୍ମୀଧର ଗତ କିଛି ଦିନ ହେବ ବୃକକ୍ ଜନିତ ରୋଗରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଆସୁଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ତ୍ରିଲୋଚନ ସାହୁ ଓ ଝିଅ ଲିପି ସାହୁଙ୍କ ସହ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ଶୁଣି କୋଠି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଅରକ୍ଷିତ ଦାସ, ଯୋଗେନ୍ଦ୍ର ସୂତାର, ଅଞ୍ଜନ ଆଚାର୍ଯ୍ୟ, ହେମନ୍ତ ଦାସ, ସୁଶୀଲ ସ୍ୱାଇଁ, ଲେନିନ ତରାଇ, ସୁରେନ୍ଦ୍ର ତରାଇ, କୈଳାଶ ନାୟକ, ସୁରେନ୍ଦ୍ର ସାହୁ, ଦିବାକର ନାୟକ, ଅର୍ଜୁନ ବେହେରା, ଭୂତୁମୁଣ୍ଡାଇର ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ସ୍ୱାଇଁ, ଅଶୋକ ସ୍ୱାଇଁ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଗଡ଼ ସରପଞ୍ଚ ସସ୍ମିତା ବେହେରା, ବିଶ୍ୱଳୀ ସରପଞ୍ଚ ମନୋରମା ମଲ୍ଲ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ବିଳମ୍ବିତ ରାତିରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି ଓ ଏକମାତ୍ର ପୁତ୍ର ତ୍ରିଲୋଚନ ମୁଖାଗ୍ନି ଦେଇଛନ୍ତି। ତାଙ୍କ ପରଲୋକରେ ବିଜେଡି ବ୍ଲକ ସଭାପତି ମନିନ୍ଦ୍ର ଗୁରୁ, ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକଙ୍କ ସହ ବହୁ ସରପଞ୍ଚ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ କୁଜଙ୍ଗ ବ୍ଲକ ର ସାଇଲୋ ଏ କାର୍ଯ୍ୟରତ ଯୁବ ସରପଞ୍ଚ ସରୋଜ ସେଠୀଙ୍କ ଅକାଳ ବିୟୋଗ ପରେ କୁଜଙ୍ଗରେ ପୁଣି ଜଣେ କାର୍ଯ୍ୟରତ ଲୋକପ୍ରିୟ ସରପଞ୍ଚଙ୍କ ଅକାଳ ବିୟୋଗ ହୋଇଛି। ଫଳରେ କୋଠି ଓ କୁଜଙ୍ଗ ବ୍ଲକରେ ଗଭୀର ଶୋକ ପ୍ରକାଶ ପାଇଛି।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ



**ଡେରାବିଶ, ୧୭।୫(ସମିସ):** ଗୋଲରହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ଭଗବାନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ସରକାରଙ୍କ ପକ୍ଷରୁ ଶ୍ରମିକଙ୍କ ମୃତ୍ୟୁକାଳୀନ ୬୦ ଦିନ ମଧ୍ୟରେ ସହାୟତା ପ୍ରଦାନ କରାଯିବାର ନିୟମ ଥିବାବେଳେ ବର୍ଷ ବର୍ଷ ଧରି ନିର୍ମାଣ ଶ୍ରମିକଙ୍କ ଆବେଦନ ପଡ଼ିରହିଛି। ଝିଅ ବାହାଘର ଅନୁଦାନ ବର୍ଷ ବର୍ଷ ଧରି ମିଳିପାରୁ ନ ଥିବାବେଳେ ବହୁ ମହିଳା ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନ କରିବାରେ ଶ୍ରମ କାର୍ଯ୍ୟାଳୟ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଶ୍ରୀ ତ୍ରିପାଠୀ ଅଭିଯୋଗ କରିଥିଲେ। ଏଥିସହିତ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଶ୍ରୀ ତ୍ରିପାଠୀ ଦାବି କରିଥିଲେ। ଏହି କାର୍ଯ୍ୟଳୟର କିଛି କର୍ମଚାରୀ ତିନିବର୍ଷରୁ ଅଧିକ ଦିନ ଏଠାରେ ଅବସ୍ଥାପିତ ଥିବାବେଳେ ସେମାନଙ୍କୁ ତୁରନ୍ତ ଏଠାରୁ ବଦଳି କରିବା ପାଇଁ ଶ୍ରୀ ତ୍ରିପାଠୀ ଦାବି କରିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଧିରେନ ସାହୁ, ମୃତ୍ୟୁଞ୍ଜୟ ଘଡ଼େଇ, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ହରିହର ମହାଳି ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ




**ଜଗତସିଂହପୁର, ୧୭।୫(ସମିସ):** ଆଜି ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ସଭାପତି ପ୍ରୀତମ ପରିଜାଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମୀ ଓ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଯୋଗଧାରୀ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଦିନରେ କିପରି ଜିଲ୍ଲାରେ ତୃଣମୂଳ ସ୍ତରରୁ ଯୁବ କଂଗ୍ରେସକୁ ସୁଦୃଢ କରାଯିବ ସେ ସମ୍ବନ୍ଧରେ ବରିଷ୍ଠ ନେତୃତ୍ୱଙ୍କ ସହ ଆଲୋଚନା କରି ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପରେ ଟାଉନ ହଲ ଠାରେ ବାରମ୍ବାର ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେଉଛି। ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତକୁ ବିଜେପି ସରକାର ନଷ୍ଟ କରୁଛି ଏହାର ପ୍ରତିବାଦରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିବା ସହ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ନାରାବାଜି କରାଯାଇଥିଲା। ଜିଲ୍ଲା କଂଗ୍ରେସ କମିଟି ମୁଖପାତ୍ର ଅଭିଜିତ ସାହୁ, ନଗର କଂଗ୍ରେସ କମିଟି ସଭାପତି ପ୍ରଶାନ୍ତ ମହାପାତ୍ର, ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ସୌଭାଗ୍ୟ ବିଶ୍ୱାଳ, ଜିଲ୍ଲା ଅନୁସୂଚିତ ଜାତି ବିଭାଗର ସଭାପତି ଲକ୍ଷ୍ମୀଧର ମଲ୍ଲିକ, ନାରାୟଣ ନାୟକ, ପ୍ରଦୀପ୍ତ ଦାସ, ବିଭୁରଞ୍ଜନ ସ୍ୱାଇଁ, ସୁବାସ ରାଟସିଂହ, ସୌମ୍ୟରଞ୍ଜନ ସ୍ୱାଇଁ, ମୁକ୍ତାର ଅଲ୍ଲୀ, ବିଶ୍ୱଜିତ ସେଠୀ, ରାକେଶ ମହାନ୍ତି, ରାହୁଲ ଦାସ, ସାଇପ୍ରଭଞ୍ଜନ ମହାପାତ୍ର, ସୁଶୀଲ ଦାସ, ସତ୍ୟନାରାୟଣ ଦାଶ, ରଞ୍ଜନ କୁମାର ସେଠୀ, ହିମାଂଶୁ ପାଇଟାଲ, ଓମ୍ ପ୍ରକାଶ ବେହେରା, ଦିପ୍ତିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଶିକ୍ଷକଙ୍କୁ ପାଠ ପଢ଼ା ବ୍ୟତିତ ଅନ୍ୟ କାର୍ଯ୍ୟ ନ ଦେବାକୁ ଦାବି

**କୁଜଙ୍ଗ, ୧୭।୫(ସମିସ):** ଶିକ୍ଷକମାନଙ୍କୁ ପାଠପଢ଼ା ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ ନ କରିବାକୁ ଦାବି ହୋଇଛି। ସେମାନେ ପାଠପଢ଼ା ଛାଡ଼ି ଅନ୍ୟ କାର୍ଯ୍ୟରେ ନିୟୋଜିତ ହେବା ସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଘୋର ବାଧା ସୃଷ୍ଟି ହେଉଛି ବୋଲି ମାଜସେବୀ ବାବୁରାମ ଚୌଧୁରୀ ଅଭିଯୋଗ କରିଛନ୍ତି। ଅନ୍ୟେକ ସମୟରେ ମଧ୍ୟାହ୍ନ ଭୋଜନ କିମ୍ବା ସ୍କୁଲର ଅନ୍ୟ କୌଣସି ନିର୍ମାଣ କାର୍ଯ୍ୟରେ ଶିକ୍ଷକଙ୍କ ସମ୍ପୃକ୍ତି ରହୁଥିବାରୁ ସେମାନେ ଅଯଥା ବଦନାକ ହୋଇ ମାନସିକ ଚାପରେ ରହୁଥିବା ସେ କହିଛନ୍ତି।

ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ବିକାଶ ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉପରେ ଚାପ ବଦଳରେ ସେମାନଙ୍କୁ ସୁସ୍ଥ ଓ ମୁକ୍ତ ମାନସିକତା ନେଇ କାର୍ଯ୍ୟ କରିବାର ସୁଯୋଗ ଦେବା ଦରକାର। ବର୍ତ୍ତମାନ ସମୟରେ ଶିକ୍ଷକମାନେ ସରକାରୀ ଓ ପ୍ରଶାସନ ଚାପରେ ସନ୍ତୁଳିତ ହୋଇ ପଡୁଛନ୍ତି। ବିଭିନ୍ନ ସମୟରେ ଶିକ୍ଷା ସଂସ୍କାର ନାମରେ ବିଭିନ୍ନ ଲୋକ ଦେଖାଣିଆ ନୀତି ପ୍ରଣୟନ କରାଯାଇ, ଶିକ୍ଷା ବ୍ୟବସ୍ଥାକୁ ଅଧିକରୁ ଅଧିକ ବିପର୍ଯ୍ୟସ୍ତ କରିଦିଆଯାଉଛି। ଶିକ୍ଷକମାନଙ୍କୁ ବିଭିନ୍ନ ବିଭାଜନ କରି ବୃତ୍ତିଗତ ବିଭାଜନ କରିଦେଉଛନ୍ତି। ବ୍ଲକ ଗ୍ରାଣ୍ଟ ଶିକ୍ଷକ, ଗଣ ଶିକ୍ଷକ, ଶିକ୍ଷା ସହାୟକ, ଚୁକ୍ତିଭିତ୍ତିକ ଶିକ୍ଷକ ଇତ୍ୟାଦି ବିଭିନ୍ନ ବର୍ଗ ତିଆରି କରି ଶିକ୍ଷା ବ୍ୟବସ୍ଥାକୁ ସ୍ଥାଣୁ କରି ଦିଆଯାଉଛି। ସମାନ କାମ ପାଇଁ ସମାନ ଦରମା ଏହାକୁ ଭିତ୍ତିକରି ଯଦି ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇଲେ ସେମାନଙ୍କୁ ପୁଲିସ୍ ଲଗାଇ ଦୃଢ଼ ହସ୍ତରେ ଦମନ କରାଯାଉଛି। ସମାନ କାମ ପାଇଁ ସମାନ ଦରମା ନ ଦେଇ ଶିକ୍ଷକ ମାନଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରାଯାଉଛି। ମଧ୍ୟାହ୍ନ ଭୋଜନ, ସ୍କୁଲ୍ ବିଲଡିଂ ତିଆରି, ବିପିଏଲ୍, ଜନଗଣନା, ଭୋଟର ତାଲିକା, ଅର୍ଥନୈତିକ ସର୍ଭେ କାର୍ଯ୍ୟ ଇତ୍ୟାଦି ଶିକ୍ଷାଦାନ ପ୍ରକ୍ରିୟାରେ ବାଧାପ୍ରାପ୍ତ ହେଉଛି। ମଧ୍ୟାହ୍ନ ଭୋଜନ ପରିଚାଳନା ହେଉ କିମ୍ବା ବିଦ୍ୟାଳୟ ଗୃହ ନିର୍ମାଣ କରିବା ହେଉ, ଏଥିରେ ଅନ୍ୟମାନଙ୍କୁ ନିଯୁକ୍ତି କରିବା ଆବଶ୍ୟକ। ସ୍କୁଲ୍‌ମାନଙ୍କରେ ବଗିଚା ଓ ସଫେଇ କାର୍ଯ୍ୟ ବାଧ୍ୟତା ମୂଳକ ହେବା ଦରକାର। ଏହାଦ୍ୱାରା ପରିବେଶ ସୁରକ୍ଷା ଓ ପାରିପାର୍ଶ୍ୱିକ ପରିମଳ ବ୍ୟବସ୍ଥା ପରିସ୍କାର ପରିଚ୍ଛନ୍ନ ରଖିବା ଶିକ୍ଷା ଦିଆଯାଇଥାଏ। ସେହିପରି ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣାରେ ପିଲାମାନଙ୍କ ମଧ୍ୟରେ ଭକ୍ତି ଆଉ ଭୟ ରହୁନାହିଁ। ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆପଣାର ଭାବୁଥିବା ଦେଖାଯାଉନାହିଁ। ଶିକ୍ଷା ବ୍ୟବସାୟୀ କରଣ ହୋଇଯିବା ଯୋଗୁଁ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ସମ୍ପର୍କର ବନ୍ଧନ ଭାଙ୍ଗିଯାଉଛି। ସ୍କୁଲ୍ ମାନଙ୍କରେ ପିଅନ କି ଚପରାସୀ ପୋଷ୍ଟ ନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଘର ଓଳାଇବାଠାରୁ ଆରମ୍ଭ କରି ପରିଷ୍କାର ପରିଚ୍ଛନ୍ନ ଦାୟିତ୍ୱ ନେଉଛନ୍ତି। ଏଭଳି ଭ୍ରମାତ୍ମକ ଶିକ୍ଷା ନୀତିର ପରିବର୍ତ୍ତନ ହେବା ଅତ୍ୟନ୍ତ ଜରୁରୀ ବୋଲି ସେ ଦାବି କରିଛନ୍ତି। ଏବେ ଶିକ୍ଷା ବିଭାଗରେ ଶିକ୍ଷକ ଓ ସ୍କୁଲ ମାନଙ୍କର ବର୍ଗୀ କରଣ ଯୋଗୁଁ ନୂତନ ଶିକ୍ଷକ ନିଯୁକ୍ତିର ସଦୁପୋଯୋଗ ହୋଇ ପାରୁନଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଅନେକ ସରକାରୀ ସ୍କୁଲ ଅଛି ଯେଉଠି ଦୁଇ ଶ୍ରେଣୀରେ ଶହେରୁ କମ୍ ଛାତ୍ର। ମାତ୍ର ସେଠାରେ ୮/୧୦ଜଣ ଶିକ୍ଷକ ନୂତନ ନିଯୁକ୍ତି ପରେ ଦେଖିବାକୁ ମିଳୁଥିବା ବେଳ ନୂତନ ଅନୁଦାନପ୍ରାପ୍ତ ସ୍କୁଲରେ ତିନୋଟି ଶ୍ରେଣୀରେ ୨/୩ ଜଣ ଶିକ୍ଷକ ପାଠ ପଢ଼ାଇବା ଶିକ୍ଷାରେ ସମାନତା ଅଥା ସମଦୃଷ୍ଟି ନଥିବା ଅଭିଯୋଗ କରି ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏହି ବିଷୟରେ ଧ୍ୟାନ ଦେବାକୁ ଦାବି କରିଛନ୍ତି।

## କୈଳାସ ମନ୍ତ୍ରୀ ପୁରୁଣା ମାମଲାରେ ଗିରଫ



**ପାରାଦୀପ, ୧୭।୫(ସମିସ):** ଢିଙ୍କିଆ ଗ୍ରାମର ସଂଗ୍ରାମୀ କୈଳାସ ମନ୍ତ୍ରୀ (ଢୁଲା)ଙ୍କୁ ପୁଲିସ ତାଙ୍କ ଘରୁ ଉଠାଇ ନେଇଛି। ଥାନାରେ ଦସ୍ତଖତ ଦେଇକି ଆସିବେ ବୋଲି ଡାକି ନେଇ ତାଙ୍କୁ ଆଜି ଅପରାହ୍ନରେ ୪ ବର୍ଷର ଏକ ପୁରୁଣା ମାମଲାରେ ଗିରଫ କରାଯାଇଥିବା ଜଣାପଡ଼ିଛି। ଗତ ମେ’ ୬ ତାରିଖରେ ଢ଼ିଙ୍କିଆ ଚାରିଦେଶ ସାଧାରଣ ଜନତା ଓ କଂଗ୍ରେସ ତରଫରୁ ଜିଲ୍ଲାପରିଷଦ ସଭ୍ୟ ପିନାକୀ ଦାସଙ୍କ ନେତୃତ୍ୱରେ ଏକ ପଦଯାତ୍ରା ଆୟୋଜନ ହୋଇଥିଲା। ଏଥିରେ ସଂଗ୍ରାମୀ କୈଳାଶ ମନ୍ତ୍ରୀ (ଢୁଲା) ସକ୍ରିୟ ଭୂମିକା ଗ୍ରହଣ କରିଥଲେ। ତେଣୁ ପୁଲିସ ତାଙ୍କୁ ଆକ୍ରୋଶ ମୂଳକ ଭାବେ ଜେଏସ୍‌ଡବ୍ଲୁ ପ୍ରରୋଚନାରେ ତାଙ୍କୁ ପୁରୁଣା ମାମଲାରେ ଛନ୍ଦି ଗିରଫ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗତ ମାସ ୨୪ ରିଖରେ ସଂଗ୍ରାମୀ ଭ୍ରମର ବର ଦାସଙ୍କୁ ମଧ୍ୟ ଆକ୍ରୋଶ ମୂଳକ ଭାବେ ପୁରୁଣା ମାମଲାରେ ଛନ୍ଦି ଗିରଫ କରାଯାଇଥିବା ଅଭିଯୋଗ ହୋଇଥିଲା। ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟକଳାପକୁ ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ, ପରିବେଶବିତ ଜ୍ଞାନ ରଞ୍ଜନ ଦାସ, ଢିଙ୍କିଆ ପଞ୍ଚାୟତ ସରପଞ୍ଚ ପିଙ୍କି ଦାସ, ସମିତି ସଭ୍ୟ ମିତାଞ୍ଜଳି ଭୋଇ ପ୍ରମୁଖ ଘୋର ନିନ୍ଦା କରିଛନ୍ତି।

## ପୁଲିସ ସେବା ସଚେତନତା ଶିବିର



**ଡେରାବିଶ, ୧୭।୫(ସମିସ):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତର କେଶରପୁରସ୍ଥ ବେଲମାଳ ମହାପୁରୁଷଙ୍କ ପୀଠରେ ସଦର ଥାନା ପକ୍ଷରୁ ପୁଲିସ ସେବା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସଦର ଥାନା ଇନ୍ସପେକ୍ଟର ବାସୁଦେବ ପରିଡ଼ା ଯୋଗଦେଇ ଆଇନଶୃଙ୍ଖଳା ରକ୍ଷା ସହ ଦୁର୍ଘଟଣା ଏଡ଼ାଇବା ପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଦୁର୍ଘଟଣା ଘଟିଲେ ୧୧୨ ନମ୍ବରରେ ତୁରନ୍ତ ଫୋନ୍ କରିବାକୁ କହିଥିଲେ। ପଞ୍ଚାୟତର ଶତାଧିକ ବରିଷ୍ଠ ନାଗରିକ, ଯୁବ ଗୋଷ୍ଠୀ ଓ ସମାଜସେବୀ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସ୍ଥାନରେ ମଦ, ଗଞ୍ଜେଇ, ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଯୁବଗୋଷ୍ଠୀ ନିକାଞ୍ଚନ ସ୍ଥାନ, ପଡ଼ିଆ, ନଦୀବନ୍ଧ ଆଦି ଅଞ୍ଚଳରେ ନିଶାପାନ କରି ଅପରାଧ ଘଟାଇବା ଭଳି ଘଟଣା ଘଟୁଥିବା ପୁଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସ୍ଥାନୀୟ ଲୁଣାନଦୀ ବାଲିଘାଟରୁ ସ୍ଥାନୀୟ ଅଞ୍ଚଳରେ ଆବାସ ଯୋଜନା ହିତାଧିକାରୀଙ୍କୁ ଟ୍ରାକ୍ଟର ପିଛା ୧୦୦୦ ଟଙ୍କା ରୟାଲିଟିରେ ବାଲି କିଣିବାକୁ ପଡୁଛି ବୋଲି ଅଭିଯୋଗ ହୋଇଥିଲା। ଏହି ଘାଟରୁ ଦୈନିକ ଶହ ଶହ ହାଇୱା ଏହି ପଞ୍ଚାୟତ ରାସ୍ତାରେ ବାଲି ପରିବହନ କରି ଗ୍ରାମ ରାସ୍ତାକୁ ନଷ୍ଟ କରୁଥିବାବେଳେ ରାସ୍ତା ଉପରେ ବାଲି ଗଦା ହୋଇ ରହିଛି। ଫଳରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବୈଠକରେ ଉଦ୍‌ବେଗ୍ ପ୍ରକାଶ ପାଇବା ସହ ତୁରନ୍ତ ପୁଲିସ୍ ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଥିଲେ। ବୈଠକରେ କମ୍ଭୁନାଥ ତ୍ରିପାଠୀ, ବ୍ରଜକିଶୋର ପଣ୍ଡା, ବିଧୂଭୂଷଣ ରଥ, ଭଞ୍ଜନ ମହାନ୍ତି, ଅକ୍ଷୟ ସ୍ୱାଇଁ, ଜିତେନ୍ଦ୍ର ପଣ୍ଡା, ବିଭୁଦେନ୍ଦୁ ପଣ୍ଡା, ଦୀପ୍ତିକାନ୍ତ ସାହୁ, ଅମରେନ୍ଦ୍ର ରଥ, ଗଗନ ମହାନ୍ତି, ଶରତ ବେହେରା, ସନାତନ ଦାସ, ସତ୍ୟନାରାୟଣ ସ୍ୱାଇଁ, କ୍ଷୀରୋଦ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

**ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘ କର୍ମକର୍ତ୍ତା ନିର୍ବାଚନ**

# ଗୌତମ ସଭାପତି, ବିଶ୍ୱରଞ୍ଜନ ସମ୍ପାଦକ

**ପାରାଦୀପ, ୧୭।୫(ସମିସ)**



ଆଜି ଜଗନ୍ନାଥ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି। ନୂତନ ସଭାପତି ଭାବେ ଗୌତମ କୁମାର ନାୟକ ନିର୍ବାଚିତ ହୋଇଥିବା ବେଳେ ବିଶ୍ୱରଞ୍ଜନ ପଲାଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ସକାଳୁ ଅଠରବାଙ୍କୀ ସ୍ଥିତ ସଙ୍ଘ କାର୍ଯ୍ୟାଳୟରେ ଭୋଟ ଗ୍ରହଣ ହୋଇଥିଲା। ଅପରାହ୍ନରେ ନିର୍ବାଚନ କମିଟି ପକ୍ଷରୁ ଫଳାଫଳ ଘୋଷଣା କରାଯାଇଥିଲା। ଦୁଇ ପ୍ୟାନେଲ ମଧ୍ୟରୁ ପ୍ରତ୍ୟକ ପ୍ୟାନେଲରୁ ୩ ଜଣଙ୍କୁ ସମର୍ଥନ ମିଳିଛି। ସଭାପତି ଭାବେ ଗୌତମ କୁମାର ନାୟକ ୨୭୭ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସୁଧୀର କୁମାର ଜେନା ୨୬୦ ଖଣ୍ଡ ଭୋଟ ପାଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ସରୋଜ ମହାପାତ୍ର ୨୮୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଆଶୁତୋଷ ସ୍ୱାଇଁ ୨୫୨ ଖଣ୍ଡ ଭୋଟ ପାଇଛନ୍ତି। ଉପସଭାପତି ଭାବେ ଭଗବାନ ସ୍ୱାଇଁ ୨୮୭ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମାନସ ପାତ୍ର ୨୪୯ ଖଣ୍ଡ ଭୋଟ ପାଇଛନ୍ତି। ସମ୍ପାଦକ ଭାବେ ବିଶ୍ୱରଞ୍ଜନ ପଲାଇ ୨୮୮ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରଞ୍ଜନ କୁମାର ଧଳ ୨୪୮ ଖଣ୍ଡ ହୋଟ ପାଇଛନ୍ତି। ସହ-ସମ୍ପାଦକ ପାଇଁ ମନୋଜ କୁମାର ବିଶ୍ୱାଳ ୨୭୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ରତ୍ନାକର ଜେନା ୧୬୪ ଖଣ୍ଡ ଭୋଟ ପାଇଥିବା ବେଳେ ପ୍ରହ୍ଲାଦ ଜେନା ୯୮ ଖଣ୍ଡ ଭୋଟ ପାଇଛନ୍ତି। କୋଷାଧ୍ୟକ୍ଷ ଭାବେ ବଳରାମ ଦାସ ୨୬୯ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭରଦ୍ୱାଜ ସାହୁ ୨୫୪ ଖଣ୍ଡ ଭୋଟ ପାଇଛନ୍ତି। ତେବେ ପାରାଦୀପର ଏକମାତ୍ର ଶୃଙ୍ଖଳିତ ଟ୍ରକ୍ ମାଲିକ ସଙ୍ଘ କୁହାଯାଉଥିବା ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘ ନିର୍ବାଚନକୁ ନେଇ ଚାଲିଥିବା ଛକାପଞ୍ଝାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆସନ୍ତା ଦୁଇ ବର୍ଷ ପର୍ଯ୍ୟନ୍ତ ନୂତନ ନିର୍ବାଚିତ କର୍ମକର୍ତ୍ତା ଦାୟିତ୍ୱ ନିର୍ବାହ କରିବେ। ଚଳିତ ନିର୍ବାଚନରେ ସଂଘର ୫୩୮ ସଭ୍ୟ ନିଜର ମତ ସାବ୍ୟସ୍ତ କରିଛନ୍ତି। ବର୍ତ୍ତମାନ ଟ୍ରକ ବ୍ୟବସାୟ ମାନ୍ଦାବସ୍ଥା ଦେଇ ଗତି କରୁଥିବାରୁ ମାଲିକମାନେ ବହୁ ଘାତ ପ୍ରତିଘାତ ଦେଇ ଚାଲିଛନ୍ତି। ଏହାକୁ ଆଖିଆଗରେ ରଖି କିଭଳି ଟ୍ରକ ବ୍ୟବସାୟ ଆଗକୁ ବଢ଼ିବ, ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘରେ ବ୍ୟବସାୟୀ ମାନେ କିଭଳି ଶାନ୍ତି ଶୃଙ୍ଖଳାରେ ବ୍ୟବସାୟ କରିବେ। ସମସ୍ତେ ସମାନ କାର୍ଗୋ ପରିବହନ କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବା ନେଇ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ଗୌତମ କୁମାର ନାୟକ ଓ ସମ୍ପାଦକ ବିଶ୍ୱ ରଞ୍ଜନ ପଲାଇ କହିଛନ୍ତି।

**ଉଭୟ ପ୍ୟାନେଲରୁ ତିନି ତିନି ଜଣଙ୍କୁ ସମର୍ଥନ**

## ଗେରୁଆ ରଙ୍ଗ ପାଇଁ ଲକ୍ଷ୍ମୀ ବସ୍ ସେବା ବନ୍ଦ

ପଞ୍ଚୁପାଣ୍ଡବ,୧୭।୫(ସମିସ): ଡେରାବିଶ ବ୍ଲକରୁ ଛୋଟି ପଞ୍ଚାୟତ ପର୍ଯ୍ୟନ୍ତ ଯିବା ଆସିବା କରୁଥିବା ଲକ୍ଷ୍ମୀ ବସ୍ ତିନିଦିନ ହେଲା ବନ୍ଦ ରହିଥିବା ଦେଖିବାକୁ ମିଳୁଛି। ଏହି ବସ୍ ଡେରାବିଶ ବ୍ଲକ କାର୍ଯ୍ୟାଳୟରୁ ବାହାରି ବଙ୍ଗାଳୀ ସାହି, ସନ୍ଥପୁରା, ନୀଳକଣ୍ଠ ପୁର, ରଘୁଦେଇପୁର ପଞ୍ଚାୟତ ଏବଂ ବେଣୀପୁର ପଞ୍ଚାୟତର ସଦାନନ୍ଦପୁର ଗ୍ରାମ ଦେଇ ଛୋଟି ପଞ୍ଚାୟତର ହାଟ ପର୍ଯ୍ୟନ୍ତ ଯିବା ଆସିବା କରୁଥିଲା। ଏବେ ପ୍ରାୟ ତିନି ଦିନ ହେଲା ଲକ୍ଷ୍ମୀ ବସ୍ ଆସୁ ନ ଥିବାରୁ ଶତାଧିକ ମହିଳା ମାନେ ଏବଂ ସ୍କୁଲ କଲେଜ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ଏବେ ଦେଶରେ ତୈଳର ଘୋର ଅଭାବ ଥିବାରୁ ଲୋକ ମାନେ ଏହି ସରକାରଙ୍କ ବସ୍‌ରେ ଯିବା ଆସିବା କରିବା ପାଇଁ ଭରସା ରଖିଥିଲେ। କିନ୍ତୁ ପ୍ରଶାସନ ଅଧିକାରୀମାନେ ବସ୍‌କୁ ଗେରୁଆ ରଙ୍ଗ କରିବା ପାଇଁ ପଠାଇଥିବା ଜଣା ପଡ଼ିଛି। କେତେକ ବସ୍‌ର ଟାୟାର ଘୋରି ହୋଇ ବାରମ୍ବାର ଚକା ପଙ୍କଚର ହେଉଥିବା ବେଳେ ସରକାର ମରାମତି ବଦଳରେ ଭଲ ରଙ୍ଗ ଥିବା ବସ୍‌କୁ ଆଉ ଏକ ରଙ୍ଗ ମାରିବାକୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବ ସରକାର ଅମଳରେ କିଲୋ ମିଟର ୫୦ ପଇସା ଥିବା ବେଳେ ଏବେ ୮୮ ପଇସାକୁ ବୃଦ୍ଧି ପାଇଛି। ସରକାର ବସ୍‌କୁ ତିନିଦିନ ଧରି ବନ୍ଦ କରି ରଙ୍ଗ ବଦଳାଇବା ସହ ବସର ନାମ ଅଲଗା କରିବାକୁ ନେଇ ସରକାର ଓ ପ୍ରଶାସନ ଅଧିକାରୀମାନଙ୍କୁ ଲୋକେ ସମାଲୋଚନା କରିଛନ୍ତି। ସେହିପରି ବ୍ଲକରୁ ଦାନପୁର ଏବଂ କଲପାଟଣାକୁ ଯାଉଥିବା ବସ୍ ଗେରୁଆ ରଙ୍ଗ ମାରିବାକୁ ଯାଇଥିବା ଏକ ଚାଳକ କହିଛନ୍ତି।

## ଗ୍ୟାସ ସିଲିଣ୍ଡର ଫାଟି ଜଳିଗଲା ମିଠା ଦୋକାନ

ରାଜକନିକା,୧୭।୫(ସମିସ): ରାଜକନିକା ଥାନାନ୍ତର୍ଗତ ଡଶଭଗାରିଆ ଗାଁ ମୁଣ୍ଡରେ ଥିବା ଦାମୋଦର ମହଲାଙ୍କ କାଠ କେବିନର ଜଳଖିଆ ଦୋକାନରେ ୫ କେଜିଆ ଗ୍ୟାସ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡରେ କେବିନ ଜଳିବା ସହ ପାଖରେ ଥିବା ଏକ ଗଛ ମଧ୍ୟ ଜଳିଯାଇଛି। ଦାମୋଦର ମିଠା ଓ ତେଲଭାଜି ଦୋକାନ କରି ଗୁଜୁରାଣ ମେଣ୍ଟାଉ ଥିବା ବେଳେ ଆଜିର ଅଗ୍ନିକାଣ୍ଡରେ ତାଙ୍କର ଏକମାତ୍ର ଏହି ରୋଜଗାର ବନ୍ଦ ହୋଇଯାଇଛି। ଖବର ପାଇ ରାଜକନିକା ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ।

## ସାପ କାମୁଡାରେ ମହିଳା ମୃତ

ପଟ୍ଟାମୁଣ୍ଡାଇ,୧୭।୫(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ୧୩ ନଂ. ୱାର୍ଡ ପୋଖରୀଆପଡା ଗ୍ରାମର ତହୁର ଖାଁଙ୍କ ପତ୍ନୀ ନସୀମା ବିବି (୪୪)ଙ୍କ ସର୍ପାଘାତରେ ମୃତ୍ୟୁ ଘଟିଛି। ଆଜି ସକାଳେ ନସୀମା ବିବି ପାଇଖାନାକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ନସୀମାଙ୍କ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ପଟ୍ଟାମୁଣ୍ଡାଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ନସୀମାଙ୍କ ମୃତ୍ୟୁରେ କାଉନସିଲର ସନିଆ ପରମିନ, ଲାସ୍ୟମୟୀ ସାହୁ, ରାଜ୍ୟ ସଂଖ୍ୟାଲଘୁ ବିଜେଡି ମହିଳା ସଂଯୋଜିକା ରିଜୱାନା ବେଗମ, ବସ୍ତି ସର୍ଦ୍ଦାର ଅବଦୁଲ ବାରି, ଶେଖ ସାରାତୁଲ୍ଲା, ଶେଖ ଆମରୁଲ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ପରିବାରକୁ ସରକାରୀ ସାହାଯ୍ୟ କରିବା ପାଇଁ ଦାବି କରିଛନ୍ତି।

## ଧାନେଶ୍ୱରୀ ପୀଠରେ ବ୍ରହ୍ମଏକାକ୍ଷର ମେଳା

ପଟ୍ଟାମୁଣ୍ଡାଇ,୧୭।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀଙ୍କ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ପୀଠର ପିଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ



ପଣ୍ଡା, ସେବକ କବି ନୃସିଂହ ରାଉତ, ରତିକାନ୍ତ ଧଳ, ଗଗନ ମହାଳିକ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେହେରା, ହେମନ୍ତ ନାୟକ, ପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ଓ ସୁକାନ୍ତ ରାଉତ, ସୁଜାତା ରାଉତଙ୍କ ପୌରୋହିତ୍ୟରେ ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପୂଜା ପାଠ କରିଥିଲେ। ଆୟୋଜିତ ମେଳାରେ ୧୫ ନମ୍ବର ଜୋନର ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସରୋଜିନୀ ଦାସ, ଅଳପୁଆ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ରଶ୍ମୀକାନ୍ତ ବେହେରା, ଅଳପୁଆ ସମିତିସଭ୍ୟ ରାମଚନ୍ଦ୍ର ସେଠୀ, ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରିକ, କିଶୋର ରାଉତ, ଗଗନ ଧଳ, ଅନ୍ତର୍ଯ୍ୟାମୀ ନାୟକ, ଘନଶ୍ୟାମ ମଲିକ, ନକୁଳ ମଲିକ, ସୁନାକାର ମଲିକ, ଗୀତାଞ୍ଜଳି ନାୟକ, ମନୋସ୍ୱିନୀ ବିଶ୍ୱାଳ, ଦିବ୍ୟରଞ୍ଜନ ବିଶ୍ୱାଳ, ପଦ୍ମନାଭ ନାୟକ, ଶୁଭଙ୍କର ରାଉତ, ସୁଦର୍ଶନ ବିହାରୀ ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପର୍ଣ୍ଣ ହୋଇଥିଲା।

## ଏସ୍‌କେ ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ

ପଟ୍ଟାମୁଣ୍ଡାଇ,୧୭।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଏସ୍‌କେ ଉଚ୍ଚ ବିଦ୍ୟାଳୟରେ ୨୦୦୮ ମାଟ୍ରିକ ବ୍ୟାଚ ପକ୍ଷରୁ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବରେ ପ୍ରାକ୍ତନ ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଦାଶ, ଶିକ୍ଷକ ଦିଲ୍ଲୀପ କୁମାର ପରିଡା, ଦିଲ୍ଲୀପ କୁମାର ଖଣ୍ଡାଇ, ଦୟାନିଧି ନାୟକ, ରବୀନ୍ଦ୍ର କୁମାର ପାତ୍ର, ସତ୍ୟାନନ୍ଦ ବିଶ୍ୱାଳ, ପ୍ରେମାନନ୍ଦ ଦାଶ, ପ୍ରଭାତ କୁମାର ନାୟକ, ରାଧାମୋହନ ଦାଶ, ନିରାକାର ବାରିକ, ଅକ୍ଷୟ କୁମାର ତରାଇ ପ୍ରମୁଖ ସହକାରୀ ଶିକ୍ଷକ ଯୋଗଦେଇଥିଲେ। ଗୁରୁପୂଜନ ଉତ୍ସବରେ ଛାତ୍ରଛାତ୍ରୀ ମାନେ ଗୁରୁ ମାନଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘ ୧୮ ବର୍ଷ ପରେ ପିଲା ଦିନର ସାଙ୍ଗ ମାନଙ୍କୁ ନିକଟରେ ପାଇ ସମସ୍ତେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏହି ଅବସରରେ ଚଳିତ ୨୦୨୬ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବିଦ୍ୟାଳୟର ୩ ଜଣ ଛାତ୍ରୀ ବିଦ୍ୟାଜୋତି ଦାସ, ଇପ୍ସିତା ତରାଇ, ସନ୍ଧ୍ୟାରାଣୀ ଦେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟ ସନ୍ତୋଷ କୁମାର ମଲ୍ଲିକ ଓ ଅନ୍ୟ ଶିକ୍ଷକ ମାନେ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଥଣ୍ଡା ପାନୀୟ ପାଇଁ ବିଦ୍ୟାଳୟକୁ ଏକ ଫ୍ରିଜ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ଦିବଂଗତ ଦୁଇ ଶିକ୍ଷକ ନିରଞ୍ଜନ ରାଉତ ଓ ବସନ୍ତ ଦାଶଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅମିତ ବିଜୟ ବିଶ୍ୱାଳ, ସଞ୍ଜୟ କୁମାର ଦାଶ, ଆକାଶ ଦାସ, ସତ୍ୟରଞ୍ଜନ ଦାସ, ଦୀପକ କୁମାର ଧଳ ଓ ନମିତା ଦାସ, ଦିପ୍ତୀରେଖା ଦାସ ପ୍ରମୁଖ ସହଯୋଗ କରିଥିଲେ।

### ବିନା ସୂଚନା ଫଳକରେ ନିର୍ମାଣ ଚାଲିଛି ଗାର୍ଡୱାଲ୍

# ଭାଇବ୍ରେଟର ବଦଳରେ ବ୍ୟବହାର ହେଉଛି ବାଉଁଶ

ଡେରାବିଶ, ୧୭।୫(ସମିସ)



ଡେରାବିଶ ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ କରାଣ୍ଡିଆ ମାଇନର କେନାଲ ଭିତରର ଦୁଇ ପାଶ୍ୱର୍ରେ ଗାଡର୍ ୱାଲ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଗାଡର୍‌ୱାଲ୍ ନିର୍ମାଣ କାର୍ଯ୍ୟ ଖାନନଗର ମାଇନର ମୁହଁରୁ ଆରମ୍ଭ ହୋଇ ହରିଅଙ୍କ ପଂଚାୟତ ଅନ୍ତର୍ଗତ ପାଣିଓଳା-୨ ଗ୍ରାମ ପର୍ଯ୍ୟନ୍ତ ପାଖାପାଖି ୧ କିଲୋମିଟର ଦୈର୍ଘ୍ୟର ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି। ଏଥିରେ କିଛି ସ୍ଥାନରେ ଗୋଟିଏ ପଟରେ ତ ଆଉ କିଛି ସ୍ଥାନରେ ଦୁଇପଟରେ ଗାଡର୍‌ୱାଲ ନିର୍ମାଣ କାର୍ଯ୍ୟ ସରିଲାଣି। ତେବେ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା କାର୍ଯ୍ୟ ଏତେ ନିମ୍ନମାନର ହେଉଛି ଯେ, ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ନିର୍ମାଣ କାର୍ଯ୍ୟରେ ସରକାରୀ ନିୟମ ଅନୁଯାୟୀ ସିମେଣ୍ଟ ଓ ବାଲିର ଆନୁପାତିକ ଭାଗ ସଠିକ ହେଉନଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି। ଏଥିସହିତ ନିର୍ମାଣ କାର୍ଯ୍ୟରେ କଂକ୍ରିଟ ଢଳେଇ ସମୟରେ ଭାଇବ୍ରେଟର ବଦଳରେ ବାଉଁଶ ବ୍ୟବହାର ହେଉଥିବା ଲୋକମାନେ ପ୍ରକାଶ କରିଛନ୍ତି। ଯାହା ଫଳରେ ସଂଟ୍ରିଙ୍ଗ ଖୋଲା ହେବା ପରେ ଗାର୍ଡୱାଲରେ ହନିକମ୍ବ ଜଳଜଳ ଦିଶୁଛି। ଯାହାକୁ ଲୁଚାଇବା ପାଇଁ ଠିକାଦାର ଜଣକ ସିମେଣ୍ଟ ଲେସୁଥିବା ଅଞ୍ଚଳବାସୀ କହିଛନ୍ତି। ଏଥିସହିତ କାମ ଆରମ୍ଭରୁ ବିଭାଗୀୟ କର୍ତ୍ତୃପକ୍ଷ ଉପସ୍ଥିତ ନରହିବାରୁ ଉଭୟ ପାଶ୍ୱର୍ରେ ଗାଡର୍ ୱାଲ ପାଇଁ ଖୋଳାଯାଉଥିବା ବେସ୍ ଯଥେଷ୍ଟ ପ୍ରଶସ୍ତ ହେଉନଥିବାରୁ ଭବିଷ୍ୟତରେ କେନାଲ୍ ବନ୍ଧ ଚାପରେ ଏହି ଗାଡର୍ ୱାଲ ଭାଙ୍ଗିଯିବାର ଆଶଙ୍କା ଦେଖାଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସର୍ବସାଧାରଣ ପ୍ରକଳ୍ପର ଡିଜାଇନ୍, ବ୍ୟବହୃତ ସାମଗ୍ରୀ, ସାମଗ୍ରୀର ପରିମାଣ ଏବଂ ନିର୍ମାଣର ଦୈର୍ଘ୍ୟ ପ୍ରସ୍ଥ ଓ ନିର୍ମାଣର ଅଟକଳ ସମ୍ବନ୍ଧରେ ଜାଣିବା ପାଇଁ କାର୍ଯ୍ୟ ଆରମ୍ଭରୁ ନିର୍ମାଣ ସ୍ଥଳରେ ସୂଚନା ଫଳକ ପ୍ରଦର୍ଶିତ କରିବାର ସରକାରୀ ନିୟମ ଥିଲେବି ଅଦ୍ୟାବଧି ସୂଚନା ଫଳକଟିଏ ସ୍ଥାପନ କରାଯାଇ ନାହିଁ। ଯାହା ଫଳରେ ଠିକାଦାର ଜଣକ ନିଜ ମନଇଚ୍ଛାରେ ଗାଡର୍ ୱାଲରେ ରଡ୍ ଦେଇ ନିର୍ମାଣ କାର୍ଯ୍ୟ କରି ଚାଲିଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ସୂଚନା ଫଳକ ଲଗାଇ ଏଷ୍ଟିମେଟ୍ ଅନୁଯାୟୀ କାର୍ଯ୍ୟକରିବା ଓ ଏହାକୁ ତଦାରଖ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ନିର୍ମାଣ ନିର୍ମାଣ ସ୍ଥଳରେ ନିର୍ମାଣ କାର୍ଯ୍ୟ ସମୟରେ ଉପସ୍ଥିତ ରହିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି।

### ମାଙ୍କଡ଼ ଓ ଷଣ୍ଢ ଉଜାଡୁଛନ୍ତି ଫସଲ

## ଚାଷୀ ହତାଶ, ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୧୭।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ମାଙ୍କଡ଼ ଓ ଷଣ୍ଢଙ୍କ ଉପଦ୍ରବ ଦିନକୁ ଦିନ ଅସହ୍ୟ ହେଉଛି। ଚାଷୀଙ୍କ ଜୀବନଜୀବିକା ଗୁରୁତର ପ୍ରଭାବିତ ହେଉଛି। ଫସଲ ନଷ୍ଟ ହେବା ସହ ଲୋକମାନେ ଆକ୍ରମଣର ସମ୍ମୁଖୀନ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଓ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ପ୍ରଶାସନିକ ପଦକ୍ଷେପ ଦାବି କରି ଚାଷୀ ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ଡେରାବିଶ ବ୍ଲକର କୁରୁଜଙ୍ଗା ପଞ୍ଚାୟତ ଅଧୀନ ବଡମଙ୍ଗରାଜପୁର, କୁରୁଜଙ୍ଗା, ଆମ୍ବୁରା, ମହେଶପୁର ଓ ନୂଆଗାଁ ସମେତ କୁଶିଆପାଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶହ ଶହ ମାଙ୍କଡ଼ ଓ ଷଣ୍ଢଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଏମାନେ ବିଲରେ ଥିବା ମୁଗ, ବିରି, ନଳିତା ଓ ବିଭିନ୍ନ ପନିପରିବା ଫସଲ ନଷ୍ଟ କରୁଥିବାବେଳେ ବାଡିରେ ଥିବା ଆମ୍ବ, ପଣସ, ଅମୃତଭଣ୍ଡା ଓ ପିଜୁଳି ଭଳି ଫଳ ଗଛକୁ ମଧ୍ୟ ଛାଡୁନାହାନ୍ତି। ଫସଲ କ୍ଷତି ଯୋଗୁଁ ଚାଷୀ ବାରମ୍ବାର ଆର୍ଥିକ କ୍ଷତି ସହୁଥିବାରୁ ଅନେକ ଚାଷ କାମ ପ୍ରତି ଅନାଗ୍ରହ ପ୍ରକାଶ କରୁଛନ୍ତି। ଗ୍ରାମାଞ୍ଚଳର ଅନେକ ପରିବାର ନିଜ ବାଡିରେ ପନିପରିବା ଚାଷ କରି ଘରୋଇ ଆବଶ୍ୟକତା ପୂରଣ ସହ ବିକ୍ରି କରି ରୋଜଗାର କରୁଥିଲେ। ବର୍ତ୍ତମାନ ମାଙ୍କଡ଼ ଓ ଷଣ୍ଢଙ୍କ ଉପଦ୍ରବ ଯୋଗୁଁ ସେହି ସମ୍ଭାବନା ପ୍ରାୟ ଶେଷ ହେବାକୁ ବସିଛି। ଫସଲ ଉତ୍ପାଦନ କମିଯାଉଥିବାରୁ ବଜାରରେ ପନିପରିବା ଦର ମଧ୍ୟ ବୃଦ୍ଧି ପାଉଥିବା ସ୍ଥାନୀୟ ଲୋକ କହିଛନ୍ତି। କେବଳ ଫସଲ କ୍ଷତି ନୁହେଁ, ମାଙ୍କଡ଼ମାନେ ଗ୍ରାମରେ ଆତଙ୍କର ପରିବେଶ ସୃଷ୍ଟି କରୁଛନ୍ତି। ସେମାନେ ରାସ୍ତା ଅବରୋଧ କରି ଯାତାୟାତରେ ବାଧା ସୃଷ୍ଟି କରୁଥିବାବେଳେ ଘରେ ପଶି ଖାଦ୍ୟ ସାମଗ୍ରୀ ନଷ୍ଟ କରୁଛନ୍ତି। ଏଥିସହ କାମୁଡ଼ିବା ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମାଙ୍କଡ଼ ଆକ୍ରମଣରେ ଅନେକ ଲୋକ ଆହତ ହୋଇଥିବାବେଳେ ଦୁଇଜଣଙ୍କ ମୃତ୍ୟୁ ମଧ୍ୟ ଘଟିଛି। ଏକ ସମୟରେ ଗୋବରୀ ନଦୀ ପଠା ଅଞ୍ଚଳର ଚାଷଜମି ନଳିତା, ଧାନ, ମୁଗ, ବିରି, ଆଳୁ, ବାଇଗଣ ଓ ଟମାଟୋ ଭଳି ଫସଲରେ ଶସ୍ୟଶ୍ୟାମଳା ହୋଇ ରହୁଥିଲା। ବର୍ତ୍ତମାନ ମାଙ୍କଡଙ୍କ ଉପଦ୍ରବ ଯୋଗୁଁ ସେହି ଜମି ବେଣା ଜଙ୍ଗଲରେ ପରିଣତ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମାଙ୍କଡ ଓ ଷଣ୍ଢଙ୍କୁ ନିୟନ୍ତ୍ରଣ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଗୋଲକ ଚନ୍ଦ୍ର ସାହୁ, କ୍ଷୀରୋଦ ସାମଲ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଅସହାୟ ପରିବାରକୁ ଆଲୋକଶିଖାର ସହାୟତା



ଗୋବିନ୍ଦପୁର,୧୭।୫(ସମିସ): ଏକ ଅସହାୟ ପରିବାରକୁ ଆଲୋକଶିଖା ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିମପୁର ଶାସନ ଗ୍ରାମର ସୁରେନ୍ଦ୍ର ମଲ୍ଲିକ୍ ଫୁସଫୁସ ରୋଗରେ ଆକ୍ରାନ୍ତ ବହୁ ଆର୍ଥିକ ସ୍ଥିତି ଦେଇ ଗତି କରୁଥିବାରୁ ଆଲୋକ ଶିଖା ପରିବାର ଦୃଷ୍ଟି ଆସିଥିଲା। ତେଣୁ ଆଲୋକ ଶିଖାର ଚରପଡା କେନ୍ଦ୍ର ତରଫରୁ ତାଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ଆ।।ଲୋକଶିଖା ନୋଡାଲ ଅଫିସର ବଶାଲ ବାରିକ ଓ ଜିଲ୍ଲା ସଂଯୋଜକ ସୁରୀୟକାନ୍ତ ବେହେରା, ରାଜ୍ୟ ପର୍ଯ୍ୟବେକ୍ଷକ ବଳରାମ ନାୟକ, ଜିଲ୍ଲା ପ୍ରୋଗ୍ରାମ ଅଫିସର ସୁଭମ, ଯାଜପୁର ଜିଲ୍ଲା ସଂଯୋଜକ ଗୌରବ ଶୁଭକେତନ ରଥ, କେନ୍ଦ୍ରାପଡ଼ା ପରିଚାଳନା ସଦସ୍ୟ ରିତେଶ ମଲ୍ଲିକ, ଆଲୋକ ଶିଖାର ଅତିରିକ୍ତ ଉପନିର୍ଦ୍ଦେଶିକା ଅମିତା ରାଣି ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶିକା ସୋଉଦାବିନ ମଲ୍ଲିକ, ଯୁଗ୍ମ ସଚିବ ଗୋପିନାଥ ତ୍ରିପାଠୀ, ସଂପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଉପସଭାପତି ପ୍ରଭାତ ଦାସ, ଲକ୍ଷ୍ମୀଧର ପରିଡ଼ା, ଆନ୍ତର୍ଜାତୀୟ ନିର୍ଦ୍ଦେଶକ ଅକ୍ଷୟ ଓଝା, ଆଲୋକ ଶିଖା ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଅଧ୍ୟାପକ ରତ୍ନାକର ସେଠୀଙ୍କ ସମେତ ସଦସ୍ୟ ସସ୍ମିତା, ଶୁଭଲକ୍ଷ୍ମୀ, ମହେଶ୍ୱର, ଓମ୍, ଅର୍ଚ୍ଚିତା, ଶିବାନୀ ତଥା ଆଲୋକ ଶିଖା ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରି ଆଜି ସୁରେନ୍ଦ୍ର ମଲ୍ଲିକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତତ୍ ସହିତ ତାଙ୍କର ପୁଅ ଓ ଝିଅ ପଢ଼ାପଢ଼ି ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଆଲୋକଶିଖା ନିଃଶୁଳ୍କ ଶିକ୍ଷାଦାନ ଓ ସହାୟତା କେନ୍ଦ୍ର ଦୃଢ଼ ନିଷ୍ପତ୍ତି ନେଇଛି।

## କର୍କଟ ପୀଡ଼ିତଙ୍କୁ ସଦାଶିବ ହେଲ୍ଥ ଫାଉଣ୍ଡେସନର ସହାୟତା



ମହାକାଳପଡ଼ା,୧୭।୫(ସମିସ): ରାଜନଗର ନିର୍ବାଚନ ମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିମପୁର (ଶାସନ) ଗ୍ରାମରେ ଫୁସଫୁସ କ୍ୟାନସର ରୋଗରେ ପୀଡ଼ିତ ସୁରେନ୍ଦ୍ର ମଲ୍ଲିକଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବରପାଇ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ଭିତର ସୁବଳା ଗ୍ରାମସ୍ଥିତ 'ସଦା ଶିବ ହେଲ୍ଥ ଫାଉଣ୍ଡେସନ'ର ସଦସ୍ୟମାନେ ପହଞ୍ଚି ସହାୟତାର ହାତ ବଢ଼ାଇଥିଲେ। ଫାଉଣ୍ଡେସନର ସଦସ୍ୟମାନେ ସୁରେନ୍ଦ୍ର ମଲ୍ଲିକଙ୍କୁ ଏକ କବାଟ ଉପରେ ଶୋଇଥିବା ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ପରେ ସଙ୍ଗେ ସଙ୍ଗେ ବଜାରକୁ ଯାଇ ତାଙ୍କ ପାଇଁ ଏକ ଖଟ, ପରିବାର ପାଇଁ ପିନ୍ଧିବା ବସ୍ତ୍ର ସହିତ ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ସହାୟତା କାର୍ଯ୍ୟକ୍ରମରେ ମନୋଜ ସାମଲ, ସୁଶାନ୍ତ ଚୌଧୁରୀ, ପ୍ରିୟ ରଞ୍ଜନ ଦାସ, ସରୋଜ ରାଉତ, ବିଶ୍ୱ ରଞ୍ଜନ ବାରିକ, ବିଶ୍ୱନାଥ ଚୌଧୁରୀ, ଦେବଦତ୍ତ ସାମଲ, ସୌମ୍ୟ ରଞ୍ଜନ ସ୍ୱାଇଁ, ତପନ ରାଉଳ, ପ୍ରଦ୍ୟୁମ୍ନ ଭୂୟାଁ, ବିକ୍ରମ ପାତ୍ର, ସରୋଜ ବାରିକ ଓ ଗୌତମ ସାମଲ ପ୍ରମୁଖ ସାମିଲ ଥିଲେ।

## ରାଜକନିକାରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ

ରାଜକନିକା,୧୭।୫(ସମିସ): ଆର୍ଟ ଅଫ ଗିଭିଂର ତ୍ରୟୋଦଶତମ ସଂସ୍କରଣ ଅବସରରେ ଆଜି ରାଜକନିକା ମିନି ଷ୍ଟାଡିୟମରେ ରାଜକନିକା ବ୍ଲକର ଭଲିବଲ ଆସୋସିଏସନ ଓ ୟଙ୍ଗଷ୍ଟାର ଆସୋସିଏସନ ରାଜକନିକା ଟିମ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଖେଳ ଶେଷରେ ବିଜୟୀ ଓ ରନର୍ସ ଟିମକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଦାଶ, ଅନ୍ୟତମ ଅତିଥି ଭାବରେ କିଟର ସ୍ଥାନୀୟ ଅଞ୍ଚଳର କର୍ମଚାରୀ ଅକ୍ଷୟ ମହାନ୍ତି, କଳିଙ୍ଗ ଟିଭିର ଆଳି ପ୍ରତିନିଧି ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଉଭୟ ଦଳକୁ ଭଲି ନେଟ ଓ ବଲ୍ ପ୍ରଦାନ କରିଥିଲେ।

## ସମାଜସେବୀଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୧୭।୫(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବେଲତଳ ଅଧିକାରୀ ସାହିର ସମାଜସେବୀ ପୁରୁଷୋତ୍ତମ ଦାଶ (୮୫)ଙ୍କ ପରଲୋକ ଘଟିଛି। ଶନିବାର ସକାଳ ୭ଟା ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପଟ୍ଟାମୁଣ୍ଡାଇ ମେଡ଼ିକାଲରେ



ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ହୃଦ୍‌ଘାତ ହୋଇଥିବା କହିଥିଲେ। ସ୍ୱର୍ଗତ ପୁରୁଷୋତ୍ତମ ଦାଶଙ୍କ ପତ୍ନୀ ସାବିତ୍ରୀ ବ୍ରତ ଉପବାସ କରିଥିବା ବେଳେ ତାଙ୍କର ଅକାଳ ବିୟୋଗ ପରିବାର ଓ ଗ୍ରାମବାସୀଙ୍କୁ ବ୍ୟଥିତ କରିଛି। ଗ୍ରାମର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ସହିତ ତାଙ୍କର ପ୍ରତେକ୍ଷ ସମ୍ପର୍କ ରହିଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଡ଼ ପୁଅ ରଞ୍ଜନ କୁମାର ଦାଶ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ମଝିଆ ପୁଅ ବିଶିଷ୍ଟ ଚିତ୍ରଶିଳ୍ପୀ ରାଜେନ୍ଦ୍ର କୁମାର ଦାଶ, ରବୀନ୍ଦ୍ର କୁମାର ଦାଶ, ୫ ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଜେଡି ନଗର ସଭାପତି ଖଗେଶ୍ୱର ଲେଙ୍କା, ବିଜେପି ନେତା ମିଟୁ ମନୋଜ ନାୟକ, ପୂର୍ବତନ ନଗର ବିଜେପି ସଭାପତି ଶଶିକାନ୍ତ ସ୍ୱାଇଁ, ଉପେନ୍ଦ୍ର ନାୟକ, ସୁଧାଂଶୁ ଶେଖର ଜେନା ଓ ସମାଜସେବୀ ସରୋଜ ପାଢୀ, ଗୁନା ସେଠୀ, ବିଜେପି ବରିଷ୍ଠ ନେତା ରବୀନ୍ଦ୍ର ବିଶ୍ୱାଳ, ସମୀର ପାତ୍ର, ବାପି ଦାଶ, ସନ୍ତୋଷ କୁମାର ପାଢ଼ୀ, ନିର୍ମଳ ତ୍ରିପାଠୀ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଦାଶଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଫୁଟବଲ ଯୁବା ପ୍ରତିଭା ଅନ୍ୱେଷଣ ଶିବିର

ରାଜକନିକା,୧୭।୫(ସମିସ): ଗ୍ରାମାଞ୍ଚଳରେ ଫୁଟବଲ ଖେଳ ପ୍ରତି ବଢି ଚାଲିଥିବା ଆଗ୍ରହ ଏବଂ କୃତିତ୍ୱକୁ ଅନୁସରଣ କରି ଆଜି ଅପରାହ୍ନରେ ତରାସ ମିନି ଷ୍ଟାଡିୟମ ଠାରେ ଇନସିଗ ଏଡୁ ସ୍ପୋର୍ଟ୍ସ ଭୁବନେଶ୍ୱର, ଓଡିଶା ତରଫରୁ



ଏକ ଫୁଟବଲର ଯୁବା ଫୁଟବଲର ପ୍ରତିଭା ଅନ୍ୱେଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଏକାଡେମୀର କୋ ଫାଉଣ୍ଡର ଶେଖ ଅବଦୁଲ ରବ ଉପସ୍ଥିତ ରହି ଖେଳ ପ୍ରତି ଆଗ୍ରହ ରଖିଥିବା ଶତାଧିକ ଯୁବକ ଯୁବତୀଙ୍କ କ୍ରୀଡା ନୈପୂଣ୍ୟ ସହ ଆଗ୍ରହର ପରୀକ୍ଷା ନେଇଥିଲେ। ତରାସ ନେତାଜୀ କ୍ଲବର ପ୍ରୟାସରେ ଆୟୋଜିତ ଏହି ପ୍ରତିଭା ଅନ୍ୱେଷଣ ଶିବିରରେ ଏନ୍‌ଏସି ଚାନ୍ଦବାଲି, ରାଜକନିକା ଅଞ୍ଚଳର କାଳିକାପୁର ବାଘବୁଦା, ତରାସ, ଆଳି ମହିଳା ଫୁଟବଲ ଟିମର ଶତାଧିକ କ୍ରୀଡା ପ୍ରତିଭା ଯୋଗ ଦେଇ ଶିବିରରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ।

# ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେବାର ବିଳମ୍ବ

ପଞ୍ଚୁପାଣ୍ଡବ,୧୭।୫(ସମିସ)



ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଗୃହ ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ହୋଇ ଆସୁଛି। କିନ୍ତୁ ପ୍ରଶାସନ ଅଧିକାରୀ ଏବଂ ବିଭିନ୍ନ ଦଳର ନେତା ମାନେ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ବି କାର୍ଯ୍ୟକାରୀ ହୋଇ ପାରୁନଥିବା ଅଭିଯୋଗ ହେଉଛି। ଏହି ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳ ରଘୁରାମ ଆର୍ ଅୟାର୍, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ତହସିଲଦାର ସରୋଜ କୁମାର ନାୟକ, ବିଡ଼ିଓ ନମିତା ବାରିକ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ଡେରାବିଶ ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଏବଂ ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକଙ୍କ ସହ ଗ୍ରାମର କିଛି ମୁରବିମାନଙ୍କୁ ନେଇ ଏକ ବୈଠକ କରା ଯାଇଥିଲା। ଏହି ବୈଠକରେ ଆଲୋଚନା କରାଯାଇ ସବୁ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ନୋଳ ସାହି ଏବଂ ରଘୁଦେଇପୁର ଦୁଇ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କେଉଁ ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେବ ସେଥି ମଧ୍ୟରେ ଦୁଇ ଗ୍ରାମର ଲୋକେ ଛାକାପଞ୍ଝାରେ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଦୁଇ ଗ୍ରାମରେ ଦୁଇଟି କାର୍ଯ୍ୟଳୟ ହେବା ପାଇଁ ପ୍ରଶାସନ ଅଧିକାରୀ ଏବଂ ନେତା ମାନଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କୁ ବୁଝାସୁଝା କରା ଯାଇଥିଲା। ଏହି ବୈଠକରେ ସାତଦିନ ମଧ୍ୟରେ କାର୍ଯ୍ୟଳୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ୨ତାରିଖରୁ ୧୫ ଦିନ ହୋଇଗଲାଣି; କିନ୍ତୁ ପ୍ରଶାସନ ଅଧିକାରୀ ଓ ନେତା ମାନଙ୍କ ଦେଖା ନଥିବା ଅଭିଯୋଗ ହେଉଛି। ସୂଚନା ଥାଉକି ଏହି ପଞ୍ଚାୟତ କାର୍ଯ୍ୟଳୟ ୧୯୫୭ ମସିହାରେ ସ୍ଥାପିତ ହୋଇଥିଲା ବେଳେ ପୁରୁଣା ଆଜ ବେଷ୍ଟ ଘରେ କାର୍ଯ୍ୟଳୟ ଚାଲୁଥିବା ଦେଖିବାକୁ ମିଳୁଛି। ଏଥି ମଧ୍ୟରେ କୋର୍ଟଙ୍କ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ନଥିବା ବେଳେ କିଛିଦିନ ତଳେ ପ୍ରଶାସନ ସ୍ଥାନ ନିରୂପଣ କରିବାକୁ ଯାଇ ଫେରିଥିବା ଜଣା ପଡ଼ିଛି। ରଘୁଦେଇପୁର ପଞ୍ଚାୟତରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଅନିଶ୍ଚିତତା ଜାରି ରହିଛି। ଏକ ଭଙ୍ଗା ଆଜବେଷ୍ଟସ ଘରେ ପ୍ରାୟ ୬୮ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଯୋଗୁଁ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁନାହିଁ। ଏପରିକି କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଅର୍ଥ ବ୍ୟୟ ବରାଦ କରାଯାଇଥିଲେ ମଧ୍ୟ ସ୍ଥାନ ନିରୂପଣ ସମସ୍ୟା ଲାଗିରହିଛି। ପ୍ରଶାସନ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ଗୃହ କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରଶାସନ ଅଧିକାରୀ ମାନଙ୍କ କ୍ଷମତା ରହିଛି କିନ୍ତୁ ଗୃହ ନିର୍ମାଣ ପାଇଁ ପଛ ଘୁଞ୍ଚା ଦେବା ପରେ ପଞ୍ଚାୟତବାସୀଙ୍କ ଆଶା ମୌଳିବା ଏକ ଉଦାହରଣ ବୋଲି ବୃଦ୍ଧି ଯିବୀ ମହଲରେ ଅଭିଯୋଗ ହେଉଛି। ଏ ବିଷୟରେ ପ୍ରଶାସନ ଅଧିକାରୀମାନଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅବହେଳା କହୁଥିବା ବେଳେ ଗ୍ରାମବାସୀଙ୍କ ଦାବି ପ୍ରଶାସନ ଅଧିକାରୀ ମାନଙ୍କ ଏ ଦାୟିତ୍ୱ। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଯେତେ ଶୀଘ୍ର ପଞ୍ଚାୟତ ଗୃହ ନିର୍ମାଣ କରିବା ପାଇଁ ବୃଦ୍ଧିଜୀବି ମାନେ ଦାବି କରିଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଗରଦପୁର,୧୭।୫(ସମିସ): ଗରଦପୁର ବ୍ଲକ ଅଧୀନ ତେଣ୍ତାକୁଦା ପଞ୍ଚାୟତର ବସନ୍ତପୁର ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ପୂର୍ବତନ ବ୍ୟାଙ୍କ ଅଧିକାରୀ କିଶଳୟକାନ୍ତ ମହାପାତ୍ର (୮୦)ଙ୍କର ଆଜି ଅପରାହ୍ନରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ସ୍ୱର୍ଗତ ମହାପାତ୍ର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଉଚ୍ଚ ପଦବୀରେ କାର୍ଯ୍ୟରତ ଥିଲେ। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ବେଳେ ତାଙ୍କ ପାଖରେ ସ୍ତ୍ରୀ, ଏକମାତ୍ର ପୁଅ ଓ ଦୁଇ ଝିଅ ଉପସ୍ଥିତ ଥିଲେ। ତାଙ୍କ ବଡପୁଅ ଶାଶ୍ୱତ ଶୁଭଦର୍ଶୀ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡ଼ିଛି।

## ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର



ବାରିକପୁର,୧୭।୫(ସମିସ): ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ଭଦ୍ରକସ୍ଥିତ ଆବାସିକ କାର୍ଯ୍ୟାଳୟଠାରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ପ୍ରତି ଟାଟା କମ୍ପାନୀ ବିଭାଗରେ ନିଯୁକ୍ତ ହୋଇଥିବା ଠିକା ଶ୍ରମିକମାନଙ୍କୁ ବେଆଇନ ଭାବେ ଛଟେଇ କରାଯାଉଛି। କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ସେବା ଯୋଗାଇ ଆସୁଥିବାବେଳେ ସେମାନଙ୍କୁ ବିଦ୍ୟୁତ୍ ବିତରକ କମ୍ପାନୀ ଛଟେଇ କରୁଛି। ତେଣୁ ଏହା ପ୍ରତିବାଦରେ ଏବେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ଆନ୍ଦୋଳନ ଆରମ୍ଭ ହୋଇଛି। କମ୍ପାନୀର ଏଭଳି ମନମୁଖୀ ବେଆଇନ ଛଟେଇ ବାବଦରେ କର୍ମଚାରୀମାନେ ବିଧାୟକଙ୍କ ସହିତ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଏନେଇ ଟାଟା କମ୍ପାନୀର ସିଇଓଙ୍କ ସହିତ ଫୋନ୍ ଯୋଗେ କଥାବାର୍ତ୍ତା ହୋଇ ସମସ୍ୟାର ସମାଧାନ ପାଇଁ କହିଛନ୍ତି। ଏପରିକି ଛଟେଇ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରଦ୍ଦ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

# ରବିବାର ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଝୁଲୁଛି ତାଲା; ରୋଗୀ ହନ୍ତସନ୍ତ

ଦୋବଲ,୧୭।୫(ସମିସ)

ଧାମନଗର ବ୍ଲକ୍‌ରେ ସରକାରଙ୍କ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରବିବାର ଦିନ ବ୍ଲକ୍‌ର ଏକାଧିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡ଼ିବା କାରଣରୁ ରୋଗୀମାନେ ଚିକିତ୍ସା ସେବା ନ ପାଇ ହନ୍ତସନ୍ତ ହୋଇ ଫେରିଛନ୍ତି। ସୋହଡ଼ା ପଞ୍ଚାୟତ ବାଲିପଡ଼ାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରବିବାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ମୁଖ୍ୟ ଫାଟକରେ ତାଲା ପଡ଼ିଥିବାବେଳେ ପ୍ରାୟ ୧୦ରୁ ଅଧିକ ରୋଗୀ ଆସି ଦୀର୍ଘ ସମୟ ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିଥିଲେ। ଏଠାରେ ଦାୟିତ୍ୱରେ ଥିବା ଏମ୍‌ବିବିଏସ୍ ଡାକ୍ତର ଆସି ନ ଥିବାବେଳେ, ଅନ୍ୟ ଜଣେ ଆୟୁଷ ଡାକ୍ତର ମଧ୍ୟ ଅନୁପସ୍ଥିତ ଥିଲେ। ଦୁଇ ଡାକ୍ତର ନ ଥିବାରୁ ଫାର୍ମାସିଷ୍ଟ ବା ଷ୍ଟାଫ୍ ନର୍ସଙ୍କ ଭଳି ଅନ୍ୟ କୌଣସି କର୍ମଚାରୀ ମଧ୍ୟ ଡାକ୍ତରଖାନାକୁ ଆସି ନ ଥିଲେ। ସେହିଭଳି ସମାନ ସ୍ଥିତି ଦେଖିବାକୁ ମିଳିଥିଲା ଦିହୁଡ଼ି ଆନନ୍ଦପୁର ପଞ୍ଚାୟତରେ। ଆନନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ବର୍ଷେ ହେବ କୌଣସି ସ୍ଥାୟୀ ଏମ୍‌ବିବିଏସ୍ ଡାକ୍ତର ନାହାନ୍ତି। ଜଣେ ଆୟୁଷ ଡାକ୍ତରଙ୍କ ଭରସାରେ କାମ ଚାଲିଛି। ରବିବାର ସେ ସାପ୍ତାହିକ ଛୁଟିରେ ଥିବାରୁ ସେଠାରେ ମଧ୍ୟ ମୁଖ୍ୟ ଫାଟକରେ ତାଲା ଝୁଲୁଥିଲା। ଏନେଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ମନ୍ମୟ ସାମନ୍ତସିଂହାରଙ୍କୁ ପଚାରିବାରୁ ସେ ଏକ ବିଚିତ୍ର ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ, "ବାଲିପଡ଼ା ପିଏଚ୍‌ସିର ଡାକ୍ତର ଛୁଟିରେ ଅଛନ୍ତି ଏବଂ ଆୟୁଷ ଡାକ୍ତରଙ୍କର ରବିବାର ସାପ୍ତାହିକ ଛୁଟି। ଦୁଇ ଜଣ ଯାକ ଡାକ୍ତର ନ ଥିବାରୁ କାହା ଭରସାରେ ଡାକ୍ତରଖାନା ଖୋଲାଯିବ? ଯଦି ଅନ୍ୟ କୌଣସି କର୍ମଚାରୀଙ୍କ ଦ୍ୱାରା ଭୁଲ୍ ଚିକିତ୍ସା ହୁଏ, ତେବେ ପରିସ୍ଥିତି ଆହୁରି ଭୟଙ୍କର ହେବ। ଆନନ୍ଦପୁର ପିଏଚ୍‌ସିରେ ମଧ୍ୟ ଡାକ୍ତର ପଦ ଖାଲି ଥିବା ଓ ଆୟୁଷ ଡାକ୍ତର ଛୁଟିରେ ଥିବାରୁ ସେଠାରେ ମଧ୍ୟ ବନ୍ଦ ରଖାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।




ସରକାରୀ ନିୟମାବଳୀ କିଛି ଅଲଗା କଥା କହୁଛି। ଭାରତ ସରକାରଙ୍କ ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡସ-୨୦୨୨ର ଗାଇଡ୍‌ଲାଇନ୍ ଅନୁଯାୟୀ, ଯଦି କୌଣସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସୁତି ଏବଂ ଜରୁରୀକାଳୀନ ସେବା ପାଇଁ ଉଦ୍ଦିଷ୍ଟ, ତେବେ ତାହା ସପ୍ତାହର ୭ ଦିନ ଯାକ ୨୪ ଘଣ୍ଟା ଖୋଲା ରହିବା ବାଧ୍ୟତାମୂଳକ। ସାଧାରଣ ପିଏଚ୍‌ସି କ୍ଷେତ୍ରରେ ମଧ୍ୟ ସପ୍ତାହକୁ ୬ ଦିନ ଓପିଡି ସେବା ଯୋଗାଇ ଦିଆଯିବା ଉଚିତ୍। ଯଦି ମୁଖ୍ୟ ଡାକ୍ତର ଅନୁପସ୍ଥିତ ଥାଆନ୍ତି, ତେବେ ରୋଟେସନ ବ୍ୟବସ୍ଥା ବା ବିକଳ୍ପ ଡାକ୍ତରଙ୍କ ଜରିଆରେ କେନ୍ଦ୍ର ଖୋଲା ରଖିବା କଥା। ସ୍ୱାସ୍ଥ୍ୟକେନ୍ଦ୍ରର ସାମଗ୍ରିକ ପରିଚାଳନା ପାଇଁ ଗଠିତ ଜନଆରୋଗ୍ୟ ସମିତିର ଏହା ମୁଖ୍ୟ ଦାୟିତ୍ୱ। ଡାକ୍ତର ନ ଥିଲେ ମଧ୍ୟ ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ ଓ ଅନ୍ୟ ସହାୟକ କର୍ମଚାରୀ ରହି ରୋଗୀଙ୍କୁ ପ୍ରାଥମିକ ସହାୟତା ଓ ସ୍ଥିରତା ପ୍ରଦାନ କରିବା ନିୟମ ରହିଛି। ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଗରିବ ଓ ମଧ୍ୟବିତ ଲୋକଙ୍କ ପାଇଁ ପ୍ରାଥମିକ ଚିକିତ୍ସାର ଏକମାତ୍ର ମାଧ୍ୟମ। ଆୟୁଷ୍ମାନ ଭାରତ-ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍ ସେଣ୍ଟର ଗାଇଡ୍‌ଲାଇନ୍ ଅନୁଯାୟୀ, ଏଠାରେ ସାଧାରଣ ରୋଗର ଉପଚାର ସହ ମାତୃ ଓ ଶିଶୁ ମଙ୍ଗଳ, ଗର୍ଭବତୀ ମହିଳାଙ୍କ ଯାଞ୍ଚ, ସଂକ୍ରାମକ ଏବଂ ଅଣ-ସଂକ୍ରାମକ ରୋଗର ପ୍ରାରମ୍ଭିକ ସ୍କ୍ରିନିଂ ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟଣ ହେବା କଥା। ତୃଣମୂଳସ୍ତରର ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କ ସହ ସମନ୍ୱୟ ରକ୍ଷା କରି ଏହା ସ୍ଥାନୀୟ ଅଞ୍ଚଳରେ ରୋଗ ନିୟନ୍ତ୍ରଣ କରିବା ଉଚିତ୍। କିନ୍ତୁ ଧାମନଗରରେ ଅଧୀକ୍ଷକଙ୍କ ବେପରୁଆ ବୟାନ ଓ ସ୍ୱାସ୍ଥ୍ୟ ବିଭାଗର ଉଦାସିନତା ଯୋଗୁଁ ସାଧାରଣ ଜନତା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି।

# ଛାତରୁ ଖସିପଡ଼ି ଅଧ୍ୟାପକଙ୍କ ମୃତ୍ୟୁ

ଭଦ୍ରକ/ଦୋଳସାହି,୧୭।୫(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧ୍ୟାପକ ବିରଞ୍ଚି ନାରାୟଣ ମହାନ୍ତିଙ୍କର ଶନିବାର ଅପରାହ୍ଣରେ ଛାତରୁ ପଡ଼ି ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ବୟସ ହୋଇଥିଲା। ସେ ତାଙ୍କ ଭଦ୍ରକ କୁଆଁସସ୍ଥିତ ତିନି ମହଲା କୋଠାରେ ରହୁଥିଲେ। ଶନିବାର ଅପରାହ୍ଣରେ ଛାତ ଉପରେ କାମ କରୁଥିବାବେଳେ କୌଣସି କାରଣବଶତଃ ତଳକୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କଟକ ଯିବା ବାଟରେ ଚଣ୍ଡୀଖୋଲ ନିକଟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ସେ ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟରେ ୨୦୦୫ରେ ଅର୍ଥନୀତି ବିଭାଗରେ ଯୋଗଦେଇଥିଲେ। ସେ ଦୀର୍ଘ ୨୧ ବର୍ଷ ଚାକିରି କରିଥିଲେ ମଧ୍ୟ ସରକାରୀ ସ୍ୱୀକୃତିପ୍ରାପ୍ତ ହୋଇପାରି ନ ଥିଲେ। ସେ ଜଣେ ଶାନ୍ତ, ସରଳ, କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ, ଅମାୟିକ, ଧର୍ମପରାୟଣ, ଅଧ୍ୟାପକ ଭାବେ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ଆକସ୍ମିକ ବିୟୋଗରେ ଭଦ୍ରକ ତଥା ତିହିଡ଼ି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରତାପ, ଅଧ୍ୟାପକ ଡ. ବଂଶୀଧର ବେହେରା କଟକ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅଧ୍ୟାପକ କମଳାକାନ୍ତ ଓଝା, ଅଶୋକ ଗୋଛାୟତ, ନାରାୟଣ ପୃଷ୍ଟି, ଜୀବନାନନ୍ଦ ପାଣିଗ୍ରାହୀ, ଦେବେନ୍ଦ୍ର ଉଦ୍‌ଗାତା, ରବିନାରାୟଣ କରଣ, ଲକ୍ଷ୍ମୀକାନ୍ତ ବ୍ରହ୍ମ, ହରିହର ନାୟକ, ସଂଘମିତ୍ରା ବେହେରା, ଡ. ପ୍ରଣତି ପଣ୍ଡା, କ୍ରୀଡ଼ା ଶିକ୍ଷକ ବିଦ୍ୟାଧର ଭୋଇ, ମୁଖ୍ୟ କିରାଣି ସୁକାନ୍ତ ମହାପାତ୍ର, ଅଣାକାର ପାତ୍ରଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷା କର୍ମଚାରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



## ମଞ୍ଚରେ ଚାଲିଗଲା ଜୀବନ

ରାଇରଙ୍ଗପୁର,୧୭।୫(ସମିସ): ଷ୍ଟେଜରେ ପାଲା ପରିବେଷଣ କରିବା ସମୟରେ ପାଲା କଳାକାରଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଜାମଦା ଥାନା ଅନ୍ତର୍ଗତ କୁଦାହାସା ଗ୍ରାମରେ ଘଟିଛି। ମୃତ ପାଲା କଳାକାର ଜଣକ ହେଲେ ଜଗତସିଂହପୁର ଜିଲ୍ଲା ଭୂତମୁଣ୍ଡାଇ ଗ୍ରାମର ବସନ୍ତ ବେହେରା। ସେ ଗତ ତିନିଦିନ ଧରି ସ୍ଥାନୀୟ ଗ୍ରାମରେ ପାଲା ପରିବେଶ କରୁଥିଲେ। ହଠାତ ବସନ୍ତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପରେ ପାଲା ପରିବେଷଣ ବନ୍ଦ ହୋଇଥିବାବେଳେ କଳାପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା।

**କର୍ଣ୍ଣାଟକରେ ଭଦ୍ରକର ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ**

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଭଦ୍ରକ,୧୭।୫(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅନ୍ତର୍ଗତ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ହାସିନପୁର ଗ୍ରାମର ଭରତ ଚନ୍ଦ୍ର ଜେନାଙ୍କ ପୁଅ ଇଞ୍ଜିନିୟର ଜଗନ କୁମାର ଜେନା(୨୯) କର୍ଣ୍ଣାଟକର ହିରୁର ଅଞ୍ଚଳର ଏକ ଘରୋଇ କମ୍ପାନୀରେ ସୁପରଭାଇଜର ଭାବରେ କାମ କରୁଥିଲେ। ସେ ଏକ ବର୍ଷ ତଳେ କମ୍ପାନୀରେ ଯୋଗଦେଇଥିଲେ। ସେ ସେଠାରେ କମ୍ପାନୀ ତରଫରୁ ଦିଆଯାଇଥିବା କ୍ୱାର୍ଟର୍ସରେ ୩ ଜଣ ସାଙ୍ଗଙ୍କ ସହ ରହୁଥିଲେ। ଗତ ୧୪ ତାରିଖରେ ତାଙ୍କୁ ହତ୍ୟା କରାଯିବା ପରେ ରୁମ୍‌ରେ ତାଲା ଦେଇ ସେ ନିଜେ ଆତ୍ମହତ୍ୟା କରିଛନ୍ତି ବୋଲି ରୂପ ଦେଇଥିଲେ। ପରିବାର ଲୋକଙ୍କୁ ଖବର ଦିଆଗଲା ତୁମ ଜଗନ୍ ଆତ୍ମହତ୍ୟା କରିଛି। ଖବର ପାଇ ତାଙ୍କ ସମ୍ପର୍କୀୟମାନେ ହିରୁର ଥାନାରେ ପୁଲିସକୁ ଅଭିଯୋଗ କରିଥିଲେ। ଜଗନଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିବା ପରେ ପୁଲିସ ଏହି ଅଭିଯୋଗ ଗ୍ରହଣ କରି ନ ଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ଶବକୁ ଓଡ଼ିଶା ପଠାଇ ଦେଇଥିଲା। ରବିବାର ଜଗନଙ୍କ ମୃତଦେହ ଭଦ୍ରକ ଆସିବା ପରେ ବରପଦା ବଜାରରୁ ତାଙ୍କୁ ଶୋଭାଯାତ୍ରାରେ ଅଣାଯାଇ ନିଜ ଗ୍ରାମ ହାସିନପୁରକୁ ଅଣାଯାଉଥିଲା। ଗ୍ରାମ ପରିକ୍ରମା କରିବା ପରେ ତାଙ୍କର ଶବ ସତ୍କାର କରାଯାଇଛି। ତାଙ୍କ ମୃତ୍ୟୁର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରାଯାଉ ବୋଲି ପରିବାର ଲୋକେ ଦାବି କରିଛନ୍ତି। ଜଗନଙ୍କ ଅକାଳ ବିୟୋଗରେ ପରିବାରରେ ଶୋକର ଛାୟା ଖେଳିଯାଇଛି।



# ଶ୍ରୀମନ୍ଦିର ଭଉଁରୀ ଯାତ୍ରାରେ ପ୍ରଚାର ସମିତିର ଯୋଗଦାନ

ଭଦ୍ରକ,୧୭।୫(ସମିସ): ନୀଳାଚଳ କ୍ଷେତ୍ର ପୁରୀରେ ପ୍ରଚଳିତ ଥିବା ଭଉଁରୀ ଯାତ୍ରାରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଦ୍ୱାରା ଅନୁବନ୍ଧିତ ହୋଇଥିବା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ପୁରୀ ସହାୟତାରେ ଭଦ୍ରକ ଜିଲ୍ଲାର ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଓ ବାଲେଶ୍ୱର ଜିଲ୍ଲାର ୫ଟି ସଂକୀର୍ତ୍ତନ ମଣ୍ଡଳୀ ପ୍ରଚାର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ଓ ସହ ଆବାହକ ବାବୁଲାଲ ଦାସ, ରାଜେନ୍ଦ୍ର ପ୍ରସାଦ ଅଗସ୍ତିଙ୍କ ନେତୃତ୍ୱରେ ଭଉଁରୀ ଯାତ୍ରାରେ ଯୋଗଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଭଦ୍ରକ ସଂକୀର୍ତ୍ତନ ମଣ୍ଡଳୀର ତତ୍ତ୍ୱାବଧାରକ ସୁରେନ୍ଦ୍ର ପ୍ରସାଦ ନାୟକ, ଦୁର୍ଗାଚରଣ ନାୟକ, ରତିକାନ୍ତ ନାୟକ ଓ ବାଲେଶ୍ୱର ଜିଲ୍ଲାର କୈଳାସ ଚନ୍ଦ୍ର ବେହେରା, ଅନ୍ନପୂର୍ଣ୍ଣା ଦାଶ, ସୁକାନ୍ତି ନାୟକ, ଜୟନ୍ତୀ ପୋଥାଳ, କନକଲତା ପୋଥାଳ ପ୍ରମୁଖ ଯୋଗଦେଇଥିଲେ।



# ଓଭରବ୍ରିଜ୍ ଉପରୁ ମିଳିଥିବା ମୃତଦେହର ମିଳିଲା ପରିଚୟ

ବେତନଟୀ, ୧୭।୫(ସମିସ): ୧୮ ନଂ ଜାତୀୟ ରାଜପଥର କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ୍ ଉପରେ ଗୁରୁବାର ରାତିରେ ମିଳିଥିବା ଅପରିଚିତ ମୃତଦେହର ପରିଚୟ ସ୍ପଷ୍ଟ ହୋଇଛି। ମୃତ ବ୍ୟକ୍ତି ଜଣକ ବୈଶିଙ୍ଗା ଥାନା ଅନ୍ତର୍ଗତ ପତଡା ଗ୍ରାମର ସ୍ୱର୍ଗତ ବାବୁ ରଣାଙ୍କ ପୁତ୍ର ପ୍ରମୋଦ ରଣା। ଗୁରୁବାର ସନ୍ଧ୍ୟାରେ କୃଷ୍ଣଚନ୍ଦ୍ରପୁର ଇଲାକାରେ ବୁଲୁଥିବା ପ୍ରମୋଦ ଓଭରବ୍ରିଜ୍ ଉପରେ ରାସ୍ତା ଡିଭାଇଡର୍ ଉପରେ ବସି ରହିଥିବା ସମୟରେ ହଠାତ୍ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକ ଖବର ଦେବା ପରେ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ରନ୍ଧାକର ବାରିକ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଏଏସଆଇ ରନ୍ଧାକର ବାରିକ ପ୍ରକୃତ ପରିଚୟ ଜାଣିବା ପାଇଁ ପଚରାଉଚରା ଜାରି ରଖିଥିବାବେଳେ ଶନିବାର ଦିନ ମୃତକଙ୍କ ପରିଚୟ ଜଣାପଡ଼ିଥିଲା। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ମୃତକଙ୍କ ସ୍ତ୍ରୀ ସରସ୍ୱତୀ ରଣା ଓ ବଡ଼ଭାଇଙ୍କୁ ଶବ ହସ୍ତାନ୍ତର କରାଯାଇଛି। ପୁଲିସ୍ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ତଦନ୍ତ ଜାରି ରଖିଛି।

**ଶିମିଳିପାଳରେ ଗଛ କଟା ଓ ବନ ସୁରକ୍ଷା ପ୍ରସଙ୍ଗ**

# ଭଞ୍ଜସେନାର ଉଚ୍ଚସ୍ତରୀୟ ତଦନ୍ତ ଦାବି

ବାରିପଦା, ୧୭।୫(ସମିସ): ଯଶିପୁରସ୍ଥ ଶିମିଳିପାଳ ପ୍ରବେଶ ଦ୍ୱାର କାଳିକାପ୍ରସାଦ ଗେଟ୍ ପାଖରେ ହଜାର ହଜାର ଗଛରେ ନମ୍ବରିଂ କରାଯିବା ପରେ ବିରୋଧର ସ୍ୱର ଉଠିଛି। ଭଞ୍ଜସେନା ସହ ଜିଲ୍ଲାର ଅନେକ ସଚେତନ ନାଗରିକ ଏହାର ବିରୋଧ କରିବା ସହ ପ୍ରକୃତି ସୁରକ୍ଷା ପାଇଁ ପ୍ରଶ୍ନ ଉଠାଇଛନ୍ତି। ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସରକାରୀ ଜଙ୍ଗଲ ଜମିରେ ଥିବା ହଜାର ହଜାର ଗଛ କାଟି ବିକାଶ ନାମରେ ଅନ୍ୟାୟ କରାଯାଉଛି। ବନ ବିଭାଗକୁ ବଦନାମ କରିବା ପାଇଁ କୌଣସି ଷଡ଼ଯନ୍ତ୍ରର ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ଶିମିଳିପାଳ ଓ ଜିଲ୍ଲାର ପାହାଡ଼ ଜଙ୍ଗଲ ସୁରକ୍ଷାରେ ଥିବା ମୟୂରଭଞ୍ଜ ବନ ବିଭାଗ ଉପରେ ଦୀର୍ଘଦିନର ଅନିୟମିତତା, ଅନୁଦାନ ଆତ୍ମସାତ୍, ମୂଲ୍ୟବାନ ଗଛ କଟା ଓ ଅନ୍ୟାନ୍ୟ ଅଭିଯୋଗ ରହିଛି।






ବାରିପଦା-ଲୁଲୁଙ୍ଗ ରାସ୍ତା ରଙ୍ଗାମାଟିଆ ପାଖରେ ପ୍ରାୟ ୧୦୦ ଏକର ଜଙ୍ଗଲ ଜମି ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ହୋଟେଲ ଶିଳ୍ପ ପାଇଁ ବିକାଶ କରାଯିବା, ଟୁରିଜିମ୍ ବିଭାଗର ଅରଣ୍ୟ ନିବାସ ଓ ଘରୋଇ ରିସୋର୍ଟ ପାଇଁ ସରକାରୀ ଜମି ଆତ୍ମସାତ ଘଟଣା ନେଇ ଭଞ୍ଜସେନା ମୁଖ୍ୟମନ୍ତ୍ରୀଙ୍କୁ ଦୁଇଟି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଗୋଟିଏ ବନ ବିଭାଗର ଅନିୟମିତତା ଓ ଅନ୍ୟଟି ଲୁଲୁଙ୍ଗ ଆଖପାଖରେ ହୋଇଥିବା ଅନିୟମିତତା ଓ ଗଛ କଟା ନେଇ ଅଭିଯୋଗ କରିଛନ୍ତି। ସଂଗଠନର ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି କହିଛନ୍ତି, ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗ କରି ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ଆମେ ଆନ୍ଦୋଳନ କରୁଛୁ। କିନ୍ତୁ ସରକାରୀ ପଡ଼ିଆ ଥିବାବେଳେ ପାହାଡ଼, ପର୍ବତ ଓ ବୃକ୍ଷଲତା କାଟି ବିକାଶ କରିବାକୁ ଆମେ ସମର୍ଥନ କରୁନାହୁଁ। ପୂର୍ବରୁ ଏହି ପ୍ରକଳ୍ପ ବିରୋଧରେ ଭଞ୍ଜସେନା ଏନଜିଟି ଓ କୋର୍ଟର ଦ୍ୱାରସ୍ଥ ହୋଇଥିଲା। କୋର୍ଟ ରୋକ୍ ଲଗାଇଥିଲେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

**ଗାନ୍ଧୀଘାଟ ଜଳସେଚନ ସେକ୍ସନରେ ଖୋଲାଖୋଲି ଲୁଟ୍ ଅଭିଯୋଗ**

# ବନ୍ୟାଞ୍ଚଳ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ଅଧିକାରୀ, ଠିକାଦାର

ଅସୁରାଳି,୧୭।୫(ସମିସ)

ସରକାର ବନ୍ୟା ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ଗମନାଗମନ ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଆଖୁଆପଦା ଜଳସେଚନ ବିଭାଗରେ ଏହି ଅର୍ଥ ଠିକାଦାର ଏବଂ ଅଧିକାରୀଙ୍କ ପକେଟକୁ ଯାଉଛି। ମନଇଚ୍ଛା ଯେଉଁଠି ପାରୁଛନ୍ତି ସେମିତି ମନମୁଖି କାମ କରୁଛନ୍ତି ଠିକାଦାର। ସରକାରଙ୍କ ନିୟମ ଅନୁସାରେ କୌଣସି ବି କାର୍ଯ୍ୟ ଆରମ୍ଭ ପୂର୍ବରୁ ସେଠାରେ ସୂଚନାଫଳକ ଲଗାଯିବା ବାଧ୍ୟତାମୂଳକ। ମାତ୍ର ଏଠାରେ ସବୁ ଓଲଟା। ଲୋକମାନେ ଯେମିତି କାମର ବ୍ୟୟ ଅଟକଳ ଓ ମାନ ବିଷୟରେ ଜାଣି ନ ପାରିବେ ସେଥିପାଇଁ ତଞ୍ଚକତା କରି କୌଣସି ଫଳକ ଲଗାଯାଉନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯନ୍ତ୍ରୀ ଏବଂ ଠିକାଦାରଙ୍କ ଭିତରେ କେମିତି ସଲାସୁତରା ରହିଛି।

ଧୂଷୁରୀ ଗାନ୍ଧୀଘାଟ ଜଳ ସମ୍ପଦ ସେକ୍ସନ ଅଧୀନ ଗେଙ୍ଗୁଟିର ଶାଖା ନଦୀ କଣ୍ଡିଆ ଡାହାଣ ପାଶ୍ୱର୍ ନଦୀଗାଁ ହନୁମାନ ମନ୍ଦିର ପାଖରୁ ଭଟସାହି ପଞ୍ଚାୟତ ନରହରିପୁର କାଳୀ ବରଗଛ ପର୍ଯ୍ୟନ୍ତ ନଦୀ ବନ୍ଧର ସୁଦୃଢ଼ୀକରଣ ପାଇଁ ୭୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଉକ୍ତ କାର୍ଯ୍ୟକୁ ଦରଖଣ୍ଡିଆ କରି ଅନ୍ୟ ଏକ ସ୍ଥାନରେ ସେହି କାର୍ଯ୍ୟ କରାଯାଉଛି। ନରହରିପୁରକୁ ଗମନାଗମନ ପାଇଁ ଏକ ଭଲ ରାସ୍ତା ନ ଥିବାରୁ କୌଣସି ପ୍ରକାରର ବଡ଼ ଗାଡ଼ି କିମ୍ବା ଜରୁରୀକାଳୀନ ଆମ୍ବୁଲାନ୍ସ ଗାଡ଼ି ଉକ୍ତ ଗ୍ରାମକୁ ଯାଇପାରୁନାହିଁ। ଏହି ସମସ୍ୟା ପାଇଁ ନରହରିପୁର ଗ୍ରାମବାସୀ ଦୀର୍ଘ ଦିନ ହେବ ସରକାରଙ୍କ ପାଖରେ ଦାବି କରି ଆସୁଥିଲେ, ଯାହା ଫଳପ୍ରଦ ମଧ୍ୟ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ବିଭାଗୀୟ ଯନ୍ତ୍ରୀ ଆଉ ଠିକାଦାରଙ୍କ ମିଳିଭଗତରେ ସେହି କାର୍ଯ୍ୟ ଅନ୍ୟତ୍ର ହେଉଥିବା ଦେଖିବାକୁ ମିଳିଛି। ଆବଶ୍ୟକସ୍ଥଳେ କାମ ନ ହୋଇ ଅନ୍ୟ ସ୍ଥାନରେ ରାସ୍ତା ନିର୍ମାଣରେ ବ୍ୟବହୃତ ହେଉଥିବା ସାମଗ୍ରୀ ଅତି ନିମ୍ନମାନର, ରାସ୍ତାର ଲମ୍ବ, ପ୍ରସ୍ଥ ଏବଂ ଉଚ୍ଚତାରେ ବ୍ୟାପକ ହେର୍‌ଫେର୍ ହୋଇ କାର୍ଯ୍ୟ କରାଯାଉଛି। ଡିଜାଇନ୍ ଅନୁସାରେ କାର୍ଯ୍ୟ କରା ନ ଯାଇ କେବଳ ଅର୍ଥ ହେର୍‌ଫେର୍ ଆଉ ହରିଲୁଟ୍ କରିବା ଉଦ୍ଦେଶ୍ୟରେ କାମ ଶେଷ କରିବାକୁ ପ୍ରୟାସ କରାଯାଉଛି। ସ୍ଥାନୀୟ ଜନତା ଯେତେବେଳେ ନିଜ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଏହି କାର୍ଯ୍ୟକୁ ବିରୋଧ କରୁଛନ୍ତି, ସେତେବେଳେ ସେମାନଙ୍କୁ ଦାଦାଗିରିର ସାମ୍ନା କରିବାକୁ ପଡୁଛି। ଠିକାଦାର ଓ ଯନ୍ତ୍ରୀ ମିଳିତ ଭାବେ ଗ୍ରାମବାସୀଙ୍କୁ ମିଳିତ ଭାବେ ନାଲିଆଖି ଦେଖାଇବା ସହିତ ପୁଲିସ କେସ୍‌ର ଧମକ ମିଳୁଛି। ଜନସାଧାରଣଙ୍କ ସ୍ୱରକୁ ଚାପିଦେଇ ସରକାରୀ ଟଙ୍କାକୁ ହଡ଼ପ କରିବାର ଏହା ଏକ ସୁଚିନ୍ତିତ ଯୋଜନା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସ୍ଥାନୀୟ ଜନସାଧାରଣ ଚନ୍ଦ୍ରଶେଖର ଓଝା, ପ୍ରଭାକର ସୂତାର, କାଳନ୍ଦୀ ଦଳାଇ, ଜୈରାମ ଓଝା, ଜଗବନ୍ଧୁ ଦଳାଇ, ମଦନ ସୂତାର, ରାଜୀବ ଓଝା, ବଳରାମ ସୂତାର, ହିମାଂଶୁ ସୂତାର, ବାଇଧର ଦଳାଇ, ଜଗବନ୍ଧୁ ଦଳାଇ, ପଦ୍ମାବତୀ ସୂତାର ପ୍ରମୁଖ ଉକ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।



- ବିନା ସୂଚନାଫଳକରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ
- ଅଭିଯୋଗ କଲେ ମିଳୁଛି ପୁଲିସ କେସ୍‌ର ଧମକ ଓ ଦାଦାଗିରି
- ଅଞ୍ଚଳବାସୀଙ୍କ ପକ୍ଷରୁ ଉକ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି

# ନାହିଁ ସୁରକ୍ଷା ବାଡ଼ା; ଲୋକଙ୍କୁ ବିପଦ କଣ୍ଟା ଛକ ପୋଲ

ବାରିକପୁର,୧୭।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କୁଲଣା ଭାୟା ଥଇଳା ଦେଇ ମଞ୍ଜୁରୀରୋଡ୍‌କୁ ସଂଯୋଗ ହୋଇଛି ଗ୍ରାମ୍ୟ ଉନ୍ନୟନ ବିଭାଗର ସୁଦୀର୍ଘ ରାସ୍ତା। ରାସ୍ତାଟି ଏବେ ଅତ୍ୟନ୍ତ ଜରାଜୀର୍ଣ୍ଣ ପାଲଟିଛି। ବିଶେଷ କରି ମଞ୍ଜୁରୀରୋଡ୍ ନିକଟସ୍ଥ ରାସ୍ତା ଉପରେ ଥିବା କଣ୍ଟା ଛକ କେନାଲ ପୋଲ ଅନ୍ୟତମ। ରାସ୍ତା ଅତିକ୍ରମ କରିଥିବା କେନାଲ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପୂର୍ବରୁ ଏହି ପୋଲ ନିର୍ମାଣ କରିଥିଲା। ରାସ୍ତା ପ୍ରଶସ୍ତୀକରଣ ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ପୋଲଟିର କୌଣସି ନବୀକରଣ କାର୍ଯ୍ୟ କରିନାହିଁ। ଏପରିକି ଦୁଇ ପାଶ୍ୱର୍ରେ ସୁରକ୍ଷା ବାଡ଼ା ନ ଥିବାରୁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ପୂର୍ବରୁ ଏହି ପୋଲ ଉପରେ ବାରମ୍ବାର ଦୁର୍ଘଟଣା ଘଟିଥିବାବେଳେ ଗତ ଶୁକ୍ରବାର ରାତିରେ ଜଣେ ଯୁବକ ପୋଲ ତଳକୁ ଖସି ଗୁରୁତର ହୋଇଛନ୍ତି। ସେ ଏବେ କଟକ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ବାଟ ଦେଇ ଦୈନିକ ପାଞ୍ଚ ସାତଟି ପଞ୍ଚାୟତର ଲୋକେ ବାଇକ୍ ଓ ସାଇକଲରେ ଯାତାୟାତ କରୁଥିବାବେଳେ ସୁରକ୍ଷା ଦୃଷ୍ଟିରୁ ପୋଲର ବାଡ଼ା ନିର୍ମାଣ ପାଇଁ ଦାବି ହୋଇଛି।



## ଆର୍ଟ ଅଫ୍ ଗିଭିଂର ୧୩ତମ ସଂସ୍କରଣ



ବାସୁଦେବପୁର,୧୭।୫(ସମିସ): ବାସୁଦେବପୁର ବ୍ଲକ୍ ଟାଉନ କ୍ଲବ୍ ଆନୁକୂଲ୍ୟରେ ଏ.ବି. ହାଇସ୍କୁଲ ପଡ଼ିଆଠାରେ ଆର୍ଟ ଅଫ୍ ଗିଭିଂର ୧୩ତମ ସଂସ୍କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍, କିସ୍ ଓ ଆର୍ଟ ଅଫ୍ ଗିଭିଂର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ଏହି ମହାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଜନସାଧାରଣ ପ୍ରଶଂସା କରିଥିଲେ। ଆଗକୁ ଏହିଭଳି ସମାଜ ସଂସ୍କାର କାର୍ଯ୍ୟକ୍ରମ ଜାରି ରହୁ ବୋଲି କହିଥିଲେ। ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏଠାରେ ଯୁବକ ଓ ଛାତ୍ର ଏକଜୁଟ ହୋଇ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମର ମହାନ୍ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତା' ସହିତ ଭଲିବଲ୍ ଖେଳକୁ ପ୍ରୋତ୍ସାହନ ପାଇଁ ପ୍ରଦାନ କରାଯାଉଥିବା ଭଲିବଲ ଓ ନେଟ୍ ମଧ୍ୟ ପ୍ରଦାନ କରାଯାଇଥିଲା। ଯାହା ଫଳରେ ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

## ଚନ୍ଦ୍ରମଣି ପଲାଇଙ୍କ ଶ୍ରଦ୍ଧାଞ୍ଜଳି ସଭା



ଅସୁରାଳି,୧୭।୫(ସମିସ): ଧାମନଗର ବ୍ଲକ୍ ବମକୁରା ପଞ୍ଚାୟତର ଯୁବ ନେତା ତଥା ବମକୁରା ସେବା ସମବାୟ ସମିତିର ପୂର୍ବତନ ସଭାପତି ଭାନୁ ପ୍ରକାଶ ପଲାଇଙ୍କ ପୂଜ୍ୟା ମାତୃଦେବୀ ଏବଂ ବମକୁରା ପଞ୍ଚାୟତର ସମିତିସଭ୍ୟା ବନଲତା ପଲାଇଙ୍କ ଶାଶୂ, ଧର୍ମପରାୟଣ ମାଆ ଚନ୍ଦ୍ରମଣି ପଲାଇଙ୍କ ଦ୍ୱାଦଶାହ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ବାସଭବନରେ ବହୁ ରାଜନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ସ୍ୱର୍ଗତ ଚନ୍ଦ୍ରମଣି ପଲାଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଦୈନିକ 'ସକାଳ'ର ପ୍ରକାଶକ ତଥା ବିଶିଷ୍ଟ ସମାଜସେବୀ ଅମିତ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ବିଜୟ ନାୟକ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ ନାୟକ, କଳିଙ୍ଗ ନାୟକ, କଂଗ୍ରେସ ନେତା ରମେଶ ବେହେରାଙ୍କ ସମେତ ସ୍ଥାନୀୟ ସରପଞ୍ଚ ନରେନ୍ଦ୍ର ନାୟକ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ସୁଶାନ୍ତ ନାୟକ, ସାଧନା ନାୟକ, ରଞ୍ଜନ ମହାନ୍ତି ଓ ହିମାଦ୍ରି ନାୟକଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନୈତିକ ନେତୃବୃନ୍ଦ ଏବଂ ସମାଜସେବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

● ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ

## 'ଯଥାସାଧ୍ୟ ନିରପେକ୍ଷ, ସତ୍ୟନିଷ୍ଠ, ଅନୁସନ୍ଧିତ୍ସୁ ଧ୍ୟେୟ ହେଉ'

ଭଦ୍ରକ,୧୭।୫(ସମିସ): ବିଶ୍ୱ ସମ୍ବାଦ କେନ୍ଦ୍ର ଭଦ୍ରକ ଶାଖା ତରଫରୁ ସଂସ୍କୃତି ଭବନରେ ଦେବର୍ଷି ନାରଦ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ପବିତ୍ର ପାଣିଗ୍ରାହୀ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ମନୀନ୍ଦ୍ର ସୁନ୍ଦର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା ଏବଂ ଉକ୍ତ କାର୍ଯ୍ୟକ୍ରମରେ ଦେବାଶିଷ ମିଶ୍ରଙ୍କ ମଞ୍ଚ ପରିଚାଳନା କରିଥିଲେ। ସଂସ୍କୃତି ଆଧାରିତ ଶିକ୍ଷା ଦ୍ୱାରା ରାଷ୍ଟ୍ର ଜାଗରଣ ସମ୍ଭବ ବୋଲି ମତ ରଖି ସାମ୍ବାଦିକମାନେ ସ୍ପଷ୍ଟବାଦୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ସାମ୍ପ୍ରତିକ ସମୟରେ ଗଣମାଧ୍ୟମ କ୍ଷେତ୍ରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ବାଦ ଏବଂ ସାହିତ୍ୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଯାବତୀୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯଥାସାଧ୍ୟ ନିରପେକ୍ଷ, ସତ୍ୟନିଷ୍ଠ, ନିର୍ଭିକତା, ଅନୁସନ୍ଧିତ୍ସୁ ସାମ୍ବାଦିକଙ୍କ ଧ୍ୟେୟ ହେଉ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଦେବର୍ଷି ନାରଦଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଭକ୍ତି ସୂତ୍ରର ବ୍ୟାଖ୍ୟା କରି ବର୍ତ୍ତମାନର ସମୟରେ ଗଣମାଧ୍ୟମ ଜଗତରେ ତାହାର ଉପଯୋଗିତା ବର୍ଣ୍ଣନା କରିଥିଲେ। ସାମ୍ବାଦିକ ପ୍ରଭାତ କୁମାର ଦାଶ ଓ ଜ୍ଞାନ ପ୍ରକାଶ ପାଣି ସ୍ପଷ୍ଟ ଏବଂ ସ୍ୱଚ୍ଛ ସାମ୍ବାଦିକତା ପ୍ରସାରଣ ପାଇଁ ସାମ୍ବାଦିକମାନଙ୍କ ପାଖରେ ଆଗ୍ରହ ରଖିଥିଲେ। ତତ୍‌ସହିତ ରାଷ୍ଟ୍ରହିତରେ ସମ୍ବାଦ ପ୍ରସାରଣ କରିବା ପାଇଁ ମଧ୍ୟ ମୁଖ୍ୟବକ୍ତା ଆଲୋକପାତ କରିଥିଲେ। ରବି ନାରାୟଣ ସାହୁ, ରଶ୍ମି ରଞ୍ଜନ ରାଉତ, ଧର୍ମେନ୍ଦ୍ର ଦାସ, ରତିକାନ୍ତ ଆଚାର୍ଯ୍ୟ, ସଞ୍ଜୟ ବାରିକ୍, ପ୍ରଦୀପ ପାତ୍ର, ସୁଦର୍ଶନ ଲାହା ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।



# ପୁଲିସ ସାଜିଛି ବାଲି ମାଫିଆଙ୍କ ସୁରକ୍ଷା କବଚ

ଦୋବଲ,୧୭।୫(ସମିସ)



■ ବାଲି ବୋଝେଇ ହାଇୱା ଜବତ କଲେ ଖଣି ଅଧିକାରୀ; ଥାନାରେ ବାଲି ଖାଲି କରିଦେଲା ପୁଲିସ

■ ଦାଣ୍ଡରେ ଗଡ଼ିଲାଣି ଖଣି ବିଭାଗ କର୍ମଚାରୀ ଓ ପୁଲିସ ମଧ୍ୟରେ ବିବାଦ

ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଞ୍ଚଳରେ ବାଲି ଚୋରା ଚାଲାଣକୁ ନେଇ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଯେଉଁଠାରେ ଖଣି ବିଭାଗ ଓ ପୁଲିସର ଭୂମିକା ମଧ୍ୟରେ ଘୋର୍ ବିରୋଧାଭାସ ଦେଖିବାକୁ ମିଳିଛି। ଖଣି ବିଭାଗ ନିଜର ଦାୟିତ୍ୱ ନିଷ୍ଠାର ସହ ତୁଲାଇ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଦୁଇଟି ହାଇୱା ଗାଡ଼ିକୁ ଜବତ କରିଥିବାବେଳେ, ସ୍ଥାନୀୟ ପୁଲିସ କିନ୍ତୁ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ପାଇଁ ହାସ୍ୟାସ୍ପଦ ବାହାନା ପ୍ରସ୍ତୁତ କରିଛି। ଥାନା ପରିସରରେ ଗାଡ଼ିରୁ ବାଲି ଖାଲି କରି ଅଭିଯୁକ୍ତଙ୍କୁ ସୁରକ୍ଷିତ ଭାବେ ଖସାଇଦେବା ପୁଲିସର ଭୂମିକାକୁ ଏବେ ସନ୍ଦେହଘେରକୁ ଟାଣିଛି।

ସୂଚନା ଅନୁସାରେ, ରବିବାର ସରକାରୀ ଛୁଟି ଦିନ ଥିଲେ ମଧ୍ୟ ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ନିଜ ଟିମ୍ ସହ ବଡ଼ି ଭୋରରୁ ଧାମନଗର ଅଞ୍ଚଳରେ ଚଢ଼ଉ କରିଥିଲେ। ଧାମନଗର ଥାନା ଅଞ୍ଚଳ ଖଡ଼ିପଦା-ଦିହୁଡ଼ି ଆନନ୍ଦପୁର ରାସ୍ତାର ଖଡ଼ିପଦା ପଞ୍ଚାୟତ ଅଫିସ ନିକଟରେ ବାଲି ଚୋରା ଚାଲାଣ କରୁଥିବା ଦୁଇଟି ହାଇୱା ଗାଡ଼ିକୁ ସେ ଅଟକାଇଥିଲେ। ଏହି ଚଢ଼ଉ ସମୟରେ ଖଣି ଅଧିକାରୀଙ୍କ ସହ ଧାମନଗର ଥାନାର ଏଏସ୍‌ଆଇ ନରେନ୍ଦ୍ର ରାଉତ ଓ ପୁଲିସ ଟିମ୍ ମଧ୍ୟ ସାମିଲ୍ ଥିଲେ। ଖଣି ଅଧିକାରୀ ଗାଡ଼ି ଦ୍ୱୟର ଚାଳକଙ୍କୁ ଲଘୁ ଖଣିଜ ପଦାର୍ଥ ପରିବହନ ଲାଗି ଆବଶ୍ୟକୀୟ ବୈଧ ଟ୍ରାଞ୍ଜିଟ୍ ପାସ୍ ବା "ୱାଇ-ଫର୍ମ" ମାଗିଥିଲେ। ମାତ୍ର ଡ୍ରାଇଭରମାନେ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ବାଲି ଚୋରା ଚାଲାଣ ହେଉଥିବା ସ୍ପଷ୍ଟ ହେବା ପରେ ଖଣି ଅଧିକାରୀ ଗାଡ଼ି ଦୁଇଟିକୁ ଜବତ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଧାମନଗର ଥାନା ପୁଲିସ ହେପାଜତରେ ଦେଇଥିଲେ। ଚଢ଼ଉ ପରେ ଗାଡ଼ି ସହ ସରକାରୀ ଅଧିକାରୀଙ୍କ ଫଟୋ (ଜିପିଏସ୍ ଟ୍ୟାଗ୍ ସହ) ମଧ୍ୟ ଉତ୍ତୋଳନ କରାଯାଇଥିଲା, ଯାହା ବେଆଇନ କାର୍ଯ୍ୟକଳାପର ସ୍ପଷ୍ଟ ପ୍ରମାଣ। ଆଇନ ଅନୁସାରେ, ବେଆଇନ ଲଘୁ ଖଣିଜ ପଦାର୍ଥ ଚୋରି ଏବଂ ପରିବହନ ଅଭିଯୋଗରେ ପୁଲିସ ଗାଡ଼ି ଦୁଇଟି ଏବଂ ଏହାର ଚାଳକଙ୍କ ବିରୋଧରେ ମାମଲା ରୁଜୁ କରି ଡ୍ରାଇଭରମାନଙ୍କୁ ଗିରଫ କରିବା କଥା। ମାତ୍ର ଧାମନଗର ଥାନା ପରିସରକୁ ଗାଡ଼ି ଆସିବା ପରେ ସବୁ ଗଣିତ ଓଲଟପାଲଟ ହୋଇଯାଇଥିଲା। ପୁଲିସ ମାମଲା ରୁଜୁ କରିବା ବଦଳରେ ଥାନା ପରିସରରେ ହିଁ ହାଇୱାରୁ ବାଲି ଖାଲି କରିଦେଇଥିଲା, ଯାହା ଅତ୍ୟନ୍ତ ସନ୍ଦେହଜନକ।

ଗଣମାଧ୍ୟମକୁ ସୂଚନା ଦେଇ ଧାମନଗର ପୁଲିସ କହିଛି ଯେ, ଥାନା ପରିସରରେ ନିର୍ମାଣ କାମ ଚାଲୁଥିବାରୁ ସମ୍ପୃକ୍ତ ଠିକାଦାର ବାଲି ମଗାଇଥିଲେ। ପୁଲିସର କହିବା ଅନୁସାରେ, ଠିକାଦାରଙ୍କ ପାଖରେ ବୈଧ "ୱାଇ-ଫର୍ମ" ଥିଲା, କିନ୍ତୁ ଭୁଲ୍ ସୂଚନା ଆଧାରରେ ଖଣି ବିଭାଗ ଏହି ଦୁଇଟି ଗାଡ଼ିକୁ ଜବତ କରିଛି। ପୁଲିସର ଏହି ସଫେଇ ଏବେ ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଯଦି ଥାନା କାମ ପାଇଁ ବାଲି ଆସୁଥିଲା ଏବଂ ଖଣି ଅଧିକାରୀଙ୍କ ସହ ଧାମନଗର ଥାନାର ଏଏସ୍‌ଆଇ ନିଜେ ଚଢ଼ଉରେ ଥିଲେ, ତେବେ ସେ କାର୍ଯ୍ୟସ୍ଥଳରେ ଖଣି ଅଧିକାରୀଙ୍କୁ ଏ ବିଷୟରେ କାହିଁକି ଜଣାଇଲେ ନାହିଁ? ନିୟମ ଅନୁସାରେ "ୱାଇ-ଫର୍ମ" ଗାଡ଼ି ଚାଳକଙ୍କ ପାଖରେ ରହିବା ବାଧ୍ୟତାମୂଳକ। ଗାଡ଼ି ଧରାପଡ଼ିବା ସମୟରେ ଦୁଇ ଗାଡ଼ିର ଡ୍ରାଇଭରମାନେ କାହିଁକି ଫର୍ମ ଦେଖାଇପାରିଲେ ନାହିଁ? ସ୍ଥାନୀୟ ଚର୍ଚ୍ଚା ଅନୁସାରେ, ସମ୍ପୃକ୍ତ ବାଲି ମାଫିଆ ବା ଗାଡ଼ି ମାଲିକଙ୍କ ସହ ଥାନାର ପୂର୍ବରୁ "ମଧୁର ବୁଝାମଣା' ରହିଛି। ଖଣି ଅଧିକାରୀ ହଠାତ୍ ଚଢ଼ଉ କରି ଗାଡ଼ି ଧରିନେବାରୁ ପୁଲିସ ନିଜର ପ୍ରିୟପାତ୍ରଙ୍କୁ ବଞ୍ଚାଇବା ପାଇଁ ଥାନା ନିର୍ମାଣ କାମର ନାଟକ ରଚିଛି। ଖଣି ବିଭାଗର ନିଷ୍ଠାପର ଚେଷ୍ଟା ଉପରେ ପୁଲିସର ଏଭଳି ପାଣି ପକାଇବା ଘଟଣା ଏବଂ ଜବତ ହୋଇଥିବା ଗାଡ଼ିଗୁଡ଼ିକୁ ମୁକ୍ତ କରିବା ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ତଦନ୍ତ କରିବାକୁ ଦାବି ହେଉଛି।

● ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ତୈଳ ସଂକଟ ଓ ନିଟ୍ ପରୀକ୍ଷାରେ ଅନିୟମିତତା

## କେନ୍ଦ୍ର ସରକାରଙ୍କ ବିରୋଧରେ ସିପିଆଇ(ଏମ୍) ପକ୍ଷରୁ ଗଣ ପ୍ରତିବାଦ



ଭଦ୍ରକ,୧୭।୫(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ତୈଳ ଓ ରନ୍ଧନ ଗ୍ୟାସ୍‌ର ସଂକଟ, ନିଟ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ବିରୋଧରେ ସିପିଆଇ(ଏମ୍) ଚାନ୍ଦବାଲି ଆଞ୍ଚଳିକ କମିଟି ପକ୍ଷରୁ ମତୋଠାରେ ଗଣ ପ୍ରତିବାଦ କରାଯାଇଥିଲା। ବାଲେଶ୍ୱର ଜିଲ୍ଲା ରେମୁଣାଠାରେ ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭରକୁ ଭିଡ଼ହତ୍ୟା, ପୁରୀ ଜିଲ୍ଲା କଣାସରେ ପନିକିରେ ହାଣିବା ସହ ବୁଲେଟ୍ ଚଢ଼ାଇବା ଘଟଣା, ବାଲିଅନ୍ତାରେ କନେଷ୍ଟବଳ ସୌମ୍ୟଙ୍କୁ ଭିଡ଼ହତ୍ୟା, ନୟାଗଡ଼ରେ ପଥର ମାଫିଆମାନେ ଘଟାଇଥିବା ହତ୍ୟା, କେନ୍ଦ୍ରାପଡ଼ାରେ ଭିଡ଼ହିଂସା ଓ ହତ୍ୟା ଓଡ଼ିଶାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ବିପର୍ଯ୍ୟସ୍ତ କରିଛି। ଏହି ସମସ୍ତ ଭିଡ଼ହତ୍ୟାରେ ଆର୍‌ଏସ୍‌ଏସ୍ ଓ ବିଜେପି କର୍ମୀମାନେ ନେତୃତ୍ୱ ନେଉଛନ୍ତି ଓ ରାଜ୍ୟ ସରକାର ଅପରାଧୀମାନଙ୍କୁ ଘଣ୍ଟ ଘୋଡ଼ାଉଥିବାରୁ ସିପିଆଇ(ଏମ୍) ନେତୃତ୍ୱ ରାଜ୍ୟ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁକ୍ତରାଷ୍ଟ୍ର ଆମେରିକା ପାଖରେ ଭାରତର ଅର୍ଥନୈତିକ ସାର୍ବଭୌମତ୍ୱକୁ ବନ୍ଧା ପକାଇ ବିଶ୍ୱର ସମସ୍ତ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସହିତ ଶତ୍ରୁତା ସୃଷ୍ଟି କରି ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସ୍‌ର ଯେଉଁ ସଂକଟ ଆମ ଦେଶରେ ସୃଷ୍ଟି କରିଛନ୍ତି, ଯାହା ଫଳରେ କୋଟି କୋଟି ଲୋକ ପ୍ରତ୍ୟେକ ଦିନ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପରେ ଅପେକ୍ଷା କରୁଛନ୍ତି। ଓଡ଼ିଶାରେ ୪ ଜଣ ରୋଗୀ ଆମ୍ବୁଲାନ୍ସରେ ତୈଳ ଅଭାବରୁ ପ୍ରାଣ ହରାଇଛନ୍ତି। ଗତ ୪ ଦିନ ଧରି ଓଡ଼ିଶାରେ ସାଧାରଣ ଲୋକଙ୍କ ଜୀବନ ଯାତ୍ରା ସ୍ତବ୍ଧ ହୋଇଛି। ଏହି ସଂକଟ ପାଇଁ ଦାୟୀ ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ, ରାଜ୍ୟ ଯୋଗାଣ ମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ସିପିଆଇ(ଏମ୍)ର ନେତୃବୃନ୍ଦ ଦାବି କରିଥିଲେ। କେନ୍ଦ୍ର ପ୍ରବେଶିକା ପରୀକ୍ଷା ନିଟ୍‌ର ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆମ ଦେଶର ମେଧାବୀ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି। ଏହି ଆନୁଷ୍ଠାନିକ ଛାତ୍ର ହତ୍ୟା ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ହତ୍ୟା ମୋକଦ୍ଦମାରେ ସାମିଲ୍ କରି ତାଙ୍କୁ ଅବିଳମ୍ବେ ଗିରଫ କରାଯିବାକୁ ସିପିଆଇ(ଏମ୍)ର ନେତୃବୃନ୍ଦ ଏହି ବିକ୍ଷୋଭ ମାଧ୍ୟମରେ ଦାବି କରିଥିଲେ।

ଏହି ଗଣ ପ୍ରତିବାଦରେ ସିପିଆଇ(ଏମ୍) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ବରିଷ୍ଠ ନେତା ରବି ପଟ୍ଟନାୟକ, ସିପିଆଇ(ଏମ୍) ଚାନ୍ଦବାଲି ଆଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଜେନା, ଆଞ୍ଚଳିକ କମିଟି ସଭ୍ୟ ଜୟରାମ ଦାସ, କାହ୍ନୁ କିଶୋର ସାହୁ, ଅଶୋକ ବେହେରା, ଫକୀର ସ୍ୱାଇଁ, ବ୍ରହ୍ମାନନ୍ଦ ପରିଡ଼ା, ଗଦାଧର ମଲ୍ଲିକ, ଘନଶ୍ୟାମ ଦାସ, ଦିବାକର ସେନାପତି, ସୃଷ୍ଟିଧର ବିଶ୍ୱାଳ, ମହିଳା ନେତ୍ରୀ ପ୍ରତିଭା ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଆଗାମୀ ଦିନରେ ଏହି ଅର୍ଥନୈତିକ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ବୃହତ୍ତର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଚେତାବନୀ ଦେଇଥିଲେ।

## ବିଦ୍ୟୁତ୍ ଖୁଣ୍ଟ ପୋତାକୁ ନେଇ ତୁମୁଳକାଣ୍ଡ



କୋଠାର,୧୭।୫(ସମିସ): ଧୂଷୁରୀ ଥାନା ଅଧୀନ କୋଠାର ପଞ୍ଚାୟତରେ ବିଦ୍ୟୁତ୍ ଖୁଣ୍ଟ ପୋତାକୁ ନେଇ ଏକ ଅପ୍ରୀତିକର ଘଟଣା ଘଟିଛି। ସୂଚନା ଅନୁସାରେ, ଅନୁରାଧା ମଲ୍ଲିକ ନାମକ ଜଣେ ମହିଳାଙ୍କ ଜମି ଦେଇ ବିଦ୍ୟୁତ୍ ପୋଲ ଓ ତାର ଟଣାଯାଉଥିବା ବେଳେ ଏହାକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଥିଲା।

ଅଭିଯୋଗ ଅନୁସାରେ, ଅନୁରାଧା ମଲ୍ଲିକଙ୍କ ଘରେ ତାଙ୍କ ପୁଅ କିମ୍ବା ସ୍ୱାମୀ ନ ଥିବା ସମୟରେ ଆଲୋକ ମଲିକ ନାମକ ଜଣେ ବ୍ୟକ୍ତି ତାଙ୍କ ଘର ପଛପଟ ଜମି ଦେଇ ବିଦ୍ୟୁତ୍ ପୋଲ ପୋତିବା ଓ ତାରଟଣା କାମ କରୁଥିଲେ। ଏହାକୁ ଦେଖି ଅନୁରାଧା ପ୍ରତିବାଦ କରିଥିଲେ ଏବଂ "ଆମ ଜମିରେ କାହିଁକି ପୋଲ ପୋତାଯାଉଛି' ବୋଲି ପଚାରିଥିଲେ। ଏହାପରେ ଉକ୍ତ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ଅନୁରାଧା ମଲ୍ଲିକ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବିଦ୍ୟୁତ୍ ବିଭାଗ ପକ୍ଷରୁ କାହାର ଜମି ଦେଇ ପୋଲ ଓ ତାର ଯିବ ସେନେଇ ସଠିକ୍ ଭାବେ ବୁଝାସୁଝା କିମ୍ବା ସମନ୍ୱୟ କରାଯାଉନାହିଁ। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ବାଦବିବାଦ ଓ ଝଗଡ଼ା ସୃଷ୍ଟି ହେଉଛି। ଏହି ଘଟଣା ପାଇଁ ବିଦ୍ୟୁତ୍ ବିଭାଗର ଅବହେଳା ଦାୟୀ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଘଟଣାର ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଭବିଷ୍ୟତରେ ଏଭଳି ସମସ୍ୟା ନ ହେବାକୁ ବିଦ୍ୟୁତ୍ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## କାର୍ ଦୁର୍ଘଟଣାରେ ୪ ଗୁରୁତର

ବାରିକପୁର,୧୭।୫(ସମିସ): ଗତ ଶନିବାର ବିଳମ୍ବିତ ରାତିରେ ଭଣ୍ଡାରିପୋଖରୀ ବ୍ଲକ୍ ୧୬ ନମ୍ବର ଜାତୀୟ ରାଜପଥର ବୋହୁ ଦରଡ଼ା ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ଭଦ୍ରକ ସହରର ଜନୈକ ବ୍ୟବସାୟୀ ଓ ତାଙ୍କ ପତ୍ନୀଙ୍କ ସମେତ ଦୁଇ ଝିଅ ଘରକୁ ଫେରୁଥିବାବେଳେ କାର୍‌ଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦୁର୍ଘଟଣା ଘଟିଥିବାବେଳେ ସ୍ଥାନୀୟ ଯୁବ ସମାଜସେବୀ ରଜନୀକାନ୍ତ ଦାସ ଓ ଅଜୟ ମଲ୍ଲିକଙ୍କ ସମେତ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ପରେ ଆହତଙ୍କୁ ମେଡିକାଲ ପଠାଯାଇଛି।

## କ୍ଷମାସାଗର ମଠରେ ମହାଲକ୍ଷ୍ମୀଙ୍କ ମନ୍ଦିରର ବାର୍ଷିକ ଉତ୍ସବ

ଭଦ୍ରକ,୧୭।୫(ସମିସ): ଭଦ୍ରକ ସହର ନରିପୁର (ଅସ୍ତଳ) ଗ୍ରାମର କ୍ଷମାସାଗର ମଠ ପରିସରରେ ଥିବା ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ୪ଦିନ ବ୍ୟାପୀ ଆଧ୍ୟାତ୍ମିକ ପରିବେଶ ସହ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅଧିବାସ, କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଅଙ୍କୁରାରୋପଣ, ଯଜ୍ଞ କୁଣ୍ଡ ପୂଜା, ଅଖଣ୍ଡ ଦୀପ ପ୍ରଜ୍ୱଳନ, ଗୁରୁ, ଧରିତ୍ରୀ, ଧେନୁ, ସୂର୍ଯ୍ୟପୂଜା, ଯଜ୍ଞଶାଳା, ଘଟ ମଣ୍ଡଳାଦି, ଠାକୁରାଣୀଙ୍କ ଉପଚାର ପୂଜା, ଚଣ୍ଡୀ ଏବଂ ପୂର୍ଣ୍ଣାହୁତି ବିଧି ପରମ୍ପରା ନୀତିକାନ୍ତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବରେ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାଶ ମହାରାଜାଙ୍କ ଦ୍ୱାରା ପ୍ରବଚନ ହେବା ସହ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ୪ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଶହଶହ ଶ୍ରଦ୍ଧାଳୁଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ମା' ମହାଲକ୍ଷ୍ମୀଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଅସ୍ତଳ ଗ୍ରାମର ଯୁବ ସମାଜସେବୀ ପ୍ରଦୀପ ସାହୁ (ବାପୁ), ସହଧର୍ମିଣୀ ପ୍ରତିଭା ସାହୁ, ମାଆ ବାସନ୍ତୀ ସାହୁଙ୍କୁ ସ୍ୱପ୍ନାଦେଶ ହେବାରୁ ରାଜସ୍ଥାନରୁ ମାର୍ବଲ ପଥର ନିର୍ମିତ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ଅଣାଯାଇ ଗତବର୍ଷ ପ୍ରତିଷ୍ଠା କରାଯାଇଥିଲା। ଗ୍ରାମର କାଉନ୍‌ସିଲର ଗୀତାଞ୍ଜଳି ଦାସ, ପୂର୍ବତନ କାଉନ୍‌ସିଲର ଗଜେନ୍ଦ୍ର ପଣ୍ଡା, କାଉନ୍‌ସିଲରଙ୍କ ପ୍ରତିନିଧି ସୂର୍ଯ୍ୟ କୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ, ଆଇନଜୀବୀ, ସାମ୍ବାଦିକ, ଡାକ୍ତର ଓ ବହୁ ଶୁଭେଚ୍ଛୁ ସହଯୋଗ କରିଥିଲେ। ମନ୍ଦିରର ସଦସ୍ୟ ଦେବବ୍ରତ ନାୟକ(କାଳିଆ), ବୀରେଶ ଦାସ(ଶଙ୍କୁରୁ) ଓ ତାଙ୍କ ପତ୍ନୀ ମମତାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ୪ ଦିନବ୍ୟାପୀ ପୂଜା କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



କାଗଜପତ୍ରରେ ଗାଁ କଲ୍ୟାଣ ସମିତି

# ମିଥ୍ୟା ବିଲ୍ ଓ ଫଟୋ ଉଠାଇ ଅନୁଦାନ ହରିଲୁଟ୍ !

ଦୋବଲ,୧୭।୫(ସମିସ)




ସରକାରୀ ଅନୁଦାନକୁ ହଡ଼ପ କରିବା ପାଇଁ ମିଥ୍ୟା ବିଲ୍ ଏବଂ ଫଟୋ ସର୍ବସ୍ୱ କାର୍ଯ୍ୟକ୍ରମ ଏବେ ଧାମନଗର ବ୍ଲକ୍‌ରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଗଠିତ 'ଗାଁ କଲ୍ୟାଣ ସମିତି' ଏବଂ 'ରୋଗୀ କଲ୍ୟାଣ ସମିତି' ନିଜର ଲକ୍ଷ୍ୟ ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୱାର୍ଡ ମେମ୍ବର, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀଙ୍କ ମଧ୍ୟରେ ଲାଗି ରହିଥିବା ଅନ୍ତଃକନ୍ଦଳ ଓ ସମନ୍ୱୟର ଅଭାବ ଯୋଗୁଁ ସରକାରୀ ଯୋଜନା ବାଟବଣା ହେଉଥିବାବେଳେ ସାଧାରଣ ଲୋକେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି।

ଅଭିଯୋଗ ହେଉଛି ଯେ, ବ୍ଲକ୍‌ର ଅଧିକାଂଶ ଗାଁ କଲ୍ୟାଣ ସମିତିରେ କୌଣସି ବାସ୍ତବ କାର୍ଯ୍ୟ ହେଉନାହିଁ। କେବଳ କେତୋଟି ସ୍ଥାନରେ ଫଟୋ ଉଠାଇ ଏବଂ ନକଲି କାଗଜପତ୍ର ପ୍ରସ୍ତୁତ କରି ବାର୍ଷିକ ୧୦ହଜାର ଟଙ୍କାର ଅନୁଦାନ ହରିଲୁଟ୍ କରାଯାଉଛି। ଧାମନଗର ବ୍ଲକ୍‌ର ୩୧୬ଟି ସମିତି ପାଇଁ ଆସିଥିବା ପ୍ରାୟ ୩୧ ଲକ୍ଷ ଟଙ୍କା କେଉଁ କାମରେ ଲାଗୁଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗାଁର ନାଳନର୍ଦ୍ଦମା ସଫା କିମ୍ବା ବ୍ଲିଚିଂ ପାଉଡର ପକାଇବା ପାଇଁ ଉଦ୍ଦିଷ୍ଟ ଅର୍ଥକୁ କେବଳ ଚା' ଜଳଖିଆ ଏବଂ ମିଥ୍ୟା ବୈଠକ ଦର୍ଶାଇ ଖର୍ଚ୍ଚ କରାଯାଉଛି। ସମିତିର ତିନି ମୁଖ୍ୟ ସ୍ତମ୍ଭ ସଭାପତି (ୱାର୍ଡ ମେମ୍ବର), ସମ୍ପାଦିକା (ଅଙ୍ଗନବାଡ଼ି କର୍ମୀ) ଏବଂ ସମନ୍ୱୟକାରୀ (ଆଶା କର୍ମୀ)ଙ୍କ ମଧ୍ୟରେ ଅଧିକାର ଓ ଅର୍ଥ ଖର୍ଚ୍ଚକୁ ନେଇ ବିବାଦ ତୀବ୍ର ହୋଇଛି। ଅନେକ ସ୍ଥାନରେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ପଟ୍ଟୁ ନ ଥିବାରୁ ବୈଠକ ବସିପାରୁନାହିଁ। ଏପରିକି ୱାର୍ଡ ମେମ୍ବରଙ୍କ ଅଜାଣତରେ ବିଲ୍ ପାସ୍ କରାଯାଉଥିବାବେଳେ କେଉଁଠି ୱାର୍ଡ ମେମ୍ବରମାନେ ଅନୁଦାନ ଅର୍ଥ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଛନ୍ତି। ଏହି ତ୍ରିକୋଣୀୟ ଲଢ଼େଇ ଯୋଗୁଁ ଗାଁର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେହିପରି ଡାକ୍ତରଖାନାଗୁଡ଼ିକରେ ରୋଗୀଙ୍କ ସୁବିଧା ପାଇଁ କାର୍ଯ୍ୟ କରୁଥିବା 'ରୋଗୀ କଲ୍ୟାଣ ସମିତି' ମଧ୍ୟ ନାମକୁ ମାତ୍ର ଚାଲିଛି। ଡାକ୍ତରଖାନାର ଭିତ୍ତିଭୂମି ବିକାଶ, ବିଶୁଦ୍ଧ ପାନୀୟଜଳ ଏବଂ ସଫେଇ ପାଇଁ ଲକ୍ଷ ଲକ୍ଷ ଟଙ୍କାର କର୍ପସ୍ ଫଣ୍ଡ ରହିଥିଲେ ମଧ୍ୟ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫ୍ୟାନ୍ ମରାମତିଠାରୁ ଆରମ୍ଭ କରି ବେଡ୍‌ସିଟ୍ ବଦଳାଇବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ସଠିକ୍ ସମୟରେ ହେଉନାହିଁ। ଅପରିଷ୍କାର ପରିବେଶ ଓ ଔଷଧର ଅଭାବ ଏହି ସମିତିର ବିଫଳତାକୁ ପଦାରେ ପକାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମନ୍ମଥ ସାମନ୍ତସିଂହାର ଏହି ସମସ୍ୟା ଉପରେ ତଦନ୍ତ କରିବେ ବୋଲି କହୁଥିଲେ ମଧ୍ୟ ବାସ୍ତବରେ କୌଣସି ସମିତି ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଯଦି ତୁରନ୍ତ ଏହି ମିଥ୍ୟା ବିଲ୍ କାରବାରର ଅଡିଟ୍ କରାଯାଏ ଏବଂ ନିଷ୍କ୍ରିୟ ସମିତିଗୁଡ଼ିକୁ ଭଙ୍ଗ କରାଯାଏ, ତେବେ ହିଁ ସରକାରୀ ଅର୍ଥର ସଠିକ୍ ବିନିଯୋଗ ହୋଇପାରିବ।

## ଏସ୍‌ୟୁଜେ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟନ ଓ କାର୍ଯ୍ୟକର୍ତ୍ତା ନିର୍ବାଚନ




ଭଦ୍ରକ,୧୭।୫(ସମିସ): ଭଦ୍ରକ ଆର୍‌ଏମ୍‌ସି ପରିସରରେ ରାଜ୍ୟ ସାମ୍ବାଦିକ ସଙ୍ଘ (ଏସ୍‌ୟୁଜେ) ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସଙ୍ଘର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସଙ୍ଘର ଦ୍ୱିବାର୍ଷିକ ଜିଲ୍ଲା କାର୍ଯ୍ୟକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ପର୍ଯ୍ୟବେକ୍ଷକ ଭାବେ ସଙ୍ଘର ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ ଯୋଗଦେଇଥିଲେ। ଆଗାମୀ ଦୁଇ ବର୍ଷ ପାଇଁ ସଙ୍ଘର ଜିଲ୍ଲା ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ନିହାର କୁମାର ଦାସ ଏବଂ ସାଧାରଣ ସମ୍ପାଦକ ଭାବେ ପ୍ରତାପ କୁମାର ଦାସ ନିର୍ବାଚିତ ହୋଇଥିଲେ। ସେହିଭଳି ସଙ୍ଘର ଉପସଭାପତି ଭାବେ ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ରାୟ, ସଂଗଠନ ସମ୍ପାଦକ ଭାବେ ବିକାଶ କୁମାର ଧଳସାମନ୍ତ, ସହସମ୍ପାଦକ ଭାବେ ସନାତନ ରାଉତ, ଓମ୍ ପ୍ରକାଶ ମିଶ୍ର ଏବଂ କୋଷାଧ୍ୟକ୍ଷ ଭାବେ ବିନୋଦ ଧଳସାମନ୍ତ ନିର୍ବାଚିତ ହୋଇଛନ୍ତି। ଏଥିସହ ସଙ୍ଘର ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ତପନ କୁମାର ସ୍ୱାଇଁ, ଉମାକଲ୍ୟାଣ ମହାପାତ୍ର, ଶିବାନନ୍ଦ ଦାସ, ରାଜେନ୍ଦ୍ର ପ୍ରସାଦ ଜେନା ଏବଂ ଗୁଲାମ ଜିଲାନି ହବିବି ନିର୍ବାଚିତ ହୋଇଥିବାବେଳେ କାର୍ଯ୍ୟକାରୀ କମିଟିକୁ ସାମ୍ବାଦିକ ପ୍ରଭାତ କୁମାର ଦାସ, ରାତିକାନ୍ତ ସାହୁ, ସମ୍ବିତ୍ କୁମାର ନାୟକ ଏବଂ ରଜତ କୁମାର ପଣ୍ଡା ନିର୍ବାଚିତ ହୋଇଛନ୍ତି।

# ଭୁବନେଶ୍ୱର ସିଟି



# ଦୁଇ ବର୍ଷ ପରେ ଧରାପଡ଼ିଲା ଝାଡ଼ଖଣ୍ଡୀ ଡ୍ରାଇଭର

**କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି ପୀଡ଼ିତା ● ପ୍ରମାଣ ପାଇଁ ହେବ ଡିଏନ୍‌ଏ ପରୀକ୍ଷା**

ଭୁବନେଶ୍ୱର,୧୭।୫(ସମିସ): ନାବାଳିକାକୁ ଦୁଷ୍କର୍ମ କରିଥିବା ଡ୍ରାଇଭରକୁ ଦୁଇ ବର୍ଷ ପରେ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଝାଡ଼ଖଣ୍ଡ ପୂର୍ବ ସିଂହଭୂମ୍ ଜିଲ୍ଲା ପାଗଡ଼ାର ରବି ବାହାଦୁର (୨୭)। ପୁଲିସ ସୂଚନା ଅନୁଯାୟୀ, ଝାଡ଼ଖଣ୍ଡର ରବି ବିଏମ୍‌ସିର ସଫେଇ ଗାଡ଼ି ଡ୍ରାଇଭର ଭାବେ କାମ କରୁଥିବା ବେଳେ ପୀଡ଼ିତାଙ୍କ ଘର ନିକଟରେ ରହୁଥିଲା। ସେଠାରେ ରହଣୀ ମଧ୍ୟ ନାବାଳିକା ସହ ସମ୍ପର୍କ ସ୍ଥାପନ କରିଥିଲା। ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାକୁ ବାରମ୍ବାର ଦୁଷ୍କର୍ମ କରିଥିଲା। ଫଳରେ ପୀଡ଼ିତା ଗର୍ଭବତୀ ହୋଇ ଯାଇଥିଲେ। ଗର୍ଭବତୀ ହେବା ଜାଣିବା ପରେ ରବି ପୀଡ଼ିତାଙ୍କ ସହ ଯୋଗାଯୋଗ ବନ୍ଦ କରିବା ସହ ତାଙ୍କୁ ଛାଡ଼ି ପଳାଇ ଯାଇଥିଲେ।

**ନାବାଳିକାକୁ ଦୁଷ୍କର୍ମ**

ପରବର୍ତ୍ତୀ ସମୟରେ ପୀଡ଼ିତା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ୨୦୨୪ ମସିହା ଜାନୁଆରୀ ମାସରେ ପୀଡ଼ିତା ବଡ଼ଗଡ଼ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ସେବେଠାରୁ ଫେରାର ଥିବା ରବିକୁ ପୁଲିସ ଆଜି କଳ୍ପନା ବସଷ୍ଟାଣ୍ଡ ନିକଟରୁ ଗିରଫ କରିଛି। ତେବେ ପିତୃତ୍ୱ ନିର୍ଣ୍ଣୟ କରିବାକୁ ରବିର ଡିଏନ୍‌ଏ ପରୀକ୍ଷା କରାଯିବ ବୋଲି ପୁଲିସ କହିଛି।



# ଇନ୍ଧନ ମୂଲ୍ୟବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ ପାଇଁ ଆହ୍ୱାନ

ଭୁବନେଶ୍ୱର,୧୭।୫(ସମିସ): ଓଡ଼ିଶାରେ ପେଟ୍ରୋଲ ଓ ଡିଜେଲ ଦର ଲଗାତାର ବୃଦ୍ଧି ଫଳରେ ସାଧାରଣ ଲୋକଙ୍କ ଜୀବନ ଅସହ୍ୟ ହୋଇପଡ଼ିଛି। ଇନ୍ଧନ ମୂଲ୍ୟ ବୃଦ୍ଧି ସହିତ ପରିବହନ ଖର୍ଚ୍ଚ, ଖାଦ୍ୟପଦାର୍ଥ ମୂଲ୍ୟ, କୃଷି ଖର୍ଚ୍ଚ ଓ ଜୀବନଯାପନ ଖର୍ଚ୍ଚ ଭୟଙ୍କର ଭାବେ ବଢ଼ିଛି। ଏହା ଗରିବ, ମଧ୍ୟବର୍ଗ, କୃଷକ, ଶ୍ରମିକ ଓ ଛୋଟ ବ୍ୟବସାୟୀଙ୍କୁ ଭୟଙ୍କର ଆଘାତ ଦେଇଛି। ବିଜେପି ବିରୋଧୀ ଦଳରେ ଥିବାବେଳେ ପେଟ୍ରୋଲିୟମ ପଣ୍ୟ ଉପରେ ମୂଲ୍ୟଯୁକ୍ତ ଟିକସ ହଟାଇବାକୁ ଜୋରଦାର ଦାବି କରୁଥିଲା। କିନ୍ତୁ ସରକାରରେ ଆସିବା ପରେ ସେହି ଦାବିକୁ ପୂରାପୂରି ଭୁଲି ଯାଇଛି। ଲୋକଙ୍କ ଉପରେ ଟିକସ ଭାର କମେଇବା ପାଇଁ କୌଣସି ପଦକ୍ଷେପ ନ ନେବା ଲୋକଙ୍କ ସହିତ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସଘାତକତା କରାଯାଇଛି। ଅନେକ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ଉପରେ ଭାଟ୍ ହଟାଯାଇଛି କିମ୍ବା ମୂଲ୍ୟ କମାଯାଇଛି, କିନ୍ତୁ ଓଡ଼ିଶାରେ ଏପର୍ଯ୍ୟନ୍ତ ଏହା ଜାରି ରହିଛି। ସେହିପରି ନିର୍ବାଚନ ସମୟରେ ବିଜେପି ପ୍ରତ୍ୟେକ ପରିବାରକୁ ପ୍ରତିମାସ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏହି ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଅଧିକ ଉନ୍ନତ ରାଜ୍ୟ ତାମିଲନାଡୁରେ ଏହି ପ୍ରତିଶ୍ରୁତିକୁ ନୂତନ ସରକାର କାର୍ଯ୍ୟକରୀ କରିଛି। କିନ୍ତୁ ଓଡ଼ିଶାରେ ବିଜେପି ସରକାର ପୂରାପୂରି ବିଫଳ ହୋଇଛି। ଲୋକଙ୍କୁ ପ୍ରତିଶ୍ରୁତି ଦେଇ ପୂରଣ ନକରିବା ପ୍ରତାରଣା ବ୍ୟତୀତ କ'ଣ କୁହାଯାଇପାରେ। ଏହି ପରିସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ ଥିବା ଭ୍ୟାଟ୍ ତତ୍କ୍ଷଣାତ ହଟିବା, ଇନ୍ଧନ ମୂଲ୍ୟ ବୃଦ୍ଧିକୁ ରୋକିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ଏବଂ ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ କାର୍ଯ୍ୟକରୀ କରାଯାଉ ବୋଲି ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଦାବି କରିଛି। ଏଥିସହ ଲୋକଙ୍କ ଉପରେ ଏହି ଅନ୍ୟାୟ ଟିକସ ବୋଝ ଓ ପ୍ରତିଶ୍ରୁତି ଭଙ୍ଗ ବିରୋଧରେ ସିପିଆଇ(ଏମ୍) ସମଗ୍ର ଓଡ଼ିଶାରେ ଜୋରଦାର ପ୍ରତିବାଦ ଆନ୍ଦୋଳନ କରିବାକୁ ଦଳର ସମସ୍ତ କମିଟିକୁ ଆହ୍ୱାନ ଜଣାଇଛନ୍ତି। ସମସ୍ତ ଶ୍ରେଣୀର ଲୋକଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

## ମଦ୍ୟପ ଯୁବକର ଉନ୍ମତ୍ତକାଣ୍ଡ

କଟକ, ୧୭।୫ (ସମିସ): ମର୍କତନଗର ଥାନା ଅନ୍ତର୍ଗତ ସେକ୍ଟର-୬ରେ ରହିଥିବା ରୋଟାରୀ ଚକ୍ଷୁ ଚିକିତ୍ସାଳୟ ନିକଟରେ ଆଜି ଜଣେ ମଦ୍ୟପ ଯୁବକ ପଥଚାରୀ ଓ ସ୍ଥାନୀୟ ଦୋକାନୀଙ୍କୁ ଗାଳି କରିବା ସହିତ ଇଟାରେ ଆକ୍ରମଣ କରିଥିଲା। ଇଟା ଓ ପଥର ଉଠାଇ ରାସ୍ତାରେ ଯେଉଁମାନେ ଯାଉଥିଲେ ସେମାନଙ୍କ ଉପରକୁ ଫିଙ୍ଗୁଥିଲା। ସ୍ଥାନୀୟ ଦୋକାନୀ ମର୍କତନଗର ଥାନାକୁ ଏ ସମ୍ପର୍କରେ ସୂଚନା ଦେବା ପରେ ପୁଲିସ ଆସି ମଦ୍ୟପକୁ କାବୁ କରି ଥାନାକୁ ନେଇଥିଲା। ମଦ୍ୟପ ଯୁବକକୁ ପ୍ରାୟ ୬ଘଣ୍ଟା ଧରି ଥାନାରେ ଅଟକ ରଖାଯାଇଥିଲା। ସନ୍ଧ୍ୟାରେ ସମ୍ପୃକ୍ତ ଯୁବକର ପରିବାର ଆସି ଲିଖିତ ଭାବେ ଥାନାକୁ ଜଣାଇବା ସହିତ କ୍ଷମା ପ୍ରାର୍ଥନା କଲା ପରେ ଯୁବକକୁ ପୁଲିସ ଛାଡ଼ି ଦେଇଛି।

# ମୋଟରସାଇକଲ୍ ଚୋରି କରି ଯୁବକ ଗିରଫ

ହଂସପାଳ,୧୭।୫(ସମିସ): ମୋଟରସାଇକଲ ଚୋରି ଅଭିଯୋଗରେ ପାହାଳ ଥାନା ପୁଲିସ ସୁଧାକର ଦୁବେ (୩୩)ଙ୍କ ଲିଖିତ ରିପୋର୍ଟ ଆଧାରରେ ଜଗତସିଂପୁର ଏରସମା ଥାନା ପାଇକସାହି ଗ୍ରାମର ସିଦ୍ଧେଶ୍ୱର ଦଳାଇ ଓରଫ ବାବାଜୀ (୨୫) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଅଭିଯୋଗକାରୀ 'ଇ ପ୍ଲାନେଟ' ନାମକ ଏକ କମ୍ପାନୀରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ, ଯେଉଁ କମ୍ପାନୀ ସିସିଟିଭି ମେଣ୍ଟେନାନ୍ସ କାମ କରୁଛି। ଗତ ୯ ତାରିଖରେ ସିଦ୍ଧେଶ୍ୱର ଫୋନ୍ ଯୋଗେ ଅଭିଯୋଗକାରୀଙ୍କ ସହ ଯୋଗାଯୋଗ କରି ଟେକ୍ନିକାଲ ସପୋର୍ଟ ଷ୍ଟାଫ୍ ଭାବେ କାମ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଅଭିଯୋଗକାରୀ ତାଙ୍କୁ ୧୨ ତାରିଖରେ କାମରେ ଯୋଗଦେବାକୁ ଅନୁମତି ଦେଇଥିଲେ। କମ୍ପାନୀ ପକ୍ଷରୁ ଷ୍ଟାଫମାନଙ୍କ ପାଇଁ ବୈଭବ ନଗରରେ ରହିବା ବ୍ୟବସ୍ଥା କରାଯାଇଥିଲା ଏବଂ ସିଦ୍ଧେଶ୍ୱର ମଧ୍ୟ ସେଠାରେ ରହୁଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, କାମ ସମୟରେ ସିଦ୍ଧେଶ୍ୱର ଅଭିଯୋଗକାରୀଙ୍କ ଠାରୁ ଅଫିସ କାମ ପାଇଁ ଏକ ମୋଟରସାଇକଲ ନେଇଥିଲେ। କାମ ସରିବା ପରେ ସମସ୍ତେ ରହୁଥିବା ସ୍ଥାନକୁ ଫେରିଆସିଥିଲେ



ଏବଂ ଅଭିଯୋଗକାରୀ ମୋଟରସାଇକଲକୁ ପାର୍କିଂ ସ୍ଥାନରେ ରଖିଥିଲେ। ପରଦିନ ସକାଳେ ମୋଟରସାଇକଲଟି ପାର୍କିଂ ସ୍ଥାନରୁ ନିଖୋଜ ଥିବା ବେଳେ ସିଦ୍ଧେଶ୍ୱର ମଧ୍ୟ ଘରୁ ଫେରାର ହୋଇଯାଇଥିଲେ। ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରିବାରୁ ଫୋନ୍ ବନ୍ଦ ଥିବା ଜଣାପଡ଼ିଥିଲା। ଯାହାଫଳରେ ଅଭିଯୁକ୍ତଙ୍କ ଉପରେ ସନ୍ଦେହ ବଢ଼ିଥିଲା। ସିଦ୍ଧେଶ୍ୱର କମ୍ପାନୀରେ ଯୋଗଦେବା ସମୟରେ କୌଣସି ପରିଚୟପତ୍ର ଦେଇନଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱସ୍ତ ସୂଚନା ଆଧାରରେ ପୁଲିସ ଆଜି ହଂସପାଳ ବସ୍ ଷ୍ଟପ୍ ନିକଟରେ ଚଢ଼ଉ କରି ସିଦ୍ଧେଶ୍ୱରଙ୍କୁ ଚୋରି ମୋଟରସାଇକଲ ସହ କାବୁ କରିଥିଲେ। ପଚରାଉଚରା ସମୟରେ ସିଦ୍ଧେଶ୍ୱର ମୋଟରସାଇକଲ ଚୋରି କରିଥିବା କଥା ସ୍ୱୀକାର କରିଥିଲା।

## ବରିଷ୍ଠ ନାଗରିକଙ୍କଠାରୁ ସୁନା ଚେନ୍ ଛଡ଼ାଇ ଜଣେ ଗିରଫ

ଭୁବନେଶ୍ୱର,୧୭।୫(ସମିସ): ବରିଷ୍ଠ ନାଗରିକଙ୍କ ଠାରୁ ସୁନା ଚେନ ଛଡ଼ାଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଶିଶୁପାଳଗଡ଼ରେ ରହୁଥିବା ଇଟାମାଟିର ମୁନା ଘଡ଼ାଇ ଓରଫ୍ କୁନା (୨୭)। ପୁଲିସ ସୂଚନା ଅନୁସାରେ, ପୁରୁଣା ଭୁବନେଶ୍ୱର ମହାବୀର ନଗରର ବରିଷ୍ଠ ନାଗରିକ ମମତା ପଟ୍ଟନାୟକ ଘରେ ଏକାକୀ ଥିବାବେଳେ ମୁନା ଘଡ଼େଇ ଗେଟ୍ ଡେଇଁ ଘରେ ପଶିଥିଲା। ଦିଅର ଘରେ ଅଛନ୍ତି କି ନାହିଁ ବୋଲି ପଚାରି ହଠାତ୍ ମମତାଙ୍କ ଗଳାରୁ ପ୍ରାୟ ୨୫ ଗ୍ରାମ ଓଜନର ସୁନା ଚେନ୍ ଓ ମୁକ୍ତା ଲକେଟ୍ ଛିଣ୍ଡାଇ ନେଇ ସ୍କୁଟି ଯୋଗେ ଫେରାର ହୋଇଯାଇଥିଲା। ମମତାଙ୍କ ଅଭିଯୋଗ ଆଧାରରେ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି କପିଳେଶ୍ୱର ରାମ ଭୋଇ ସାହିରେ ଚଢ଼ଉ କରି ମୁନାକୁ



ଗିରଫ କରିବା ସହ ତା' ଠାରୁ ସ୍କୁଟି, ଛିଣ୍ଡା ଅବସ୍ଥାରେ ଥିବା ଚୋରି ସୁନା ଚେନ୍ ଓ ଘଟଣା ସମୟରେ ପିନ୍ଧିଥିବା ପୋଷାକ ଜବତ କରିଥିଲା। ତେବେ ଅଧିକ ପ୍ରମାଣ ସଂଗ୍ରହ ପାଇଁ ଅଭିଯୁକ୍ତର ଟିଆଇ ପରେଡ୍ କରାଯିବ ବୋଲି ପୁଲିସ କହିଛି। ସେପଟେ ମୁନା ନାମରେ ପୂର୍ବରୁ ଧଉଳି, ବାଲିଅନ୍ତା, ମୈତ୍ରୀବିହାର ଓ ଖଣ୍ଡଗିରି ଥାନାରେ ଅନେକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ଜାତି ଆଧାରିତ କୋଟା ବିରୋଧରେ ବିକ୍ଷୋଭ




ଭୁବନେଶ୍ୱର,୧୭।୫(ସମିସ): ସାଧାରଣ ବର୍ଗର ଲୋକଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ୟୁଜିସି ବିଲ୍ ଓ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ବର୍ଦ୍ଧିତ ଜାତିଆଧାରିତସଂରକ୍ଷଣପ୍ରତ୍ୟାହାରଦାବିରେବିକ୍ଷୋଭ ଓ ପଦଯାତ୍ରା ଆୟୋଜିତ ହୋଇଛି। ଏଥିରେ ଶତାଧିକ ସଚେତନ ନାଗରିକଙ୍କ ସମେତ ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନର ପ୍ରତିନିଧିମାନେ ସମ୍ମିଳିତ ହୋଇଥିଲେ। ଆନ୍ଦୋଳନରେ ଯୋଗଦେଇ ରାଜଧାନୀ ନାଗରିକ ମଞ୍ଚର ସଦସ୍ୟା ଟାଇଫୁନ୍ ଦାସ କହିଛନ୍ତି, ଆଜିର ପରିସ୍ଥିତିରେ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଶିକ୍ଷା, ଚାକିରି ଓ ନିଯୁକ୍ତି କ୍ଷେତ୍ରରେ ଅନିଶ୍ଚିତତା ଓ ବିଷମତାର ସମ୍ମୁଖୀନ ହେଉଛନ୍ତି। ପିଲାଙ୍କ ଭବିଷ୍ୟତ ଚିନ୍ତାରେ ଅଭିଭାବକମାନେ ଅବସାଦଗ୍ରସ୍ତ। ବସୁନ୍ଧରା ପରିବାରର ରାଜ୍ୟ ସଂଯୋଜକ ସୁଶାନ୍ତ କୁମାର ମିଶ୍ର ନିଜ ମନ୍ତବ୍ୟରେ କହିଥିଲେ ସାମାଜିକ ନ୍ୟାୟ ନାମରେ ଗଠିତ ନୀତିଗୁଡ଼ିକ ବାସ୍ତବରେ ସମାଜରେ ବିଷମତାକୁ ବଢ଼ାଇ ସମାଜିକ ସଦ୍‌ଭାବନାକୁ ନଷ୍ଟ କରୁଛି ଏବଂ ସାଧାରଣ ବର୍ଗର ଯୁବପିଢ଼ିଙ୍କ ଭବିଷ୍ୟତକୁ ଅନ୍ଧାର କରି ଦେଉଛି। ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ପକ୍ଷରୁ କେନ୍ଦ୍ରୀୟ ପ୍ରକୋଷ୍ଠ ଉପାଧ୍ୟକ୍ଷ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ, ସ୍ନେହୀ ସମାଜର ଅମରେନ୍ଦ୍ର ପ୍ରସାଦ ସାହୁ ମଧ୍ୟ ବକ୍ତବ୍ୟ ଦେଇଥିଲେ। ବିକ୍ଷୋଭରେ ଯୋଗଦେଇଥିବା ସମସ୍ତେ ଏକ ସ୍ୱରରେ ସରକାରଙ୍କୁ ଦାବି ରଖିଛନ୍ତି ଯେ, ଉଚ୍ଚଶିକ୍ଷାରେ ବର୍ଦ୍ଧିତ ଜାତିକୋଟା ଓ ୟୁଜିସି ବିଲ୍ ଭଳି ବିଭାଜନକାରୀ ପଦକ୍ଷେପକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ଏବଂ ସମସ୍ତଙ୍କ ପାଇଁ ସମାନ ଅବସର ସୁନିଶ୍ଚିତ କରାଯାଉ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶିବାଶିଷ ମହାପାତ୍ର, ଲକ୍ଷ୍ମଣ ଚୌଧୁରୀ, ଗଜାନନ ତ୍ରିପାଠୀ, ସୌଦାମିନୀ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

କଟକ,୧୭।୫(ସମିସ): ବିଡ଼ାନାସୀ ଥାନା ଅନ୍ତର୍ଗତ ଚହଟା ଛକରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକଙ୍କ ଘର ପାରାଦୀପ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାଁ ଶତ୍ରୁଘ୍ନ ସାମନ୍ତସିଂହାର(୩୮)।

ସୂଚନା ଅନୁସାରେ, ସିଡିଏ ସେକ୍ଟର-୧୧ରୁ ଶତ୍ରୁଘ୍ନ ଏକ ବାଇକ୍‌ରେ ଷ୍ଟାଡିୟମ ଆଡକୁ ଯାଉଥିବା ବେଳେ ଧବଳେଶ୍ୱର ଗଡ଼ା ଅଭିମୁଖେ ଦ୍ରୁତଗତିରେ ଏକ କାର୍ ଯାଉଥିଲା। ଚହଟା ଛକ ଗୋଲେଇରେ କାର୍‌ଟି ଶତ୍ରୁଘ୍ନଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତା କଡ଼କୁ ଛିଟକି ପଡ଼ିଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ସେ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକ ଆମ୍ବୁଲାନ୍ସରେ ତାଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ଘଟଣାସ୍ଥଳରେ ବିଡ଼ାନାସୀ ଥାନା ପୁଲିସ ପହଞ୍ଚିବା ବେଳକୁ ଦୁର୍ଘଟଣା ଘଟାଇଥିବା କାର୍ ଚାଳକ ସେଠାରୁ ଖସି ଚାଲିଯାଇଥିଲା। କାର୍ ନମ୍ବରଟି ସ୍ଥାନୀୟ ଜଣେ ଦୋକାନୀ ପୁଲିସକୁ ଦେଇଥିବା ବେଳେ ପୁଲିସ ସ୍ଥାନୀୟ ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି।

## ବିଜେଡି ତରଫରୁ ବୀରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୧୭ ।୫(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରାଜଧାନୀ ର ଏଜି ଛକ ନିକଟରେ ଅବସ୍ଥିତ ମହାରାଜ ବାସୁଦେବ ସୁଢ଼ଳ ଦେବଙ୍କ ଜୟନ୍ତୀ, ଗୋପାଳ ଚନ୍ଦ୍ର ପ୍ରହରାଜ ଓ ଧରଣୀଧର ଭୂୟାଁଙ୍କ ଶ୍ରାଦ୍ଧ ଦିବସ ସେମାନଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳ ରେ ପାଳିତ ହୋଇଯାଇଛି। ମହାରାଜ ବାସୁଦେବ ସୁଢ଼ଳ ଦେବଙ୍କ ଉନ୍ନୟନ କାର୍ଯ୍ୟକ୍ରମ ତଥା ଭାଷା ସାହିତ୍ୟ ପ୍ରତି ଥିବା ଗଭୀର ଅନୁରକ୍ତି, ପ୍ରାବନ୍ଧିକ ତଥା ପୂର୍ଣ୍ଣଚନ୍ଦ୍ର ଭାଷା କୋଷର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ ଏବଂ ଧରଣୀ ଧରଙ୍କ ଜାତିପ୍ରୀତି ତଥା ବିପ୍ଳବୀ ଜୀବନ ସମ୍ବନ୍ଧରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଭା ସଞ୍ଚାଳନ କରିଥିଲେ। ସଭାର ପ୍ରାରମ୍ଭରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଶିକ୍ଷାବିତ୍ କାମଦେବ ମହାପାତ୍ର ବରପୁତ୍ରଙ୍କ ଉପରେ ରଚିତ କବିତା ଆବୃତ୍ତି କରିଥିଲେ। ବିଭିନ୍ନ ଦୃଷ୍ଟାନ୍ତ ମାନ ଦେଇ ବରପୁତ୍ର ମାନଙ୍କୁ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ,ପ୍ରବୀର ଦାସ,ଦେବପ୍ରସାଦ ଭଞ୍ଜ, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, କାଳନ୍ଦୀ ସେଠି,ରଞ୍ଜନ କୁମାର ନାୟକ, ଆଶିଷ କୁମାର ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବ୍ୟାଟେରୀ ଚୋରି ଅଭିଯୋଗରେ ୪ ଗିରଫ

ଭୁବନେଶ୍ୱର,୧୭।୫(ସମିସ): ବ୍ୟାଟେରୀ ଚୋରି ଅଭିଯୋଗରେ ସହିଦ ନଗର ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୀତାମ୍ବର ସାହୁ, ଶେଖ୍ ଅମିର ହୁସେନ୍, ଶେଖ୍ ଶୁଭେନ୍ ଓ ଶେଖ୍ ଇବ୍ରାହିମ୍। ସ୍ୱିସ୍ ଭିଲ୍ଲା ଆପାର୍ଟମେଣ୍ଟର ଛାତ ଉପରେ ଥିବା ଭୋଡାଫୋନ୍ ମୋବାଇଲ ଟାୱାରରୁ କିଛି ବ୍ୟକ୍ତି ବ୍ୟାଟେରୀ ଖୋଲି ନେଇଛନ୍ତି। ଟାୱାରରେ ଲାଗିଥିବା ୨୪ଟି ବ୍ୟାଟେରୀ ମଧ୍ୟରୁ ୧୪ଟି ବ୍ୟାଟେରୀ ଖୋଲି ଏକ ଟାଟା ଏସିଇ୍ ଗାଡ଼ିରେ ଲୋଡ୍ କରାଯାଇଥିଲା। ଅଭିଯୁକ୍ତଙ୍କ ହେପାଜତରୁ ସମସ୍ତ ଚୋରି ବ୍ୟାଟେରୀ, ଏକ ଟାଟା ଏସିଇ ଗାଡ଼ି, ଏକ ଡ୍ରିଲ୍ ମେସିନ୍, ଏକ କଟର୍, ଏକ ଫ୍ଲାଶ ଲାଇଟ୍ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଥିଲା। ଚୋରି ହୋଇଥିବା ବ୍ୟାଟେରୀଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି।




# ଦରଦାମ ବୃଦ୍ଧି ବିରୋଧରେ ବିକେଏମ୍‌ୟୁ, ସିପିଆଇର ବିକ୍ଷୋଭ

ଭୁବନେଶ୍ୱର,୧୭।୫(ସମିସ): ଭାରତୀୟ କ୍ଷେତମଜଦୂର ୟୁନିୟନ୍ ଓ ସିପିଆଇ ଭୁବନେଶ୍ୱର ଜୋନାଲ୍ କମିଟି ପକ୍ଷରୁ ଡିଜେଲ୍, ପେଟ୍ରୋଲ୍, ରନ୍ଧନଗ୍ୟାସ୍ ଓ ବସ୍ ଭଡ଼ା ବୃଦ୍ଧି ବିରୋଧରେ ଭୁବନେଶ୍ୱରଠାରେ ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ରାଜମହଲ ଛକଠାରେ ବିକ୍ଷୋଭ ଓ ରାସ୍ତାରୋକ ଅନୁଷ୍ଠିତ ହୋଇଯାଇଛି। ଭଗବତୀ ଭବନଠାରୁ ଶତାଧିକ ବିକେଏମ୍‌ୟୁ ଓ ସିପିଆଇ କର୍ମୀ ବିଭିନ୍ନ ସ୍ଲୋଗାନ ସହ ହାତରେ ପ୍ଲାକାର୍ଡ ଓ ଖାଲି ଗ୍ୟାସ ସିଲିଣ୍ଡର ଧରି, ଟ୍ରଲି ଉପରେ ଗାଡ଼ି ଲଦି ଏକ ଅଭିନବ ଉପାୟରେ ପ୍ରତିବାଦ କରିବା ସହ ରାଜମହଲ ଛକଠାରେ ପହଞ୍ଚି ବିକ୍ଷୋଭ ଓ ରାସ୍ତାରୋକ କରିଥିଲେ। ସିପିଆଇ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ଏନ୍ ନାରାୟଣ ରେଡ୍ଡୀ ଓ ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ କମ୍ରେଡ୍ ସୁର ଜେନା, ଉପସ୍ଥିତ ବିକ୍ଷୋଭକାରୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ୫ଟି ରାଜ୍ୟ ନିର୍ବାଚନ ପୂର୍ବରୁ ସରକାର ଦେଶରେ ଡିଜେଲ୍, ପେଟ୍ରୋଲ୍, ସିଏନ୍‌ଜି, ଖାଇବା ତେଲ ମହଜୁଦ ଅଛି ମିଥ୍ୟା ପ୍ରତିଶ୍ରୁତି ଦେଇ ଦେଶବାସୀ ବ୍ୟସ୍ତ ହୁଅନ୍ତୁ ନାହିଁ ବୋଲି କହି, ନିର୍ବାଚନର ମାତ୍ର କେଇଦିନ ପରେ ପ୍ରଧାନମନ୍ତ୍ରୀ ସୁନା କିଣ ନାହିଁ, ବିଦେଶ ଭ୍ରମଣ କରନାହିଁ, ଡିଜେଲ୍-ପେଟ୍ରୋଲ୍ କମ୍ ଖର୍ଚ୍ଚ କର' କହି ହଠାତ୍ ଡିଜେଲ୍ ପେଟ୍ରୋଲ୍ ଦରଦାମ ବୃଦ୍ଧି କରି ଦେଶ ଓ ଜନସାଧାରଣଙ୍କୁ ଆତଙ୍କ ଭିତରକୁ ଠେଲି ଦେଇଛନ୍ତି। ଏହାର ଜବାବ ଦେବା ପାଇଁ ଜନସାଧାରଣଙ୍କୁ ଏକାଠି ହେବା ସହ ସରକାର ତୁରନ୍ତ ସମସ୍ତ ବିରୋଧୀ ଦଳଙ୍କୁ ବିଶ୍ୱାସକୁ ନେଇ ଏକ ଶ୍ୱେତପତ୍ର ପ୍ରକାଶ ସହ ଦେଶରେ ଗଚ୍ଛିତ ଥିବା ଡିଜେଲ୍ ଓ ପେଟ୍ରୋଲ୍‌ର ସଠିକ୍ ହିସାବ ଦିଅନ୍ତୁ ବୋଲି ଶ୍ରୀ ରେଡ୍ଡୀ ଓ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ। ଏହି ରାସ୍ତାରୋକ ଓ ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜୋନ୍ ସମ୍ପାଦକ କୈଳାସ ପୁହାଣ, ବିକେଏମ୍‌ୟୁ ନେତା ଶଙ୍କର ବାରିକ, ଶଙ୍କର ବେହେରା, ଶିବ ବେହେରା, ପଞ୍ଚାନନ ସାହୁ, ଅଶୋକ ବାରିକ, ଡାକ ହେମ୍ବ୍ରମ, ରାଧାକାନ୍ତ ଶତପଥୀ, ଅଭୟ ବାରିକ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।





## ଭୁବନେଶ୍ୱର ସିଟି

### ଆଜି ସଂଗ୍ରହାଳୟ ଦିବସ

# ପେସାରେ କାଠ ମିସ୍ତ୍ରି, ନିଶାରେ ପୁରୁଣା ରେଡିଓ ସଂଗ୍ରହ





ଭୁବନେଶ୍ୱର,୧୭।୫(ସମିସ):

ପୁରୁଣା ଜିନିଷ ସାଇତି ରଖିବା କିଛି ମଣିଷର ଅଭ୍ୟାସ। କାହିଁ କେଉଁଠି ପୁରୁଣା ଜିନିଷଟିଏ ଦେଖିଲେ ମନେପକାଇ ଦିଏ ପିଲା ଦିନର ସ୍ମୃତି ତ କେବେ ମନେ ପକାଏ ଅତୀତର ସେ ମିଠା କାହାଣୀ। ସେଥିପାଇଁ ସେ ସାଇତି ଚାଲେ ପୁରୁଣା ଅଲୋଡ଼ା ଜିନିଷ। ଦିନ ଆସେ ସେ ସମୟର ଇତିହାସ, ଚାଲିଚଳନ, ସଂସ୍କୃତି ଓ ପରମ୍ପରା ଆଦିର ବାହକ ସାଜିଥାଏ। କେବେ କେବେ ସେ ସବୁ ପୁରୁଣା ସ୍ମୃତିକୁ ତାଜା କରିପକାଏ। ହେଲେ ବେଳେ ବେଳେ ଏହି ଅଭ୍ୟାସ ନିଶା ମଧ୍ୟ ପାଲଟିଯାଏ। ସହରର ଚାକଚକ୍ୟ ଓ ବଡ଼ ଅଟ୍ଟାଳିକା ସଂଗ୍ରହାଳୟଠାରୁ ବହୁ ଦୂରରେ ଗଢ଼ିଉଠେ ବ୍ୟକ୍ତିଗତ ସଂଗ୍ରହାଳୟ। ନିଜ ସଂଗ୍ରହ କରିଥିବା ସାମଗ୍ରୀ ସାଇତିବା ନିଶାରେ ଦିନେ ସେହି ବ୍ୟକ୍ତି ହିଁ ପାଲଟିଯାଏ ସଂଗ୍ରହାଳୟ।

ସେହିପରି ଜଣେ ମଣିଷ ହେଲେ ସହିଦନଗରର ରାଜେନ୍ଦ୍ର ସାହୁ ଓ ତାଙ୍କ ପତ୍ନୀ ମମତା ସାହୁ। ଅନ୍ୟମାନଙ୍କ ପାଇଁ ରେଡିଓ ଏକ ଯନ୍ତ୍ର ହୋଇପାରେ, କିନ୍ତୁ ତାଙ୍କ ପାଇଁ ରେଡିଓ ହେଉଛି ଭାବ ଓ ବନ୍ଧୁ। ଯୁଗ ସିନା ବଦଳିଛି, କିନ୍ତୁ ରେଡିଓର ସେଇ ସ୍ୱର ଆଗରେ ସବୁକିଛି ଫିକା ବୋଲି ତାଙ୍କ ଧାରଣା। ରାଜେନ୍ଦ୍ରଙ୍କୁ ବୟସ ୪୬। ପିଲାଦିନୁ ରେଡିଓ ତାଙ୍କର ବନ୍ଧୁ ବୋଲି ସେ କୁହନ୍ତି। ପିଲାଟି ବେଳୁ ତାଙ୍କର ରେଡିଓ ପ୍ରତି ଏହି ଦୁର୍ବଳତା କେବେ ଯେ ତାଙ୍କୁ ଜଣେ ରେଡିଓ ସଂଗ୍ରାହକ କରିଦେଲା ସେ ମଧ୍ୟ ଜାଣି ନାହାନ୍ତି। ପେସାରେ ସେ ଜଣେ କାଠ ମିସ୍ତ୍ରି। ହେଲେ ନିଶା ତାଙ୍କର ପୁରୁଣା ରେଡିଓ ସଂଗ୍ରହ କରି ରଖିବା। କାଠ କାମ ତାଙ୍କୁ ରୋଜଗାର ଦେଉଛି ପରିବାର ପୋଷିବାକୁ, ହେଲେ ନିଶାକୁ ସେ ଛାଡ଼ି ପାରିନାହାନ୍ତି ବରଂ ସଂଗ୍ରହ କରିବାରେ ତାଙ୍କ ପତ୍ନୀ ମଧ୍ୟ ତାଙ୍କ ସାହାଯ୍ୟ କରନ୍ତି। ଘର ପାଖରେ ଏକ ରେଡ଼ିଓ ମରାମତି ଦୋକାନ ଥିଲା ସେଠାକୁ ସେ ଅନେକ ସମୟ ଯାଇ ମରାମତି କରୁଥିବା ମେକାନିକ୍‌ର କାମକୁ ନିରେଖି ଦେଖନ୍ତି। ଏମିତି ଘଣ୍ଟାଘଣ୍ଟା ବିତିଯାଏ ଏବଂ ସେଠାରୁ ଧୀରେ ଧୀରେ ରେଡିଓ ମରାମତି କାର୍ଯ୍ୟ ଶିଖି ସଜାଡ଼ିବା ଆରମ୍ଭ କଲେ। ଘର ପାଖରେ ରେଡିଓ କିଛି ଦିନ ମରାମତି କାର୍ଯ୍ୟ ମଧ୍ୟ କଲେ ହେଲେ ଲୋକଙ୍କ ଚାହିଦା କମିବା କାରଣରୁ ରେଡିଓ ମରାମତି ପାଇଁ ଆସିଲାନି। ସେହି କାରଣରୁ ମରାମତି କାର୍ଯ୍ୟ ବନ୍ଦ କରିଦେଲେ। ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସେ ବିଭିନ୍ନ ସ୍ଥାନ ଓ ଜିଲ୍ଲାକୁ ଯାଇ ବହୁତ ପୁରୁଣା ରେଡିଓ ସଂଗ୍ରହ କରୁଛନ୍ତି। ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, କଟକ, ପୁରୀ, ବ୍ରହ୍ମପୁର ଆଦିରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେ ୭ ଶହରୁ ଊର୍ଦ୍ଧ୍ୱ ପୁରୁଣା ରେଡିଓ ସଂଗ୍ରହ କରି ରଖିଛନ୍ତି ଏବଂ ଏବେ ପର୍ଯ୍ୟନ୍ତ ସଂଗ୍ରହ ଜାରି ରଖିଛନ୍ତି। ସେଥିମଧ୍ୟରୁ ବୁଶ୍, ଫିଲିପସ୍, ପାନାସୋନିକ, ମୁରଫି, ଫିଲକୋ, ସୋନି, ସାନସୁଇ, ସାର୍ପ, ଡେଲଟ୍ରନ ଆଦି ବହୁ ପୁରୁଣା ବ୍ରାଣ୍ଡର ରେଡିଓ ନିଜ ପାଖରେ ସାଇତି ରଖିଛନ୍ତି। କେବଳ ସଂଗ୍ରହ କରନ୍ତି ନାହିଁ ବରଂ ଦିନେ ଏହି ସଂଗ୍ରହିତ ରେଡିଓକୁ ନେଇ ତାକୁ ସଂଗ୍ରହାଳୟରେ ପରିଣତ କରିବାର ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ମୋବାଇଲ ପରଠୁ ରେଡିଓର ଚାହିଦା କମିଛି, କିନ୍ତୁ ଏଫ୍‌ଏମ୍ ରୂପରେ ଏବେ ବି ଏହା ଜୀବିତ ଅଛି ବୋଲି ତାଙ୍କ ବିଶ୍ୱାସ।

# କବି ଭାନୁଜୀ ରାଓଙ୍କ ଜନ୍ମ ଶତବାର୍ଷିକୀ



ଭୁବନେଶ୍ୱର,୧୭।୫(ସମିସ): ପ୍ରୟୋଗବାଦୀ କବିତାର ପରୀକ୍ଷା ନିରୀକ୍ଷାଠାରୁ ଦୂରରେ ଥାଇ କବି ଭାନୁଜୀ ରାଓ ତାଙ୍କର କବିତାରେ ପ୍ରାଞ୍ଜଳ ଭାବଧର୍ମ ଓ ସୁବୋଧ ଭାବସମ୍ଭାର ପ୍ରକାଶ କରିପାରିଛନ୍ତି। ଉତ୍ତର ଅଶୀରେ ସେହି ସ୍ୱର ହୋଇଛି ଅଧିକ ସିଦ୍ଧିପ୍ରଦ। କବିତାର ଦୀର୍ଘ ଯାତ୍ରା ପଥରେ ବିରାମହୀନ କବି ଭାନୁଜୀ ରାଓ ଯିଏକି ନିଜ ସୁଖ ଦୁଃଖର ଅଜସ୍ର ଅନୁଭବ କଥା କହି କହି ଶେଷରେ ଯେପରି କ୍ଳାନ୍ତ ହୋଇ ପଡ଼ିଛନ୍ତି ଏବଂ ଅନୁଭୂତିର ବିଭିନ୍ନ ଦିଗକୁ ପୁନରାବୃତ୍ତି କରିଛନ୍ତି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। କବି ଭାନୁଜୀ ରାଓଙ୍କର ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ସାହିତ୍ୟ ଅକାଦେମି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଛି। ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାହିତ୍ୟିକା ତଥା କବିଙ୍କ ପରିବାର ପକ୍ଷରୁ ସମ୍ମାନିତ ଅତିଥି ଭାବେ ସୁସ୍ମିତା ରଥ ଯୋଗ ଦେଇଥିଲେ। ସାହିତ୍ୟିକ ତଥା କବି ପ୍ରଫେସର ଆଦିକନ୍ଦ ସାହୁ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। କବି ତଥା ସମାଲୋଚକ ଡକ୍ଟର ଶତ୍ରୁଘ୍ନ ପାଣ୍ଡବ ମୁଖ୍ୟବକ୍ତା ଭାବେ ଏବଂ କଥାକାର ଓ ସୁସାହିତ୍ୟିକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସହାୟକ ସମ୍ପାଦକ, ସାହିତ୍ୟ ଅକାଦେମି, ଆଞ୍ଚଳିକ କାର୍ଯ୍ୟାଳୟ କୋଲକତା ପକ୍ଷରୁ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କବିଙ୍କର ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମର ବିଭିନ୍ନ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିବା ସହ ଭାନୁଜୀ ରାଓଙ୍କର କୃତୀ ଓ କୃତିତ୍ୱ ଉପରେ ଆଲୋଚନା କରିଥିଲେ।

# ପେଟ୍ରୋଲ ପମ୍ପରେ ଜଳସେବା



ବାଲିଅନ୍ତା, ୧୭।୫(ସମିସ): ବାଲକାଟିସ୍ଥିତ ଜିଓ ପେଟ୍ରୋଲ ପମ୍ପରେ ଜଳସେବା କାର୍ଯ୍ୟକ୍ରମ କରାଯାଇଥିଲା। ପେଟ୍ରୋଲ ପମ୍ପ ମାଲିକ ସଞ୍ଜୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ପ୍ରଚଣ୍ଡ ତାତିରେ ଅପେକ୍ଷାରତ ବାଇକ ଆରୋହୀ ଓ ଅନ୍ୟାନ୍ୟ ଗାଡ଼ି ଚାଳକମାନଙ୍କୁ ଛତା, ଲସି, ଲେମ୍ବୁ ସରବତ, ଓଆର୍‌ଏସ୍, ପାଣି ବୋତଲ, ଘୋଳଦହି ଏବଂ ମୃଦୁପାନୀୟ ବଣ୍ଟନ କରୁଥିବା ଦେଖିବାକୁ ମିଳିଥିଲା। ପ୍ରଚଣ୍ଡ ଖରାରେ ଏଠାକୁ ଆସୁଥିବା ଲୋକେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ପ୍ରଥମ କ୍ଷେତ୍ରପାଳୀ କପ୍: ଏନ୍‌ସିଟି ଚାମ୍ପିଅନ

ଭୁବନେଶ୍ୱର, ୧୭।୫(ସମିସ): ଆଞ୍ଚଳିକ ଯୁବ ସଂଗଠନ, ପିପିଲିଙ୍କ ଆୟୋଜନରେ 'ପ୍ରଥମ ଅଲ୍ ଓଡ଼ିଶା କ୍ଷେତ୍ରପାଳୀ କପ୍' ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ପିପିଲି ଥାନା ଭାରପ୍ରାପ୍ତ ଅଧିକାରୀ ସୌମେନ୍ଦୁ ତ୍ରିପାଠୀ, ବ୍ଲକର ପୂର୍ବତନ ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ ଓ ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ୍‌ରେ ବିସିସି, ସନ୍ଥପୁରାକୁ ହରାଇ ଏନ୍‌ସିଟି, ପିପିଲି ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ 'ସକାଳ'ର ପ୍ରକାଶକ ଅମିତ୍ ମଲ୍ଲିକ ଯୋଗଦେଇଥିଲେ। ତାଙ୍କର ପ୍ରେରଣାଦାୟକ ଉଦ୍‌ବୋଧନ ସମସ୍ତଙ୍କୁ ଉତ୍ସାହିତ କରିଥିଲା। ବିଜେତା ଦଳ ଏନ୍‌ସିଟି, ପିପିଲିକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳ ବିସିସି, ସନ୍ଥପୁରା, କେନ୍ଦ୍ରାପଡ଼ାକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଏହି ସଫଳ ଆୟୋଜନ ପାଇଁ ଆୟୋଜକ ମଣ୍ଡଳୀ ସମସ୍ତ ସହଯୋଗୀ ଓ ଦର୍ଶକମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।





ଭଞ୍ଜକଳା ମଣ୍ଡପଠାରେ ଜ୍ୟୋତି କଳା ମନ୍ଦିର ପକ୍ଷରୁ ଓଡ଼ିଶୀ ନୃତ୍ୟ ଉତ୍ସବ

# କଳାଭୂମିର ପଣାଦାନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୧୭।୫(ସମିସ): କଳାଭୂମି ପକ୍ଷରୁ ପଥପ୍ରାନ୍ତ କବିତା ଆସର ଓ ପଣାଦାନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଭଜନ ସନ୍ଧ୍ୟା, ସଂସ୍କୃତି ସେବା ସମ୍ମାନ, ହୁଣ୍ଡିଦାନ ଓ ଅନ୍ନଦାନ ଆଦି କାର୍ଯ୍ୟକ୍ରମ କିଟ୍ ଛକଠାରେ କଳାଭୂମିର ଅଧ୍ୟକ୍ଷ ଡ. ପ୍ରମୋଦ ପତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି। ସନ୍ଧ୍ୟା "ପଥପ୍ରାନ୍ତ କବିତା ଆସର'ରେ ସାହିତ୍ୟିକ ଓ ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଆସରରେ କବି ଦୁର୍ଗା ଷଡ଼ଙ୍ଗୀ ବିଶିଷ୍ଟ ଅତିଥି, ବରିଷ୍ଠ କବି ବିଜୟ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚାଳିଶିରୁ ଊର୍ଦ୍ଧ୍ୱ କବି ସମ୍ମିଳନୀରେ କବିତା ପାଠ କରିଥିବାବେଳେ ବିଶିଷ୍ଟ କବି ଉମାକାନ୍ତ ରାଉତ ଓ କବି ସୁରେନ୍ଦ୍ର ପାଣିଗ୍ରାହୀ ସମ୍ମିଳନୀର ପରିଚାଳନା କରିଥିଲେ। ହୁଣ୍ଡିଦାନରୁ ପ୍ରାପ୍ତ ୧୭,୧୦୦ ଟଙ୍କା ନିଆଳି ଅଡ଼ଶପୁରର ଜଣେ କ୍ୟାନସର୍ ପୀଡ଼ିତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିଲା।



# ଜ୍ୟୋତି କଳା ମନ୍ଦିର ସମ୍ମାନ ପ୍ରଦାନ

ଭୁବନେଶ୍ୱର/ଧଉଳି,୧୭।୫(ସମିସ): ଚାରିଟେବୁଲ୍ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ଜ୍ୟୋତି କଳା ମନ୍ଦିରର ଓଡ଼ିଶାଶାଖା ଲିଙ୍ଗିପୁର ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବ 'ଜ୍ୟୋତି କଳା ମନ୍ଦିର ସମ୍ମାନ - ୨୦୨୬' ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସୁଚିସ୍ମିତା ମନ୍ତ୍ରୀ ଏବଂ କାପୋକର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ମିନାକ୍ଷୀ ବେହେରା, ଗୁରୁ ଡ. ବିଜୟ କୁମାର ଜେନା ଓ ଗୁରୁ ବିଭୂତି ଭୂଷଣ ବଳବନ୍ତରାୟଙ୍କୁ ଜ୍ୟୋତି କଳା ମନ୍ଦିର ସମ୍ମାନ -୨୦୨୬ରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ ଗୁରୁ ଜ୍ୟୋତି ରାଉତଙ୍କ ନିର୍ଦ୍ଦେଶନାରେ କୁନି କୁନି ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ଜଗନ୍ନାଥ ମଙ୍ଗଳାଚରଣ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପରେ ଜ୍ୟୋତି କଳା ମନ୍ଦିରର ସଙ୍ଗୀତ ବିଭାଗ ପକ୍ଷରୁ ପ୍ରଥମ ପ୍ରଯୋଜନା ଭାବେ ସଙ୍ଗୀତ କୋରସ୍ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ବିଶେଷ ବ୍ୟକ୍ତିତ୍ୱମାନେ ତଥା ଗୁରୁ ପ୍ରଫେସର ରାମହରି ଦାସ, ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ସଚ୍ଚିଦାନନ୍ଦ ଦାସପ୍ରମୁଖ ଉପସ୍ଥିତ ଥିଲେ।

# ସାହିତ୍ୟ ଅକାଦେମି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ଆବିଷ୍କାର



ଭୁବନେଶ୍ୱର,୧୭।୫(ସମିସ): କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଆବିଷ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା। ଏଥିରେ ଓଡ଼ିଶୀ ନୃତ୍ୟ ଗୁରୁ ମଞ୍ଜୁଶ୍ରୀ ପଣ୍ଡା ଏବଂ ସାଥି ଓଡ଼ିଆ କବିତାରେ ନବରସ ଶୀର୍ଷକ ନୃତ୍ୟ-ଅଭିନୟ ପରିବେଷଣ କରିଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ବିରଚିତ ବିନୟ ପତରରେ ଥିବା ଶୃଙ୍ଗାର ରସ ଠାରୁ ଆରମ୍ଭ କରି ଗଙ୍ଗାଧର ମେହେରଙ୍କ ମଙ୍ଗଳେ ଅଇଲା ଉଷାରେ ଥିବା ଶାନ୍ତ ରସ ଆଦି ନବରସକୁ ତରୁଣ ଶିଳ୍ପୀମାନେ ନିଖୁଣ ଭାବେ ପରିବେଷଣ କରିଥିଲେ। ଡ. ଗୌରହରି ଦାସ ଆଲେଖ୍ୟ ପ୍ରସ୍ତୁତ କରିଥିବାବେଳେ ମଞ୍ଜୁଶ୍ରୀ ପଣ୍ଡା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଏବଂ ଧନେଶ୍ୱର ସ୍ୱାଇଁ ସଂଗୀତରେ ସଜେଇଥିଲେ। ପ୍ରଜ୍ଞା ପ୍ରିୟଦର୍ଶିନୀ, ସାଇ ସନ୍ତୋଷୀ, ଅଦିତି, ଜାହ୍ନବୀ, ଦେବାଂଶୀ, ପୁଷ୍ପାଞ୍ଜଳି ଏବଂ ଶୁଭ ପ୍ରିୟଦର୍ଶିନୀ ନୃତ୍ୟଅଭିନୟ କରିଥିଲେ। ଶେଷରେ ଓଡିଆ ସାହିତ୍ୟ ଏକାଡେମୀର ସହ ସଚିବ ସଂଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିଏସ୍‌ଏସ୍ ନଗରରେ ରକ୍ତଦାନ ଶିବିର; ୫୩ ୟୁନିଟ ସଂଗ୍ରହ



ଭୁବନେଶ୍ୱର,୧୭।୫(ସମିସ):

ପୁଲିସ କମିସନରେଟ ରେଡ୍‌କ୍ରସ୍ ସହାୟତାରେ ବାବା ଆଖଣ୍ଡଳମଣି ଯୁବକ ସଂଘ ପକ୍ଷରୁ ଭିଏସ୍‌ଏସ୍ ନଗରର ଦୁର୍ଗାପୂଜା ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୫୩ ୟୁନିଟ୍ ରକ୍ତଦାନ କରାଯାଇଛି। ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ପୁଲିସ ଆଡିସିନାଲ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପୁଲିସ୍ କମିଶନର ତଥା ରେଡ୍‌କ୍ରସ୍ ଆଞ୍ଚଳିକ ଶାଖାର ଅଧ୍ୟକ୍ଷ ଡ. ସୁରେଶ ଦେବ ଦତ୍ତ ସିଂହ, ବିଧାୟକ ସୁଶାନ୍ତ କୁମାର ରାଉତ ଓ ମେୟର ସୁଲୋଚନା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ସେହିପରି ପୁଲିସ୍ କମିସନରେଟ୍ ରେଡ୍‌କ୍ରସ୍ ଯୁଗ୍ମ ସମ୍ପାଦକ ଆଡିସନାଲ ଡିସିପି ମାନସ ରଞ୍ଜନ ଗଡ଼ନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ସୋନାଲି ମହାନ୍ତି, ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦର ଉପ ନିର୍ଦ୍ଦେଶକ ସ୍ୱରୂପ କୁମାର ଦାସ ଓ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ପୁଲିସ୍ କମିଶନରେଟ୍ ରେଡ୍‌କ୍ରସ୍‌ର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା, ଏସ୍‌ଆଇ ଶିବାନୀ ନନ୍ଦ, ବାବା ଆଖଣ୍ଡଳମଣି ଯୁବକ ସଂଘର ସଭାପତି ମନୋଜ କୁମାର ସାହୁ ଓ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ ଶିବିରକୁ ପରିଚାଳନା କରିଥିଲେ। ଏହି ରକ୍ତଦାନ ଶିବିରରେ ଦୁର୍ଗାପୂଜା ସମିତିର ସଭାପତି ଡ. ଜୟନ୍ତ କୁମାର ପରିଡ଼ା, ଉପ-ସଭାପତି ନିମାଇଁ ଦାସ, ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ, ଶୀତଳଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ସାମଲ, ରେଡକ୍ରସର ଋଷି ପଟ୍ଟନାୟକ, ପ୍ରସନ୍ନ ରଥ ପ୍ରମୁଖ ସହଯୋଗ କରିଥିଲେ।

# କଟକ ସିଟି



## ଶାରଦା ପୀଠରେ ଜଗନ୍ନାଥଙ୍କ ମହାସତସଙ୍ଗ



**କଟକ,୧୭।୫(ସମିସ):** ରାଉତରାପୁର ଗ୍ରାମସ୍ଥିତ ଆଦ୍ୟାଶକ୍ତି ମା' ଶାରଦାଙ୍କ ପୀଠରେ ପବିତ୍ର ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଏକ ମହା ସତସଙ୍ଗ ସମାରୋହ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଧାତ୍ମିକ ଅବସରରେ ଶ୍ରୀଗୁରୁ ପରମହଂସ ସ୍ୱାମୀ ରାଧାମୋହନ ଦେବ ଯୋଗଦେଇ ଭକ୍ତିପୂତ ଭଜନ କୀର୍ତ୍ତନ ଓ ହରିକଥା ମାଧ୍ୟମରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଭାବବିହ୍ୱଳ କରିଥିଲେ। ସେ ଆଧାତ୍ମିକ ପ୍ରବଚନ ଛଳରେ ମନୁଷ୍ୟ ଜୀବନର "ସଞ୍ଚିତ, କ୍ରିୟମାଣ ଏବଂ ପ୍ରାରବ୍ଧ' କର୍ମର ଗୂଢ଼ ତତ୍ତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଅତିଥି ଭାବେ ଯୋଗଦେଇ ଆଶୀର୍ବାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାନ୍ତ ନାୟକ, ସୁପର୍ଣ୍ଣା ନାୟକ, ଅପର୍ଣ୍ଣା ନାୟକ ଓ ଦୀପ୍ତି ଦାସ ପ୍ରମୁଖ ଶ୍ରଦ୍ଧେୟ କଣ୍ଠଶିଳ୍ପୀମାନେ ସୁମଧୁର ଭଜନ ପରିବେଷଣ କରି ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅସିତ ରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଦେବାଶିଷ ପରିଡ଼ା ଓ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ବିଜେପି ନେତା ସ୍ମୃତିରଞ୍ଜନଙ୍କୁ ମରଣାନ୍ତକ ଆକ୍ରମଣ

● ମଙ୍ଗଳାବାଗ ଥାନାରେ ଅଭିଯୋଗ

**କଟକ,୧୭।୫(ସମିସ):** ବିଜେପି କଟକ ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ମିଶ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଆହତ ଶ୍ରୀ ମିଶ୍ର କଟକ ସିଟି ହସ୍ପିଟାଲରେ ଚିକିତ୍ସିତ ହେବା ସହ ଏନେଇ ମଙ୍ଗଳାବାଗ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶ୍ରୀ ମିଶ୍ରଙ୍କ ସୂଚନା ଅନୁଯାୟୀ, ବିଭିନ୍ନ ସମୟରେ ଗରିବ ନିରୀହ ଲୋକଙ୍କ ହକ୍ ପାଇଁ ଲଢେଇ କରିବା ସହ ବେଆଇନ ବାଲି ମାଫିଆ, ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସେ କ୍ରମାଗତ ଭାବେ ସ୍ୱରୋତ୍ତଳନ କରିଆସୁଥିଲେ। ଏହି କାରଣରୁ କ୍ଷୁବ୍ଧ ହୋଇ ମାଫିଆମାନେ ଷଡ଼ଯନ୍ତ୍ର କରି ତାଙ୍କ ଉପରେ ଏଭଳି ଆକ୍ରମଣ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



## ବିଦେଶୀ ମଦ ଜବତ: ବେପାରୀ ଗିରଫ

**କଟକ,୧୭ ।୫(ସମିସ):** ବିଦେଶୀ ମଦ ବିକ୍ରି କରୁଥିବା ନିଶା ବେପାରୀକୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତ ହେଉଛି ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳର ସ୍ୱପ୍ନେଶ୍ୱର ବେହେରା(୫୧)। ଅଭିଯୁକ୍ତ ସ୍ୱପ୍ନେଶ୍ୱର ବିଭିନ୍ନ କମ୍ପାନୀର ମଦ ଆଣି ତାହାକୁ ଅପମିଶ୍ରିତ କରି ପୁଣି ବୋତଲରେ ଭର୍ତ୍ତି କରି ବିକ୍ରି କରୁଥିଲା। ରାଜପଥ ପାଶ୍ୱର୍ରେ ଥିବା ବିଭିନ୍ନ ଦୋକାନୀଙ୍କୁ ସେ ଏହି ଅପମିଶ୍ରିତ ମଦ ଯୋଗାଣ କରୁଥିଲା। ଆଜି ପୂର୍ବାହ୍ନରେ ସେ ଜଗତପୁର ନିକଟରେ ଅପମିଶ୍ରିତ ମଦ ଧରି ଗ୍ରାହକଙ୍କ ଅପେକ୍ଷାରେ ଛିଡ଼ା ହୋଇଥିଲା। ଏହି ସୂଚନା ପାଇବା ମାତ୍ରେ ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଢଉ କରି ସ୍ୱପ୍ନେଶ୍ୱରକୁ ମାଡି ବସିଥିଲା। ଯାଞ୍ଚ ପରେ ତା' ପାଖରୁ ପ୍ରାୟ ୧୯ ଲିଟରର ନକଲି ବିଦେଶୀ ମଦ ଜବତ ହୋଇଛି। ଯାହାର ମୂଲ୍ୟ ପ୍ରାୟ ୨୭ହଜାର ଟଙ୍କା ହେବ। ତତସହିତ ଅଭିଯୁକ୍ତ ପାଖରୁ ଗୋଟିଏ ବାଇକ ଓ ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି। କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି।

### ସହରରେ ଦୁର୍ଘଟଣା ରୋକିବାକୁ ପୁଲିସର ଗୁରୁତ୍ୱ

# ଅପଲୋଡ୍ ହେଲା ଆଇଆର୍ଏଡି ଡାଟାବେସ୍

**କଟକ,୧୭।୫(ସମିସ):**

କମିଶନରେଟ୍ ପୁଲିସ ପକ୍ଷରୁ ସହରରେ କେତେକ ଗୁରୁତ୍ୱପୂର୍ଣ୍ଣ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ ହୋଇଥିବା ବେଳେ ଆଇଆରଏଡି ଡାଟାବେସ୍ ପ୍ରକଳ୍ପ ଶେଷ ହୋଇଛି। ସରକାରୀ ଅନୁମୋଦନ ଏବଂ ବିଭାଗୀୟ ମୋହର ବାଜିବା ପରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଦୁର୍ଘଟଣା କମାଇବାକୁ ଏକ ସ୍ୱତନ୍ତ୍ର ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଥିଲା। ସହରରେ କେଉଁ କେଉଁ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି ଓ ଏହାର କାରଣ ନେଇ ଏକ ସ୍ୱତନ୍ତ୍ର ଡାଟା ବେସ୍ ପ୍ରସ୍ତୁତ ହୋଇଛି। କମିସନରେଟ୍ ପୁଲିସ ସହରରେ ହେଉଥିବା ଦୁର୍ଘଟଣାର କାରଣ ଖୋଜିବା ସହ ଏହାର ଡାଟା ବେସ୍ ପ୍ରସ୍ତୁତ କରି ଆଇଆରଏଡି ପେଜ୍‌ରେ ଅପଲୋଡ୍ କରିଛି। ପ୍ରତ୍ୟେକ ସପ୍ତାହରେ ଏହା ଅପଡେଟ୍ କରାଯିବ। ସହରର ସବୁ ଥାନାରେ ଇନ୍ସପେକ୍ଟର ଓ ଏସ୍ଆଇ ଦାୟିତ୍ୱରେ ରହିବେ। ଦୁର୍ଘଟଣାର କାରଣ ସମ୍ପର୍କିତ ସମସ୍ତ ତଥ୍ୟ ଆଇଆରଏଡି ତଥା ଇଣ୍ଟିଗ୍ରେଟେଡ ରୋଡ ଆକ୍ସିଡେଣ୍ଟ ଡାଟାବେସ୍ ଆପ୍ଲିକେସନରେ ଅପଲୋଡ କରାଯାଇଛି। ଆଗାମୀ ଦିନରେ ଏହାର ପୁଣି ଅପଡେଟ୍ ପ୍ରକ୍ରିୟା ଜାରି ରହିବ ବୋଲି କମିସନରେଟ୍ ପୁଲିସର ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ପରିବହନ ବିଭାଗ ବୈଷୟିକ କମିଟିର ସଦସ୍ୟମାନେ ଏହା ଉପରେ ତର୍ଜମା କରି ଦୁର୍ଘଟଣା ଘଟୁଥିବା ସ୍ଥଳ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

ପ୍ରକାଶ ଥାଉ କି, ପ୍ରାଥମିକ ପର୍ଯ୍ୟାୟରେ କମିସନରେଟ୍ ପୁଲିସ ସମେତ ୫ଟି ଜିଲ୍ଲାରେ ଏହି ପାଇଲଟ ପ୍ରୋଜେକ୍ଟ କାର୍ଯ୍ୟକାରୀ ହୋଇଥିଲା। ସବୁଠାରୁ ଅଧିକ ଦୁର୍ଘଟଣା ଘଟୁଥିବା ସ୍ଥାନ ମଧ୍ୟରେ କଟକ ରାଜ୍ୟର ଦୁଇ ନମ୍ବରରେ ରହିଛି। ଏହାକୁ ଦୃଷ୍ଟିରେ ରଖି କଟକ ସହରାଞ୍ଚଳରେ ଏହି ଯୋଜନା ଆରମ୍ଭ କରାଯାଇଥିବା ବେଳେ ଏବେ ଏହା ଶେଷ ହୋଇଛି। ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି, ସହରରେ ଦୁର୍ଘଟଣା ପ୍ରବଣ ସ୍ଥାନକୁ ଚିହ୍ନଟ କରି ବ୍ଲାକ୍‌ସ୍ପଟ ଘୋଷଣା କରିବା। ବୈଷୟିକ କମିଟିର ପରାମର୍ଶକ୍ରମେ ଉକ୍ତ ଅଞ୍ଚଳର ସଡକକୁ ମରାମତି ହୋଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏହା ଦ୍ୱାରା ଅନେକ ପରିମାଣରେ ସଡ଼କ ଦୁର୍ଘଟଣା ହ୍ରାସ ପାଇପାରିବ। ଏହାଭିତରେ କଟକ କମିସନରେଟ୍ ପୁଲିସର ଥାନାଧିକାରୀଙ୍କୁ ଏହି ପ୍ରକଳ୍ପ ସଂକ୍ରାନ୍ତ ତାଲିମ ପ୍ରଦାନ କରାଯାଇଛି। ସହରରେ କେଉଁ କେଉଁ ସ୍ଥାନରେ ଦୁର୍ଘଟଣା ଘଟୁଛି ଏହାର କାରଣ ଓ ନିରାକାରଣର ତଥ୍ୟ ଥାନାସ୍ତରର ଜଣେ ଅଧିକାରୀ ସଂଗ୍ରହ କରିବେ। ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଦୁର୍ଘଟଣା ଘଟିଲେ ଇନ୍ସପେକ୍ଟର ତଦନ୍ତ କରିବାକୁ ସ୍ଥିର କରାଯାଇଛି। କଟକ ସହରାଞ୍ଚଳର ପୁଲିସରେ କାର୍ଯ୍ୟରତ ଏସିପି କ୍ରାଇମ୍‌ଙ୍କୁ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି।

କଟକରେ ଗତବର୍ଷ ଜାନୁଆରୀରୁ ଏପ୍ରିଲ ମାସ ଶେଷ ପର୍ଯ୍ୟନ୍ତ ପ୍ରାୟ ୨୩୦ ଦୁର୍ଘଟଣା ଘଟିଥିଲା। ଯେଉଁଥିରେ ୭୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଚଳିତବର୍ଷ ଏହି ସମୟ ମଧ୍ୟରେ ପ୍ରାୟ ୩୫୦ ଦୁର୍ଘଟଣା ଘଟିଥିବା ବେଳେ ପାଖପାଖି ୧୦୦ଜଣଙ୍କ ମୃତ୍ୟୁ ଘଟି ସାରିଲାଣି। ତେବେ ପୂର୍ବରୁ କଟକ ଜିଲାରେ ପ୍ରାୟ ୩୦ଟି ସ୍ଥାନରେ ବ୍ଲାକ୍‌ସ୍ପଟ ଚିହ୍ନଟ ହୋଇଥିଲା। ସେଥିମଧ୍ୟରୁ ଏପର୍ଯ୍ୟନ୍ତ ଅନେକ ସ୍ଥାନ ମରାମତି କରାଯାଇ ନାହିଁ। ଯଥାଶୀଘ୍ର ଏହାର ମରାମତି କରାଯିବା ନେଇ ଏବେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ପୁଲିସ ଅଧିକାରୀମାନେ ସମ୍ପ୍ରତି ଏବେ ନୂତନ ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରିବା ସହ ଆପ୍ ମାଧ୍ୟମରେ ଜଣାଇବା ପରେ ଏହାର ତ୍ୱରିତ ସମାଧାନ ହୋଇପାରିବ।

## ସାତସାହି କଟକ ନୃତ୍ୟ ଉତ୍ସବର ତୃତୀୟ ସନ୍ଧ୍ୟା



**କଟକ,୧୭।୫(ସମିସ):** କଟକ ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ୧୭ତମ ସାତସାହି କଟକ ନୃତ୍ୟ ଉତ୍ସବର ତୃତୀୟ ସନ୍ଧ୍ୟାକୁ ରେରା ଅଧକ୍ଷ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଅସହାୟ ଶିଶୁମାନଙ୍କ ସାହାଯ୍ୟାର୍ଥେ ଆୟୋଜିତ ଏହି ୧୦ ଦିନିଆ କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟକୁ ବରିଷ୍ଠ ଆଇନଜୀବୀ ବିଜୟ କୁମାର ଦାଶ ଓ ଡାକ୍ତର ଜୟନ୍ତ ପଣ୍ଡାଙ୍କ ସମେତ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ କଳା, ଆଇନ, ଶିକ୍ଷା, ଚିକିତ୍ସା ଓ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡ. ପ୍ରଦ୍ୟୁମ୍ନ କିଶୋର ନାୟକ (ଜାତୀୟ କଳାରତ୍ନ), ପ୍ରଦୀପ୍ତ ମହାନ୍ତି (ଜାତୀୟ ଆଇନରତ୍ନ), ପ୍ରଭାତ ତ୍ରିପାଠୀ (ଜାତୀୟ ଶିକ୍ଷାରତ୍ନ) ଏବଂ ଡଃ ପ୍ରସନ୍ନ ବେଉରା (ସାତସାହି ସେବାରତ୍ନ)ଙ୍କ ସମେତ ଅନ୍ୟାନ୍ୟ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗରୁ ଆସିଥିବା କଳାକାରଙ୍କ ଭାରତନାଟ୍ୟମ ସାଙ୍ଗକୁ କୁଚିପୁଡ଼ି, ଆଦିବାସୀ ଓ ମରାଠୀ ଲୋକନୃତ୍ୟର ଚିତ୍ତାକର୍ଷକ ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁଷ୍ଠାନର କୋଷାଧକ୍ଷ ଉଲ୍ଲାସ ସେନ ଓ ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ରଙ୍କ ନେତୃତ୍ୱରେ କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।

## ସୁଲୋଚନା ସେବା ସଂଘ ପକ୍ଷରୁ ଜଳସେବା



**କଟକ,୧୭।୫(ସମିସ):** ପଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ନିମନ୍ତେ ସରକାରୀସ୍ତରରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନମାନେ ବିଭିନ୍ନ ସ୍ଥାନରେ ଜଳଦାନ କରୁଛନ୍ତି। ଏହି ଅବସରରେ କଟକ ସହରର ସାମାଜିକ ଅନୁଷ୍ଠାନ ସୁଲୋଚନା ସେବା ସଂଘ ପକ୍ଷରୁ ରାଣୀହାଟସ୍ଥିତ ମେଡିକାଲ ରୋଡରେ ଆଜି ଜଳସେବା କାର୍ଯ୍ୟକ୍ରମ କରାଯାଇଥିଲା। ଗ୍ରୀଷ୍ମଲହରୀ ଥିବା ପର୍ଯ୍ୟନ୍ତ ସହରର ବିଭିନ୍ନ ପ୍ରାନ୍ତରେ ଏହି ସେବା କାର୍ଯ୍ୟ ଜାରି ରହିବ ବୋଲି ସଂଘର ପ୍ରତିଷ୍ଠାତା ସୁଶାନ୍ତ କୁମାର ପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ସାହୁ, ଅନିଲ ବେହେରା, ମନୋଜ ଦାସ, ସସ୍ମିତା ବାରିକ, ପ୍ରଶାନ୍ତ ପରିଡା, ପ୍ରତାପ ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ପଥଚାରୀଙ୍କୁ ଦହିପାଣି ବଣ୍ଟନ କରିଥିଲେ।

## ଗ୍ରୋସେରି ଦୋକାନରୁ ଚୋରି

**କଟକ,୧୭।୫(ସମିସ):** କ୍ୟାଣ୍ଟନମେଣ୍ଟ୍ ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ଏକ ଗ୍ରୋସୋରି ଦୋକାନରୁ ଚୋରି ହୋଇଛି। ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନର ଝରକା ତାଡ଼ି ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ଜଣାପଡ଼ିଛି। ପୁଲିସ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି।

ପୁଲିସ ସୂଚନା ଅନୁସାରେ, ଚୌଦ୍ୱାର ଅଞ୍ଚଳର ରାମକୃଷ୍ଣ ସିହ୍ନା ବିଜୁ ପଟ୍ଟନାୟକ ଛକ ନିକଟରେ ଏକ ଗ୍ରୋସୋରି ଦୋକାନ କରିଛନ୍ତି। ସେ ଗତକାଲି ରାତି ୧୧ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ତାଙ୍କ ଦୋକାନ ଝରକା ଭାଙ୍ଗି ଦୁର୍ବୃତ୍ତମାନେ ଅଟା, ଡାଲି, ତେଲ ସହିତ ବିଭିନ୍ନ ଗ୍ରୋସୋରି ସାମଗ୍ରୀ ଚୋରାଇ ନେଇଥିଲେ। ରାମକୃଷ୍ଣ ଆଜି ସକାଳୁ ଦୋକାନ ଖୋଲିବାକୁ ଆସିଲା ବେଳକୁ ଜାଣିବାକୁ ପାଇଲେ ଯେ, ତାଙ୍କ ଦୋକାନରୁ ଚୋରି ହୋଇଛି। ସେ ଏହାପରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଏତଲାକୁ ପଞ୍ଜିକୃତ କରାଇ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## 'ସୂର୍ପଣଖା ଭେଟ ଓ ସୀତା ଚୋରି' ରାମଲୀଳା ମଞ୍ଚସ୍ଥ



**କଟକ,୧୭।୫(ସମିସ):** କଟକ ସହରର ଚାନ୍ଦିନୀଚୌକ ରାମଲୀଳା ସମିତି ପକ୍ଷରୁ ସ୍ଥାନୀୟ ମେଲଣ ପଡ଼ିଆଠାରେ ସ୍ୱର୍ଗତ ପ୍ରହ୍ଲାଦ ପ୍ରଧାନଙ୍କ ରଚିତ "ସୂର୍ପଣଖା ଭେଟ ଓ ସୀତା ଚୋରି' ନାଟକ ଅତି ସୁଚାରୁରୂପେ ପରିବେଷଣ କରାଯାଇଛି। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ମହନ୍ତ ଗିରିଜାଶଙ୍କର ରାଓ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। କଟକ ମହାନଗର ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ ମୁଖ୍ୟଅତିଥି ଏବଂ କର୍ପୋରେଟର ଆରତୀ ସାହୁ, ସତ୍ୟରଞ୍ଜନ ତ୍ରିପାଠୀ, ପୂର୍ବତନ ବିଜେପି ସଭାପତି ଲଲାଟେନ୍ଦୁ ବଡୁ ଓ କେନ୍ଦ୍ରୀୟ ରାମଲୀଳା ସମିତି ସଭାପତି କାଶୀନାଥ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବ ଅବସରରେ କେନ୍ଦ୍ରୀୟ ରାମଲୀଳା ସମିତିର ସମ୍ପାଦକ ଦିଲ୍ଲୀପ ସ୍ୱାଇଁ, ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ସଭାପତି ରମେଶ ବେହେରା, ସମ୍ପାଦକ ସୁଶାନ୍ତ ପାଣି ଏବଂ ଅନ୍ୟାନ୍ୟ ସ୍ଥାନୀୟ ମୁରବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ନାଟକରେ ସ୍ଥାନୀୟ ଯୁବ କଳାକାରମାନେ ନିଜର ଚିତ୍ତାକର୍ଷକ ଶୈଳୀ ଓ ଉଚ୍ଚକୋଟିର ଅଭିନୟ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ରାମଲୀଳା ସମିତିର ସଭାପତି ଅକ୍ଷୟ ସିଂହ, ସମ୍ପାଦକ ସୁକାନ୍ତ ଦାସ, ସହ-ସମ୍ପାଦକ ପ୍ରଦ୍ୟୁମ୍ନ ରାଓ ଏବଂ ବାମାଶଙ୍କର ରାଓଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ଏହି ପାରମ୍ପରିକ ଲୀଳାକୁ ଉପଭୋଗ କରିବା ପାଇଁ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଓ ନାଟ୍ୟପ୍ରେମୀଙ୍କ ଭିଡ଼ ଜମିଥିଲା।

## ଦୁର୍ଘଟଣାରେ ଯୁବକ ଗୁରୁତର

**କଟକ,୧୭।୫(ସମିସ):** ବିଡ଼ାନାସୀ ଥାନା ଅନ୍ତର୍ଗତ ଚହଟା ଛକରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକଙ୍କ ଘର ପାରାଦୀପ ଅଞ୍ଚଳରେ ହୋଇଥିବା ବେଳେ ତାଙ୍କ ନାଁ ଶତ୍ରୁଘ୍ନ ସାମନ୍ତସିଂହାର(୩୮)। ସୂଚନା ଅନୁସାରେ, ସିଡିଏ ସେକ୍ଟର-୧୧ରୁ ଶତ୍ରୁଘ୍ନ ଏକ ବାଇକ୍‌ରେ ଷ୍ଟାଡିୟମ ଆଡକୁ ଯାଉଥିବା ବେଳେ ଧବଳେଶ୍ୱର ଗଡ଼ା ଅଭିମୁଖେ ଦ୍ରୁତଗତିରେ ଏକ କାର୍ ଯାଉଥିଲା। ଚହଟା ଛକ ଗୋଲେଇରେ କାର୍‌ଟି ଶତ୍ରୁଘ୍ନଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତା କଡ଼କୁ ଛିଟକି ପଡ଼ିଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ସେ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକ ଆମ୍ବୁଲାନ୍ସରେ ତାଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ଘଟଣାସ୍ଥଳରେ ବିଡ଼ାନାସୀ ଥାନା ପୁଲିସ ପହଞ୍ଚିବା ବେଳକୁ ଦୁର୍ଘଟଣା ଘଟାଇଥିବା କାର୍ ଚାଳକ ସେଠାରୁ ଖସି ଚାଲିଯାଇଥିଲା। କାର୍ ନମ୍ବରଟି ସ୍ଥାନୀୟ ଜଣେ ଦୋକାନୀ ପୁଲିସକୁ ଦେଇଥିବା ବେଳେ ପୁଲିସ ସ୍ଥାନୀୟ ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି।

## ମଦ୍ୟପ ଯୁବକର ଉନ୍ମତ୍ତ କାଣ୍ଡ

**କଟକ,୧୭।୫(ସମିସ):** ମର୍କତନଗର ଥାନା ଅନ୍ତର୍ଗତ ସେକ୍ଟର-୬ରେ ରହିଥିବା ରୋଟାରୀ ଚକ୍ଷୁ ଚିକିତ୍ସାଳୟ ନିକଟରେ ଆଜି ଜଣେ ମଦ୍ୟପ ଯୁବକ ପଥଚାରୀ ଓ ସ୍ଥାନୀୟ ଦୋକାନୀଙ୍କୁ ଗାଳି କରିବା ସହିତ ଇଟାରେ ଆକ୍ରମଣ କରିଥିଲା। ଇଟା ଓ ପଥର ଉଠାଇ ରାସ୍ତାରେ ଯେଉଁମାନେ ଯାଉଥିଲେ ସେମାନଙ୍କ ଉପରକୁ ଫିଙ୍ଗୁଥିଲା। ସ୍ଥାନୀୟ ଦୋକାନୀ ମର୍କତନଗର ଥାନାକୁ ଏ ସମ୍ପର୍କରେ ସୂଚନା ଦେବା ପରେ ପୁଲିସ ଆସି ମଦ୍ୟପକୁ କାବୁ କରି ଥାନାକୁ ନେଇଥିଲା। ମଦ୍ୟପ ଯୁବକକୁ ପ୍ରାୟ ୬ଘଣ୍ଟା ଧରି ଥାନାରେ ଅଟକ ରଖାଯାଇଥିଲା। ସନ୍ଧ୍ୟାରେ ସମ୍ପୃକ୍ତ ଯୁବକର ପରିବାର ଆସି ଲିଖିତ ଭାବେ ଥାନାକୁ ଜଣାଇବା ସହିତ କ୍ଷମା ପ୍ରାର୍ଥନା କଲା ପରେ ଯୁବକକୁ ପୁଲିସ ଛାଡ଼ି ଦେଇଛି।

### ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ

# ବିଧାୟକ ରଣେନ୍ଦ୍ର ସଭାପତି ନିର୍ବାଚିତ

**କଟକ,୧୭।୫(ସମିସ):**



ଓଡିଶା ମେଡିକାଲ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ସମ୍ମିଳନୀ କଟକ ଏସସିବି ମେଡିକାଲସ୍ଥିତ ଆଇଏମଏ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କର୍ମଚାରୀଙ୍କ ରହିଥିବା ମୌଳିକ ସମସ୍ୟାକୁ କିପରି ଶୀଘ୍ର ସମାଧାନ କରାଯିବ ସେ ଦିଗରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଟ୍ରେଡ ୟୁନିୟନର ସମ୍ପାଦକ ରବି ମଲ୍ଲିକ, କିଶୋର ଜେନା, ହିନ୍ଦ ମଜଦୁର ସଭାର ସଭାନେତ୍ରୀ ସଂଯୁକ୍ତା ମହଲ, ସମ୍ପାଦକ ଦିଗମ୍ବର ମହାନ୍ତି, ମନୋରଞ୍ଜନ ମହାରଣା, ବିରଜା କିଙ୍କର ନାୟକ ପ୍ରମୁଖ ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶ୍ରୀ ସ୍ୱାଇଁଙ୍କ ନେତୃତ୍ୱରେ ଏସସିବି ମେଡିକାଲରେ ସ୍ଥାପିତ ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ପାଖରୁ ଏକ ଶୋଭାଯାତ୍ରା ବାହାରି ସଂଘ କାର୍ଯ୍ୟାଳୟରେ ପହଞ୍ଚି ଓଡିଶା ମେଡିକାଲ କର୍ମଚାରୀ ସଂଘର ପ୍ରତିଷ୍ଠାତା ବିଶ୍ୱନାଥ ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଆଇଏମଏ ହାଉସ ଠାରେ ବୈଠକ କରାଯାଇଥିବା ବେଳେ ଉପସାଧାରଣ ସମ୍ପାଦକ ଶିବ ପ୍ରସାଦ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ସାଧାରଣ ସମ୍ପାଦକ ଗଗନଚନ୍ଦ୍ର ରାଉତ ବାର୍ଷିକ ବିବରଣୀ ପ୍ରଦାନ କରିବା ସହ କର୍ମଚାରୀଙ୍କ ରହିଥିବା ୧୧ଦଫା ଦାବିକୁ ଉପସ୍ଥାପନା କରିଥିଲେ। ଏହି ଅବସରରେ ରାଜ୍ୟ ଶାଖା ଓ ଏସସିବି ଶାଖାର ନୂତନ କର୍ମକର୍ତ୍ତା ନିମନ୍ତେ ନିର୍ବାଚନ କରାଯାଇଥିଲା। ପ୍ରଥମେ ରାଜ୍ୟ ଶାଖାର ଉପଦେଷ୍ଟା ଭାବେ ଶଶୀଭୂଷଣ ଦାସ, ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରଭାକର ପଲାଇ, ଉପ-ସଭାପତି ସାକିର ଖାନ, ଶ୍ୟାମସୁନ୍ଦର ଦେଓ, ଲକ୍ଷ୍ମଣ ହରିଜନ, ଗୋକୁଳ ମେହେର, ଘନ ନାୟକ, ଅଶ୍ୱିନୀ ସେଠୀ, ସାଧାରଣ ସମ୍ପାଦକ ଗଗନ ଚନ୍ଦ୍ର ରାଉତ, ଉପସାଧାରଣ ସମ୍ପାଦକ ଶିବ ପ୍ରସାଦ ମହାନ୍ତି, ସଂଗଠନ ସମ୍ପାଦକ ବିଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ, ଲିଙ୍ଗରାଜ ରାଓ, ସଚିତ୍ର ପ୍ରଧାନ, ନୀଳମଣି ମହାପାତ୍ର, ବସନ୍ତ ବେହେରା, ପ୍ରମୋଦ କୁମାର ପୃଷ୍ଟି, କୈଳାଶ ଚନ୍ଦ୍ର ଜେନା ଏବଂ ସଂଯୋଜକ ଭାବେ ମାନସ କୁମାର ନାୟକଙ୍କୁ ନିର୍ବାଚିତ କରାଯାଇଥିବା ବେଳେ ଏସସିବି ଶାଖାର ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ପାଦକ ବିଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ସଚିତ୍ର ପ୍ରଧାନ, ବାଉରୀ ଦେହୁରୀ, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ନରେନ୍ଦ୍ର ଟପକ ଏବଂ କାର୍ଯ୍ୟକାରୀ କମିଟିରେ ଆର୍ତ୍ତତ୍ରାଣ ବାରିକ, ସୁବ୍ରତ ନାୟକ, ଲାଲୁ ଗରୁଡ, ରାକେଶ ନାୟକ, ହରେକୃଷ୍ଣ ଘଡାଇ, ଅଜୟ ନାୟକ, ନରେନ୍ଦ୍ର ନାୟକ, ବି ଲକ୍ଷ୍ମୀ, ସୁକାନ୍ତ ନାୟକ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା। ଉପସଭାପତି ସାକିର ଖାନ ଧନ୍ୟବାଦ ଦେଇଥିଲେ।

## ୪୨ ମୌଜା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**କଟକ,୧୭।୫(ସମିସ):** କଟକ ସଦରର ପ୍ରସିଦ୍ଧ ୪୨ ମୌଜା ସାଂସ୍କୃତିକ ମହୋତ୍ସବର ଅନ୍ତିମ ସନ୍ଧ୍ୟା ଖୁବ୍ ଧୂମଧାମରେ ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ରବିନାରାୟଣ ନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଏହି ଅନ୍ତିମ ସନ୍ଧ୍ୟାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଉତ୍ସବର ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା କୋରିଓଗ୍ରାଫର ବବି ଇସ୍‌ଲାମ ଯୋଗଦେଇ ଏଭଳି ସାରସ୍ୱତ ମଞ୍ଚ ସ୍ଥାନୀୟ ପ୍ରତିଭାମାନଙ୍କୁ ଆଗକୁ ଆଣିବାରେ ବେଶ୍ ସହାୟକ ହେଉଛି ବୋଲି ମତବ୍ୟକ୍ତ କରିବା ସହ ଆୟୋଜକ କମିଟିକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ମାନିନୀ ସାଂସ୍କୃତିକ କଳା ପରିଷଦର ନିର୍ଦ୍ଦେଶିକା ସୁଶ୍ରୀ ଶୈବାଳିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶନା ଏବଂ ବିଶିଷ୍ଟ ଉଦ୍‌ଘୋଷିକା ସୌଦାମିନୀ ତ୍ରିପାଠୀଙ୍କ ସଂଯୋଜନାରେ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, ସମ୍ବଲପୁରୀ ଓ ଦେଶାତ୍ମକ ସଙ୍ଗୀତ ଭିତ୍ତିକ ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ମହୋତ୍ସବ ପରିସରରେ ଆୟୋଜିତ ମୀନାବଜାରରେ ମଧ୍ୟ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚ ପକ୍ଷରୁ ସମସ୍ତ ନୃତ୍ୟଶିଳ୍ପୀ, ସ୍ଥାନୀୟ ସାମ୍ବାଦିକ, ନାଟ୍ୟ ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ର, ହାସ୍ୟ ଅଭିନେତା ପ୍ରଦୀପ୍ତ ମହାପାତ୍ର ଏବଂ ଅଭିନେତା ନବ କିଶୋର ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢ୍ୌକନ ଓ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ଉପଦେଷ୍ଟା ସିଦ୍ଧେଶ୍ୱର ପତି, ସମ୍ପାଦକ ଦୁର୍ଗାପ୍ରସାଦ ପତି ଏବଂ ବରିଷ୍ଠ ସାମ୍ବାଦିକ ସୁକାନ୍ତ ବେଉରାଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ଚୌଦ୍ୱାର ପୌରପାଳିକାରେ କୋଭିଡ୍ ପାଣ୍ଠି ଦୁର୍ନୀତି

# ହାର୍ଡୱେର ଦୋକାନରୁ କିଣାହୋଇଛି ମେଡିକାଲ କିଟ୍




ଚୌଦ୍ୱାର,୧୭।୫(ସମିସ): ଚୌଦ୍ୱାର ପୌରପାଳିକା ଏବେ ଦୁର୍ନୀତିର ପେଣ୍ଠସ୍ଥଳ ପାଲଟିଛି। ମହାମାରୀ କୋଭିଡ-୧୯ ସମୟରେ ଯେତେବେଳେ ଲୋକେ ଜୀବନ ବିକଳରେ ଛଟପଟ ହେଉଥିଲେ, ସେତେବେଳେ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ସରକାରୀ ପାଣ୍ଠି ଆତ୍ମସାତ କରିବାରେ ବ୍ୟସ୍ତ ଥିଲେ। ସୂଚନା କର୍ମୀ ମନୋଜ ସାହୁଙ୍କ ଦ୍ୱାରା ଦାଖଲ ଆରଟିଆଇ ଆବେଦନରୁ ମିଳିଥିବା ତଥ୍ୟ ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିବା ସହ ପୌରପାଳିକାର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ଚିହ୍ନ ଲଗାଇଛି।

ସୂଚନା ଅନୁଯାୟୀ, ସୂଚନା କର୍ମୀ ଶ୍ରୀ ସାହୁ ୨୦୨୩ରେ ପୌରପାଳିକାରୁ ୨୦୨୦-୨୧ ଆର୍ଥିକ ବର୍ଷର କୋଭିଡ ଖର୍ଚ୍ଚ ସମ୍ପର୍କିତ ହିସାବ ମାଗିଥିଲେ। ମାତ୍ର କାଳେ ଦୁର୍ନୀତି ପଦାରେ ପଡ଼ିଯିବ, ସେହି ଭୟରେ ପୌରପାଳିକା ପ୍ରଥମେ ତଥ୍ୟ ଦେବାକୁ ମନା କରିଥିଲା। ଏହା ବିରୋଧରେ ଶ୍ରୀ ସାହୁ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଆପତ୍ତି କରିବା ପରେ ବର୍ତ୍ତମାନ ମାମଲାର ଶୁଣାଣି ଚାଲିଛି। ଶୁଣାଣି ପ୍ରକ୍ରିୟାରେ ଯେତିକି ତଥ୍ୟ ହସ୍ତଗତ ହୋଇଛି, ତାହା ପ୍ରଶାସନର ମୁଖାକୁ ପଦାରେ ପକାଇଛି। ନିୟମ ଅନୁସାରେ କୋଭିଡ ସେଣ୍ଟରରେ ଥିବା ରୋଗୀଙ୍କୁ ପ୍ରଶାସନ ପକ୍ଷରୁ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ମିଳିବା କଥା। ବ୍ୟାଙ୍କ ଜରିଆରେ ୧୨୮ ଜଣଙ୍କୁ ଏହା ପ୍ରଦାନ କରାଯାଇଛି। କିନ୍ତୁ ପୌର କର୍ମଚାରୀ ବିଚିତ୍ରାନନ୍ଦ ସ୍ୱାଇଁ ନିଜ ନାମରେ ଏବଂ ଅନ୍ୟ କେତେକଙ୍କ ନାମ ଦେଖାଇ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ନଗଦ ୧ ଲକ୍ଷ ୩୮ ହଜାର ଟଙ୍କା ନିଜେ ଉଠାଇ ନେଇଥିବା ଜଣାପଡ଼ିଛି। ସେହିପରି ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, ପୌରପାଳିକା କୌଣସି ସ୍ୱାସ୍ଥ୍ୟ ପ୍ରତିଷ୍ଠାନ କିମ୍ବା ଫାର୍ମାସି ବଦଳରେ ଏକ ହାର୍ଡୱେର ଦୋକାନରୁ ଲକ୍ଷାଧିକ ଟଙ୍କାର ମେଡିକାଲ କିଟ୍ ଓ ଗ୍ଲୋଭସ କିଣିଥିବା ବିଲ୍ ଦର୍ଶାଇଛି। ସେହିଭଳି କୋଭିଡ ସେଣ୍ଟର ପାଇଁ ଆସିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର କିଣାରେ ବ୍ୟାପକ ହେରଫେର୍ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ମାସ୍କ ଆସିଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀକୁ ମାସ୍କ ବାବଦରେ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯାଇଛି। ସେହିପରି ଏକ ହୋଟେଲରୁ ଖାଦ୍ୟ ଯୋଗାଣ ବାବଦରେ ୩ ଲକ୍ଷ ୯୩ ହଜାର ୯୭୭ ଟଙ୍କାର ବିଲ୍ ପ୍ରଦାନ କରାଯାଇଛି। ଲକଡାଉନ ସମୟରେ ବୁଲା ଗାଈ ଓ କୁକୁରଙ୍କ ଖାଦ୍ୟ ପାଇଁ ୨ ଲକ୍ଷ ୮୪ ହଜାର ଟଙ୍କାର ଚୋକଡ଼ ଓ ପାଉଁରୁଟି କିଣାଯାଇଥିବା ଦର୍ଶାଯାଇଛି, ଯାହାର କୌଣସି ବାସ୍ତବ ପ୍ରମାଣ ନାହିଁ। ସେହିଭଳି ସେଣ୍ଟରରେ ୧୯୭ ଜଣ ରୋଗୀଙ୍କ ପାଇଁ ୧୭୦ଟି ଗଦି କିଣାଯାଇଥିଲା। କିନ୍ତୁ ଅତିରିକ୍ତ ୭୫ଟି ଖାଲି ଗଦି କାହିଁକି କିଣାଗଲା ଏବଂ ଅନ୍ୟ ୩୫ଟି ଗଦି ୪୫ ଦିନ ପାଇଁ କାହିଁକି ଭଡ଼ାରେ ଅଣାଗଲା, ତାହାର କୌଣସି ହିସାବ ନାହିଁ। କୋଭିଡ୍ ପରେ ଏହି ସବୁ ସାମଗ୍ରୀ କୁଆଡ଼େ ଗଲା ଏବଂ ଏବେ କାହା ପାଖରେ ଅଛି ତାହା କେହି ସ୍ପଷ୍ଟ କରିପାରୁ ନାହାନ୍ତି। ପୌରପାଳିକାର ଏଭଳି ସ୍ୱେଚ୍ଛାଚାରିତା ଉପରେ ରାଜ୍ୟ ସୂଚନା କମିଶନ ତୀବ୍ର ବିରକ୍ତି ପ୍ରକାଶ କରିଛନ୍ତି। କମିଶନଙ୍କ ନିର୍ଦ୍ଦେଶକ୍ରମେ ବର୍ତ୍ତମାନର ନିର୍ବାହୀ ଅଧିକାରୀଙ୍କୁ ଏହାର ସମ୍ପୂର୍ଣ୍ଣ ତଦନ୍ତ କରି ଆସନ୍ତା ଜୁଲାଇ ୩ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ତତ୍କାଳୀନ ନିର୍ବାହୀ ଅଧିକାରୀ ପବିତ୍ର ବେହେରା ଏବଂ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟରତ ଥିବା କର୍ମଚାରୀ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଥିଲା। ଦୋଷୀ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

▶ ପୌର କର୍ମଚାରୀଙ୍କୁ ଦିଆଯାଇଛି କୋଭିଡ୍ ସହାୟତା ରାଶି
▶ ଆର୍‌ଟିଆଇ ତଥ୍ୟରୁ ଖୋଲିଲା ସରକାରୀ ବାବୁଙ୍କ କଳା ଚିଠା

## ଶଶୁର ଘରେ ଜ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ

ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବଡ଼ମ୍ବା,୧୭।୫(ସମିସ): କଟକ ଜିଲ୍ଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ କରଡିବନ୍ଧ ଗ୍ରାମରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଶଶୁର ଘରୁ ଜ୍ୱାଇଁ ମନୋଜ ମଲ୍ଲିକ (୨୭)ଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମନୋଜ ନରସିଂହପୁର ବ୍ଲକ ଅଲରା ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ବୋଲି ଜଣାପଡ଼ିଛି। ତାଙ୍କ ବିବାହକୁ ପ୍ରାୟ ୫ ବର୍ଷ ହୋଇଥିବା ବେଳେ ଶଶୁର ଘରକୁ ଯାଇଥିବା ସମୟରେ ଏହି ଅଘଟଣ ଘଟିଛି। ଶଶୁର ଘର ପକ୍ଷରୁ ଏହାକୁ ପାରିବାରିକ କଳହ ଜନିତ ଆତ୍ମହତ୍ୟା ବୋଲି କୁହାଯାଉଥିବା ବେଳେ ମନୋଜଙ୍କ ପରିବାର ଲୋକେ ଏହାକୁ ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ମନୋଜଙ୍କ ସମ୍ପର୍କୀୟମାନେ ମୃତ୍ୟୁର ସ୍ଥିତିକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଜଣେ ୬ ଫୁଟ ଉଚ୍ଚତାର ବ୍ୟକ୍ତି ମାତ୍ର ୫ ଫୁଟର ଏକ ସରୁ ଗଛ ଡାଳରେ କେମିତି ଆତ୍ମହତ୍ୟା କରିପାରିବେ? ଏହା ସହ ଘଟଣାସ୍ଥଳରେ ଆତ୍ମହତ୍ୟାର କୌଣସି ସ୍ପଷ୍ଟ ଚିହ୍ନ ନ ଥିବା ସେମାନେ ଦର୍ଶାଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ବଡ଼ମ୍ବା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ୍ୟୁର ପ୍ରକୃତ କାରଣ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି।

## ଜମିବାଡ଼ି ବିବାଦରୁ ବାଡ଼ ଭାଙ୍ଗିଲେ ଦୁର୍ବୃତ୍ତ



ଟାଙ୍ଗୀ,୧୭।୫(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଜାକଣା ମୌଜାରେ ଏକ ଜମିବାଡି ବିବାଦକୁ କେନ୍ଦ୍ର କରି ଶନିବାର ରାତିରେ କେହି ଦୁର୍ବୃତ୍ତ ତାର ବାଡ଼ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ସମରେନ୍ଦ୍ର ଷଡ଼ଙ୍ଗୀଙ୍କ ସୂଚନା ଅନୁଯାୟୀ, ଉକ୍ତ ମୌଜାର ଖାତା ନମ୍ବର ୯୭, ପ୍ଲଟ ନମ୍ବର ୧୬୮ ଓ ୧୭୦ରେ ଥିବା ତାଙ୍କ ଜମିକୁ ପୂର୍ବରୁ ପୁଲିସ ଓ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସରକାରୀ ଅମିନଙ୍କ ଦ୍ୱାରା ମାପ କରାଯାଇ ଚିହ୍ନଟ କରାଯାଇଥିଲା। ଏହି ସୀମା ଚିହ୍ନଟ ପରେ ସେଠାରେ ତାର ବାଡ଼ ଦିଆଯାଇଥିଲା। ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ଏହି ବାଡ଼କୁ ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଏହି ଘଟଣା ପରେ ଶ୍ରୀ ଷଡ଼ଙ୍ଗୀ ନ୍ୟାୟ ପାଇଁ ସରକାର ଓ ପ୍ରଶାସନ ନିକଟରେ ଗୁହାରି କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ହଜ୍ ଯାତ୍ରୀଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା

ସାଲେପୁର,୧୭।୫(ସମିସ): ଚଳିତ ବର୍ଷ ମକାମଦିନାକୁ ହଜ୍ କରିବାକୁ ଯାଉଥିବା ହଜ୍‌ଯାତ୍ରୀଙ୍କୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଆଜି ଅପରାହ୍ନରେ ଲୁଣାହାର ଗ୍ରାମର ଅବଦୁଲ କୁନେଇ ଖାଁଙ୍କ ବାସଭବନରେ ରୋଧପୁର ଜାମା ମସ୍‌ଜିଦ୍‌ର ସଭାପତି ପରବେଶ ଅଲ୍ଲିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ହଜ କରିବାକୁ ଯାଉଥିବା ଲୁଣାହାର ଗ୍ରାମର ଅବଦୁଲ କୁନେଇ ଖାଁ ଓ ଖୋଡେଜା ବିବିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଉଦି ଆରବରେ ଭାରତରୁ ଯାଉଥିବା ହଜ ଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେଉଥିବା ୟୁଟ୍ୟୁବର ମହମ୍ମଦ ହରିଶ ସାହାବ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଯୁବନେତା ଗୁଲରେଜ ଅଲ୍ଲି, ମହମ୍ମଦ ଜାହିଦ, ସୟଦ ଲବିବ ଇରଫାନ୍, ମହମ୍ମଦ ଇଜହାର ଅଲ୍ଲି, ଅହମ୍ମଦ ଖାଁ, ମହମ୍ମଦ ସାକିବ ପ୍ରମୁଖ ହଜ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।



## ମାହାଙ୍ଗା ବ୍ଲକ୍ ଅର୍ଥ ଡେରାବିଶରେ ଖର୍ଚ୍ଚ ଅଭିଯୋଗ

ଭଦ୍ରେଶ୍ୱର,୧୭।୫(ସମିସ): ମାହାଙ୍ଗା ବ୍ଲକ ହିତାଧିକାରୀଙ୍କ ନିମନ୍ତେ ଆସିଥିବା ଅର୍ଥ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅଞ୍ଚଳରେ ବିନିଯୋଗ ହୋଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଗ୍ରାମବାସୀ ଦାବି କରିଛନ୍ତି। ମାହାଙ୍ଗା ବ୍ଲକ ହଳଦିଆ ଗ୍ରାମପଞ୍ଚାୟତ ଓଲକଣା ଗ୍ରାମର ସ୍ୱର୍ଗତ ଆକୁଳି ସାହୁଙ୍କ ପୁତ୍ର ଦୁର୍ଯ୍ୟୋଧନ ସାହୁଙ୍କ ନାମରେ ମାହାଙ୍ଗା ବ୍ଲକ ତରଫରୁ ଏକ ଆବାସ ଯୋଜନା ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଶ୍ରୀ ସାହୁ ଓଲକଣାରେ ଏହି ଅର୍ଥ ବିନିମୟରେ ଗୃହ ନିର୍ମାଣ କରିବା ପରିବର୍ତ୍ତେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଏଣ୍ଡର ଗ୍ରାମରେ ଗୃହ ନିର୍ମାଣ କରିଥିବାର ଅଭିଯୋଗ ହୋଇଛି। ତେବେ ମାହାଙ୍ଗା ବ୍ଲକର ହିତାଧିକାରୀଙ୍କ ଅର୍ଥ ଡେରାବିଶ ବ୍ଲକ ଅଞ୍ଚଳରେ କିପରି ବିନିଯୋଗ କରାଗଲା ଏବଂ ବିଭାଗୀୟ ଅଧିକାରୀ କିଭଳି ଭାବେ ତଦନ୍ତ ନ କରି ଅର୍ଥ ମଞ୍ଜୁର କଲେ ତାହା ତଦନ୍ତ ସାପେକ୍ଷ ବୋଲି ମତ ପ୍ରକାଶ ପାଇଛି। କଟକ ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଲେ ବହୁ ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆସନ୍ତା ବୋଲି ମତ ପ୍ରକାଶ ପାଇଛି।

## ଫାଟିଗଲା ଢଳେଇ ରାସ୍ତା



ନିଶ୍ଚିନ୍ତକୋଇଲି,୧୭।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ପ୍ରଧାନସାହିରେ ହୋଇଥିବା ନବନିର୍ମିତ ଢଳେଇ ରାସ୍ତା ଫାଟିଥିବା ନେଇ ଅଭିଯୋଗ ହୋଇଛି। ଏହି ଢଳେଇ ରାସ୍ତା କାର୍ଯ୍ୟ ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ବାରିକ୍ ସାହି ବିକାଶ ବିଶ୍ୱାଳଙ୍କ ଘର ଠାରୁ ଗଣେଶ୍ୱର ପ୍ରଧାନ ଘର ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ ନିମନ୍ତେ ୫ମ ଏସଏଫସି (ଜିଆଇଏ) ଯୋଜନାରେ ୧ ଲକ୍ଷ ୫୪ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ଅର୍ଥ ୨୦୨୪-୨୫ ଆର୍ଥିକ ବର୍ଷରେ ମଞ୍ଜୁର କରାଯାଇ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି କାର୍ଯ୍ୟକୁ ସ୍ଥାନୀୟ ନେତା ଠିକାନେଇ କରିଥିଲେ। ହେଲେ ନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖ ଅଭାବ ଏବଂ ସରକାରୀ ଅଟକଳ ଅନୁଯାଇ ଏହି ରାସ୍ତାରେ ନିର୍ମାଣ ସାମଗ୍ରୀ ବ୍ୟବହାର କରା ନ ଯାଇ ଏହା ଅତ୍ୟନ୍ତ ନିମ୍ନମାନର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## 'ଆର୍ଟ ଅଫ୍ ଗିଭିଙ୍ଗ୍' କାର୍ଯ୍ୟକ୍ରମ



ତିଗିରିଆ,୧୭।୫(ସମିସ): ତିଗିରିଆ ବ୍ଲକ ଅଧୀନ ଭିରୁଡ଼ା ପଞ୍ଚାୟତରେ ଆଜି 'ଆର୍ଟ ଅଫ୍ ଗିଭିଙ୍ଗ୍' (ଦାନର କଳା) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପରିକଳ୍ପନାରେ ଆରମ୍ଭ ହୋଇଥିବା ଏହି ଅନ୍ତର୍ଜାତୀୟ ଅଭିଯାନର ୧୩ତମ ସଂସ୍କରଣ ବ୍ଲକ ସଂଯୋଜକ ବଦ୍ରି ନାରାୟଣ ବିଶ୍ୱାଳଙ୍କ ସଂଯୋଜନାରେ ସମ୍ପନ୍ନ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ସୂର୍ଯ୍ୟମଣି ସାମନ୍ତ ପୌରହିତ୍ୟ କରିଥିବା ବେଳେ ସମିତିସଭ୍ୟ ଧନେଶ୍ୱର ରଣା, ସାମ୍ବାଦିକ ପ୍ରକାଶ କୁମାର ସାହୁ ଏବଂ ଯୁବ ସମାଜସେବୀ ଶ୍ରୀବଲ୍ଲଭ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବର ତାତ୍ପର୍ଯ୍ୟ ଉପରେ ଅତିଥିମାନେ ଆଲୋକପାତ କରିବା ସହ ସମାଜରେ ପରୋପକାର ଓ ବାଣ୍ଟିବା ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ଥାନୀୟ ଭଲିବଲ୍ ଟିମ୍ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜିତ ହୋଇଥିଲା। ଖେଳ ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ଖେଳାଳିଙ୍କୁ କ୍ରୀଡ଼ା ସାମଗ୍ରୀ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଗ୍ରାମର ଅନ୍ୟାନ୍ୟ ସଦସ୍ୟ ଏହି ସେବାମୂଳକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ସାଲେପୁର:** ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ୧୩ତମ ଆର୍ଟ ଅଫ୍ ଗିଭିଂ ପାଳିତ ହୋଇଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ମାନସ ସୃଷ୍ଟି ଆର୍ଟ ଅଫ୍ ଗିଭିଂ 'ଦେବାର କଳା ବା ତ୍ୟାଗର କଳା' ଆନ୍ତର୍ଜାତିକସ୍ତରରେ ମଇ ୧୭ ତାରିଖରେ ପାଳନ କରାଯାଉଛି। ମୁଖ୍ୟଅତିଥି ରୂପେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରେଣ୍ୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ଟିବିଆଇ ମହାନିର୍ଦ୍ଦେଶକ ସମରେନ୍ଦ୍ର ସାହୁ, ଅନ୍ୟତମ ଅତିଥି ଭାବେ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ସାଲେପୁର ତହସିଲଦାର ଉର୍ମିଳା ପ୍ରଧାନ, ଜାତୀୟ ଯୁବ ପ୍ରକଳ୍ପର ଓଡ଼ିଶା ଆବାହକ ମଧୁସୂଦନ ଦାସ, ଆନନ୍ଦ ଆତ୍ମା ସେବାଶ୍ରମ ପ୍ରତିଷ୍ଠାତା ରାମଦାସ ମହାରାଜ ପ୍ରମୁଖ ଯୋଗ ଦେଇଥିଲେ। ସୁବ୍ରତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଦୀପକ ପାଣି, ଦୁଃଶାସନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।




## ନଦୀ ସ୍ରୋତରେ ଭାସିଯାଉଥିବା ଯୁବକ ଉଦ୍ଧାର



ନିଶ୍ଚିନ୍ତକୋଇଲି,୧୭।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତ ତେନ୍ତୁଲପୁର କାଳିଆବୁଦା ଗ୍ରାମର ବାବୁନି ମଲିକ (୩୮) ଲୁଣାନଦୀର ସ୍ରୋତରେ ଭାସିଯାଉଥିଲେ। ସ୍ଥାନୀୟ ଲୋକମାନେ ଦେଖି ନିଶ୍ଚିନ୍ତକୋଇଲି ଦମକଳ କେନ୍ଦ୍ରକୁ ଖବର ଦେବା ପରେ ଘଟଣାସ୍ଥଳରେ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡିଛି। ବାବୁନୀ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ହୋଇଥିବାରୁ ଲୁଣାନଦୀର ତେନ୍ତୁଲପୁର ଗଡାରେ ନଦୀ ଭିତରକୁ ପଶିଯାଇ ଭାସିଯାଇଥିଲେ। ଦମକଳ ବାହିନୀ କର୍ମଚାରୀମାନେ ସେଠାରୁ ୭/୮ କିମି ଦୂରରେ କେରିଲୋ ପଞ୍ଚାୟତ ଘଣ୍ଟାଳ ରାମଚଣ୍ଡୀ ପୀଠରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପଠାଇଥିଲେ। ସଂପୃକ୍ତ ଯୁବକ ଜଣକ ନଦୀରେ ପହଁରି ମାମୁଘରକୁ ଯାଉଥିଲେ ବୋଲି କହୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ଶୀତଳ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ଚୌଦ୍ୱାର,୧୭।୫(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଆଗ୍ରାହାଟ ପଞ୍ଚାୟତ କୁଜୀବରସ୍ଥିତ ମହାତ୍ମା ସାଧୁ ସୁନ୍ଦର ସିଦ୍ଧପୀଠରେ ରୋଟାରୀ କ୍ଲବ୍ କଟକ ଅଭିନବ ପକ୍ଷରୁ ପ୍ରତିଷ୍ଠିତ ଏକ ଶୀତଳ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପକୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ମନୋଜ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ କଟକ ଅଭିନବ କ୍ଲବ୍ ସଭାପତି ଜୀବନ ପଟ୍ଟନାୟକ, ସମ୍ପାଦିକା ମନୋରମା ଜେନା, ବିଶ୍ୱନାଥ ପଣ୍ଡା, ଆଲୋକ ସାହୁ, ସୁଧାଂଶୁ ଶେଖର ଜେନା, ହୃଷିକେଶ ରାଉତ, ଆରସିସି ବିବେକାନନ୍ଦ ସଭାପତି ମାନସ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପଶୁପକ୍ଷୀଙ୍କ ପାଇଁ ପୀଠରେ ନିର୍ମିତ ଜଳକୁଣ୍ଡର ଉଦ୍‌ଘାଟନ କରାଯିବା ସହିତ କ୍ଲବ୍ ତରଫରୁ ମହିଳାଙ୍କ ତାଲିମ ପାଇଁ ସିଲେଇ ମେସିନ୍ ଓ ଶ୍ରବଣବାଧକ ବ୍ୟକ୍ତିଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା। ଆରସିସି କୁଜୀବର ସଭାପତି ଉମେଶ ଚନ୍ଦ୍ର ସାହାଣୀ, ଅନ୍ତର୍ଯ୍ୟାମୀ ଦାସ, ମଧୁସୂଦନ ବିଶ୍ୱାଳ, ମହେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ବାସୁଦେବ ସାହୁ ଧନ୍ୟବାଦ ଦେଇଥିଲେ।



## ଜୈବସାର ଆଦର୍ଶ ଗ୍ରାମ କାର୍ଯ୍ୟକ୍ରମ



ନିଆଳି,୧୭।୫(ସମିସ): କଟକ ଜିଲ୍ଲା ନିଆଳି ବ୍ଲକର ୱାଉପଲ୍ଲୀ ଗ୍ରାମରେ 'ଜୈବସାର ମଡେଲ ଗ୍ରାମ' କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଏକ କୃଷକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। 'ମେରା ଗାଁ ମେରା ଗୌରବ' କାର୍ଯ୍ୟକ୍ରମ ଅନ୍ତର୍ଗତ କଟକସ୍ଥିତ ଆଇସିଏଆର୍-ସିଆରଆରଆଇ ଦ୍ୱାରା ନିଆଳିସ୍ଥିତ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ସୁବାସଚନ୍ଦ୍ର ସାହୁ ଏହାକୁ ସୁଚାରୁରୂପେ ପରିଚାଳନା କରିଥିଲେ। ତାଲିମ୍ ଶିବିରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୃଷି ବିଜ୍ଞାନୀ ଡଃ ଉପେନ୍ଦ୍ର କୁମାର, ଡଃ ବିଶ୍ୱଜିତ୍ ମଣ୍ଡଳ ଓ ଡଃ ଆନି ପୁନମ୍ ଧାନ ଚାଷ ତଥା ଅନ୍ୟାନ୍ୟ ଫସଲ ପ୍ରଣାଳୀରେ ଗୁଣାତ୍ମକ ବାୟୋ-ଇନୋକୁଲାଣ୍ଟର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଡଃ ଶ୍ରୀକାନ୍ତ ଲେଙ୍କା, ଡଃ ମାନସ କୁମାର ବାଗ୍ ଏବଂ ଦିବ୍ୟରଞ୍ଜନ ମାଝି ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଶିବିରରେ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ପ୍ରଗତିଶୀଳ ଚାଷୀ ଯୋଗଦେଇ ଜୈବିକ ଚାଷ ପ୍ରଣାଳୀ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରର ପରିଚାଳକ ଯୁବରାଜ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଦିନରାତି ଚାଲିଛି ବେଆଇନ ବାଲି ଓ ମାଟି ଲୁଟ୍





ନିଶ୍ଚିନ୍ତକୋଇଲି,୧୭।୫(ସମିସ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଓ ତହସିଲ ଅଞ୍ଚଳ ଏବେ ବେଆଇନ ବାଲି ଏବଂ ମାଟି ମାଫିଆଙ୍କ ଚରାଭୂଇଁ ସାଜିଛି। ପ୍ରଶାସନିକ କୋହଳତା ଓ ପୁଲିସର ନିରବତାର ସୁଯୋଗ ନେଇ ମାଫିଆମାନେ ଦିନ ଦ୍ୱିପ୍ରହରରୁ ଆରମ୍ଭ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରାକୃତିକ ସମ୍ପଦକୁ ଆଖିବୁଜା ଲୁଟ୍ କରିବାରେ ଲାଗିଛନ୍ତି। ଏହାଦ୍ୱାରା ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ପରିବେଶ ଏବଂ ସୁରକ୍ଷା ପ୍ରତି ଗମ୍ଭୀର ସଙ୍କଟ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ମୋଟ ୧୧ଟି ବାଲିଘାଟ ରହିଛି। ଖଣି ବିଭାଗ ପକ୍ଷରୁ କେବଳ ଗୋଟିଏ ମାତ୍ର ଘାଟ ନିଲାମ ଦିଆଯାଇଛି। ବାକି ଅଣନିଲାମୀ ୧୦ଟି ଘାଟରୁ ପ୍ରତିଦିନ ରାତି ୧୦ଟାରୁ ଭୋର ୬ଟା ପର୍ଯ୍ୟନ୍ତ ବେଆଇନ ଭାବେ ବାଲି ଉଠାଯାଉଛି। ଲୁଣା, ଚିତ୍ରୋତ୍ପଳା ଓ ମହାନଦୀର ବିଭିନ୍ନ ଘାଟରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ହାଇୱା ଏବଂ ଟ୍ରକ୍ ଯୋଗେ ବିଭିନ୍ନ ଜିଲ୍ଲାକୁ ଚାଲାଣ କରାଯାଉଛି। କିଛି ଦିନ ତଳେ କଳମିଶ୍ରି ବାଲିଘାଟରୁ ବେଆଇନ ଉଠାଣ ଅଭିଯୋଗ ହେବା ପରେ ଖଣି ବିଭାଗ ତହସିଲ ସହାୟତାରେ ସେଠାକାର ରାସ୍ତା ତାଡ଼ି ଦେଇଥିଲା। ମାତ୍ର ଏବେ ନେମାଳ ଥାନା ନିକଟସ୍ଥ ଜଳଦିଆ ଘାଟରୁ ବ୍ୟାପକ ମାତ୍ରାରେ ଚୋରା ବାଲି ଚାଲାଣ ଚାଲିଛି, ଯାହା ସ୍ଥାନୀୟ ପୁଲିସର ଭୂମିକାକୁ ସନ୍ଦେହଘେରକୁ ନେଉଛି। କେବଳ ବାଲି ନୁହେଁ, ମାଟି ମାଫିଆଙ୍କ ଉତ୍ପାତ ମଧ୍ୟ ସୀମା ବାହାରକୁ ଗଲାଣି। ସରକାରୀ ଜାଗା, ଗୋଚର ଜମି, ଜଳସେଚନ ବିଭାଗର ଜମି ସମେତ ୮ ନମ୍ବର ଓ ୯ ନମ୍ବର କେନାଲ ଶଯ୍ୟାରୁ ଜେସିବି ମେସିନ୍ ଲଗାଇ ଦିନରାତି ମାଟି ତାଡ଼ି ନିଆଯାଉଛି। ଶହ ଶହ ଟ୍ରାକ୍ଟର ମାଧ୍ୟମରେ ଏହି ମାଟି ବିକ୍ରି କରି ମାଫିଆମାନେ ମାଲେମାଲ ହେଉଛନ୍ତି। କେନାଲ ଶଯ୍ୟା ନଷ୍ଟ ହେବା ଯୋଗୁଁ ଆଗାମୀ ଦିନରେ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେବାର ଆଶଙ୍କା ଦେଖାଦେଇଛି। ବେଆଇନ କାରବାର ନେଇ ସାରା ବ୍ଲକରେ ହୁଲସ୍ଥୁଲ ଚାଲିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ତହସିଲ ପଦାଧିକାରୀ ଓ ରାଜନେତାମାନେ ଜାଣିଶୁଣି ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ବ୍ଲକ ଅଞ୍ଚଳରେ ଦୁଇଟି ଥାନା ଓ ଗୋଟିଏ ପୁଲିସ ଆଉଟ୍‌ପୋଷ୍ଟ ଥିଲେ ମଧ୍ୟ କୌଣସି ଗୋଟିଏ ହେଲେ ଗାଡ଼ି ଜବତ ନ ହେବା ସାଧାରଣରେ ସନ୍ଦେହକୁ ଘନୀଭୂତ କରିଛି। ଅଭିଯୋଗ ଅନୁଯାୟୀ, ରାତିରେ ବେଆଇନ ପରିବହନକୁ ସୁରକ୍ଷା ଦେବା ପାଇଁ କେତେକ ଥାନା ବାବୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଫିସରେ ବସି ମାଫିଆଙ୍କଠାରୁ ମୋଟା ଅଙ୍କର ବେଆଇନ ପାଣ୍ଠି ଆଦାୟ କରୁଛନ୍ତି। ଭାରୀଯାନ ଓ ଶହ ଶହ ହାଇୱା ଚଳାଚଳ ଯୋଗୁଁ ଗ୍ରାମାଞ୍ଚଳର ମୁଖ୍ୟ ରାସ୍ତାଗୁଡ଼ିକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେଉଛି। ଏହା ସହିତ ନଦୀଶଯ୍ୟାରୁ ଅଣଦେଖା ବାଲି ଉଠାଣ ଯୋଗୁଁ ନଦୀବନ୍ଧ ପ୍ରତି ବିରାଟ ବିପଦ ସୃଷ୍ଟି ହୋଇଛି, ଯାହା ବନ୍ୟା ସମୟରେ ବଡ଼ ଅଘଟଣର କାରଣ ସାଜିପାରେ। ସରକାରୀ ସମ୍ପତ୍ତିର ଏଭଳି ମହାଲୁଟ୍‌କୁ ରୋକିବା ପାଇଁ କଟକ ଜିଲ୍ଲାପାଳ ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରନ୍ତୁ ଏବଂ ଦୋଷୀ ମାଫିଆଙ୍କ ସହ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଅଧିକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଜନସାଧାରଣରେ ଦୃଢ଼ ଦାବି ହୋଇଛି।

▶ ଖଣି ବିଭାଗର ନିଲାମ ଗୋଟିଏ ଘାଟ
▶ ଚୋରା ଚାଲାଣ ହେଉଛି ୧୦ଟି ଘାଟରୁ
▶ ପୁଲିସ, ପ୍ରଶାସନ ଓ ରାଜନେତାଙ୍କ ସଲାସୁତୁରା ଅଭିଯୋଗ

## ପୁଲିସର ଶେଷ ଚେତାବନୀ, ତାଲିକାରେ ପୁରୁଣା ଅପରାଧୀ

# 'ସୁଧୁରି ଯାଅ, ନଚେତ ଏନ୍‌କାଉଣ୍ଟର ପାଇଁ ପ୍ରସ୍ତୁତ ରୁହ'

ବ୍ରହ୍ମପୁର,୧୭।୫(ସମିସ):

ରାଜ୍ୟରେ ବଢ଼ୁଥିବା ପେଶାଦାର ଅପରାଧ ଓ ଗୁଣ୍ଡାରାଜକୁ ନେଇ ପୁଲିସ ପ୍ରଶାସନ ଏବେ କଠୋର ମୁଡ଼ରେ। ଆଇନକୁ ହାତରେ ନେଇ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିବା ଅପରାଧୀଙ୍କ ଉପରେ ଏବେ ପୁଲିସର କଡ଼ା ନଜର। "ସୁଧୁରି ଯାଅ, ନଚେତ ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରୁହ" ବୋଲି କଠୋର ସନ୍ଦେଶ ଦେଇଛି ପୁଲିସ। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପୁଲିସ ଡିଜି କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଅପରାଧକୁ ଜିରୋ ଟୋଲରେନ୍ସ। ଅପରାଧୀଙ୍କ ପାଇଁ ଓଡ଼ିଶାରେ ସ୍ଥାନ ନାହିଁ। ଅପରାଧ ଘଟାଇବା ପାଇଁ ଯେଉଁମାନେ ଚିନ୍ତା କରୁଛନ୍ତି ବ୍ରହ୍ମପୁର ଓ ସମ୍ବଲପୁର ଭଳି ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରୁହନ୍ତୁ। ଗତ ୫ ଦିନ ମଧ୍ୟରେ ସାରା ରାଜ୍ୟରେ ୧୭୭୧ ଜଣଙ୍କୁ ଏନବିଡ୍ଲ୍ୟୁ ଡ୍ରାଇଭ୍ କରାଯାଇଛି। ୬ ଜଣଙ୍କ ବିରୋଧରେ ଏନଏସଏ ଲଗାଯାଇଛି। ୫୦ରୁ ଅଧିକ ଫେରାର ଅପରାଧୀଙ୍କୁ ଗିରଫ କରାଯାଇଛି। ସେହିଭଳି ଗୁଇନ୍ଦା ଆଧାରରେ ଜେଲ୍ ଫେରାନ୍ତଙ୍କ ଉପରେ କଡ଼ା ନଜର ରଖା ଯାଇଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଏସପି ଗ୍ରାଉଣ୍ଡ ଜିରୋରେ କାର୍ଯ୍ୟ କରୁଛନ୍ତି। ଗତକାଲି ବ୍ରହ୍ମପୁର ପୁଲିସ ଜିଲ୍ଲାର ଲାଞ୍ଜିପଲ୍ଲୀ ଦୀପ ସାହିର କୁଖ୍ୟାତ ଦିପୁନା ନାୟକକୁ ପୁଲିସ ଏନକାଉଣ୍ଟର କରିଛି। ତଥାପି ସାବଡ଼ ହୋଇପାରୁନାହାନ୍ତି କ୍ରିମିନାଲ ଗୋଷ୍ଠୀ। ସୁବିଧା ସୁଯୋଗ ଦେଖି ଲୁଟପାଟ, ହତ୍ୟା ପରି ଘଟଣାମାନ ଘଟାଉଛନ୍ତି ଅପରାଧୀମାନେ। ବ୍ରହ୍ମପୁର ପୁଲିସ ଜିଲ୍ଲା ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ପୁଣି ଥରେ ସକ୍ରିୟ ହୋଇ ଉଠିଲେଣି ପୁରୁଣା ଅପରାଧୀ। ସୁପାରୀ ପାଇ ଗଞ୍ଜାମ ଜିଲ୍ଲାକୁ ବାହାର ରାଜ୍ୟରୁ ବି ଧସେଇ ପଶୁଛନ୍ତି ହାର୍ଡ କୋର କ୍ରିମିନାଲ। ଗୋପାଳପୁର ଥାନା ଅଧୀନରେ ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣା ଓ ବିଏନପୁର ଥାନା ଅଧୀନରେ ପୀତବାସ ପଣ୍ଡା ହତ୍ୟା ମାମଲା ତାହାର ଉଦାହରଣ ସ୍ୱରୂପ। ଅବଶ୍ୟ କ୍ରିମିନାଲ ମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ବି ସୁବିଧା ସୁଯୋଗ ଦେଖି ଅପରାଧୀଙ୍କ ଉପରକୁ ଗୁଳି ଫୁଟାଇବାକୁ ପଛ ଘୁଞ୍ଚା ଦେଉନାହିଁ। ସେହିକ୍ରମରେ ଦେଖିଲେ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ଗତକାଲିର ଦିପୁନା ନାୟକ ଘଟଣାକୁ ମିଶାଇଲେ ଏ ଯାବତ ୬୪ ଏନକାଉଣ୍ଟର ହେଲାଣି। ବିଗତ ବର୍ଷଗୁଡ଼ିକରେ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ ଜିଲ୍ଲାରେ ପ୍ରାୟ ୬୪ରୁ ଉଦ୍ଧ୍ୱର୍ ଜଣ ଦୁର୍ଦ୍ଧାନ୍ତ ଅପରାଧିଙ୍କୁ ଏନକାଉଣ୍ଟର ହୋଇଥିଲା। ଏଥିରେ ଠେସା କାଳିଆ, ଦଣ୍ଡ ମହାରଣା, କୁନା ବେହେରା, ଗୁରୁଣ୍ଟିର ଜିତୁ ସେଠୀ, ଲାଞ୍ଜିପଲ୍ଲୀର ସୁନିଲ ବିଷୋୟୀ, ଆସିକାର ଲମ୍ଭୁତାରିଣୀ, ନୟାଗଡ଼ର ଅନନ୍ତ କୁମାର ମାଛୁଆ, ସୁଶାନ୍ତ ବେହେରା ଓରଫ କକୋ, ପିଣ୍ଟୁ ସାହୁ ଗଣେଶ ନାୟକ ଓରଫ ବୁଲୁ, ଦିଲ୍ଲୀପ ଦାସ, ଜିତୁ ସାହୁ ଓରଫ ବାଦଲ, ସୁନିଲ ନାହାକଙ୍କ ସମେତ ୬୪ଜଣଙ୍କୁ ଏନକାଉଣ୍ଟର ହୋଇଥିଲା। ଡିଜିଙ୍କ ଚେତାବନୀ ପରେ ପୁଲିସ ଏବେ ସକ୍ରିୟ ହୋଇ ପୁରୁଣା ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରିଛି। ବ୍ରହ୍ମପୁର ପୁଲିସ ଜିଲ୍ଲାର ଏନକାଉଣ୍ଟର ଲିଷ୍ଟ କରିଛି। ଏହି ଲିଷ୍ଟରେ ହାର୍ଡକୋର କ୍ରିମିନାଲ୍ ରହିଛନ୍ତି। ପୁଲିସ ସେମାନଙ୍କୁ ସୁଯୋଗ ଦେଇଛି ଅପରାଧୀ କାର୍ଯ୍ୟରୁ ଦୁରେଇ ରୁହ ନଚେତ ଏଥର ଏନକାଉଣ୍ଟର ସୁନିଶ୍ଚିତ। ଫେରାର ଥିବା ଜଣେ ଅପରାଧୀ ଏବେ ପୁଲିସ ଟାର୍ଗେଟରେ, କେତେବେଳେ ବି ଫୁଟି ପାରେ ଗୁଳି। ଗତକାଲି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଧାନ ମେରା ସାହିର ଶ୍ୟାମ ବେହେରାଙ୍କୁ ଖଡ଼ାସିଙ୍ଗ ଓଭର ବ୍ରିଜ ଉପରୁ ତଳକୁ ଠେଲି ହତ୍ୟା ଉଦ୍ୟମ କରିଥିଲେ ଦିପୁନ ଓ ତାର ଭାଇ ସମେତ ୪ ସହଯୋଗୀ। ଦୁଇ ପୁଲିସ କବଜାରେ ଆଉ ଜଣେ ଫେରାର। ସେମାନଙ୍କୁ ଧରିବା ପାଇଁ ପୁଲିସ ପ୍ରୟାସ ଆରମ୍ଭ କରିଛି। ସେପଟେ ଦିପୁନ ଏମକେସିଜି ମେଡିକାଲର ଟ୍ରମା ସେଣ୍ଟରରେ ପୁଲିସର ସୁରକ୍ଷା ବଳୟ ଭିତରେ ଚିକିତ୍ସିତ ହେଉଛି।




### ଦିଲ୍ଲୀପରୁ ଆରମ୍ଭ, ଦିପୁନାକୁ ମିଶାଇ ୬୪ ଏନ୍‌କାଉଣ୍ଟର

### ପୁଲିସ ସ୍କାନରେ ଦିପୁନାଙ୍କ ସାନ ଭାଇ ସୁମନ

ବ୍ରହ୍ମପୁର: ଗର୍ଜିଲା ପୁଲିସର ବନ୍ଧୁକ। ଏବେ ସାବାଡ଼ ହେବ ଅପରାଧୀ। ପୁଲିସ ଆରମ୍ଭ କରିଛି ମିଶନ୍ କ୍ଲିନ୍ କ୍ରାଇମ୍। ଗତକାଲି ଗୋପାଳପୁର ଥାନା ଅଞ୍ଚଳରେ ଛପି ରହିଥିବା ଲାଞ୍ଜିପଲ୍ଲୀ ଅଞ୍ଚଳର ଦୀପୁନା ନାୟକଙ୍କୁ ପୁଲିସ ପ୍ରଥମେ ଧରିଥିଲା। ଦୀପୁନାଙ୍କ ଅନ୍ୟ ସହଯୋଗୀ ମାନଙ୍କୁ ଧରିବାକୁ ପୁଲିସ ଦୀପୁନାଙ୍କୁ ନେଇ ଗୋଳନ୍ଥରା ଥାନା ଅନ୍ତର୍ଗତ କୀର୍ତ୍ତିପୁର ଜଙ୍ଗଲକୁ ଯାଇଥିବା ବେଳେ ସେଠାରେ ଦୀପୁନା ପୁଲିସ ଉପରକୁ ବୋମା ଫିଙ୍ଗିଥିଲା। ଯାହାଫଳରେ ପୁଲିସ ବାଧ୍ୟ ହୋଇ ଦୀପୁନାଙ୍କୁ ଏନକାଉଣ୍ଟର କରିଥିଲା। ଦୀପୁନାର ବାମ ଗୋଡ଼ରେ ଗୁଳି ବାଜିଥିଲା। ଆହତ ଅବସ୍ଥାରେ ପୁଲିସ ଦୀପୁନାକୁ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଛି। ବର୍ତ୍ତମାନ ସୁଦ୍ଧା ଦୀପୁନାଙ୍କ ସାନ ଭାଇ ସୁମନ ନାୟକ ସମେତ ଅନ୍ୟ ସହଯୋଗୀ ମାନେ ଫେରାର ଥିବା ବେଳେ ତାଙ୍କୁ ଗିରଫ ନିମନ୍ତେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍। ଦୀପୁନା ଦୀର୍ଘ ବର୍ଷ ଧରି ଅପରାଧ ଦୁନିଆ ସହ ଯୋଡ଼ି ହୋଇ ରହିଥିଲା। ଦୀପୁନା ନାଁରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ଗୋପାଳପୁର, ବୈଦ୍ୟନାଥପୁର ଓ ବଡ଼ବଜାର ଥାନାରେ ହତ୍ୟା ଉଦ୍ୟମ, ବୋମା, ବେଆଇନ ବନ୍ଧୁକ ଚାଲାଣ କରିବା ଭଳି ମୋଟ ୫ଟି ମାମଲା ରହିଛି। ଅନ୍ୟପଟେ ଶ୍ୟାମ ବେହେରାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ବେଳେ ତାହାର ବୟାନ ରେକଡର୍ କରାଯାଇଛି। ଦୀପୁନା ହିଁ ତାଙ୍କ ଓଭରବ୍ରିଜ ଉପରକୁ ଫିଙ୍ଗିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ବୋଲି ଶ୍ୟାମ ନିଜ ବୟାନରେ କହିଛି। ସେହି ଆଧାରରେ ପୁଲିସ ଦୀପୁନାକୁ ଗିରଫ କରିଛି। ବର୍ତ୍ତମାନ ଯେଉଁ ଅପରାଧୀମାନେ ଯେକୌଣସି ଅପରାଧିକ କାର୍ଯ୍ୟାକଳାପ କରିବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଏଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବ୍ରହ୍ମପୁର ଏସପି।

## ଷ୍ଟାଲିନ୍‌ଙ୍କ ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ବିରୋଧ

ବ୍ରହ୍ମପୁର,୧୭।୫(ସମିସ): ବିଜିପୁର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ସଂସ୍କାରବାଦୀ ପକ୍ଷରୁ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣଙ୍କ ନେତୃତ୍ୱରେ ତାମିଲନାଡୁ ବିଧାନସଭାରେ ଡ଼ିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ବିରୋଧ କରି ତାଙ୍କ ଫଟୋ ପୋଡ଼ାଯାଇଥିଲା। ୩ ବର୍ଷ ତଳେ ସେତେବେଳର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଷ୍ଟାଲିନ ସନାତନ ଧର୍ମକୁ ହିନ୍ଦୁଧର୍ମ ମେଲେରିଆ ଓ ଡେଙ୍ଗୁ ବୋଲି କହିଥିବା ବେଳେ ବର୍ତ୍ତମାନ ବିଧାନସଭାରେ ସନାତନ ଧର୍ମକୁ ଭାରତରୁ ବିଲୁପ୍ତ ହେବା ଉଚିତ କହିଥିଲେ। ତାମିଲନାଡୁ ବିଧାନସଭାରେ ଓ ହିନ୍ଦୁ ସମାଜକୁ କ୍ଷମା ମାଗିବାକୁ ସଂସ୍କାରବାଦୀ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସୋମବାର ଦକ୍ଷିଣାଞ୍ଚଳ ଅୟୁକ୍ତଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂସ୍କାରବାଦୀ ପକ୍ଷରୁ ନିଷ୍ପତି ହୋଇଛି। ପ୍ରତିବାଦ ସଭାରେ ପ୍ରମୋଦ କୁମାର ସାହୁ, ଜଗଦୀଶ ଦାଶ, ନିରଞ୍ଜନ ସାହୁ, ମୋହନ ଚରଣ ସ୍ୱାଇଁ, ଦୀପ୍ତି ଶଙ୍କର ପଟ୍ଟନାଇକ, ରାଜେନ୍ଦ୍ର ମହାନ୍ତି, ପଙ୍କଜ କୁମାର ନାୟକ, କବିତା ପଣ୍ଡା, ପଦ୍ମାବତୀ ପାଢ଼ୀ, ସଂଯୁକ୍ତା ବେହେରା, ସହଦେବ ପାତ୍ର, ପୂଜାରୀ ପ୍ରମଦ, ସୀମାଞ୍ଚଳ ପାଢ଼ୀ ଓ ରାଜାରାନୀ ମହାବୀର ଉପସ୍ଥିତ ଥିଲେ।

## ଲକ୍ଷ୍ମୀନୃସିଂହ ମନ୍ଦିର ଘଣ୍ଟ ସ୍ଥାପନ ବିବାଦ; ୩ ଗିରଫ



ବ୍ରହ୍ମପୁର,୧୭।୫(ସମିସ): ଚିକିଟି ବ୍ଲକ ଭୋଲାସିଙ୍ଗି ଗ୍ରାମରେ ଲକ୍ଷ୍ମୀନୃସିଂହନାଥ ମନ୍ଦିରରେ ଘଣ୍ଟ ସ୍ଥାପନକୁ ନେଇ ହୋଇଥିବା ବିବାଦ ଘଟଣାରେ କେ. ନୂଆଗାଁ ଥାନା ପୁଲିସ ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୋଲାସିଙ୍ଗି ଗ୍ରାମର ଶ୍ରୀଧର ପାଣିଗ୍ରାହୀ(୩୮), ଅନ୍ୟ ଗୋଷ୍ଠୀର ରତ୍ନାକର ସାହୁ(୨୭) ଓ ଅନିଲ ସାହୁ(୩୦)। ସୂଚନାଯୋଗ୍ୟ ଯେ, ଅନିଲ ସାହୁ ମନ୍ଦିରକୁ ତାଙ୍କ ନାମ ଲେଖାଥିବା ୧୧.୫ କିଲୋଗ୍ରାମ ପିତ୍ତଳ ଘଣ୍ଟି ଦାନ କରିବାରୁ ବିବାଦ ଆରମ୍ଭ ହୋଇଥିଲା। ମନ୍ଦିର କମିଟି ସଦସ୍ୟମାନେ ମତଭେଦ ହେତୁ ଘଣ୍ଟି ଟାଙ୍ଗିବାକୁ ମନା କରି ଦେଇଥିଲେ। ପରେ ଉଭୟ ପକ୍ଷ ମଧ୍ୟରେ ପୂର୍ବରୁ ଅନେକ ଥର ଝଗଡ଼ା ହୋଇଥିଲା। ଗତ ୧୪ ତାରିଖ ରାତିରେ ଅନିଲଙ୍କ ପତ୍ନୀ ସ୍ୱପ୍ନା କୁମାରୀ ସାହୁ ଲକ୍ଷ୍ମୀକାନ୍ତ ପାଣିଗ୍ରାହିଙ୍କ ଘରକୁ ଯାଇ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ ଶ୍ରୀହରି ପାଣିଗ୍ରାହି, ଶୁଭମ ପାଣିଗ୍ରାହି ଏବଂ ଅନିଲ ସାହୁଙ୍କ ମଧ୍ୟରେ ଝଗଡ଼ା ଏବଂ ଆକ୍ରମଣ ହୋଇଥିଲା। ୧୬ତାରିଖରେ ପ୍ରତିଶୋଧମୂଳକ ଭାବେ ଅନିଲ ସାହୁ ଏବଂ ତାଙ୍କ ସହଯୋଗୀମାନେ ଗାଁ ରାସ୍ତାରେ ପୁଣି ଥରେ ଲକ୍ଷ୍ମୀକାନ୍ତଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଦୁଇଟି ମାମଲା ରୁଜୁ କରି ଉଭୟ ଗୋଷ୍ଠୀର ୩ ଜଣଙ୍କୁ ଗିରଫ କରିଛି।

## ଘରେ ପଶି ମହିଳାଙ୍କୁ ଆକ୍ରମଣ; ଯୁବକ ଗିରଫ

ବ୍ରହ୍ମପୁର,୧୭।୫(ସମିସ): ବ୍ରହ୍ମପୁରର ଜଣେ ମହିଳାଙ୍କ ଘରେ ପଶି ତାଙ୍କ ବୃଦ୍ଧା ଶାଶୁକୁ ଆକ୍ରମଣ ଏବଂ ଝିଅକୁ ଅପହରଣ ଉଦ୍ୟମ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ହରିଡ଼ାଖଣ୍ଡି ଅମ୍ବିକା ନଗର ଅଞ୍ଚଳର ରବୀନ୍ଦ୍ର କୁମାର ସାହୁଙ୍କ ପୁଅ ରାଜେଶ ସାହୁ (୨୨)। ପୁଲିସ ଅଭିଯୁକ୍ତ ରାଜେଶ ନିକଟରୁ ଏକ ଷ୍ଟେନଲେସ୍ ଷ୍ଟିଲ୍ ବ୍ଲେଡ୍ ଏବଂ ଏକ ବାଇକ୍ ଜବତ କରିଛି। ସୂଚନାପ୍ରକାରେ, ମେ' ୧୫ ବିଳମ୍ବିତ ରାତି ପ୍ରାୟରେ ଅଭିଯୁକ୍ତ ରାଜେଶ ବଡ଼ବଜାର ଥାନା ଅନ୍ତର୍ଗତ ଧୋବାବନ୍ଧ ହୁଡ଼ା ସାହିରେ ରହୁଥିବା ମହିଳା ଡଲି ମହାରଣାଙ୍କ ଘରକୁ ଯାଇ ତାଙ୍କ ଝିଅକୁ ଭଲ ପାଏ ଏବଂ ତା' ସହ କଥା ହେବି ବୋଲି ଜବରଦସ୍ତି କହିଥିଲା। ଡଲି ବିରୋଧ କରିବାରୁ ସେ ସେଠାରୁ ଚାଲିଯାଇଥିଲା। ଏହାପରେ ମେ' ୧୬ ଅପରାହ୍ନ ପ୍ରାୟ ୩ଟାରେ ଡଲି ଓ ତାଙ୍କ ସ୍ୱାମୀ ଘରେ ନଥିବା ବେଳେ ରାଜେଶ ପୁଣି ସେମାନଙ୍କ ଘରେ ପଶିଥିଲା। ଡଲିଙ୍କ ଝିଅର ହାତ ଧରି ଜବରଦସ୍ତି ଅପହରଣ କରିବାକୁ ଚେଷ୍ଟା କରିଥିଲା। ଏହା ଦେଖି ଘରେ ଥିବା ଡଲିଙ୍କ ୭୦ ବର୍ଷୀୟା ବୃଦ୍ଧା ଶାଶୁ ମାୟା ମହାରାଣା ବାଧା ଦେବାରୁ ଅଭିଯୁକ୍ତ ତାଙ୍କ ତଣ୍ଟି ଚିପି ମାରିଦେବାକୁ ଚେଷ୍ଟା କରିଥିଲା। ବୃଦ୍ଧାଙ୍କ ପାଟି ଶୁଣି ପାଖରେ ରହୁଥିବା ବୋହୂ ସନ୍ତୋଷିନୀ ରଣା ଏବଂ ଆଖପାଖ ଲୋକେ ଦୌଡ଼ି ଆସିବାରୁ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲା। ପୁଣି ସେହିଦିନ ଅପରାହ୍ନ ୪ଟା ୩୦ରେ ଏକ ବାଇକ୍‌ରେ ଆସି ଡଲିଙ୍କ ଘର ଆଗରେ ଗାଳିଗୁଲଜ କରି ଆତଙ୍କ ଖେଳାଇଥିଲା। ଭୟଭୀତ ଡଲି ପୁଲିସକୁ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(୩୧୮/୨୬) ରୁଜୁ ହୋଇଥିଲା। ଅଭିଯୁକ୍ତ ରାଜେଶଙ୍କୁ ତା' ଘରୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଛି।

## ଆଇପିଏଲ ବେଟିଂ; ବୁକି କୋର୍ଟ ଚାଲାଣ

ବ୍ରହ୍ମପୁର,୧୭।୫(ସମିସ): ଆଇପିଏଲ ବେଟିଂ ମାମଲାରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ବୁକିକୁ ଗିରଫ କରି କୋର୍ଟଚାଲାଣ କରିଛି। ବୁକି ଜଣକ ହେଲେ ଲାଞ୍ଜିପଲ୍ଲୀ ଶିବ ଶକ୍ତି ନଗର ୮ମ ଲାଇନର ରଞ୍ଜନ ସାହୁ (୨୯)। ପୁଲିସ ଅଭିଯୁକ୍ତଙ୍କ ଠାରୁ ଦୁଇଟି ଦାମୀ ମୋବାଇଲ, ଗୋଟିଏ କାର୍ ଓ ନଗଦ ୬୬ ହଜାର ଟଙ୍କା ଜବତ କରିଛି। ଜବତ ମୋବାଇଲ୍ ଏବଂ ବ୍ୟାଙ୍କ କାରବାର ଯାଞ୍ଚ କରିବାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ରଞ୍ଜନ ସ୍କାଇ ଏକ୍ସଚେଞ୍ଜ ଏବଂ ବିଇଟି ୩୬୫ ନାମକ ୱେବସାଇଟ୍/ଆପ୍ ମାଧ୍ୟମରେ ସଂଗଠିତ ଅନଲାଇନ୍ ବାଜିରେ ସକ୍ରିୟ ଭାବରେ ଜଡିତ ଥିଲେ। ଏପରିକି ଲକ୍ଷ ଲକ୍ଷ ଟଙ୍କାର ଆର୍ଥିକ କାରବାର ପରିଚାଳନା କରିଥିଲେ। ଅଭିଯୁକ୍ତ ଜବତ ନଗଦ ଏବଂ ସାମଗ୍ରୀ ସମ୍ପର୍କରେ କୌଣସି ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରିଲେ ନଥିଲେ। ଫଳରେ ପୁଲିସ ଗିରଫ କରିଥିଲା। ଗତ ୧୬ ତାରିଖ ସନ୍ଧ୍ୟାରେ ଏସଆଇ ଦୀପ୍ତି ରଞ୍ଜନ ପ୍ରଧାନ କୌଣସି ସୂତ୍ରରୁ ଖବର ପାଇ କିଛି ପୁଲିସ କର୍ମଚାରୀଙ୍କୁ ନେଇ ସ୍ଥାନୀୟ ପଣ୍ଡା କଲୋନୀ ସ୍ଥିତ ଆଙ୍ଗୁଲି ଓଭର ବ୍ରିଜ ନିକଟରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ଅନେକ ବ୍ୟକ୍ତି ଘଟଣାସ୍ଥଳରୁ ପଳାଇଥିଲେ। କିନ୍ତୁ ଅଭିଯୁକ୍ତ ରଞ୍ଜନ ସାହୁକୁ ପୁଲିସ କାବୁ କରିନେଇଥିଲା। ପ୍ରକାଶ ଥାଉକି, ବର୍ତ୍ତମାନ ଆଇପିଏଲ ଚାଲିଥିବାବେଳେ ବ୍ରହ୍ମପୁର ସହରରେ ସକ୍ରିୟ ରହିଛନ୍ତି ବୁକି। ପୁଲିସ ଲଗାତାର ଭାବେ ୪ରୁ ଉଦ୍ଧ୍ୱର୍ ବୁକିଙ୍କୁ ଗିରଫ କରି ପ୍ରାୟ ୪୮ ଲକ୍ଷ ଟଙ୍କା ଫ୍ରିଜ କରିବା ସହ ୨ଲକ୍ଷରୁ ଅଧିକ ଟଙ୍କା, ଏକାଧିକ ଦାମୀ ମୋବାଇଲ ଜବତ ହୋଇଛି। ବର୍ତ୍ତମାନ ପୁଲିସର ସ୍ୱତନ୍ତ୍ର ଟିମ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ମୋବାଇଲ ଟ୍ରାକିଂ କରି ବହୁ ତଥ୍ୟ ହାସଲ କରିଛି।



## ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ବୈଠକ




ବ୍ରହ୍ମପୁର,୧୭।୫(ସମିସ): ଓଡିଶା ନାଟ୍ୟ ନିର୍ଦ୍ଦେଶକ ସଂଘ ଗଞ୍ଜାମ ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ରବିବାର ସଭାପତି ରାଜ ଗୋପାଳ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବହୁ ବାଦବିବାଦ ସତ୍ତ୍ୱେ ଚଳିତ ବର୍ଷ ସଫଳତାର ସହିତ ଜିଲ୍ଲା ପ୍ରଶାସନର ଆଚରଣ ସଂହିତାକୁ ସମ୍ମାନ ଦେଇ ସାମାଜିକ ଓ ସଂସ୍କୃତିଧର୍ମୀ ନାଟକ ଅଶ୍ଳୀଳତା ବିହୀନ ମଞ୍ଚସ୍ଥ କରାଯିବା ନେଇ ବୈଠକରେ ସାଧୁବାଦ ଦିଆଯାଇଥିଲା। ସଂଘ ବାହାରେ ଥିବା କିମ୍ବା କୌଣସି କାରଣରୁ ସଂଘରୁ ଦୂରେଇ ରହିଥିବା ନିର୍ଦ୍ଦେଶକ ବନ୍ଧୁଙ୍କୁ ଏକାଠି କରି ଏକକ ସଂଘ କରିବା ନେଇ ବୈଠକରେ ସଂଘ ସଭାପତି ଆହ୍ୱାନ ଦେଇଥିଲେ। ସଂଘ ସମ୍ପାଦକ ଭାସ୍କର ସେନାପତି ବିବରଣୀ ପଠନ କରିଥିବା ବେଳେ କୋଷାଧ୍ୟକ୍ଷ ଗୌତମ ବାଡତ୍ୟା ବାର୍ଷିକ ଉତ୍ସବର ଆୟବ୍ୟୟ ହିସାବ ବୈଠକରେ ଉପସ୍ଥାପନା କରିଥିଲେ। ନୂତନ ସଦସ୍ୟଙ୍କ ପାଇଁ ନିର୍ଦ୍ଦେଶକ ସଂଘର ଦରଜା ଖୋଲା ରହିଛି ବୋଲି ରାଜ୍ୟ ସଂଗଠନର ବରିଷ୍ଠ ଉପଦେଷ୍ଟା ମଦନ ମିଶ୍ର କହିଥିବା ବେଳେ ରାଜ୍ୟ ସଂଘ ଉପଦେଷ୍ଟା ରମେଶ ମହାରଣା ଅନୁଶାସନ କଡାକଡି କରି ସଂଘର କାର୍ଯ୍ୟକ୍ରମ ଜାରି ରହୁ ବୋଲି କହିଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ବିଜୟ କୁମାର ପାତ୍ର, ରମାକାନ୍ତ ଆଚାର୍ଯ୍ୟ, ରବୀନ୍ଦ୍ର ଗୌଡ଼, ପଦ୍ମଲୋଚନ ସାହୁ, ସିଲୁ ବେଜ, ଡେନାମ କୁମାର, ନିରଞ୍ଜନ ବାଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ସଦାନନ୍ଦ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ସ୍ମୃତି ସମାରୋହ

ବ୍ରହ୍ମପୁର,୧୭।୫(ସମିସ): କଳିଙ୍ଗ ସାହିତ୍ୟ ସମାଜ ଆନୁକୂଲ୍ୟରେ ଉତ୍କଳ ଆଶ୍ରମ ସଭାଗୃହରେ ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଏହି ସ୍ମୃତି ସମାରୋହରେ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ବାଗ୍ମୀ ରାଜନୀତି ବିଜ୍ଞାନ ବିଶାରଦ ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟଅତିଥି ରୂପେ ଯୋଗଦେଇ କବିରାଜ ପଣ୍ଡିତ ଅନନ୍ତ ତ୍ରିପାଠୀଶର୍ମାଙ୍କ ବହୁମୁଖୀ ମହନୀୟ ବ୍ୟକ୍ତିତ୍ୱ ଓ ରାଜନୀତିକ ଜୀବନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ମହନ୍ତ ହରିହର ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇ ସ୍ମୃତି-ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ପଣ୍ଡିତ ଶିରୋମଣିଙ୍କ ବହୁଶାସ୍ତ୍ରଦର୍ଶିତା, ପାଣ୍ଡିତ୍ୟ, ପ୍ରଜ୍ଞା, ସାହିତ୍ୟ କୃତି, ଅନୁବାଦ, ଟୀକା ଗ୍ରନ୍ଥ ପ୍ରଣୟନ, ପତ୍ରିକା ସମ୍ପାଦନା, ଅଧ୍ୟାପନା, ରାଜନୀତି ସଂପର୍କରେ ତଥ୍ୟପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ରୂପେ ଗଞ୍ଜାମ ସଂସ୍କୃତିର ଜଣାଶୁଣା ଗବେଷକ ଡ. ଅନନ୍ତରାମ କର କୌଣ୍ଡିନ୍ୟ ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀଶର୍ମାଙ୍କ ସାରସ୍ୱତ କୃତି, ଆୟୁର୍ବେଦ ଜ୍ଞାନ ଓ ଅଧ୍ୟାପନା ଜୀବନ ବିଷୟରେ କହିଥିଲେ। ସମାରୋହରେ କଳିଙ୍ଗ ସାହିତ୍ୟ ସମାଜର ତ୍ରୟ-ମାସିକ ପତ୍ରିକା 'କଳିଙ୍ଗର ସ୍ୱର'ର ମହାବିଷୁବ ସଂଖ୍ୟା ଅତିଥିମାନଙ୍କ କରକମଳରେ ଲୋକାର୍ପଣ କରାଯାଇଥିଲା। ଅନୁରୂପ ଭାବରେ ମହନ୍ତ ହରିହର ଦାସଙ୍କ ଦ୍ୱାରା ପ୍ରସ୍ତୁତ "ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀଶର୍ମା' ଜୀବନୀ ପୁସ୍ତିକା ଏବଂ କନିଷ୍ଠି ବିଶ୍ୱନାଥ ଉଚ୍ଚ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ରଙ୍କ ବିରଚିତ କବିତା ସଂକଳନ 'ସ୍ମରଣିକା'ର ଅନାବରଣ କରାଯାଇଥିଲା। ସାହିତ୍ୟ ସମାଜ କାର୍ଯ୍ୟକାରିଣୀର ବରିଷ୍ଠ ସଦସ୍ୟ ଡ. କୁଳମଣି ଓଝା ଏହି ସ୍ମୃତି ସମାରୋହର ସଂଚାଳନା କରିଥିଲେ। କୋଷାଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ହୃଷୀକେଶ ପଣ୍ଡା ମଞ୍ଚ ଆମନ୍ତ୍ରଣ କରିଥିଲେ। ଡ. ଅଶୋକ କୁମାର ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କବି ମନୋରଞ୍ଜନ ପାଣିଗ୍ରାହୀ, ଅନୁପ କୁମାର ମିଶ୍ର, ଡ. ମନୋରଞ୍ଜନ ବିଷୋୟୀ, ଡ. ସୁଜିତ୍ କୁମାର ପଣ୍ଡା, ଦିନବନ୍ଧୁ ଶ୍ରୀପଲ୍ଲବ ଓ ନଳିନୀକାନ୍ତ ଗୌଡ଼ ପ୍ରମୁଖ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ।



## ପୂରଣ ହେବ ତ ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ?

# ମୁଖ୍ୟମନ୍ତ୍ରୀଙ୍କୁ କର୍ମଚାରୀଙ୍କ ସମସ୍ୟା ଜଣାଇଲେ ସାଂସଦ ଓ ବିଧାୟକ

ବ୍ରହ୍ମପୁର,୧୭।୫(ସମିସ):

କିଛି ଦିନ ପୂର୍ବେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜି ଠାରେ ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ୧୦ଦିନ ଆନ୍ଦୋଳନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଉଟସୋର୍ସିଂ ଫେଡେରେସନର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ମହାସଂଘର ୩ଟି ମୁଖ୍ୟ ଦାବି ତଥା ଚାକିରି ସ୍ଥାୟୀକରଣ, ଛଟେଇ କର୍ମଚାରୀଙ୍କ ପୁନଃନିଯୁକ୍ତି ଏବଂ କର୍ମଚାରୀଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆଉଟସୋର୍ସିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦାବି ଯୁକ୍ତିସଙ୍ଗତ ହୋଇଥିବା ବେଳେ ଏହାକୁ ଗ୍ରହଣ କରାଯାଇଥିବରା ବୈଠକରେ କୁହାଯାଇଥିଲା। ଏହା ସହ ଅନ୍ୟ ରାଜ୍ୟର ମଡେଲକୁ ଅନୁଧ୍ୟାନ କରିବା ସହିତ କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଆଇନ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। କିନ୍ତୁ ଏଥି ମଧ୍ୟରେ ଦିନ ପରେ ଦିନ ବିତୁଥିବା ବେଳେ ସରକାରଙ୍କ ପ୍ରତିଶ୍ରୁତି କେବଳ ସେତିକିରେ ସୀମିତ ରହିଥିବା ମହାସଂଘ ଅଭିଯୋଗ କରିଛି। ଏନେଇ ମହାସଂଘ ପକ୍ଷରୁ ଜିଲ୍ଲାର ବିଭିନ୍ନ ସାଂସଦ ସମେତ ବିଧାୟକଙ୍କୁ ନିଜ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଆଉଟସୋର୍ସିଂ କର୍ମଚାରୀ ମହାସଂଘର କର୍ମକର୍ତ୍ତାଙ୍କ ଦାବି ପରେ ସେମାନଙ୍କ ସମ୍ୟାସର ସାଧାନ କରିବାକୁ ବ୍ରହ୍ମପୁର ସାଂସଦ ଓ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ଓଡ଼ିଶାର ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ବହୁ ବର୍ଷ ଧରି ନିଷ୍ଠାର ସହିତ ସେବା କରିଆସୁଛନ୍ତି। ସାର୍ବଜନୀନ ସେବା ପ୍ରଦାନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତଥାପି ସେମାନେ ଚାକିରୀ ସୁରକ୍ଷାର ନଥିବା ବେଳେ କମ୍ ମଜୁରୀ, ବିଳମ୍ବିତ ଦେୟ, ପିଏଫ୍ ଓ ବୀମା ସମେତ ଅନ୍ୟାନ୍ୟ କଲ୍ୟାଣକାରୀ ପଦକ୍ଷେପ ସମେତ ଉପଯୁକ୍ତ ସାମାଜିକ ସୁରକ୍ଷା ଲାଭର ପ୍ରଦାନ କରିବାକୁ ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହି ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି। ସେହିପରି ବିଭିନ୍ନ ସରକାରୀ ବିଭାଗ ଅଧୀନରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ସମ୍ପର୍କିତ ଅନେକ ଦୀର୍ଘକାଳୀନ ସମସ୍ୟା ଏବେ ବି ଅନୁକୂଳ ବିଚାର ପାଇଁ ଅପେକ୍ଷା କରିଛି। ଏହି କର୍ମଚାରୀମାନେ ବହୁ ବର୍ଷ ଧରି ନିଷ୍ଠା ଏବଂ ଆନ୍ତରିକତାର ସହିତ ସେମାନଙ୍କର ମୂଲ୍ୟବାନ ସେବା ପ୍ରଦାନ କରିଆସୁଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ସାଧାରଣ ସେବା ପ୍ରଦାନ ବ୍ୟବସ୍ଥାର ସୁଗମ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେମାନଙ୍କର ପ୍ରକୃତ କଷ୍ଟ ଏବଂ ସେବା ସର୍ତ୍ତାବଳୀକୁ ବିଚାର କରି, ସେମାନେ ସେମାନଙ୍କର ଅଭିଯୋଗର ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଲୋଡ଼ୁନ୍ତୁ ବୋଲି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ବିଭିନ୍ନ ସମୟରେ ମନ୍ତ୍ରୀ ଠାରୁ ଆରମ୍ଭ କରି ଜନପତିନିଧିମାନେ ଆଉସସୋର୍ସିଂ କର୍ମଚାରୀଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇଥିବା ଦେଖିବାକୁ ମିଳୁଥିବା ବେଳେ ଦିନକୁ ଦିନ କର୍ମଚାରୀଙ୍କ ସମସ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଇତିମଧ୍ୟରେ ଦିନ ଗଡୁଥିବା ବେଳେ ଆଉସସୋର୍ସିଂ କର୍ମଚାରୀଙ୍କ ସମସ୍ୟାର ସମାଧନା କରି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରତିଶ୍ରୁତି ପୁରଣ ହେବ ବୋଲି ହଜାର ହଜାର କର୍ମଚାରୀ ଆଶା କରିଛନ୍ତି।

### ସାମାଜିକ ସୁରକ୍ଷା ଆଶାରେ ହଜାର ହଜାର କର୍ମଚରୀ

# ଦୃଷ୍ଟିହୀନଙ୍କ ଭଜନ ସମାରୋହ

ଜି.ଉଦୟଗିରି,୧୭।୫(ସମିସ): ଜି.ଉଦୟଗିରିରେ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ମା ବ୍ରାହ୍ମଣୀ ଦେବୀ ଦୃଷ୍ଟିହୀନ ଭଜନ ସନ୍ଧ୍ୟା ତରଫରୁ ସହରର ବନ୍ଧଛକରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗଣେଶ ମାର୍କେଟ କମ୍ପ୍ଲେକ୍ସ ତରଫରୁ ନୂତନ ପଟନାୟକ, ଶଙ୍କର୍ଷଣ ଡାକୁଆ, ଦିବାକର ସାହୁ, ଅନନ୍ତ ଅନୁରୂପ ବେହେରା, ସୋମୁ ପତିଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଭଜନ ଟିମ ସମସ୍ତେ ଦୃଷ୍ଟିହୀନ ଥିବାବେଳେ ଉଚ୍ଚକୋଟିର ଭଜନ ପରିବେଷଣ କରିଥିଲେ।

# ଏଏମ୍‌ସିଏସ୍ କଲେଜରେ ଛାତ୍ରୀଙ୍କ ସଫଳତା



ଟିକାବାଲି,୧୭।୫(ସମିସ): ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ସ୍ନାତକ ଶେଷ ବର୍ଷର ଛାତ୍ରୀ ଲିଙ୍କିମା ପ୍ରଧାନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ୨୦୨୬ ସ୍ନାତକ (କଳା) ପରୀକ୍ଷାରେ ୧୦୯୨ ନମ୍ବର ରଖି ଅର୍ଥନୀତି ବିଭାଗରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ନବମ ସ୍ଥାନରେ କରିଛନ୍ତି। ସେ ଗାର୍ଡିଙ୍ଗିଆ ପଞ୍ଚାୟତ ମଣ୍ଡାଗୁଡ଼ା ଗ୍ରାମର ଅନାଦି ପ୍ରଧାନଙ୍କ କନ୍ୟା। ଆଗକୁ ଜଣେ ଭଲ ଅଧ୍ୟାପିକା ହୋଇ ପିଲାମାନଙ୍କୁ ଉତ୍ତମ ଶିକ୍ଷାଦାନ କରିବେ ଏବଂ ସମାଜରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିବେ ବୋଲି କହିଛନ୍ତି। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି, ବର୍ତ୍ତମାନର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ରଥ, ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଶଙ୍କର ପାଢ଼ୀ, ଅଧ୍ୟାପିକା ଶିବାନୀ କହଁର, ଅଧ୍ୟାପକ ନରେନ୍ଦ୍ର ଦିଗାଲ, ବନମାଳୀ ବେହେରା, ବିରୂପାକ୍ଷ ତ୍ରିପାଠୀ ଏବଂ କଲେଜ କର୍ମଚାରୀ ଦୀପକ ସାହୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବ୍ରହ୍ମାକୁମାରୀ ସଂସ୍ଥାନର ପ୍ରତିଷ୍ଠା ଉତ୍ସବ



ଛତ୍ରପୁର,୧୭।୫(ସମିସ): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖାର ୩୦ତମ ବାର୍ଷିକୀ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ସଂସ୍ଥାନର କାର୍ଯ୍ୟକ୍ରମ ଛତ୍ରପୁର ସହରରେ ପୂର୍ବେ ଏକ ଅସ୍ଥାୟୀ କୋଠାରେ ଦୀର୍ଘବର୍ଷ ଧରି ଚାଲୁ ରହି ଆସିଥିବା ବେଳେ ୨୦୦୩ ନଭେମ୍ବର ମାସ ୪ ତାରିଖରେ ଏହି ସଂସ୍ଥାନର ଏକ ସ୍ଥାୟୀ କୋଠା ନିର୍ମାଣ ନିମନ୍ତେ ଛତ୍ରପୁର ସହରାଞ୍ଚଳର କଲ୍ପବାସିନୀ ନଗର ଠାରେ ବିଶିଷ୍ଟ ସନ୍ଥ ବ୍ରହ୍ମାକୁମାରୀ ଦାଦି ରତ୍ନ ମୋହିନୀଙ୍କ ଦ୍ୱାରା ଭୂମି ପୂଜନ କାର୍ଯ୍ୟକ୍ରମରେ ଶିଳାନ୍ୟାସ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ କାଳରେ ୨୦୦୮ ଫେବୃଆରୀ ୨୪ ତାରିଖରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖାର ନୂତନ କୋଠା ନିର୍ମାଣ ହୋଇପାରିଥିଲା। ରବିବାର ପୂର୍ବାହ୍ନରେ ପ୍ରଭାତ ଫେରି ଶୋଭାଯାତ୍ରା ସହ ଆନୁଷ୍ଠାନିକ ସମାରୋହ ସହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଗଞ୍ଜାମ ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଧ୍ୱଜା ଉତ୍ତୋଳନ କରିଥିଲେ। ରାଜଯୋଗିନୀ ବ୍ରହ୍ମା କୁମାରୀ ବିଜୟ ଲକ୍ଷ୍ମୀ ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ବ୍ରହ୍ମା କୁମାର ସୂର୍ଯ୍ୟ ଭାଇ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ବ୍ରହ୍ମା କୁମାର ବାଲା କ୍ରିଷ୍ଣା ଭାଇ, ରଜନୀକାନ୍ତ ଭାଇ ଦୀପା ଭଉଣୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ପୌର ପରିଷଦର କଂଗ୍ରେସ କମିଟି ସଭାପତି ହେଲେ କାଳିଆ



ଛତ୍ରପୁର,୧୭।୫(ସମିସ): ଛତ୍ରପୁରର ଯୁବ ସଂଗଠକ ତଥା ଟାଣୁଆ ନେତା କାଳିଆ ରାଉଳଙ୍କୁ ଗଞ୍ଜାମ ଜିଲ୍ଲା କଂଗେସ (ପୂର୍ବ) କମିଟିର ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ ପ୍ରଦାନ କରିଛନ୍ତି। ଶ୍ରୀ ରାଉଳଙ୍କୁ ଛତ୍ରପୁର ପୌରପରିଷଦ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଶ୍ରୀ ପଟ୍ଟନାୟକ ଏକ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ଛତ୍ରପୁର ପୌରପରିଷଦର କଂଗ୍ରେସ ଦଳର ସଭାପତି ଭାବେ ଦାୟିତ୍ୱ କାଳିଆ ରାଉଳ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏନେଇ ସେ କହିଛନ୍ତି ଯେଉଁ ଗୁରୁ ଦାୟିତ୍ୱ ମୋତେ ଦଳ ଦେଇଛନ୍ତି ତାଙ୍କୁ ମୁଁ ସୁଚାରୁ ରୂପେ ତୁଲାଇବା ସହିତ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ଉପଦେଷ୍ଟା ତ୍ରିନାଥ ବେହେରା, ଜିଲ୍ଲା ଉପସଭାପତି ଅଶୋକ କୁମାର ପଟ୍ଟନାୟକ, ବୃନ୍ଦାବନ ଖଟେଇ ଏବଂ ଦଳୀୟ ନେତା ଓ କର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପାରଳାରେ ପେଟ୍ରୋଲ, ଡିଜେଲର କୃତ୍ରିମ ଅଭାବ

ପାରଳାଖେମୁଣ୍ଡି,୧୭।୫(ସମିସ)

- ବ୍ୟାରେଲରେ ଦେଉଛନ୍ତି ତେଲ, ଗ୍ରାହକ ହନ୍ତସନ୍ତ
- ପ୍ରଶାସନର ନିର୍ଦ୍ଦେଶ ମାନୁନାହାନ୍ତି ପମ୍ପ ମାଲିକ ଓ କର୍ମଚାରୀ



ପାରଳାଖେମୁଣ୍ଡି ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ପେଟ୍ରୋଲ ପମ୍ପରେ ତେଲ ଅଭାବ ନଥିବା ପ୍ରଶାସନ କହୁଥିବା ବେଳେ କେତେକ ପମ୍ପରେ କୃତ୍ରିମ ଅଭାବ ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି। ସହରର ଶ୍ରୀକ୍ରିଷ୍ଣା ସିନେମା ହଲ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ୧୦୦୦ ଟଙ୍କା ତେଲକୁ ଦେଉଛି ୯୦୦ ଟଙ୍କାର ବଳକା ୧୦୦ କମିଶନ ଖାଉଥିବା ଅଭିଯୋଗ ମଧ୍ୟ ହୋଇଛି। ସେପଟେ ବ୍ୟାରେଲରେ ତେଲ ନଦେବା ପାଇଁ ପ୍ରଶାସନ ତାଗିଦ କରିଥିଲେ ମଧ୍ୟ ବ୍ୟାରେଲ ଧରି ଆସୁଥିବା ଲୋକଙ୍କୁ ତେଲ ଦିଆଯାଉଛି। ଏହି ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ଗଲେ ତେଲ ମହଜୁଦ ଥାଇ ମଧ୍ୟ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରାଇ ତେଲ ଭରୁଛନ୍ତି। ଏହା ସହ ଏକ ହଜାର ଟଙ୍କାର ଡିଜେଲ ବ୍ୟାରେଲରେ ଭରିଲେ ୯ଶହ ଟଙ୍କାର ତେଲ ପକାଇ ଶହେ ଟଙ୍କା କମିଶନ ନେଉଥିବା ଅଭିଯୋଗ ହୋଇଛି। ଏନେଇ ପଚରା ଉଚରା କଲେ କର୍ମଚାରୀ ଏକଜୁଟ ହୋଇ ହୋହାଲ୍ଲା କରିବା ସହ ତେଲ ତୁମକୁ ଦିଆଯିବନି ବୋଲି ନାଲି ଆଖି ଦେଖାଉଛନ୍ତି। ଏପରିକି ସେମାନଙ୍କ ବ୍ୟବହାରର ଭିଡିଓ ଦୃଶ୍ୟକୁ କିଛି ଗ୍ରାହକ କଏଦ କଲାବେଳେ ସେମାନଙ୍କ ମୋବାଇଲ ଫୋନ୍‌କୁ ଛଡାଇ ନେଇ ଭିଡିଓ ଦୃଶ୍ୟକୁ ଡିଲିଟ୍ ମାରିଦେଇଥିବାର ମଧ୍ୟ ଅଭିଯୋଗ ହୋଇଛି। ପେଟ୍ରୋଲ ପମ୍ପକୁ ବ୍ୟାରେଲ ଧରି ଆସୁଥିବା ଲୋକଙ୍କୁ ତେଲ ଦିଆଯାଉଥିବା ବେଳେ କିଛି ତେଲ ଗ୍ରାହକ ଆପତ୍ତି କରିଥିଲେ ମଧ୍ୟ ଆମ ଇଚ୍ଛାରେ ତେଲ ଦେବୁ ତୁମେ କିଏ ବୋଲି ଯୁକ୍ତି କରୁଛନ୍ତି। ହେଲେ ପ୍ରଶାସନ ତୈଳ ସଙ୍କଟ ହେବା ଆଶଙ୍କା କରି ବ୍ୟାରେଲରେ ତେଲ ଦେବା ପାଇଁ ତାଗିଦ କରୁଥିବା ବେଳେ ଏହି ପମ୍ପ ମାଲିକ ଜଣକ ବେଖାତିର କରି ୪୦ ରୁ ୫୦ ଲିଟର ଦେଉଛନ୍ତି। ଯାହାକି ପ୍ରଶାସନର ନିର୍ଦ୍ଦେଶକୁ ଫୁକରି ଚାଲିଥିବାର ଆଲୋଚନା ହେଉଛି। ଏନେଇ ଉଲ୍ଲେଖିତ ପେଟ୍ରୋଲ ଡିଜେଲ ପମ୍ପର ମାଲିକଙ୍କୁ ପଚରାଯିବାରେ ଘଟଣାର ନେଇ ତଦନ୍ତ କରିବେ ବୋଲି କହିଛନ୍ତି। ତୈଳ ଅଭାବ ନଥିଲେ ମଧ୍ୟ ଏପରି କିଛି ପେଟ୍ରୋଲ ପମ୍ପ ମାଲିକ କୃତ୍ରିମ ଅଭାବ ସୃଷ୍ଟି କରି ରାତାରାତି ମାଲାମାଲ ହେବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି।

# ବିଭିନ୍ନ ସ୍ଥାନରେ 'ଆର୍ଟ ଅଫ ଗିଭିଂ' କାର୍ଯ୍ୟକ୍ରମ



ଛତ୍ରପୁର,୧୭।୫(ସମିସ): କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମର ୧୩ତମ ପ୍ରତିଷ୍ଠା ଦିବସ ଅବସରରେ ଛତ୍ରପୁରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ ସେୟାର ଟୁ ସାଇନ ଅବସରରେ ଛତ୍ରପୁର ଷ୍ଟାଡିଅମ ଠାରେ ସନରାଇଜର୍ସ କ୍ଲବ ପକ୍ଷରୁ ଏକ ଭଲିବଲ ମ୍ୟାଚ ଆୟୋଜିତ ହୋଇଥିଲା। କିଟ୍ ୟୁନିଭରସିଟିର ଡେପୁଟି ଲାଇବ୍ରେରିୟାନ ଅଶୋକ କୁମାର ସାହୁ ଓ କାର୍ଯ୍ୟ ନିର୍ବାହୀ ଷ୍ଟାଫ ସୁଶାନ୍ତ କୁମାର ପଟ୍ଟନାୟକ ସଂଯୋଜକ ଭାବେ ଯୋଗ ଦେଇ ଆର୍ଟ ଅଫ ଗିଭିଂର ୧୩ ବର୍ଷର ସଫଳତା ବର୍ଣ୍ଣନା କରିଥିଲେ। ଏହି ଅବସରରେ ଛତ୍ରପୁର ସନରାଇଜର୍ସ ଭଲିବଲ ଟିମର ସଭାପତି ସମୀର ପଟ୍ଟନାୟକ, ସମ୍ପାଦକ ରଜନୀ କାନ୍ତ ପଟ୍ଟନାୟକ କୋଷାଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପାତ୍ର, ଖେଳାଳୀ ସୁବାସ ସେଠି, ସୁଧାକର ଦୋରା, ଲିଙ୍ଗରାଜ ରେଡ୍ଡୀଙ୍କ ସମେତ ବହୁ ଖେଳାଳୀ ଯୋଗଦେଇଥିଲେ।

ଗଞ୍ଜାମ: ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ କାଇଁଚପୁର ଗ୍ରାମରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ ୟୁନିଭରସିଟିର ଡେପୁଟି ଡେଭଲପମେଣ୍ଟ ଛାୟାକାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କିଟ୍ ୟୁନିଭରସିଟିର କର୍ମଚାରୀ ହେମନ୍ତ କୁମାର ବେହେରାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପରିଷଦର ୧୫ ନମ୍ବର ଜୋନ ସଭ୍ୟ ସନାତନ ବେହେରା, ସମାଜସେବୀ ପୁର୍ଣ୍ଣେନ୍ଦୁ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାନ କାଇଁଚପୁର ଗ୍ରାମର ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହା ସହିତ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଏଭଳି ପଦକ୍ଷେପକୁ ଅତିଥି ଓ ଖେଳାଳୀ ମାନେ ପ୍ରଶଂସା କରିଥିଲେ। ଏନେଇ ଅନୁଷ୍ଠିତ ଭଲିବଲ ଟୁର୍ଣ୍ଣାମେଣ୍ଟରେ କୁନା ବେହେରା, ତ୍ରିପତି ରେଡ୍ଡୀଙ୍କ ସମେତ ବହୁ ଖେଳାଳୀ ସାମିଲ ଥିଲେ।

# ପାରଳାଖେମୁଣ୍ଡି ବାର୍ ଆସୋସିଏସନ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି,୧୭।୫(ସମିସ): ଓଡ଼ିଶା ଲୟର୍ସ ଆସୋସିଏସନ୍ ପକ୍ଷରୁ ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ପାରଳାଖେମୁଣ୍ଡି ବାର ଆସୋସିଏସନର ନବନିର୍ବାଚିତ ସଭାପତି ରାମକୃଷ୍ଣ ନାୟକ ଓ ସମ୍ପାଦକ କାଶୀନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟର ବିଭିନ୍ନ ବାର ଆସୋସିଏସନର ନବନିର୍ବାଚିତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଇନଜୀବୀଙ୍କ ଭୂମିକା ଗଣତନ୍ତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିପରି ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗ ଦେଇ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ ଆଇନଜୀବୀ ସମାଜର ଏକତା ଓ ନ୍ୟାୟ ପ୍ରତିଷ୍ଠାରେ ସମସ୍ତଙ୍କ ସକ୍ରିୟ ଭୂମିକା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ପାରଳାଖେମୁଣ୍ଡି ବାର ଆସୋସିଏସନର ସଭାପତି ଓ ସମ୍ପାଦକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମୋମେଣ୍ଟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାର ନବନିର୍ବାଚିତ ସଭାପତି ଓ ସମ୍ପାଦକଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା




ପୋଲସରା,୧୭।୫(ସମିସ): ପୋଲସରାରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଭିନାଶ ନାଇଡୁଙ୍କ ଅଧ୍ୟକ୍ଷତାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲସରା ମ୍ୟୁନସିପାଲିଟି ଅଧ୍ୟକ୍ଷା ସଙ୍ଗୀତା ବେହେରା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା, ଏପିପି ଅବଦେସ ପଟ୍ଟନାୟକ, ରମେଶ ଚନ୍ଦ୍ର ପ୍ରଧାନ ଓ ବ୍ରଜବନ୍ଧୁ ଦଳବେହେରା ଏବଂ ଓକିଲ ବ୍ରଜେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଦିନକୁ ଦିନ ପରିବେଶ ଦୂଷିତ ହେଉଥିବାକୁ ନେଇ ଉଦବେଗ ପ୍ରକାଶ କରିଥିଲେ ମଞ୍ଚାସୀନ ଅତିଥି। ଏହାର ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ସହ ସର୍ବସାଧାରଣ ସ୍ତରରେ କିପରି ନିଆଯିବ ସେନେଇ ଆଲୋଚନା ହୋଇଥିଲା। ମଞ୍ଚ ପରିଚାଳନା ଏପିପି ବ୍ରଜବନ୍ଧୁ ଦଳ ବେହେରା ଏବଂ କ୍ଲର୍କ ଶେରୁ ସାମଲ କରିଥିବା ବେଳେ ନିର୍ବାହୀ ଅଧିକାରୀ ଶ୍ରୀ ଜେନା ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଅଦାଲତର ସନ୍ଦୀପ କୁମାର ପ୍ରଧାନ, ସଲୀଲ କୁମାର ସାହୁ, ପ୍ରଶାନ୍ତ କୁମାର ପଣ୍ଡା ଓ ରୁପକ ଆଚାର୍ଯ୍ୟଙ୍କ ସମେତ ପୌରପରିଷଦର ସାନିଟାରୀ ଏକ୍ସପର୍ଟ ତେଜସ୍ୱିନି ନାୟକ, କନିଷ୍ଠ ଯନ୍ତ୍ରୀ, ସ୍ୱଚ୍ଛସାଥି ବବିତା ବେହେରା, ଗୀତାଞ୍ଜଳୀ ପ୍ରଧାନ, ରଶ୍ମିତା ରାଉତ, ରୁନୁ ସାହୁଙ୍କ ସମେତ ସମସ୍ତ କାଉନସିଲର, ବିଭାଗୀୟ ଷ୍ଟାଫ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଅଧିକ କ୍ଷୁଦ୍ର ଶସ୍ୟ ଚାଷ ପାଇଁ ଆହ୍ୱାନ



ଦାରିଙ୍ଗବାଡି,୧୭।୫(ସମିସ): ଦାରିଙ୍ଗବାଡି ବ୍ଲକରେ ପାରମ୍ପରିକ ତଥା ପୁଷ୍ଟିସାରଯୁକ୍ତ ମାଣ୍ଡିଆ, ହଳଦୀ, କାଙ୍ଗୁ ଓ ସୁଆଁ ଭଳି କ୍ଷୁଦ୍ର ଶସ୍ୟ ଚାଷକୁ ବ୍ୟାପକ କରିବା ପାଇଁ ଭୁବନେଶ୍ୱରର ପ୍ରତିଷ୍ଠିତ ଯୁବି ଫୁଡ୍ କମ୍ପାନୀ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଆର୍ଥିକ ଉନ୍ନତି ଓ ସ୍ୱାସ୍ଥ୍ୟରକ୍ଷାକୁ ଦୃଷ୍ଟିରେ ରଖି କମ୍ପାନୀର ପ୍ରତିଷ୍ଠାତା ଅଶୋକ ନନ୍ଦ ଚାଷୀଙ୍କୁ କାଙ୍ଗୁ ଓ ସୁଆଁ ଚାଷ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କମ୍ପାନୀ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି ଯେ, ଦାରିଙ୍ଗବାଡିର ଜଳବାୟୁ ଓ ମାଟି ଏହି ପାରମ୍ପରିକ ଶସ୍ୟ ଚାଷ ପାଇଁ ବେଶ୍ ଉପଯୁକ୍ତ। ବର୍ତ୍ତମାନ ବଜାରରେ କାଙ୍ଗୁ ଏବଂ ସୁଆଁର ଚାହିଦା କ୍ରମାଗତ ଭାବେ ବଢୁଥିବାରୁ, ଚାଷୀ ଏହାକୁ ଆପଣାଇଲେ କମ୍ ଖର୍ଚ୍ଚ ଏବଂ କମ୍ ଜଳସେଚନରେ ଅଧିକ ଲାଭବାନ ହୋଇପାରିବେ। ମଧ୍ୟସ୍ଥିଙ୍କ ଦୌରାତ୍ମ୍ୟ କମିବ, ଚାଷୀ ସ୍ୱାବଲମ୍ବୀ ହେବେ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ କମ୍ପାନୀ ପ୍ରତିନିଧି ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତାର ଆଶ୍ୱାସନା ଦେଇଛନ୍ତି। କମ୍ପାନୀ ପକ୍ଷରୁ ଚାଷୀଙ୍କୁ ଉନ୍ନତମାନର ବିହନ ଓ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯିବ। ଏହାସହ ଚାଷୀ ଅମଳ କରୁଥିବା ଶସ୍ୟକୁ ଉଚିତ୍ ମୂଲ୍ୟରେ ସିଧାସଳଖ କ୍ରୟ କରିବା ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଇଛି। ଏହାଦ୍ୱାରା ବଜାରରେ ମଧ୍ୟସ୍ଥି ବା ଦଲାଲମାନଙ୍କ ଦୌରାତ୍ମ୍ୟ ହ୍ରାସ ପାଇବ ଏବଂ ଚାଷୀ ପ୍ରକୃତ ମୂଲ୍ୟ ପାଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି କୁହାଯାଇଛି। ଦାରିଙ୍ଗବାଡି ଅଞ୍ଚଳର ଚାଷୀ ଲେଙ୍କା ପ୍ରଧାନଙ୍କ ସମେତ ଅନେକ ସ୍ଥାନୀୟ କୃଷକ ସାମିଲ ହୋଇ କାଙ୍ଗୁ ଓ ସୁଆଁ ଚାଷ ପ୍ରତି ବେଶ୍ ଆଗ୍ରହ ପ୍ରକାଶ କରିଥିଲେ। ପରିବେଶ ଅନୁକୂଳ ଏବଂ ଅଧିକ ଲାଭଜନକ ଏହି ଚାଷ ଆଗାମୀ ଦିନରେ ସ୍ଥାନୀୟ କୃଷି ଅର୍ଥନୀତିକୁ ଏକ ନୂଆ ଦିଗ ଦେବ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଆଶା ବ୍ୟକ୍ତି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶରତ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ ଏବଂ ପଦ୍ମାଳୟା ଚୌଧୁରୀ ଉପସ୍ଥିତ ରହି ବିଶେଷ ଆଲୋଚନା କରିଥିଲେ।

● ଡାକ୍ତର ନାହାନ୍ତି କି କର୍ମଚାରୀ ନାହାନ୍ତି

# ପ୍ରାଥମିକ ଚିକିତ୍ସାଳୟରେ ତାଲା; ରୋଗୀ ହନ୍ତସନ୍ତ

ପାରଳାଖେମୁଣ୍ଡି,୧୭।୫(ସମିସ)




ଗୋଷାଣି ବ୍ଲକ ଗାରାବନ୍ଧରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ତଥା ପ୍ରାଥମିକ ଚିକିତ୍ସାଳୟରେ ଡାକ୍ତର କିମ୍ବା କର୍ମଚାରୀ ନଥିବା ଯୋଗୁଁ କେନ୍ଦ୍ରରେ ତାଲା ଝୁଲୁଛି। ଏଥି ପାଇଁ ରୋଗୀ ହନ୍ତସନ୍ତ ହେଉଥିବା ବେଳେ ପାଖପଡୋଶୀ ଚିକିତ୍ସାଳୟକୁ ଯିବା ବେଳେ ମୃତ୍ୟୁମୁଖରେ ପଡୁଛନ୍ତି। ନିକଟରେ ଥିବା ବାହାର ରାଜ୍ୟର ଚିକିତ୍ସାଳୟକୁ ଯାଇ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ଆଜି ଅପରାହ୍ନ ପ୍ରାୟ ୩.୩୦ରେ ଜଣେ ରୋଗୀ ଚିକିତ୍ସା ପାଇଁ ଆସିଥିଲେ ହେଁ ତାଲା ପଡିଥିବା ଯୋଗୁଁ ଫାଟକ ନିକଟରେ ଶୋଇଥିବାର ବିକଳ ଦୃଶ୍ୟ ଦେଖିବାକୁ ମିଳିଥିଲା।

ସୂଚନା ପ୍ରକାରେ ଗାରାବନ୍ଧ ପଞ୍ଚାୟତ ବାଲାଜୀପୁର ଗ୍ରାମର ପି.ଗଣେଶଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଏକ ଅଟୋ ଯୋଗେ ଆଣିଥିଲେ। ହେଲେ ତାଲାପଡିଥିବାର ଦେଖି ଉପାୟ ଶୂନ୍ୟ ହୋଇ ଯାଇଥିଲେ। ଆଜି ଅତ୍ୟାଧିକ ଉତ୍ତାପ ସାଙ୍ଗକୁ ଗୁରୁତର ଅବସ୍ଥାରେ ସେହି ଫାଟକ ନିକଟରେ ହିଁ ଶୋଇ ରହିଥିଲେ। ତାଙ୍କ ପରିବାର ଲୋକେ ତାଙ୍କ ସେବା କରି ଡାକ୍ତର କିମ୍ବା କର୍ମଚାରୀ ଆସିବେ ବୋଲି ବହୁ ସମୟ ଧରି ଅପେକ୍ଷା କରିଥିଲେ। ଗଣେଶଙ୍କ ସ୍ୱାସ୍ଥ୍ୟ ଗୁରୁତର ହୋଇ ପଡିବାରୁ ତାଙ୍କୁ ଅନ୍ୟତ୍ର ନେଇଥିଲେ ପରିବାର ଲୋକେ। ଏପରି ଅବସ୍ଥା ଦିନେକି ଦୁଇ ଦିନ ନୁହେଁ ୮ ମାସରୁ ଅଧିକ ସମୟ ଧରି ଚିକିତ୍ସାଳୟରେ ଏପରି ତାଲା ଝୁଲୁଥିବା ଅବସ୍ଥା ଦେଖିବାକୁ ମିଳୁଛି ବୋଲି ଗ୍ରାମବାସୀ କହିଛନ୍ତି। ୮ ମାସ ପୂର୍ବେ ଏହି ଚିକିତ୍ସାଳୟର ଫାର୍ମାସିଷ୍ଟଙ୍କ ଅବସର ଗ୍ରହଣ ପରେ ପଦ ଖାଲି ପଡିଥିବା ବେଳେ ଜଣେ ଅବସରପ୍ରାପ୍ତ ଡାକ୍ତର ମଧ୍ୟ ଛାଡି ଚାଲିଯାଇଥିଲେ। ହେଲେ ଗତ ମାସରେ ପୁଣି ସେହି ଡାକ୍ତଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସକ ପୁନଃ ଅବସ୍ଥାପିତ କରିଛନ୍ତି। ଡାକ୍ତର ଜଣକଙ୍କ ଅତ୍ୟାଧିକ ବୟସ ହୋଇଥିବାରୁ ସେ ଅଧିକ ସମୟ ଦେଇପାରୁ ନାହାନ୍ତି। ଏପରି ସ୍ଥଳେ ଆଲୋପଥି ଚିକିତ୍ସା ପ୍ରଭାବିତ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଏଠାରେ ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ତୁରନ୍ତ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ପ୍ରକାଶ ଯେ ଡାକ୍ତର ଓ କର୍ମଚାରୀଙ୍କୁ ଅବସ୍ଥାପିତ ପାଇଁ ବହୁ ବାର ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କରେ ଅଭିଯୋଗ କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହି। ଏପରିକି ଗତ କିଛି ଦିନ ପୂର୍ବେ ଡାକ୍ତର ଓ କର୍ମଚାରୀ ନଥିବା ଯୋଗୁଁ ଜରୁରୀ ଚିକିତ୍ସା ଅଭାବରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଅଞ୍ଚଳବାସୀ ଧାରଣା ମଧ୍ୟ ଦେଇଥିଲେ। ହେଲେ ଜିଲ୍ଲାପ୍ରଶାସନ ଲୋକଙ୍କ ସମସ୍ୟା ବୁଝୁ ନଥିବା ବେଳେ ଡାକ୍ତରଙ୍କୁ ନିଯୁକ୍ତି ଦେଇଛୁ ବୋଲି କହି ବିଭାଗୀୟ କର୍ତ୍ତୃପକ୍ଷ ହାତ ଝାଡି ଦେଉଥିବା ଜଣାପଡିଛି। ଏହି ଚିକିତ୍ସାଳୟ ଉପରେ ଉଭୟ ଗୋଷାଣି ଓ ରାୟଗଡ ବ୍ଲକର ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭରଶୀଳ। ହେଲେ ଏପରି ପରିସ୍ଥିତି ଯୋଗୁଁ ଲୋକେ ଏବେ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହୋଇଛି। ଏନେଇ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ। ବିଧାୟକ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିଲେ। ଏପରି କର୍ତ୍ତବ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଛନ୍ତି ବିଧାୟକ।

# ବାରଖମାରେ 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ



ବାଲିଗୁଡା,୧୭।୫(ସମିସ): ମାନବ ଜୀବନର ଗଭୀରତମ ଅର୍ଥ ଅଧିକାରରେ ନୁହେଁ କିମ୍ବା ଅଂଶଗ୍ରହଣରେ ନିହିତ ସଞ୍ଚୟର ନୁହେଁ ବରଂ ଯୋଗଦାନରେ ନିହିତ। (ସେୟାର ଟୁ ସାଇନ) ବାଣ୍ଟିଲେ ଚମକିବ ଦର୍ଶନ ଏହି ଚିରନ୍ତନ ସତ୍ୟରୁ ଜନ୍ମ ନେଇଛି। ବାଣ୍ଟିଲେ ଚମକିବ ଭାବନାଟି ଆର୍ଟ ଅଫ ଗିଭିଂ ବା ଦେବାର କଳା ଦର୍ଶନର ପ୍ରବର୍ତ୍ତକ ଡ. ଅଚ୍ୟୁତ ସାମନ୍ତଙ୍କର ଚଳିତ ବର୍ଷର ଏକ ସ୍ୱତନ୍ତ୍ର ଭାବନା ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମେ ୧୭ ତାରିଖ ଦିନ ସାରା ବିଶ୍ୱର ୬ ମହାଦେଶର ୧୯୦ ଦେଶରେ ପ୍ରାୟ ୫୦ ହଜାର ସ୍ଥାନରେ ଅନ୍ତର୍ଜାତୀୟ ଆର୍ଟ ଅଫ ଗୀଭିଂ ଦିବସ ପାଳନ କରାଯାଇଛି। ଓଡ଼ିଶାର ୨୦ ହଜାର ସ୍ଥାନରେ ଏହି ଦିବସକୁ ପାଳନ କରାଯାଇଛି। ୨୦୧୩ ମେ ୧୭ ତାରିଖ ଦିନ ଠାରୁ ଡ. ସାମନ୍ତଙ୍କ ଦ୍ୱାରା ବିଶ୍ୱବ୍ୟାପୀ ନିଃସ୍ୱାର୍ଥପର ସେବା ମନୋଭାବର ପ୍ରସାର ପାଇଁ ଏହା ହେଉଛି ଏକ ଅଭିଯାନ।ରବିବାର ଦିନ ବାଲିଗୁଡ଼ା ବ୍ଲକ୍ ବାରଖମା ପଞ୍ଚାୟତର ଖେଳ ପଡ଼ିଆରେ ଆର୍ଟ ଅଫ୍ ଗିଭିଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ପ୍ରାୟ ୫୦ ରୁ ଅଧିକ ଯୁବକ ଉପସ୍ଥିତ ରହି କାର୍ଯ୍ୟକ୍ରମର ଅଂଶୀ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ୍ ଗିଭିଙ୍ଗ ଟି ସାର୍ଟ, କ୍ରୀଡ଼ା ସାମଗ୍ରୀ ଏବଂ ଜଳଖିଆ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ସାଂସଦ କନ୍ଧମାଳ ତଥା ଆର୍ଟ ଅଫ୍ ଗିଭିଙ୍ଗ, କିସ ଓ କିଟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପୂର୍ବତନ କୋଡ଼ିନେଟର ମିଳନ ଦିଗାଲ ପରିଚାଳନା କରିଥିଲେ।

## ଦାସକାଠିଆ ଗାୟକଙ୍କୁ ସମ୍ବର୍ଦ୍ଧନା



କୁଆଖିଆ,୧୭।୫(ସମିସ): ଓଡ଼ିଶାର ସୁନାମଧନ୍ୟ ମାଳିକା ବିଶାରଦ ତଥା ଦାଶକାଠିଆ ଗାୟକ ତ୍ରିଲୋଚନ ପଣ୍ଡିତଙ୍କୁ ଚନ୍ଦନେଶ୍ୱର କଳା ଓ ସଂସ୍କୃତି ପ୍ରୋତ୍ସାହକ ପରିଷଦ ତରଫରୁ ତାଙ୍କ ଧର୍ମଶାଳା ଭବାନୀପୁର ପଣ୍ଡିତ ସାହି ସ୍ଥିତ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗାୟକ ମଦନ ମୋହନ ପଣ୍ଡିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ସରୋଜିନୀ ପତି, କଳ୍ପତରୁ ପଣ୍ଡା, କାଳନ୍ଦୀ ଚରଣ କଣ୍ଟ, ଆବାହକ ଜିତେନ୍ଦ୍ର କୁମାର ଦାସ, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହିବା ସହ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ତରଫରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଭ୍ୟ ରବୀନ୍ଦ୍ର ମିଶ୍ର ମାନପତ୍ର ପଠନ କରିଥିଲେ। ସଭ୍ୟ କଳ୍ପତରୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଚନ୍ଦ୍ରମଣି ପଲାଇଙ୍କ ଶ୍ରଦ୍ଧାଞ୍ଜଳି ସଭା



ଅସୁରାଳି,୧୭।୫(ସମିସ): ଧାମନଗର ବ୍ଲକ୍ ବମକୁରା ପଞ୍ଚାୟତର ଯୁବ ନେତା ତଥା ବମକୁରା ସେବା ସମବାୟ ସମିତିର ପୂର୍ବତନ ସଭାପତି ଭାନୁ ପ୍ରକାଶ ପଲାଇଙ୍କ ପୂଜ୍ୟା ମାତୃଦେବୀ ଏବଂ ବମକୁରା ପଞ୍ଚାୟତର ସମିତିସଭ୍ୟା ବନଲତା ପଲାଇଙ୍କ ଶାଶୂ, ଧର୍ମପରାୟଣ ମାଆ ଚନ୍ଦ୍ରମଣି ପଲାଇଙ୍କ ଦ୍ୱାଦଶାହ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ବାସଭବନରେ ବହୁ ରାଜନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ସ୍ୱର୍ଗତ ଚନ୍ଦ୍ରମଣି ପଲାଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଦୈନିକ 'ସକାଳ'ର ପ୍ରକାଶକ ତଥା ବିଶିଷ୍ଟ ସମାଜସେବୀ ଅମିତ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ବିଜୟ ନାୟକ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ ନାୟକ, କଳିଙ୍ଗ ନାୟକ, କଂଗ୍ରେସ ନେତା ରମେଶ ବେହେରାଙ୍କ ସମେତ ସ୍ଥାନୀୟ ସରପଞ୍ଚ ନରେନ୍ଦ୍ର ନାୟକ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ସୁଶାନ୍ତ ନାୟକ, ସାଧନା ନାୟକ, ରଞ୍ଜନ ମହାନ୍ତି ଓ ହିମାଦ୍ରି ନାୟକଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନୈତିକ ନେତୃବୃନ୍ଦ ଏବଂ ସମାଜସେବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ● ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ

## 'ଯଥାସାଧ୍ୟ ନିରପେକ୍ଷ, ସତ୍ୟନିଷ୍ଠ, ଅନୁସନ୍ଧିତ୍ସୁ ଧ୍ୟେୟ ହେଉ'

ଭଦ୍ରକ,୧୭।୫(ସମିସ): ବିଶ୍ୱ ସମ୍ବାଦ କେନ୍ଦ୍ର ଭଦ୍ରକ ଶାଖା ତରଫରୁ ସଂସ୍କୃତି ଭବନରେ ଦେବର୍ଷି ନାରଦ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ପବିତ୍ର ପାଣିଗ୍ରାହୀ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ମନୀନ୍ଦ୍ର ସୁନ୍ଦର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା ଏବଂ ଉକ୍ତ କାର୍ଯ୍ୟକ୍ରମରେ ଦେବାଶିଷ ମିଶ୍ରଙ୍କ ମଞ୍ଚ ପରିଚାଳନା କରିଥିଲେ। ସଂସ୍କୃତି ଆଧାରିତ ଶିକ୍ଷା ଦ୍ୱାରା ରାଷ୍ଟ୍ର ଜାଗରଣ ସମ୍ଭବ ବୋଲି ମତ ରଖି ସାମ୍ବାଦିକମାନେ ସ୍ପଷ୍ଟବାଦୀ ହେବାକୁ ଅତିଥିମାନେ



ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ସାମ୍ପ୍ରତିକ ସମୟରେ ଗଣମାଧ୍ୟମ କ୍ଷେତ୍ରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ବାଦ ଏବଂ ସାହିତ୍ୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଯାବତୀୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯଥାସାଧ୍ୟ ନିରପେକ୍ଷ, ସତ୍ୟନିଷ୍ଠ, ନିର୍ଭିକତା, ଅନୁସନ୍ଧିତ୍ସୁ ସାମ୍ବାଦିକଙ୍କ ଧ୍ୟେୟ ହେଉ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଦେବର୍ଷି ନାରଦଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଭକ୍ତି ସୂତ୍ରର ବ୍ୟାଖ୍ୟା କରି ବର୍ତ୍ତମାନର ସମୟରେ ଗଣମାଧ୍ୟମ ଜଗତରେ ତାହାର ଉପଯୋଗିତା ବର୍ଣ୍ଣନା କରିଥିଲେ। ସାମ୍ବାଦିକ ପ୍ରଭାତ କୁମାର ଦାଶ ଓ ଜ୍ଞାନ ପ୍ରକାଶ ପାଣି ସ୍ୱଷ୍ଟ ଏବଂ ସ୍ୱଚ୍ଛ ସାମ୍ବାଦିକତା ପ୍ରସାରଣ ପାଇଁ ସାମ୍ବାଦିକମାନଙ୍କ ପାଖରେ ଆଗ୍ରହ ରଖିଥିଲେ। ତତ୍‌ସହିତ ରାଷ୍ଟ୍ରହିତରେ ସମ୍ବାଦ ପ୍ରସାରଣ କରିବା ପାଇଁ ମଧ୍ୟ ମୁଖ୍ୟବକ୍ତା ଆଲୋକପାତ କରିଥିଲେ। ରବି ନାରାୟଣ ସାହୁ, ରଶ୍ମି ରଞ୍ଜନ ରାଉତ, ଧର୍ମେନ୍ଦ୍ର ଦାସ, ରତିକାନ୍ତ ଆଚାର୍ଯ୍ୟ, ସଞ୍ଜୟ ବାରିକ୍, ପ୍ରଦୀପ ପାତ୍ର, ସୁଦର୍ଶନ ଲାହା ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ପୁଲିସ ସାଜିଛି ବାଲି ମାଫିଆଙ୍କ ସୁରକ୍ଷା କବଚ

ଦୋବଲ,୧୭।୫(ସମିସ)

ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଞ୍ଚଳରେ ବାଲି ଚୋରା ଚାଲାଣକୁ ନେଇ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଯେଉଁଠାରେ ଖଣି ବିଭାଗ ଓ ପୁଲିସର ଭୂମିକା ମଧ୍ୟରେ ଘୋର୍ ବିରୋଧାଭାସ ଦେଖିବାକୁ ମିଳିଛି। ଖଣି ବିଭାଗ ନିଜର ଦାୟିତ୍ୱ ନିଷ୍ଠାର ସହ ତୁଲାଇ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଦୁଇଟି ହାଇୱା ଗାଡ଼ିକୁ ଜବତ କରିଥିବାବେଳେ, ସ୍ଥାନୀୟ ପୁଲିସ କିନ୍ତୁ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ପାଇଁ ହାସ୍ୟାସ୍ପଦ ବାହାନା ପ୍ରସ୍ତୁତ କରିଛି। ଥାନା ପରିସରରେ ଗାଡ଼ିରୁ ବାଲି ଖାଲି କରି ଅଭିଯୁକ୍ତଙ୍କୁ ସୁରକ୍ଷିତ ଭାବେ ଖସାଇଦେବା ପୁଲିସର ଭୂମିକାକୁ ଏବେ ସନ୍ଦେହଘେରକୁ ଟାଣିଛି।



- ବାଲି ବୋଝେଇ ହାଇୱା ଜବତ କଲେ ଖଣି ଅଧିକାରୀ; ଥାନାରେ ବାଲି ଖାଲି କରିଦେଲା ପୁଲିସ
- ଦାଣ୍ଡରେ ଗଡ଼ିଲାଣି ଖଣି ବିଭାଗ କର୍ମଚାରୀ ଓ ପୁଲିସ ମଧ୍ୟରେ ବିବାଦ

ସୂଚନା ଅନୁସାରେ, ରବିବାର ସରକାରୀ ଛୁଟି ଦିନ ଥିଲେ ମଧ୍ୟ ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ନିଜ ଟିମ୍ ସହ ବଡ଼ି ଭୋର୍‌ରୁ ଧାମନଗର ଅଞ୍ଚଳରେ ଚଢ଼ଉ କରିଥିଲେ। ଧାମନଗର ଥାନା ଅଞ୍ଚଳ ଖଡ଼ିପଦା-ଦିହୁଡ଼ି ଆନନ୍ଦପୁର ରାସ୍ତାର ଖଡ଼ିପଦା ପଞ୍ଚାୟତ ଅଫିସ ନିକଟରେ ବାଲି ଚୋରା ଚାଲାଣ କରୁଥିବା ଦୁଇଟି ହାଇୱା ଗାଡ଼ିକୁ ସେ ଅଟକାଇଥିଲେ। ଏହି ଚଢ଼ଉ ସମୟରେ ଖଣି ଅଧିକାରୀଙ୍କ ସହ ଧାମନଗର ଥାନାର ଏଏସ୍‌ଆଇ ନରେନ୍ଦ୍ର ରାଉତ ଓ ପୁଲିସ ଟିମ୍ ମଧ୍ୟ ସାମିଲ୍ ଥିଲେ। ଖଣି ଅଧିକାରୀ ଗାଡ଼ି ଦ୍ୱୟର ଚାଳକଙ୍କୁ ଲଘୁ ଖଣିଜ ପଦାର୍ଥ ପରିବହନ ଲାଗି ଆବଶ୍ୟକୀୟ ବୈଧ ଟ୍ରାଞ୍ଜିଟ୍ ପାସ୍ ବା "ୱାଇ-ଫର୍ମ" ମାଗିଥିଲେ। ମାତ୍ର ଡ୍ରାଇଭରମାନେ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ବାଲି ଚୋରା ଚାଲାଣ ହେଉଥିବା ସ୍ପଷ୍ଟ ହେବା ପରେ ଖଣି ଅଧିକାରୀ ଗାଡ଼ି ଦୁଇଟିକୁ ଜବତ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଧାମନଗର ଥାନା ପୁଲିସ ହେପାଜତରେ ଦେଇଥିଲେ। ଚଢ଼ଉ ପରେ ଗାଡ଼ି ସହ ସରକାରୀ ଅଧିକାରୀଙ୍କ ଫଟୋ (ଜିପିଏସ୍ ଟ୍ୟାଗ୍ ସହ) ମଧ୍ୟ ଉତ୍ତୋଳନ କରାଯାଇଥିଲା, ଯାହା ବେଆଇନ କାର୍ଯ୍ୟକଳାପର ସ୍ପଷ୍ଟ ପ୍ରମାଣ। ଆଇନ ଅନୁସାରେ, ବେଆଇନ ଲଘୁ ଖଣିଜ ପଦାର୍ଥ ଚୋରି ଏବଂ ପରିବହନ ଅଭିଯୋଗରେ ପୁଲିସ ଗାଡ଼ି ଦୁଇଟି ଏବଂ ଏହାର ଚାଳକଙ୍କ ବିରୋଧରେ ମାମଲା ରୁଜୁ କରି ଡ୍ରାଇଭରମାନଙ୍କୁ ଗିରଫ କରିବା କଥା। ମାତ୍ର ଧାମନଗର ଥାନା ପରିସରକୁ ଗାଡ଼ି ଆସିବା ପରେ ସବୁ ଗଣିତ ଓଲଟପାଲଟ ହୋଇଯାଇଥିଲା। ପୁଲିସ ମାମଲା ରୁଜୁ କରିବା ବଦଳରେ ଥାନା ପରିସରରେ ହିଁ ହାଇୱାରୁ ବାଲି ଖାଲି କରିଦେଇଥିଲା, ଯାହା ଅତ୍ୟନ୍ତ ସନ୍ଦେହଜନକ।

ଗଣମାଧ୍ୟମକୁ ସୂଚନା ଦେଇ ଧାମନଗର ପୁଲିସ କହିଛି ଯେ, ଥାନା ପରିସରରେ ନିର୍ମାଣ କାମ ଚାଲୁଥିବାରୁ ସମ୍ପୃକ୍ତ ଠିକାଦାର ବାଲି ମଗାଇଥିଲେ। ପୁଲିସର କହିବା ଅନୁସାରେ, ଠିକାଦାରଙ୍କ ପାଖରେ ବୈଧ "ୱାଇ-ଫର୍ମ" ଥିଲା, କିନ୍ତୁ ଭୁଲ୍ ସୂଚନା ଆଧାରରେ ଖଣି ବିଭାଗ ଏହି ଦୁଇଟି ଗାଡ଼ିକୁ ଜବତ କରିଛି। ପୁଲିସର ଏହି ସଫେଇ ଏବେ ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଯଦି ଥାନା କାମ ପାଇଁ ବାଲି ଆସୁଥିଲା ଏବଂ ଖଣି ଅଧିକାରୀଙ୍କ ସହ ଧାମନଗର ଥାନାର ଏଏସ୍‌ଆଇ ନିଜେ ଚଢ଼ଉରେ ଥିଲେ, ତେବେ ସେ କାର୍ଯ୍ୟସ୍ଥଳରେ ଖଣି ଅଧିକାରୀଙ୍କୁ ଏ ବିଷୟରେ କାହିଁକି ଜଣାଇଲେ ନାହିଁ? ନିୟମ ଅନୁସାରେ "ୱାଇ-ଫର୍ମ" ଗାଡ଼ି ଚାଳକଙ୍କ ପାଖରେ ରହିବା ବାଧ୍ୟତାମୂଳକ। ଗାଡ଼ି ଧରାପଡ଼ିବା ସମୟରେ ଦୁଇ ଗାଡ଼ିର ଡ୍ରାଇଭରମାନେ କାହିଁକି ଫର୍ମ ଦେଖାଇପାରିଲେ ନାହିଁ? ସ୍ଥାନୀୟ ଚର୍ଚ୍ଚା ଅନୁସାରେ, ସମ୍ପୃକ୍ତ ବାଲି ମାଫିଆ ବା ଗାଡ଼ି ମାଲିକଙ୍କ ସହ ଥାନାର ପୂର୍ବରୁ "ମଧୁର ବୁଝାମଣା' ରହିଛି। ଖଣି ଅଧିକାରୀ ହଠାତ୍ ଚଢ଼ଉ କରି ଗାଡ଼ି ଧରିନେବାରୁ ପୁଲିସ ନିଜର ପ୍ରିୟପାତ୍ରଙ୍କୁ ବଞ୍ଚାଇବା ପାଇଁ ଥାନା ନିର୍ମାଣ କାମର ନାଟକ ରଚିଛି। ଖଣି ବିଭାଗର ନିଷ୍ଠାପର ଚେଷ୍ଟା ଉପରେ ପୁଲିସର ଏଭଳି ପାଣି ପକାଇବା ଘଟଣା ଏବଂ ଜବତ ହୋଇଥିବା ଗାଡ଼ିଗୁଡ଼ିକୁ ମୁକ୍ତ କରିବା ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ତଦନ୍ତ କରିବାକୁ ଦାବି ହେଉଛି।

### ■ ମାଟି ତଳୁ ମହିଳାଙ୍କ ଶବ ଉଦ୍ଧାର

## ସ୍ୱାମୀ ଗିରଫ; ହତ୍ୟା ସନ୍ଦେହ

ଜେନାପୁର/କବାଟବନ୍ଧ,୧୭।୫(ସମିସ): ଯାଜପୁର ଜିଲ୍ଲା ଜେନାପୁର ଥାନା ଅଧୀନସ୍ଥ ଦଣ୍ଡଷଣା ଗ୍ରାମର ଶରତ ଦାସଙ୍କ ଝିଅ ପ୍ରମିଳା ଦାସ(୧୯)ଙ୍କ ପୋତାଯାଇଥିବା ମୃତଦେହକୁ ଖୋଳି ବାହାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ପୁଲିସ୍। ଦଣ୍ଡଷଣା ଗ୍ରାମର ଶରତ ଦାସଙ୍କ ଝିଅ ପ୍ରମିଳା କିଛି ଦିନ ତଳେ ରଞ୍ଜନ ଦାସଙ୍କୁ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀଙ୍କ କଳହ ଭିତରେ ପ୍ରମିଳାର ମୃତ୍ୟୁ ହୋଇଥିବାରୁ ମୃତଦେହକୁ ଶନିବାର ଅପରାହ୍ନରେ ତରବରିଆ ଭାବେ ତାଙ୍କ ବାଡ଼ିରେ ପୋତି ଦେଇଥିବା ସ୍ଥାନୀୟ ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ଯାଜପୁର ଏସ୍‌ଡିପିଓ, ଜେନାପୁର ଥାନାଧିକାରିଣୀ ନିରୁପମା ଜେନା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ଯୁବତୀଙ୍କ ବାପା ଶରତ ଦାସ କହିଛନ୍ତି ରଞ୍ଜନ ଦାସ ମୋ ଝିଅକୁ ଶାରୀରିକ ମାନସିକ ନିର୍ଯାତନା ଦେଇ ମାରିଦେଇଛି। ନିର୍ଯାତନା ସହି ନ ପାରି ମୋ ଝିଅ ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗକୁ ଭିତ୍ତି କରି ଜେନାପୁର ପୁଲିସ ଧର୍ମଶାଳା



ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଜପୁର ଫୋରେନସିକ ଟିମ ସହାୟତାରେ ପୋତା ଯାଇଥିବା ମୃତଦେହକୁ ଖୋଳି ବାହାର କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ପରେ ପୁଲିସ କେସ ନମ୍ବର ୧୩୧/୨୬ରେ ମାମଲା ରୁଜୁ କରିଥିଲା। ସାଇଣ୍ଟିଫିକ ଟିମ୍ ସହାୟତାରେ ବିଭିନ୍ନ ନମୁନା ସଂଗ୍ରହ କରାଯାଇ ଧର୍ମଶାଳା ଅତିରିକ୍ତ ତହସିଲଦାର ତଥା ଏକ୍‌ଜ୍ୟୁକେଟିଭ ମାଜିଷ୍ଟ୍ରେଟ ଗଗନ ଦାସଙ୍କ ଉପସ୍ଥିତରେ ମାଟି ଖୋଳା ଯାଇ ଶବ ବାହାର କରିଥିଲା। ମୃତ ମହିଳାଙ୍କ ମୁହଁରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ଯାହାକି ସମସ୍ତଙ୍କ ସନ୍ଦେହକୁ ବୃଦ୍ଧି କରିଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ମେଡ଼ିକାଲକୁ ପଠାଇଥିଲା। ରବିବାର ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଏହି ଘଟଣାରେ ପୁଲିସ ପ୍ରମିଳାର ସ୍ୱାମୀ ରଞ୍ଜନ ଦାସକୁ କୋର୍ଟ ଚାଲାଣ କରିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ନିରୁପମା ଜେନା କହିଛନ୍ତି।

## କାର୍ ଦୁର୍ଘଟଣାରେ ୪ ଗୁରୁତର

ବାରିକପୁର,୧୭।୫(ସମିସ): ଗତ ଶନିବାର ବିଳମ୍ବିତ ରାତିରେ ଭଣ୍ଡାରିପୋଖରୀ ବ୍ଲକ୍ ୧୬ ନମ୍ବର ଜାତୀୟ ରାଜପଥର ବୋହୁ ଦରଡ଼ା ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି। ପ୍ରାପ୍ତ ସୂଚନା ମୁତାବକ, ଭଦ୍ରକ ସହରର ଜନୈକ ବ୍ୟବସାୟୀ ଓ ତାଙ୍କ ପତ୍ନୀଙ୍କ ସମେତ ଦୁଇ ଝିଅ ଘରକୁ ଫେରୁଥିବାବେଳେ କାର୍‌ଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦୁର୍ଘଟଣା ଘଟିଥିବାବେଳେ ସ୍ଥାନୀୟ ଯୁବ ସମାଜସେବୀ ରଜନୀକାନ୍ତ ଦାସ ଓ ଅଜୟ ମଲ୍ଲିକଙ୍କ ସମେତ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ପରେ ଆହତଙ୍କୁ ମେଡିକାଲ ପଠାଯାଇଛି।

## କ୍ଷମାସାଗର ମଠରେ ମହାଲକ୍ଷ୍ମୀଙ୍କ ମନ୍ଦିରର ବାର୍ଷିକ ଉତ୍ସବ

ଭଦ୍ରକ,୧୭।୫(ସମିସ): ଭଦ୍ରକ ସହର ନରିପୁର (ଅସ୍ତଳ) ଗ୍ରାମର କ୍ଷମାସାଗର ମଠ ପରିସରରେ ଥିବା ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ୪ଦିନ ବ୍ୟାପୀ ଆଧ୍ୟାତ୍ମିକ ପରିବେଶ ସହ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅଧିବାସ, କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଅଙ୍କୁରାରୋପଣ, ଯଜ୍ଞ କୁଣ୍ଡ ପୂଜା, ଅଖଣ୍ଡ ଦୀପ ପ୍ରଜ୍ୱଳନ, ଗୁରୁ, ଧରିତ୍ରୀ, ଧେନୁ, ସୂର୍ଯ୍ୟପୂଜା, ଯଜ୍ଞଶାଳା, ଘଟ ମଣ୍ଡଳାଦି, ଠାକୁରାଣୀଙ୍କ ଉପଚାର ପୂଜା, ଚଣ୍ଡୀ ଏବଂ ପୂର୍ଣ୍ଣାହୁତି ବିଧି ପରମ୍ପରା ନୀତିକାନ୍ତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବରେ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାଶ ମହାରାଜାଙ୍କ ଦ୍ୱାରା ପ୍ରବଚନ ହେବା ସହ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ୪ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଶହଶହ ଶ୍ରଦ୍ଧାଳୁଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ମା' ମହାଲକ୍ଷ୍ମୀଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଅସ୍ତଳ ଗ୍ରାମର ଯୁବ ସମାଜସେବୀ ପ୍ରଦୀପ ସାହୁ (ବାପୁ), ସହଧର୍ମିଣୀ ପ୍ରତିଭା ସାହୁ, ମାଆ ବାସନ୍ତୀ ସାହୁଙ୍କୁ ସ୍ୱପ୍ନାଦେଶ ହେବାରୁ ରାଜସ୍ଥାନରୁ ମାର୍ବଲ ପଥର ନିର୍ମିତ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ଅଣାଯାଇ ଗତବର୍ଷ ପ୍ରତିଷ୍ଠା କରାଯାଇଥିଲା। ଗ୍ରାମର କାଉନ୍‌ସିଲର ଗୀତାଞ୍ଜଳି ଦାସ, ପୂର୍ବତନ କାଉନ୍‌ସିଲର ଗଜେନ୍ଦ୍ର ପଣ୍ଡା,



କାଉନ୍‌ସିଲରଙ୍କ ପ୍ରତିନିଧି ସୂର୍ଯ୍ୟ କୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ, ଆଇନଜୀବୀ, ସାମ୍ବାଦିକ, ଡାକ୍ତର ଓ ବହୁ ଶୁଭେଚ୍ଛୁ ସହଯୋଗ କରିଥିଲେ। ମନ୍ଦିରର ସଦସ୍ୟ ଦେବବ୍ରତ ନାୟକ(କାଳିଆ), ବୀରେଶ ଦାସ(ଶଙ୍କୁରୁ) ଓ ତାଙ୍କ ପତ୍ନୀ ମମତାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ୪ ଦିନବ୍ୟାପୀ ପୂଜା କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ବିଦ୍ୟୁତ୍ ଖୁଣ୍ଟ ପୋତାକୁ ନେଇ ତୁମୁଳକାଣ୍ଡ

କୋଠାର,୧୭।୫(ସମିସ): ଧୂଷୁରୀ ଥାନା ଅଧୀନ କୋଠାର ପଞ୍ଚାୟତରେ ବିଦ୍ୟୁତ୍ ଖୁଣ୍ଟ ପୋତାକୁ ନେଇ ଏକ ଅପ୍ରୀତିକର ଘଟଣା ଘଟିଛି। ସୂଚନା ଅନୁସାରେ, ଅନୁରାଧା ମଲ୍ଲିକ ନାମକ ଜଣେ



ମହିଳାଙ୍କ ଜମି ଦେଇ ବିଦ୍ୟୁତ୍ ପୋଲ ଓ ତାର ଟଣାଯାଉଥିବା ବେଳେ ଏହାକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଥିଲା।

ଅଭିଯୋଗ ଅନୁସାରେ, ଅନୁରାଧା ମଲ୍ଲିକଙ୍କ ଘରେ ତାଙ୍କ ପୁଅ କିମ୍ବା ସ୍ୱାମୀ ନ ଥିବା ସମୟରେ ଆଲୋକ ମଳିକ ନାମକ ଜଣେ ବ୍ୟକ୍ତି ତାଙ୍କ ଘର ପଛପଟ ଜମି ଦେଇ ବିଦ୍ୟୁତ୍ ପୋଲ ପୋତିବା ଓ ତାରଟଣା କାମ କରୁଥିଲେ। ଏହାକୁ ଦେଖି ଅନୁରାଧା ପ୍ରତିବାଦ କରିଥିଲେ ଏବଂ "ଆମ ଜମିରେ କାହିଁକି ପୋଲ ପୋତାଯାଉଛି' ବୋଲି ପଚାରିଥିଲେ। ଏହାପରେ ଉକ୍ତ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ଅନୁରାଧା ମଲ୍ଲିକ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବିଦ୍ୟୁତ୍ ବିଭାଗ ପକ୍ଷରୁ କାହାର ଜମି ଦେଇ ପୋଲ ଓ ତାର ଯିବ ସେନେଇ ସଠିକ୍ ଭାବେ ବୁଝାସୁଝା କିମ୍ବା ସମନ୍ୱୟ କରାଯାଉନାହିଁ। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ ବାଦବିବାଦ ଓ ଝଗଡ଼ା ସୃଷ୍ଟି ହେଉଛି। ଏହି ଘଟଣା ପାଇଁ ବିଦ୍ୟୁତ୍ ବିଭାଗର ଅବହେଳା ଦାୟୀ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଘଟଣାର ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଭବିଷ୍ୟତରେ ଏଭଳି ସମସ୍ୟା ନ ହେବାକୁ ବିଦ୍ୟୁତ୍ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

### କାଗଜପତ୍ରରେ ଗାଁ କଲ୍ୟାଣ ସମିତି

# ମିଥ୍ୟା ବିଲ୍ ଓ ଫଟୋ ଉଠାଇ ଅନୁଦାନ ହରିଲୁଟ୍ !

ଦୋବଲ,୧୭।୫(ସମିସ)

ସରକାରୀ ଅନୁଦାନକୁ ହଡ଼ପ କରିବା ପାଇଁ ମିଥ୍ୟା ବିଲ୍ ଏବଂ ଫଟୋ ସର୍ବସ୍ୱ କାର୍ଯ୍ୟକ୍ରମ ଏବେ ଧାମନଗର ବ୍ଲକ୍‌ରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଗଠିତ 'ଗାଁ କଲ୍ୟାଣ ସମିତି' ଏବଂ 'ରୋଗୀ କଲ୍ୟାଣ ସମିତି' ନିଜର ଲକ୍ଷ୍ୟ ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୱାର୍ଡ ମେମ୍ବର, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀଙ୍କ ମଧ୍ୟରେ ଲାଗି ରହିଥିବା ଅନ୍ତଃକନ୍ଦଳ ଓ ସମନ୍ୱୟର ଅଭାବ ଯୋଗୁଁ ସରକାରୀ ଯୋଜନା ବାଟବଣା ହେଉଥିବାବେଳେ ସାଧାରଣ ଲୋକେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି।

ଅଭିଯୋଗ ହେଉଛି ଯେ, ବ୍ଲକ୍‌ର ଅଧିକାଂଶ ଗାଁ କଲ୍ୟାଣ ସମିତିରେ କୌଣସି ବାସ୍ତବ କାର୍ଯ୍ୟ ହେଉନାହିଁ। କେବଳ କେତୋଟି ସ୍ଥାନରେ ଫଟୋ ଉଠାଇ ଏବଂ ନକଲି କାଗଜପତ୍ର ପ୍ରସ୍ତୁତ କରି ବାର୍ଷିକ ୧୦ହଜାର ଟଙ୍କାର ଅନୁଦାନ ହରିଲୁଟ୍ କରାଯାଉଛି। ଧାମନଗର ବ୍ଲକ୍‌ର ୩୧୭ଟି ସମିତି ପାଇଁ ଆସିଥିବା




ପ୍ରାୟ ୩୧ ଲକ୍ଷ ଟଙ୍କା କେଉଁ କାମରେ ଲାଗୁଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗାଁର ନାଳନର୍ଦ୍ଦମା ସଫା କିମ୍ବା ବ୍ଲିଚିଂ ପାଉଡର ପକାଇବା ପାଇଁ ଉଦ୍ଦିଷ୍ଟ ଅର୍ଥକୁ କେବଳ ଚା' ଜଳଖିଆ ଏବଂ ମିଥ୍ୟା ବୈଠକ ଦର୍ଶାଇ ଖର୍ଚ୍ଚ କରାଯାଉଛି। ସମିତିର ତିନି ମୁଖ୍ୟ ସ୍ତମ୍ଭ ସଭାପତି (ୱାର୍ଡ ମେମ୍ବର), ସମ୍ପାଦିକା (ଅଙ୍ଗନବାଡ଼ି କର୍ମୀ) ଏବଂ ସମନ୍ୱୟକାରୀ (ଆଶା କର୍ମୀ)ଙ୍କ ମଧ୍ୟରେ ଅଧିକାର ଓ ଅର୍ଥ ଖର୍ଚ୍ଚକୁ ନେଇ ବିବାଦ ତୀବ୍ର ହୋଇଛି। ଅନେକ ସ୍ଥାନରେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ପଡ଼ୁ ନ ଥିବାରୁ ବୈଠକ ବସିପାରୁନାହିଁ। ଏପରିକି ୱାର୍ଡ ମେମ୍ବରଙ୍କ ଅଜାଣତରେ ବିଲ୍ ପାସ୍ କରାଯାଉଥିବାବେଳେ କେଉଁଠି ୱାର୍ଡ ମେମ୍ବରମାନେ ଅନୁଦାନ ଅର୍ଥ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଛନ୍ତି। ଏହି ତ୍ରିକୋଣୀୟ ଲଢ଼େଇ ଯୋଗୁଁ ଗାଁର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେହିପରି ଡାକ୍ତରଖାନାଗୁଡ଼ିକରେ ରୋଗୀଙ୍କ ସୁବିଧା ପାଇଁ କାର୍ଯ୍ୟ କରୁଥିବା 'ରୋଗୀ କଲ୍ୟାଣ ସମିତି' ମଧ୍ୟ ନାମକୁ ମାତ୍ର ଚାଲିଛି। ଡାକ୍ତରଖାନାର ଭିତ୍ତିଭୂମି ବିକାଶ, ବିଶୁଦ୍ଧ ପାନୀୟଜଳ ଏବଂ ସଫେଇ ପାଇଁ ଲକ୍ଷ ଲକ୍ଷ ଟଙ୍କାର କର୍ପସ୍ ଫଣ୍ଡ ରହିଥିଲେ ମଧ୍ୟ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫ୍ୟାନ୍ ମରାମତିଠାରୁ ଆରମ୍ଭ କରି ବେଡ୍‌ସିଟ୍ ବଦଳାଇବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ସଠିକ୍ ସମୟରେ ହେଉନାହିଁ। ଅପରିଷ୍କାର ପରିବେଶ ଓ ଔଷଧର ଅଭାବ ଏହି ସମିତିର ବିଫଳତାକୁ ପଦାରେ ପକାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମନ୍ମୟ ସାମନ୍ତସିଂହାର ଏହି ସମସ୍ୟା ଉପରେ ତଦନ୍ତ କରିବେ ବୋଲି କହୁଥିଲେ ମଧ୍ୟ ବାସ୍ତବରେ କୌଣସି ସମିତି ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଯଦି ତୁରନ୍ତ ଏହି ମିଥ୍ୟା ବିଲ୍ କାରବାରର ଅଡିଟ୍ କରାଯାଏ ଏବଂ ନିଷ୍କ୍ରିୟ ସମିତିଗୁଡ଼ିକୁ ଭଙ୍ଗ କରାଯାଏ, ତେବେ ହିଁ ସରକାରୀ ଅର୍ଥର ସଠିକ୍ ବିନିଯୋଗ ହୋଇପାରିବ।

## ଏସ୍‌ୟୁଜେ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟନ ଓ କାର୍ଯ୍ୟକର୍ତ୍ତା ନିର୍ବାଚନ




ଭଦ୍ରକ,୧୭।୫(ସମିସ): ଭଦ୍ରକ ଆର୍‌ଏମ୍‌ସି ପରିସରରେ ରାଜ୍ୟ ସାମ୍ବାଦିକ ସଙ୍ଘ (ଏସ୍‌ୟୁଜେ) ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସଙ୍ଘର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସଙ୍ଘର ଦ୍ୱିବାର୍ଷିକ ଜିଲ୍ଲା କାର୍ଯ୍ୟକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ପର୍ଯ୍ୟବେକ୍ଷକ ଭାବେ ସଙ୍ଘର ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ ଯୋଗଦେଇଥିଲେ। ଆଗାମୀ ଦୁଇ ବର୍ଷ ପାଇଁ ସଙ୍ଘର ଜିଲ୍ଲା ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ନିହାର କୁମାର ଦାସ ଏବଂ ସାଧାରଣ ସମ୍ପାଦକ ଭାବେ ପ୍ରତାପ କୁମାର ଦାସ ନିର୍ବାଚିତ ହୋଇଥିଲେ। ସେହିଭଳି ସଙ୍ଘର ଉପସଭାପତି ଭାବେ ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ରାୟ, ସଂଗଠନ ସମ୍ପାଦକ ଭାବେ ବିକାଶ କୁମାର ଧଳସାମନ୍ତ, ସହସମ୍ପାଦକ ଭାବେ ସନାତନ ରାଉତ, ଓମ୍ ପ୍ରକାଶ ମିଶ୍ର ଏବଂ କୋଷାଧ୍ୟକ୍ଷ ଭାବେ ବିନୋଦ ଧଳସାମନ୍ତ ନିର୍ବାଚିତ ହୋଇଛନ୍ତି। ଏଥିସହ ସଙ୍ଘର ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ତପନ କୁମାର ସ୍ୱାଇଁ, ଉମାକଲ୍ୟାଣ ମହାପାତ୍ର, ଶିବାନନ୍ଦ ଦାସ, ରାଜେନ୍ଦ୍ର ପ୍ରସାଦ ଜେନା ଏବଂ ଗୁଲାମ ଜିଲାନି ହବିବି ନିର୍ବାଚିତ ହୋଇଥିବାବେଳେ କାର୍ଯ୍ୟକାରୀ କମିଟିକୁ ସାମ୍ବାଦିକ ପ୍ରଭାତ କୁମାର ଦାସ, ରାତିକାନ୍ତ ସାହୁ, ସମ୍ବିତ୍ କୁମାର ନାୟକ ଏବଂ ରଜତ କୁମାର ପଣ୍ଡା ନିର୍ବାଚିତ ହୋଇଛନ୍ତି।

# ହଜିବା ମୋବାଇଲକୁ ଖୋଜି ଦେଲା ପୁଲିସ

**କୟାଁଗୋଲା, ୧୭।୫(ସମିସ):** ହଜିଯାଇଥିବା ମୋବାଇଲ ଫୋନ୍ ଫେରି ପାଇ ଆଶ୍ୱସ୍ତ ହୋଇଛନ୍ତି ଦୁବକଣ ରାମପୁର ଗ୍ରାମର ଯୁବକ ନୀଳମଣି ମଲ୍ଲିକ। ଆଜି ପୂର୍ବାହ୍ନରେ ସେ ମଙ୍ଗଳପୁର ବଜାରକୁ ଫୁଲ ଆଣିବା ପାଇଁ ଆସୁଥିବା ବେଳେ ତାଙ୍କ ମୋବାଇଲ ରାସ୍ତାରେ କେଉଁଠି ହଜିଯାଇଥିଲା। ମୋବାଇଲ ହଜିବା ପରେ ନୀଳମଣି ତୁରନ୍ତ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଥାନାର ଏସ୍‌ଆଇ ଅନିତା ପ୍ରଧାନ ଜିଲ୍ଲା ସାଇବାର ଥାନା ସହଯୋଗରେ ମୋବାଇଲର ଲୋକେସନ ଟ୍ରାକିଂ କରିଥିଲେ। ଏହା ପରେ ଏଏସ୍‌ଆଇ ଜଟାଧାରୀ ଦାସ ହଜିଯାଇଥିବା ମୋବାଇଲଟିକୁ ଅନ୍ୟ ଜଣଙ୍କ ଠାରୁ ଉଦ୍ଧାର କରିଥିଲେ। ଥାନା ପରିସରରେ ପୁଲିସ ମୋବାଇଲଟିକୁ ନୀଳମଣିଙ୍କୁ ହସ୍ତାନ୍ତର କରିଥିଲା। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ନୀଳମଣି ଓ ସ୍ଥାନୀୟ ଲୋକେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଆଇସିଡିଏସ୍‌ର ଅବହେଳା ୪ ମାସ ହେଲା ସହାୟିକାଙ୍କ ଦରମା ବନ୍ଦ



**କୁଆଖିଆ, ୧୭।୫(ସମିସ)**

ସରକାର ମହିଳା ଓ ଶିଶୁ ମାନଙ୍କ କଲ୍ୟାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ବିଭାଗୀୟ ଅଧିକାରୀ ମାନଙ୍କ ଅବହେଳା ଏବଂ ମନମୁଖୀ କାର୍ଯ୍ୟ ଯୋଗୁଁ ଏହା ଉପରେ ନିର୍ଭର କରି ପ୍ରତିପୋଷଣ ହେଉଥିବା ନିରାଶ୍ରୟ ମହିଳାମାନେ ଶାରୀରିକ ଓ ମାନସିକ ନିର୍ଯାତନା ପାଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାଇ ଏହି ବ୍ଲକର ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ସହାୟିକା ଭାବରେ କାର୍ଯ୍ୟ କରି ଆସୁଥିବା କେତେକ ମହିଳାଙ୍କୁ ବିନା ନୋଟିସ୍‌ରେ ସେମାନଙ୍କ ମାସିକ ଭତ୍ତାକୁ ବନ୍ଦ କରି ଦିଆଯାଇଛି। ଯଦ୍ୱାରା ସେମାନଙ୍କୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡିବାକୁ ପଡୁଛି। ଜଣାଯାଏ ସରକାରୀ ନିୟମ ଅନୁଯାଇ ଏହି ବିଭାଗରେ ସହାୟିକା ଭାବରେ ନିଯୁକ୍ତି ପାଇଥିବା ମହିଳାଙ୍କୁ ୬୦ ବର୍ଷ ପରେ କେନ୍ଦ୍ରରୁ ଅନ୍ତର କରାଯାଇଥାଏ। କିନ୍ତୁ ବିଗତ ୧୯-୧-୨୦୨୨ର ଏକ ସରକାରୀ ନିର୍ଦ୍ଦେଶ ଅନୁଯାଇ ୬୦ ବର୍ଷ ହେଇଥିବା ସହାୟିକାଙ୍କୁ ଆଉ ୨ ବର୍ଷ ଅର୍ଥାତ ୬୨ ଅତିରିକ୍ତ ୨ ବର୍ଷ ଅଧିକ କାମ ପାଇଁ ଅନୁମତି ଦେଇଥିଲେ ଯାହା ସେମାନେ ଜିଲ୍ଲା କିମ୍ବା ସଦର ମୁଖ୍ୟ ଚିକିତ୍ସାଳୟରୁ ଫିଜିକାଲ ଫିଟନେସ ସାର୍ଟିଫିକେଟ ସହ ଏକ ଆବେଦନ ପତ୍ର ଦେଇ ପୁନର୍ବାର କାର୍ଯ୍ୟ କରିପାରିବେ। କିନ୍ତୁ ପ୍ରକଳ୍ପ ଅଧିକାରିଣୀ ଏ ସମ୍ପର୍କରେ କେନ୍ଦ୍ରମାନଙ୍କୁ ବହୁ ବିଳମ୍ବରେ ଜଣାଇବାରୁ ସହାୟିକାମାନେ ବିବ୍ରତ ହୋଇ ବହୁ କଷ୍ଟରେ ସେମାନଙ୍କ ଆବଶ୍ୟକୀୟ ପ୍ରମାଣପତ୍ର ସେକ୍ଟର ସୁପରଭାଇଜରଙ୍କ ମାଧ୍ୟମରେ ସିଡିପିଓ କାର୍ଯ୍ୟାଳୟରେ ଦାଖଲ କରିଥିଲେ। କିନ୍ତୁ ବିଲିଶାସନର ଶାନ୍ତିଲତା ସାହୁ, ନାଉପାଳର ସାବିତ୍ରୀ ବାରିକ, ଗୋପିନାଥପୁରର ସୀତା ବାରିକ, କୃଷ୍ଣପଡ଼ାର ମମତା ବାରିକ, ମସୁରପୁରର ନିରୁପମା ମଲ୍ଲିକ ପ୍ରଭୃତି କେନ୍ଦ୍ରର ଅନେକ ସହାୟିକା ଦେଇଥିବା କାଗଜପତ୍ରର କୌଣସି ସଦୁପଯୋଗ ନହେବା ଫଳରେ ସେମାନଙ୍କ ୪ ମାସର ଦରମା ବନ୍ଦ ହେଇଯାଇଥିଲା। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସେମାନେ ଅଭିଯୋଗ କରିବା ପରେ କୌଣସି ଫଳ ନ ପାଇବାରୁ ସେମାନେ ସଙ୍ଘର ନେତ୍ରୀ ଦିପ୍ତିମୟୀ ସାହୁଙ୍କୁ ଜଣାଇଥିଲେ। ଶ୍ରୀମତୀ ସାହୁ ଏ ବିଷୟରେ ସିଡିପିଓଙ୍କ ସହ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିଥିବା ଜଣାଯାଇଛି। ଜଣାଯାଏ ବ୍ଲକରେ ୩୬ ଜଣ ସହାୟିକାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବା ବେଳେ ସେମାନଙ୍କ ଦରମା ବନ୍ଦ ହୋଇଥିବା ଜଣାପଡ଼ିଛି। ତେବେ ଏ ନିରାଶ୍ରୟ ମହିଳାମାନଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟକୁ ଯଥାଶୀଘ୍ର ଦେବାକୁ ଜିଲ୍ଲାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

# ଟ୍ରାକ୍ଟର କଣ୍ଟାରେ ପେଶି ହୋଇ ଚାଷୀଙ୍କ ମୃତ୍ୟୁ



**ବରୀ, ୧୭।୫(ସମିସ):** ବରୀ ରାମଚନ୍ଦ୍ରପୁର ଥାନା ଅଧୀନ କୃଷ୍ଣନଗର ଗ୍ରାମ ତ୍ରିପାଠୀ ସାହିର ନକୁଳଚନ୍ଦ୍ର ତ୍ରିପାଠୀ ତାଙ୍କ ଗ୍ରାମ ନିକଟ ସପନାପାଟରେ ଥିବା ତାଙ୍କ ନିଜ ଜମିକୁ ହଳ କରିବାକୁ ଏକ ଟ୍ରାକ୍ଟର ଡାକିଥିଲେ। ଟ୍ରାକ୍ଟରଟି ରୋଟର ମାଧ୍ୟମରେ ହଳ କରିବା ସମୟରେ କୌଣସି କାରଣ ବଶତଃ ନକୁଳ ଟ୍ରାକ୍ଟର ରୋଟର ମଧ୍ୟରେ ପଶି ଚାପି ହୋଇ ବ୍ଲେଡ ଭିତରେ ଫଶୀ ଯାଇଥିଲେ। ସମ୍ପୃକ୍ତ ଟ୍ରାକ୍ଟର ଡ୍ରାଇଭର ଏହା ଜାଣିବା ପରେ ଟ୍ରାକ୍ଟର ଛାଡ଼ି ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ପାଖରୁ ଖବର ପାଇଁ ପରିବାର ଲୋକେ ଚାଷୀ ଜମିରେ ପହଞ୍ଚି ରୋଟର ଖୋଲିବା ପରେ ତାହା ଭିତରୁ ନକୁଳ ତ୍ରିପାଠୀଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ବାହାର କରିଥିଲେ। ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶେଷ ଦର୍ଶନ କରିବା ସହିତ ପରିବାରକୁ ସମବେଦନା ଜଣାଇଛନ୍ତି। ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ପଞ୍ଚାୟତ ହାଇସ୍କୁଲରେ ଭଲିବଲ୍ ମ୍ୟାଚ୍



**ବରୀ, ୧୭।୫(ସମିସ):** ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରାମପୁର ପରିସରରେ କିଟ୍ ତରଫରୁ ଏକ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନା ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ପିକେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ଯୋଗ ଦେଇଥିଲେ। ଚନ୍ଦନପୁର ପଞ୍ଚାୟତର ଉଦୀୟମାନ ଭଲିବଲ ଖେଳାଳି ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ଖେଳରେ ଅଂଶ ଗ୍ରହଣ କରିଥିଲେ। ସ୍ୱର୍ଣ୍ଣପ୍ରକାଶ ଦାସ, ହରପ୍ରିୟା ରାଉତରାୟ, ଶ୍ରୀକାନ୍ତ କୁମାର ମଳିକ ଓ ପ୍ରଶାନ୍ତ କୁମାର ପଣ୍ଡା ଆଦି କିଟ୍‌ର ସଦସ୍ୟମାନେ ତଥା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କର୍ମଚାରୀ ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗଗନ ବିହାରୀ ଜେନା ସ୍ମୃତି କମିଟିର ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଭିତ୍ତି ପ୍ରସ୍ତର ସ୍ଥାପନ

**ବରୀ, ୧୭।୫(ସମିସ):** ବରୀ ନେଉଳାଠାରେ ଆମ୍ବେଦକର ବିକାଶ ପରିଷଦ ଭବନ ପରିସରରେ ସମ୍ବିଧାନ ପ୍ରଣେତା ଡ.ବିଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ବିଜେପି ନେତା ଉମେଶ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ବସନ୍ତ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ମାନସ କୁମାର ଜେନା, ଅନୁଷ୍ଠାନ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ ଦୁର୍ଯ୍ୟୋଧନ ଦଳେଇ, ସମ୍ପାଦକ ଦୁଷ୍ମନ୍ତ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ଜେନା, ନିରୁପମା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଉପଦେଷ୍ଟା ଶ୍ରୀଧର ମଲ୍ଲିକ, ଜଳଧର ମଲ୍ଲିକ, ରମାକାନ୍ତ ମଳିକ, କୁଳମଣି ମଲ୍ଲିକ, କୁଞ୍ଜ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଯୁବ ସମାଜସେବୀ ବସନ୍ତ ମଳିକ ଆର୍ଥିକ ସହାୟତାରେ ଏହି ପ୍ରତିମୂର୍ତ୍ତି ସ୍ଥାପନା କରାଯାଉଛି।

# ଟେନିସ୍ ଭଲିବଲ ଦଳରେ ସତ୍ୟଜିତ



**ସିଂହପୁର, ୧୭।୫(ସମିସ):** ଆସନ୍ତା ୧୯ରୁ ୨୩ ପର୍ଯ୍ୟନ୍ତ ନେପାଳର କାଠମାଣ୍ଡୁରେ ୧୧ତମ ସାଉଥ୍ ଏସିଆନ୍ ଗେମ୍ସ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଭାରତୀୟ ଟେନିସ୍ ଭଲିବଲ୍ ଦଳରେ ଓଡ଼ିଶାରୁ ତିନି ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏହା ମଧ୍ୟରୁ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ଜଣେ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ସିଂହପୁର ଗ୍ରାମର ଧିରେନ୍ଦ୍ର ସାହୁ ଓ ମାନସୀ ସାହୁଙ୍କ ପୁତ୍ର ସତ୍ୟଜିତ ସାହୁ (୨୧) ସ୍ଥାନ ପାଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ସିଂହପୁର ସମେତ ବିଞ୍ଝାରପୁର ଓ ଯାଜପୁର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ସତ୍ୟଜିତ ଜିଲ୍ଲାର ଗୌରବ ବୃଦ୍ଧି କରିଛି ବୋଲି ବୁଦ୍ଧିଜୀବିମାନେ କହିଛନ୍ତି। ଶ୍ରୀ ସାହୁ ଓଡ଼ିଶା ଟିମ୍‌ରେ ୨ ବର୍ଷ ହେଲା ଖେଳ ଜାରି ରଖିଥିଲେ। ଏବେ ଭାରତୀୟ ଦଳରେ ଭାଗ ନେବାକୁ ଯାଉଛନ୍ତି। ସେ ଭୁବନେଶ୍ୱରରେ ଓୟୁଏଟିରେ ପ୍ରଥମ ବର୍ଷର ଛାତ୍ର।

# ବୁରୁସାହିରେ ଖାଦ୍ୟ ଓ ବସ୍ତ୍ର ବଣ୍ଟନ

**କୁଆଖିଆ/କବାଟବନ୍ଧ, ୧୭।୫(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ବଳରାମପୁର ସ୍ଥିତ ବୁରୁସାହିରେ ଟ୍ରଷ୍ଟର ସମ୍ପାଦକ ଗୋପାଳ ପାତ୍ରଙ୍କ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରାଯାଇଛି। କର୍ମକର୍ତ୍ତା ମାନେ ବୁରୁସାହିରେ ପହଞ୍ଚି ଶୁଖିଲା ଖାଦ୍ୟ ସହିତ ବସ୍ତ୍ର ପ୍ରଦାନ କରିଥିଲେ। କୁନି କୁନି ପିଲାମାନଙ୍କ ଗହଣରେ ସମ୍ପାଦକଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଭଗବାନ ଦାଶ, ଆମ ଆଶ୍ରମର ଅଧ୍ୟକ୍ଷ ମନୋଜ ଧିର୍, ପୂର୍ବତନ ସଭାପତି ବସନ୍ତ କୁମାର ଶତପଥୀ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ରବୀନ୍ଦ୍ର ମିଶ୍ର, ମନୋଜ ଦାସ, ସନ୍ତୋଷ ନାୟକ, ମାନସ ମଲ୍ଲିକ, ଶୁଭେନ୍ଦୁ ଶତପଥୀ, ବିଷ୍ଣୁ ଚରଣ ସାମଲ, ବିକାଶ ମଲ୍ଲିକ, ମଣି ଶଙ୍କର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଗାମୀ ଦିନରେ ଟ୍ରଷ୍ଟ ତରଫରୁ ବୁରୁସାହିରେ ରନ୍ଧା ଖାଦ୍ୟ ପ୍ରଦାନ ସହିତ ପୋଖରୀ ଖନନ କରାଯିବ ବୋଲି ଟ୍ରଷ୍ଟର ସମ୍ପାଦକ ଗୋପାଳ ପାତ୍ର ସୂଚନା ଦେଇଛନ୍ତି।



### ସମସ୍ୟା ଘେରରେ ରଇପୁର ଉଚ୍ଚବିଦ୍ୟାଳୟ

# ସାଧନ କେନ୍ଦ୍ର ସଂଯୋଜକଙ୍କ ବଦଳି ଦାବି

**ବରୀ, ୧୭।୫(ସମିସ):** ବିରୂପା କୂଳରେ ଅବସ୍ଥିତ ରଇପୁର ସରକାରୀ ଉଚ୍ଚବିଦ୍ୟାଳୟ ଏକ ଗରୀମାମୟ ଶିକ୍ଷାନୁଷ୍ଠାନ। ସ୍ଥାନୀୟ ପାଞ୍ଚଗୋଟି ପଞ୍ଚାୟତର ଛାତ୍ରଛାତ୍ରୀ ଏହି ଶିକ୍ଷାନୁଷ୍ଠାନରେ ପାଠ ପଢ଼ିଥାଆନ୍ତି। ଗତ ମାଟ୍ରିକ ପରୀକ୍ଷା ପୂର୍ବରୁ ଅନୁଷ୍ଠାନର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଏକ ଅଭିଯୋଗ କରାଯାଇଥିଲା। ଅନୁସନ୍ଧାନ ପରେ ଏହାର ସତ୍ୟାସତ୍ୟ ମିଳିନଥିଲା। ଅପରପକ୍ଷରେ ରଇପୁର ସାଧନ କେନ୍ଦ୍ରର ସଂଯୋଜକ ହିମାଂଶୁ ଭୂଷଣ ଜେନାଙ୍କ ଏହି ମିଥ୍ୟା ଅଭିଯୋଗରେ ସମ୍ପୃକ୍ତି ଧରାପଡ଼ିଲା ପରେ ତାଙ୍କୁ ସାଧାରଣରେ ସମାଲୋଚିତ ହେବାକୁ ପଡ଼ିଛି। ଏଭଳି ଗରୀମାମୟ ଶିକ୍ଷାନୁଷ୍ଠାନ ବିରୋଧରେ ଷଡ଼ଯନ୍ତ୍ର କରିଥିବାରୁ ସାଧନକେନ୍ଦ୍ର ସଂଯୋଜକ ଶ୍ରୀ ଜେନାଙ୍କୁ ଅନ୍ୟତ୍ର ବଦଳି କରିବାକୁ ସରପଞ୍ଚ ବିଭୁପ୍ରସାଦ ଦାସ, ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ସେନାପତି, ପୁରାତନ ଛାତ୍ର ସଂସଦ ସଭାପତି ଡ. ଭାଗ୍ୟଧର ସାହୁ, ସମ୍ପାଦକ ରତ୍ନାକର ପଣ୍ଡା, ସୁରମୋହନ ମହାପାତ୍ର, ଦୟାନିଧି ସାମଲ, ସାମ୍ବାଦିକ ଘନଶ୍ୟାମ ବିଶ୍ୱାଳ, ଈଶ୍ୱର ଚନ୍ଦ୍ର ପରିଡ଼ା, ହୃଷୀକେଶ ରାୟଙ୍କ ସମେତ ଶତାଧିକ ବ୍ୟକ୍ତି ସ୍ଥାନୀୟ ବିଧାୟକ ଅମର ନାୟକଙ୍କ ନିକଟରେ ଦାବି କରିଛନ୍ତି। ଏହା ସହିତ ଏହି ବିଦ୍ୟାଳୟରେ ଅଧିକ ଶ୍ରେଣୀ ଗୃହ ଯୋଗାଇ ଦେବା ସହ ଏହାକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରିବାକୁ ବିଧାୟକଙ୍କ ନିକଟରେ ଦାବି କରାଯାଇଛି।

# ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ଦିବସ




**ଯାଜପୁର, ୧୭।୫(ସମିସ):** ଯାଜପୁର ଟାଉନସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ସମାଜସେବୀ ବିଜୟ ଧଳଙ୍କ ସଂଯୋଜନା ଓ ଅଧ୍ୟାପକ ଡ. ଦାମୋଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଭୁଲେଖ ଓ ବନ୍ଦୋବସ୍ତର ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଳିକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ସୁକାନ୍ତ କୁମାର ପାଢ଼ି, ସମ୍ମାନିତ ଅତିଥି ଭାବେ ବିମ୍ବାଧର ଧଳ, ବରିଷ୍ଠ ସମାଜସେବୀ ସରୋଜ ମହାପାତ୍ର, ସମାଜସେବୀ ରମେଶ ସାମଲ, ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ପଦ୍ମାକର ଗୁରୁ ପ୍ରମୁଖ ଯୋଗଦେଇ ଚଳିତ ବର୍ଷର ଥିମ 'ସେୟାର ଟୁ ସାଇନ' ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିଶେଷରେ କାର୍ଗିଲ ଯୁଦ୍ଧରେ ଲଢିଥିବା ଅବସରପ୍ରାପ୍ତ ସେନାନୀ ରବୀନ୍ଦ୍ର ନାଥ ଜେନା, ବିଏସ୍‌ଇ ନର୍ସିଂରେ ରାଜ୍ୟରେ ଟପ୍ପର ହୋଇଥିବା ବିରଜା ନର୍ସିଂ କଲେଜର ଛାତ୍ରି ସ୍ୱପ୍ନା ସଲୋନି ତ୍ରିପାଠୀ ଏବଂ ଚଳିତ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ହୋଇଥିବା ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ସାହୁ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶେଷଦେବ ବାସନ୍ତୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱର୍ଣ୍ଣଶ୍ରୀ ମହାପାତ୍ର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଡାହାଣହତା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୃଷ୍ଟି ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଳିଙ୍ଗ ଟିଭିର ପ୍ରତିନିଧି ଅବିନେଶ୍ୱର ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ପ୍ରତିନିଧି ଦେବାଶିଷ ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ବିଶ୍ୱଜିତ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କିଟ୍ ଓ କିସ୍ ପକ୍ଷରୁ ପିନାୟକ ମହାପାତ୍ର, ରାଜକିଶୋର ସୁତାର, କୈଳାସ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ଚିତ୍ତରଞ୍ଜନ ପରିଡ଼ା, ନିରଞ୍ଜନ ସାହୁ, ସଞ୍ଜୟ ବେହୁରିଆ, ପବିତ୍ର କୁମାର ଜେନା ପ୍ରମୁଖ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଖାଲି ବ୍ୟାନରରେ ଚାଲୁଛି ଜଳଛତ୍ର



**କୟାଁଗୋଲା, ୧୭।୫(ସମିସ):** ଦଶରଥପୁର ବ୍ଲକ ଚଷାଖଣ୍ଡ ପଞ୍ଚାୟତ ଅନ୍ତର୍ଗତ ବୋତଲଡାଙ୍ଗ ଗ୍ରାମରେ ଏକ ଗଛ ମୂଳେ ଜଳଛତ୍ର ବ୍ୟାନର ଲାଗିଥିଲେ ମଧ୍ୟ ଜଳଛତ୍ର ଚିହ୍ନ ମାତ୍ର ନାହିଁ। ଗରମ ଦିନରେ ପଥଚାରୀ ଓ ବାଟୋଇଙ୍କ ପାଇଁ ପାଣି ଯୋଗାଣ ବ୍ୟବସ୍ଥା ଥିବା ବେଳେ ଏଠି କିନ୍ତୁ ବ୍ୟାନର ଓ କାଗଜକଲମ କାମରେ ସୀମିତ ହୋଇରହିଛି। ଫଟୋରେ ଦେଖିବାକୁ ମିଳୁଛି ଯେ ଗଛ ମୂଳେ ଏକ ସିମେଣ୍ଟ ବେଞ୍ଚ ରହିଛି ଏବଂ ଗଛରେ ଜଳଛତ୍ର ଲେଖାଥିବା ରଙ୍ଗୀନ ବ୍ୟାନର ଟଙ୍ଗା ହୋଇଛି। ହେଲେ ପାଣି ମାଟି ପାତ୍ର କିମ୍ବା ପାଣି ଯୋଗାଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ସ୍ଥାନୀୟ ଲୋକେ କହିଛନ୍ତି, ତାତି ବଢ଼ିବା ସହ ପାଣି ପାଇଁ ପଥଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ବ୍ୟାନର ଟାଙ୍ଗି ଦେଲେ କାମ ସରିଯାଏ ନାହିଁ, ବାସ୍ତବରେ ଜଳଛତ୍ର କାର୍ଯ୍ୟକ୍ଷମ ହେବା ଆବଶ୍ୟକ। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏଭଳି ସ୍ଥିତି ପ୍ରଶାସନିକ ଉଦାସୀନତାକୁ ଦର୍ଶାଉଥିବା ବେଳେ ଗରମ ଦିନରେ ଜଳଛତ୍ର ପ୍ରକୃତ ଉଦ୍ଦେଶ୍ୟ ବିଫଳ ହୋଇଛି।

# ବାଇକ୍ ଚୋରି ଅଭିଯୋଗ

**ପାଣିକୋଇଲି, ୧୭।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର ଠାରୁ ଏକ ବାଇକ୍ ଚୋରି ନେଇ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଗଙ୍ଗାଧର କନ୍‌ଷ୍ଟ୍ରକସନ କମ୍ପାନୀରେ ସୁପରଭାଇଜର କେନ୍ଦ୍ରାପଡ଼ା ଜିଲ୍ଲା ତନ୍ତିଆପାଳ ଅଞ୍ଚଳର ଜଗନ୍ନାଥ ସାମନ୍ତଙ୍କ ପୁଅ ପ୍ରଶନ୍ନଜିତ ସାମନ୍ତ(୩୦)।। କମ୍ପାନୀ ପକ୍ଷରୁ ତାଙ୍କୁ ଏକ ଷ୍ଟାର ସିଟି ମୋଟର ସାଇକଲ (ଓଡି୩୩ଡି ୮୫୫୮) ଦିଆଯାଇଥିଲା। ସେ ଷଠିପୁରସ୍ଥିତ ଭଡ଼ାଘର ଆଗରେ ସନ୍ଧ୍ୟାରେ ବାଇକ୍ ରଖିଥିଲେ। କେହି ଦୁର୍ବୃତ୍ତ ଘର ଆଗରୁ ଉକ୍ତ ବାଇକ୍‌ଟି ଚୋରି କରିନେଇଛି। ଏନେଇ ଏକ ମାମଲା ୧୬୬/୨୬ ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଆବାସ ଯୋଜନାରୁ ବଞ୍ଚିତ ଅନିତା

**କୟାଁଗୋଲା, ୧୭।୫(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଧରମପୁର ଗ୍ରାମର ଅନିତା ସାହାଣୀ (୪୦) ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଅନିତାଙ୍କ ସ୍ୱାମୀ ପ୍ରସନ୍ନ ସାହାଣୀ ଦିନ ମଜୁରୀ କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ଷ ବର୍ଷ ଧରି କଚ୍ଚା ଘରେ ରହୁଥିବା ଏହି ପରିବାର ବର୍ଷା ଓ ଶୀତ ଋତୁରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଅନିତା କହିଛନ୍ତି, ବାରମ୍ବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଧାଇଁଲେ ବି ତାଙ୍କ ନାମ ଆବାସ ତାଲିକାରେ ଯୋଡ଼ା ହୋଇନାହିଁ। ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଗରିବଙ୍କ ପାଇଁ ଆଶାର ଆଲୋକ ସାଜିଥିଲେ ବି ବାସ୍ତବରେ ଏପରି ଅନେକ ଯୋଗ୍ୟ ହିତାଧିକାରୀ ସୁବିଧାରୁ ବଞ୍ଚିତ ରହିଯାଉଛନ୍ତି। ଅନିତା ପରିବାର ଏବେ ପ୍ରଶାସନ ପାଖରେ ପକ୍କା ଘର ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଗ୍ରାମର ଚନ୍ଦ୍ରଶେଖର ଦାସ କହିଛନ୍ତି ଯେ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଆବଶ୍ୟକ। ପ୍ରଶାସନ ତୁରନ୍ତ ତଦନ୍ତ କରି ଅନିତାଙ୍କୁ ଆବାସ ଯୋଜନାରେ ସାମିଲ କଲେ ତାଙ୍କ ପରିବାର ଉପକୃତ ହୋଇପାରନ୍ତା।



### ଦ୍ୱାଦଶ ପରୀକ୍ଷାରେ ଏକ୍ସେଲସିୟରରେ ସଫଳତା

# ସତିଶ କୁମାର ସାହୁ ଶ୍ରେଷ୍ଠ ଛାତ୍ର



**ବ୍ୟାସନଗର, ୧୪।୫(ସମିସ):** ଏକ୍ସେଲସିୟର ସେକେଣ୍ଡାରୀ ସ୍କୁଲ ଚଳିତ ବର୍ଷ ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ପରୀକ୍ଷା ଦେଇଥିବା ୧୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯ଜଣ ୯୦ ପ୍ରତିଶତ ଉପରେ ନମ୍ବର ରଖିଥିବା ବେଳେ ୩ ଜଣ ୮୦ ପ୍ରତିଶତ ଉପରେ ରହିଛନ୍ତି। କୌଣସି ଛାତ୍ରଛାତ୍ରୀ ୭୦ ପ୍ରତିଶତ ନମ୍ବରରୁ କମ୍ ରଖିନଥିବା ପରୀକ୍ଷା ଫଳାଫଳରୁ ଜଣାପଡ଼ିଛି। ବିଶେଷକରି ବିଦ୍ୟାଳୟର ଛାତ୍ର ସତିଶ କୁମାର ସାହୁ ୯୫ ପ୍ରତିଶତ ନମ୍ବର ରଖି ଶ୍ରେଷ୍ଠ ଛାତ୍ରର ସ୍ଥାନ ଦଖଲ କରିଛନ୍ତି। ସେହିପରି ଅବିନାଶ ବୈଦ୍ୟ (୯୩.୨ ପ୍ରତିଶତ), ପ୍ରତ୍ୟଶା ସାହୁ (୯୨.୨ ପ୍ରତିଶତ), ଅନ୍ୱେଷା ସାସ (୯୧.୮ ପ୍ରତିଶତ), ଭାବୁସାନ ମହାନ୍ତ (୯୦.୮ ପ୍ରତିଶତ), ଲକ୍ଷ୍ମୀପ୍ରିୟା ନାୟକ (୯୦.୪ ପ୍ରତିଶତ), ଶର୍ମିଷ୍ଠା ସାହୁ (୯୦ ପ୍ରତିଶତ), ଶୁଭଶ୍ରୀ ବେହେରା (୯୦ ପ୍ରତିଶତ) ଏବଂ ରୋଜାଲିନ ଦାସ (୯୦ ପ୍ରତିଶତ) ନମ୍ବର ରଖିବାରେ ସଫଳ ହୋଇଛନ୍ତି। ସିବିଏସ୍‌ଇ ଦ୍ୱାଦଶର ପରୀକ୍ଷା ଫଳାଫଳ ଅଭିଭାବକଙ୍କୁ ଖୁସି ଦେଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଭିତରେ ଆନନ୍ଦ ଭରି ଦେଇଛି।

# ଅଚଳ ହେଲାଣି ଷ୍ଟ୍ରିଟ୍‌ଲାଇଟ୍; ଗାଁ ଦାଣ୍ଡ ଅନ୍ଧାର

**କୟାଁଗୋଲା, ୧୭।୫(ସମିସ)**

ପୂର୍ବ ସରକାର ସମୟରେ ଦଶରଥପୁର ବ୍ଲକ ସମସ୍ତ ପଞ୍ଚାୟତରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ପ୍ରତି ଗାଁରେ ବିଦ୍ୟୁତ ଖୁଣ୍ଟରେ ଏ ସବୁ ଲଗାଯିବାର ବ୍ୟବସ୍ଥା କରାଯାଇଥିଲା। ଗାଁକୁ ସରସ ସୁନ୍ଦର କରିବା ପାଇଁ ପ୍ରୟାସ କରାଯାଇଥିଲା। ରାତି ସମୟରେ ଲୋକମାନେ ଯେପରି ସୁବିଧାରେ ଚଳ ପ୍ରଚଳ କରିପାରିବେ ତା' ଉପରେ ଜୋର୍ ଦେଇ ଏ ବ୍ୟବସ୍ଥା କରାଯାଇଥିଲା। ଗ୍ରାମରେ ଆଲୋକୀକରଣ ଯୋଗୁଁ ଅନେକ ଅସାମାଜିକ କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲା। ମାତ୍ର ଆସ୍ତେ ଆସ୍ତେ ସେ ସବୁ ଅଚଳ ହୋଇଗଲାଣି। ଦଶରଥପୁର ବ୍ଲକର ଅନେକ ଗାଁ ରାସ୍ତା ଏବେ ଅନ୍ଧକାରମୟ। ଅନେକ ପଞ୍ଚାୟତରେ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିଛି। ଦଶରଥପୁର ବ୍ଲକର ଦଶରଥପୁର, ବିରିପଟା, ଜାଫରପୁର, ଚଷାଖଣ୍ଡ, ଅସନପୁର, ପାଲଟପୁର, ନନ୍ଦୀପୁର, ରାହାସାୟୀ, କୟାଁ, କମାଡ଼ିହି, ନିଜାମପୁର, ବରେଇ, କୁଳସାହି, ଧରମପୁର ଆଦି ପଞ୍ଚାୟତର ବିଭିନ୍ନ ଗାଁ ଦାଣ୍ଡରେ ପୂର୍ବପରି ଅନ୍ଧାର ଦେଖିବାକୁ ମିଳୁଛି। ଅନେକ ବିଦ୍ୟୁତ୍ ଖୁଣ୍ଟରୁ ଲାଇଟ୍ ଲିଭିଗଲାଣି। ସରକାର ତ ଯୋଜନା କରିଦେଉଛନ୍ତି; କିନ୍ତୁ ତାକୁ ତଦାରଖ କରୁନାହାନ୍ତି। ଫଳରେ ଠିକାଦାର ନିମ୍ନମାନର ଲାଇଟ୍ ସବୁ ଲଗାଇ କୋଟି କୋଟି ଟଙ୍କା ଲୁଟି ନେଲା ମାତ୍ର ଲାଇଟ୍ ସବୁ କିଛି ଦିନ ପରେ ଖରାପ ହୋଇପଡ଼ିଲା। ତାହାର ମରାମତି କରିବା ବ୍ୟବସ୍ଥା ଠିକାଦାର ଉପରେ ଥିବା ସତ୍ତ୍ୱେ ଠିକାଦାର ଖରାପ ଲାଇଟ୍‌କୁ ସବୁ ମରାମତି କରୁନାହାନ୍ତି। ଫଳରେ ଗାଁ ଦାଣ୍ଡ ଏବେ ଅନ୍ଧାର ହୋଇଗଲାଣି। କିଛି ଗ୍ରାମରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ଉପଦ୍ରବ ବଢ଼ିବାରେ ଲାଗିଲାଣି। ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ ପ୍ରଶାସନ ପୁନର୍ବାର ଗାଁ ଦାଣ୍ଡକୁ ଆଲୋକୀକରଣ କରାଇଲେ ଗ୍ରାମବାସୀ ସୁବିଧା ପାଇପାରନ୍ତେ। ବିଦ୍ୟୁତ୍ ଖୁଣ୍ଟ ମାନଙ୍କରୁ ଲିଭି ଯାଇଥିବା ଲାଇଟ୍‌କୁ ଠିକ୍ କରିବା ପାଇଁ ଦାବି ହୋଇଛି।



୧୭/୫/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୫୨,୮୨୩/- | ସୁନା:୨୩.୬୫୦ ଗ୍ରାମ୍ | ରୁପା: ୩୨.୩୦୦ ଗ୍ରାମ୍



### କ୍ଷୀର ଦର ବୃଦ୍ଧି, ତୈଳ ଓ ଗ୍ୟାସ୍ ସଙ୍କଟର ପ୍ରତିବାଦ

# ବଡ଼ଦାଣ୍ଡରେ ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା



ପୁରୀ,୧୭।୫(ସମିସ): ସମ୍ପ୍ରତି ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜି ସଂକଟ ଏବେ ଗମ୍ଭୀର ରୂପ ଧାରଣ କରିଛି। ଲୋକେ ତୈଳ, ଗ୍ୟାସ୍ ପାଇଁ ହନ୍ତସନ୍ତ ହେଉଛନ୍ତି। ପେଟ୍ରୋଲ ପମ୍ପ୍ ସମ୍ମୁଖରେ ଲମ୍ବା ଲାଇନ୍ ଲାଗୁଛି। ଏମିତି ବି କିଛି ପେଟ୍ରୋଲ ପମ୍ପରେ ତେଲ ମିଳୁନାହିଁ। ଦୈନନ୍ଦିନ ବ୍ୟବହାର ହେଉଥିବା କ୍ଷୀର ସମେତ ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜିର ସଂକଟ ଭିତରେ ହଠାତ୍ ଦର ବୃଦ୍ଧି ପାଇଛି। ତେଣୁ ଏ ସବୁର ପ୍ରତିବାଦରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁଣ୍ଡିଚା ମନ୍ଦିରଠାରୁ ବାହାରିଥିବା ଏହି ଶୋଭାଯାତ୍ରା ମାର୍କେଟ ଛକ ପର୍ଯ୍ୟନ୍ତ ଯାଇଥିଲା। ଅଂଶଗ୍ରହଣକାରୀମାନେ ବିଜେପି ସରକାର ବିରୋଧରେ ନାରାବାଜି ଦେବା ସହ ମହିଳା ସଂରକ୍ଷଣ ବିଲ୍ ନେଇ ବିଜେପିର ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଥିଲେ।

କଂଗ୍ରେସ ନେତୃତ୍ୱ କହିଛନ୍ତି, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ମାର୍ଚ୍ଚ ମାସରେ କେନ୍ଦ୍ର ସରକାରଙ୍କୁ ସତର୍କ କରି ଅନୁରୋଧ କରିଥିଲେ ଦେଶର ତୈଳ ଓ ଗ୍ୟାସ ସଙ୍କଟ ଗମ୍ଭୀର ରୂପ ନେବ। ଏଣୁ ତୁରନ୍ତ ସରକାର ଅନ୍ୟ ରାଷ୍ଟ୍ରରୁ ତୈଳ ଓ ଗ୍ୟାସ କ୍ରୟ କରନ୍ତୁ। ମାତ୍ର କେନ୍ଦ୍ରର ମୋଦି ସରକାରଙ୍କର ଆମେରିକା ରାଷ୍ଟ୍ରପତିଙ୍କ ଅତ୍ୟନ୍ତ ଆନୁଗତ୍ୟ ତଥା ଭୟ କାରଣରୁ ଅନ୍ୟ ଦେଶରୁ ତୈଳ ଓ ଗ୍ୟାସ କ୍ରୟ ନ କରିବା ଓ ନିର୍ବାଚନ ପ୍ରଚାରରେ ଦେଶର ସରକାରୀ ପାଣ୍ଠିର ଅପବ୍ୟବହାର କରି ଅନେକ ବଡ଼ ବଡ଼ ରାଲି, ସଭାସମିତିମାନ କରିଥିଲେ। ଏବେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ବିବାହ ତଥା ଅନ୍ୟ ପାରିବାରିକ ଉତ୍ସବରେ ସୁନା ନ କିଣିବାକୁ। ସେହିପରି ସାର୍ବଜନୀନ ପରିବହନ ବ୍ୟବହାର କରି ପେଟ୍ରୋଲ ବଞ୍ଚାଇବା, ଚାଷ ଜମିରେ ସାର ନ ପକାଇବା ପାଇଁ ପରାମର୍ଶ ଦେଇ ପ୍ରଧାନମନ୍ତ୍ରୀ ସ୍ୱୀକାର କରିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ସରକାର। ସେହିପରି ମହିଳା ଆରକ୍ଷଣ ବିଲ୍ ୨୦୨୩ରେ ପାରିତ ହୋଇଥିବାବେଳେ କେନ୍ଦ୍ର ସରକାର ଉଦ୍ଦେଶ୍ୟମୂଳକ ଭାବେ ୨୦୨୪ ସାଧାରଣ ନିର୍ବାଚନରେ ତାହା ଲାଗୁ କରି ନ ଥିଲେ। ୭ଟି ରାଜ୍ୟରେ ନିର୍ବାଚନ ଚାଲିଥିବା ସମୟରେ ସଂସଦରେ ଏହି ବିଲ୍ ଆଣିବା ବିରୋଧରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରତିବାଦରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲାର ଶତାଧିକ ମହିଳା, ଅନେକ ବରିଷ୍ଠ ନେତା, କାର୍ଯ୍ୟକର୍ତ୍ତା, ବିଭିନ୍ନ ସାମ୍ମୁଖ୍ୟର ମୁଖ୍ୟ, ଯୁବ ଛାତ୍ର କର୍ମକର୍ତ୍ତା ଏବଂ ଶତାଧିକ କର୍ମୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ମେଧା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ପୁରୀ,୧୭।୫(ସମିସ): ମାଟ୍ରିକ୍ ପରୀକ୍ଷାରେ ବ୍ରହ୍ମଗିରି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ୧୩ ଜଣ ଏ-୧ ଛାତ୍ରଛାତ୍ରୀଙ୍କୁ ବାମୁଣ୍ଡି ଭାଗବତ ଟୁଙ୍ଗି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ସ୍ୱେଚ୍ଛାସେବୀ ଡ. ବଦ୍ରି ମିଶ୍ରଙ୍କ ସଭାପତିତ୍ୱ ଓ ବାମୁଣ୍ଡି ଭାଗବତ ଟୁଙ୍ଗିର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଟ୍ଟନାୟକଙ୍କ ପରିଚାଳନାରେ କପିଳେଶ୍ୱରପୁର ଶାସନର ଅତିବଡ଼ୀ ଜଗନ୍ନାଥ ଦାସ ସରକାରୀ ଉଚ୍ଚ ବିଦ୍ୟାପୀଠ ପରିସରରେ ରବିବାର ଆୟୋଜିତ ଉତ୍ସବରେ ଅତିଥି ଭାବେ ଶିକ୍ଷା ଉପନିର୍ଦ୍ଦେଶକ ସୁନିଲ ବ୍ରହ୍ମା, ସିଆର୍‌ସିସି ଶ୍ରୀନାଥ ବେହେରା, ସରପଞ୍ଚ ବବିତା ବରାଳ, କମିଟି ଅଧ୍ୟକ୍ଷା ରୋଜା ମହାପାତ୍ର, କବି ଦିଗମ୍ବର ବେହେରା, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଉପାଧ୍ୟାୟ, ପ୍ରାକ୍ତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ଅଧ୍ୟାପକ ତ୍ରିଲୋଚନ ଦଳାଇ, ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର ମହାପାତ୍ର, ଅଧ୍ୟାପକ କେଶବ ଦାଶ, ବିଦ୍ୟାପୀଠର ପ୍ରଧାନଶିକ୍ଷକ ଦ୍ୱାରିକାନାଥ ବିଶ୍ୱାଳ, କପିଳେଶ୍ୱରପୁର, ଖଜୁରିଆ, ସୁନାମୁହିଁ, ଆମ୍ବପଡ଼ା-ତୋରଣ, ଗୋରୁଆଳ, ରେବଣା ନୂଆଗାଁ ଓ ବେଣ୍ଟପୁର, କହଲପଦା, ବ୍ରାହ୍ମଣିଆ, ହାଇସ୍କୁଲର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ଭାଗବତ ସଂଗଠକ ଅନ୍ତର୍ଯ୍ୟାମୀ ପଟ୍ଟନାୟକଙ୍କ ସଂକଳିତ ପୁସ୍ତକ ଭାଗବତ ବିଦ୍ୟାମୃତ ଉନ୍ମୋଚିତ ହୋଇଥିଲା। ପରେ ଅତିବଡ଼ୀ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା ଓ ସଞ୍ଚାଳନ କରିଥିଲେ ନାଟ୍ୟକାର ପ୍ରଶାନ୍ତ କୁମାର ତ୍ରିପାଠୀ।

### ● ସମୁଦ୍ର କୂଳରେ ବ୍ୟାଗ୍ ଚୋରି; ଜଣେ ଗିରଫ

## ୫୦ ଭ୍ୟାନିଟି ବ୍ୟାଗ୍ ଜବତ

ପୁରୀ,୧୭।୫(ସମିସ): ସମୁଦ୍ର କୂଳରେ ଫେରିବାଲାଙ୍କ ବ୍ୟାଗ୍ ଚୋରି କରିଥିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଉଛନ୍ତି କଟକ ଚାଉଳିଆଗଞ୍ଜର ଚିନୁ ଜାର୍ ଅଲ୍ଲୀ ସାହା। ତାଙ୍କ ନିକଟରୁ ୫୦ଟି ଭ୍ୟାନିଟି ବ୍ୟାଗ୍ ଜବତ କରାଯାଇଛି। ଘଟଣା ସମ୍ପର୍କରେ ବଳିଆପଣ୍ଡା ଅଞ୍ଚଳର ସୁଶାନ୍ତ କୁମାର ବେହେରା ଥାନାରେ ଅଭିଯୋଗ କରିଛନ୍ତି ଯେ, ସେ ସମୁଦ୍ର କୂଳରେ ବିଭିନ୍ନ ପ୍ରକାର ବ୍ୟାଗ୍ ବିକ୍ରି କରନ୍ତି। ଶନିବାର ଅପରାହ୍ଣ ୪ଟାରେ ସେ ଦିଗବାରେଣୀ ସମୁଦ୍ର କୂଳରେ ବ୍ୟାଗଗୁଡ଼ିକୁ ପ୍ଲାଷ୍ଟିକ୍ ପଲିଥିନ୍‌ରେ ଘୋଡ଼ାଇ ରଖି ଖାଇବା ପାଇଁ ଘରକୁ ଯାଇଥିଲେ। କିଛି ସମୟ ପରେ ତାଙ୍କୁ ଖବର ମିଳିଥିଲା ଯେ ଜଣେ ଅଜଣା ବ୍ୟକ୍ତି ସମୁଦ୍ର କୂଳରେ ରଖିଥିବା ତାଙ୍କ ବ୍ୟାଗ୍ ଚୋରି କରିନେଇଛି। ଖବର ପାଇ ସେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ବ୍ୟାଗ୍ ଚୋରି କରିଥିବା ସ୍ୱୀକାର କରିଥିଲା। ଏହାପରେ ସୁଶାନ୍ତ ଚୋରି ହୋଇଥିବା ବ୍ୟାଗ୍ ସହ ଅଭିଯୁକ୍ତକୁ ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତ ଚିନୁକୁ ପୁଲିସ ଗିରଫ ପରେ କୋର୍ଟଚାଲାଣ କରିଛି। ତା' ନିକଟରୁ ୫୦ଟି ଭ୍ୟାନିଟି ବ୍ୟାଗ୍ ଜବତ କରାଯାଇଛି।

## ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ପୁରୀ,୧୭।୫(ସମିସ): ଅମଲା କ୍ଲବ୍ ନିକଟସ୍ଥ ବିଜି ବିଜ୍ ଏକାଡେମୀ ପରିସରରେ ପିଲାଙ୍କ ଖବରକାଗଜ ଶିଶୁ ସମାଚାରର ଊନବିଂଶ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ବିଦ୍ୟାଳୟସ୍ତରୀୟ ଆମ କୁନି ରାଣୀ, କୁନି ରାଜା ଏବଂ ଆବାକସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପଦେଷ୍ଟା ଚକ୍ରଧର ମହାପାତ୍ର ଯୋଗଦେଇ କୁନି କୁନି ଶିଶୁମାନଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଓ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଶିଶୁ ସମାଚାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି ବୋଲି କହିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଭାବେ କୁମାର ଉତ୍ସବ ସମିତି ସମ୍ପାଦକ ସ୍ୱାଧୀନ ପଣ୍ଡା, ଶ୍ରୀଜଗନ୍ନାଥ ଭକ୍ତ ସମାଜ ସମ୍ପାଦକ ଡ. ଶଶିକାନ୍ତ ରଥ, ବିଜି ବିଜ୍ ଏକାଡେମୀର ନିର୍ଦ୍ଦେଶକ ଦେବଶ୍ରୀତ ମହାନ୍ତି, ବରିଷ୍ଠ ସାମ୍ବାଦିକ ନାରାୟଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆମ କୁନି ରାଣୀ ଓ କୁନି ରାଜା ପ୍ରତିଯୋଗିତାର ବିଚାରକ ଭାବେ ଶିକ୍ଷାବିତ୍ ରେଣୁକା ମିଶ୍ର, କଳାକାର ମମତା ଦାଶ, ସାମ୍ବାଦିକା ରାଜଶ୍ରୀ ସାହୁ, ନୃତ୍ୟଗୁରୁ ମନସ୍ମିତା ସାହୁ, ଆବାକସ୍ ପ୍ରତିଯୋଗିତାରେ ଶ୍ରୀମତୀ ଚନ୍ଦନା, ଶିକ୍ଷୟିତ୍ରୀ ବର୍ଷାରାଣୀ ସାହୁ, କାଜଲ ମହାନ୍ତି ଯୋଗଦେଇଥିଲେ। ଆମ କୁନି ରାଣୀ ଭାବେ ଅପର୍ଣ୍ଣା ରଥ, କୁନି ରାଜା ଭାବେ ମାଷ୍ଟର ଦକ୍ଷ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଆବାକସ୍‌ର କନିଷ୍ଠ ବିଭାଗରେ ରେୟାଂଶ ମିଶ୍ର, ଦକ୍ଷ ପଞ୍ଚ ଓ ସାନାୟା ପଞ୍ଚ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବରିଷ୍ଠ ବିଭାଗରେ ଆଦ୍ୟା ଆରିକା ପଟ୍ଟନାୟକ, ଶ୍ରେୟାଂଶ ସିଦ୍ଧ ସାହୁ ଓ ବିଜନ ଜିତ୍ ଦାଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନେ ଅଧିକାର କରିଛନ୍ତି। ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା ଆଗାମୀ ଦିନରେ ଚିତ୍ରାଙ୍କନ, ଚେସ୍, ଯୋଗ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କହିବା ସହ ଅଗଷ୍ଟ ୮ ତାରିଖରେ ପୁରୀ ପୌର ସଦନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି କହିଥିଲେ। ଡ. ସ୍ନେହଲତା ରଥ, ଅନୁପମା ପଣ୍ଡାଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଜି ବିଜ୍ ଏକାଡେମୀର ଅଧ୍ୟକ୍ଷା ସଂଘମିତ୍ରା ଦାସ୍ ଧନ୍ୟବାଦ ଅର୍ପଣ କରିଥିଲେ।

### ଜମିଜମା ସମସ୍ୟାର ସମାଧାନ ପାଇଁ ଦାବି

## ଏକାଠି ହେଲେ ପ୍ରଭାବିତ ଅଞ୍ଚଳବାସୀ

ପୁରୀ,୧୭।୫(ସମିସ): ପୁରୀ ସଦର ସମଙ୍ଗରା ମେଳଣ ପଡ଼ିଆରେ ରବିବାର ସତେଇଶ ହଜାର ମାହାଲ ଓ ଏଖରାଜାତ ମାହାଲର ସମ୍ପୃକ୍ତ ସ୍ଥିତିବାନ ପ୍ରଜାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସଦରର ଭୂସମ୍ପତ୍ତି ସୁରକ୍ଷା ପରିଷଦ, ପୁରୀ ଅଧୀନ ସମଙ୍ଗରା, ବାଲିଗୁଆଳି, ବାଟଗାଁ, ମଙ୍ଗରାଜପୁର ସହ ଅନ୍ୟାନ୍ୟ ୨୦ ଗ୍ରାମର ସ୍ଥିତିବାନ ପ୍ରଜାଙ୍କ ସହ ଜଟଣୀ ତହସିଲ୍ ଅଧୀନ ଏଖରାଜାତ ମାହାଲର ରୟତ ସୁରକ୍ଷା କମିଟି, ବାପୁଜୀ ଆମ୍ବେଦକର ସୁରକ୍ଷା ମହାମଞ୍ଚ, ଆଞ୍ଚଳିକ ଭିଟାମାଟି ବଞ୍ଚାଓ ସଂଗ୍ରାମ ସମିତିର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ପୁରୀ ସଦର ତହସିଲ ଅଧୀନ ମୌଜା ସମଙ୍ଗରା, ବାଟଗାଁ ସହ ଅନ୍ୟାନ୍ୟ ମୌଜାରେ ଥିବା ସତେଇଶ ହଜାର ମାହାଲ ସମ୍ବନ୍ଧୀୟ ଭୂସମ୍ପତ୍ତି ଓ ଜଟଣୀ ତହସିଲ ଅଧୀନ ଛଣଘର, ରଥିପୁର, କୁଶମାଟି, କଣ୍ଟିଆ ସହ ଅନ୍ୟାନ୍ୟା ମୌଜାରେ ଥିବା ଏଖରାଜାତ ମାହାଲର ପ୍ରଜାମାନେ ମରହଟ୍ଟା ଶାସନ ସମୟ ପୂର୍ବରୁ ଏହି ସମ୍ପତ୍ତିକୁ ଭୋଗ ଦଖଲ କରି ଆସୁଥିଲେ। ୧୮୦୩ ମସିହାରେ ବ୍ରିଟିଶ୍‌ମାନେ ଖୋର୍ଦ୍ଧା ଓ ପୁରୀକୁ ନିଜ ଅଧୀନରେ ନେଲେ ଓ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଅର୍ଥରାଶି ପ୍ରଦାନ କରିଆସୁଥିଲେ।

୧୮୫୮ ମସିହାରେ ଶ୍ରୀଜଗନ୍ନାଥ ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ବ୍ରିଟିଶ ସରକାର ପ୍ରଦାନ କରୁଥିବା ଅର୍ଥରାଶିକୁ ବନ୍ଦ କରି ସେହି ଅର୍ଥକୁ ଭରଣା କରିବା ପାଇଁ ଖୋର୍ଦ୍ଧା ପୁରୀରେ ଥିବା ଏହିସବୁ ମୌଜାର ଭୂସମ୍ପତ୍ତିକୁ ନେଇ ଏଖରାଜାତ ଓ ସତେଇଶ ହଜାର ମାହାଲ ସୃଷ୍ଟି କଲେ। ଏଥିରେ ବନ୍ଦୋବସ୍ତ ରହିଲା ଯେ, ଏହି ଭୂସମ୍ପତ୍ତିରେ ଥିବା ସ୍ଥିତିବାନ ପ୍ରଜାମାନେ ପୁରୁଷାନୁକ୍ରମିକ ଭାବେ ଭୂସମ୍ପତ୍ତିକୁ ଭୋଗଦଖଲ କରିବେ ଓ ଭୂସମ୍ପତ୍ତି ସମ୍ବନ୍ଧୀୟ ରାଜସ୍ୱ ଖଜଣା ବ୍ରିଟିଶ ସରକାରଙ୍କୁ ପଇଠ କରିବା ବଦଳରେ ଶ୍ରୀମନ୍ଦିରକୁ ପଇଠ କରିବେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି କ୍ରମେ ଶ୍ରୀମନ୍ଦିର ପରିଚାଳନା କମିଟି ତତ୍କାଳୀନ ମୁଖ୍ୟ ପ୍ରଶାସକଙ୍କ ଦ୍ୱାରା ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗଠାରୁ ଜମିଦାରୀ ଉଚ୍ଛେଦର ବିଭିନ୍ନ ମୌଜା ବାବଦ ଉଚିତ୍ କ୍ଷତିପୂରଣ ମଧ୍ୟ ଗ୍ରହଣ କରିସାରିଛନ୍ତି। ଏହାପରେ ପୁରୀ ଜିଲ୍ଲା ରାଜସ୍ୱ ବିଭାଗର ଅବହେଳା ଯୋଗୁଁ ଜମିପଟ୍ଟାର ଜମିଦାରୀ କଲମରେ 'ଓଡ଼ିଶା ସରକାର' ନାମ ଉଲ୍ଲେଖ କରାଯାଇ ପାରିଲାନାହିଁ। ପ୍ରଜାମାନେ ୧୯୭୭ ମସିହାରୁ ଆଜି ପର୍ଯ୍ୟନ୍ତ ଭୂ-ରାଜସ୍ୱ ଖଜଣା ଓଡ଼ିଶା ସରକାରଙ୍କୁ ପଇଠ କରି ଆସୁଛନ୍ତି। ଇତିମଧ୍ୟରେ ଶ୍ରୀମନ୍ଦିର ପ୍ରଶାସକ ନିଜ କ୍ଷମତା ବଳରେ ୨୦୧୨ ମସିହାଠାରୁ ଭୂ-ସମ୍ପତ୍ତି ବିକ୍ରି, ବନ୍ଧକ ଉପରେ ରୋକ୍ ଲଗାଇ ଆସିଛନ୍ତି। ୨୦୦୯ ମସିହାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ସିଦ୍ଧ ମଠ ମଧ୍ୟରେ ବିବାଦ ସର୍ବୋଚ୍ଚ ଅଦାଲତକୁ ଯାଇଥିଲା। ସେଥିରେ ସ୍ଥିତିବାନ ପ୍ରଜାଙ୍କର ଭୂସମ୍ପତ୍ତି ନେଇ କୌଣସି ବିବାଦ ନ ଥିଲା। ଏହା ଜମିଦାରୀ ବିବାଦ ଥିଲା। ଏଥିରେ ଜମିଦାର ଓଡ଼ିଶା ସରକାର ହେବେ କି ଶ୍ରୀଜଗନ୍ନାଥ ମହାପ୍ରଭୁ ହେବେ ଏହି କେସ୍‌ର ବିଷୟବସ୍ତୁ ଥିଲା। ସିଦ୍ଧମଠ ଓ ମହାପ୍ରଭୁଙ୍କ ଜମି ବିବାଦର ରାୟ ୨୦୧୫ ଡିସେମ୍ବର ୧୬ରେ ପ୍ରକାଶ ପାଇଲା। ତେବେ ଉକ୍ତ ରାୟରେ ଯେଉଁ ଜମିଗୁଡ଼ିକ ଜମାଧାର୍ଯ୍ୟ ସେଟେଲ୍ ହୋଇଯାଇଛି ତାହା ଉପରେ ଏହି ରାୟର କୌଣସି ପ୍ରଭାବ ପଡ଼ିବ ନାହିଁ। ବର୍ତ୍ତମାନ ସରକାର ଅଦାଲତର ଆଦେଶକୁ ତର୍ଜମା କରି ପ୍ରଜାମାନଙ୍କର ଭୂସମ୍ପତ୍ତିକୁ ଓଡ଼ିଶା ସରକାର ଜମିଦାର ଅଧୀନରେ ଯଥାଶୀଘ୍ର ରେକର୍ଡଭୁକ୍ତ କରାଇବା ପାଇଁ ପ୍ରଜାମାନେ ଦାବି କରିଛନ୍ତି।

## ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଅନୁଷ୍କାଙ୍କ ସଫଳତା



ପୁରୀ,୧୭।୫(ସମିସ): କଳିଙ୍ଗ ଷ୍ଟାଡିୟମ୍ ଆକ୍ୱାଟିକ୍ ସେଣ୍ଟରରେ ରବିବାର ଅନୁଷ୍ଠିତ ୬୬ତମ ଓଡ଼ିଶା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ମହିଳା ୨୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ପୁରୀର ଅନୁଷ୍କା ଶତପଥୀଙ୍କୁ ମିଳିଛି ସଫଳତା। ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାର ଅନ୍ତର୍ଜାତୀୟ ସନ୍ତରଣବିତ୍ ସୃଷ୍ଟି ଉପାଧ୍ୟାୟ ପ୍ରଥମ, କ୍ରୀଡ଼ା ଛାତ୍ରାବାସର ଆୟୁଶ୍ରୀ ଦତ୍ତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ପୁରୀର ନୂଆ ସନ୍ତରଣବିତ୍ ଅନୁଷ୍କା ନିଜର ନିଷ୍ଠା ବଳରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର କୋଷାଧ୍ୟକ୍ଷ ବିଜୟ ଦୀକ୍ଷିତ୍ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପଦକ ଏବଂ ପ୍ରମାଣପତ୍ର ବିତରଣ କରିଥିଲେ। ଅନୁଷ୍କାଙ୍କର ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ଆକ୍ୱାଟିକ୍ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

### ସୁଦର୍ଶନ ମହାନ୍ତି ସ୍ମାରକୀ ଓଡ଼ିଶା ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ

## ଫିଡେ ମାଷ୍ଟର ହର୍ଷିତ ରଞ୍ଜନ ଚାମ୍ପିଅନ




ପୁରୀ,୧୭।୫(ସମିସ): ସୁନ୍ଦର ଜାଗା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ତିନିଦିନିଆ ୧୯ତମ ସୁଦର୍ଶନ ମହାନ୍ତି ସ୍ମାରକୀ ଓଡ଼ିଶା ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଜିଲ୍ଲା ଚେସ୍ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଏବଂ ସୁନ୍ଦର ଜାଗା ସହଯୋଗରେ ସମ୍ପନ୍ନ ହୋଇଛି। ଏଥିରେ ମୋଟ ୫୫ ଜଣ ଫିଡେ ରେଟେଡ୍ ଖେଳାଳିଙ୍କ ସହ ଓଡ଼ିଶାର ୧୨ଟି ଜିଲ୍ଲାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ଏସ୍‌ପି ପ୍ରତୀକ୍ ସିଂ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁନ୍ଦର ଜାଗାର ସମ୍ପାଦକ ଅଶୋକ କୁମାର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ମହାପାତ୍ର, ପୁରୀ ଜିଲ୍ଲା ଚେସ୍ ସଂଘ ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତି ଏବଂ ଜ୍ୟୋତି ଶଙ୍କର ନନ୍ଦ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ମୁଖ୍ୟ ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ ଏବଂ ଉପ-ଆର୍ବିଟର ଇତି ପ୍ରଧାନଙ୍କ ନେତୃତ୍ୱରେ ଫିଡେ ନିୟମାବଳୀ ଅନୁଯାୟୀ ସୁଚାରୁ ଭାବେ ପରିଚାଳିତ ହୋଇଥିଲା।

ପ୍ରତିଯୋଗିତାରେ ୮ଟି କଠିନ ରାଉଣ୍ଡ ପରେ କଟକର ଫିଡେ ମାଷ୍ଟର ହର୍ଷିତ ରଞ୍ଜନ ସାହୁ ୭ ପଏଣ୍ଟ ସହ ଚାମ୍ପିଅନ ହୋଇ ୭ ହଜାର ଟଙ୍କା ପୁରସ୍କାର ପାଇଥିଲେ। ସେହିପରି ୭ ପଏଣ୍ଟ ସହ ରନର୍ସଅପ୍ ରାଜେଶ ନାୟକ, ୭ ପଏଣ୍ଟ ସହ ବାଦାମୁଣ୍ଡି ତପନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଢ଼େ ୬ ପଏଣ୍ଟ ପାଇଥିବା ଶ୍ରୀୟାଂଶ ଦାସ ଚତୁର୍ଥ, ବାରିକ ଜଗଦୀଶ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଅନ୍ୟାନ୍ୟ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ବୈଭବ ମିଶ୍ର, ପ୍ରିୟାଂଶ ଦାସ, ଲଳିତ ରଞ୍ଜନ ସାହୁ, ସ୍ୱସ୍ତିକ ଶୁଭମ ପଟ୍ଟନାୟକ, ସାହୁ ସ୍ଥିତପ୍ରଜ୍ଞ, ଶ୍ରେଷ୍ଠ ଭେଟେରାନ୍ ଧୀରେନ୍ଦ୍ର କୁମାର ଦାସ ଓ ଦିବାକର ମହାପାତ୍ର, ଶ୍ରେଷ୍ଠ ମହିଳା ଖେଳାଳି ପ୍ରତିଷା ମିତ୍ର, ଶ୍ରୀଷ୍ଟି ଶ୍ରେୟସୀ ଓ ପୁରୀର ଶ୍ରେଷ୍ଠ ଖେଳାଳି ଭାବେ ଲୋଚନ କୁମାର ଦାସ, ଶୁଭଦୀପ ପ୍ରିୟଦର୍ଶନ, ଶାଶ୍ୱତ ପାଣିଗ୍ରାହୀ, ଶନି ଗୁପ୍ତା ଓ ବେହେରା ବୀରକିଶୋର ରହିଥିଲେ। ଶେଷରେ ଜ୍ୟୋତି ଶଙ୍କର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲା ପାରମ୍ପରିକ ମତ୍ସ୍ୟ କର୍ମୀ ୟୁନିଅନର ନୂତନ କର୍ମକର୍ତ୍ତା ଚୟନ

## ଏଥର ଆଲୋଚନା ନୁହେଁ; ଆନ୍ଦୋଳନ: ରାଜ୍ୟ ସଭାପତି

ପୁରୀ,୧୭।୫(ସମିସ): ପୁରୀ ଜିଲ୍ଲାରେ ବିସ୍ତୃତ ସାମୁଦ୍ରିକ ତଟ ଓ ଅନେକ ନଦୀ ରହିଛି। ତେଣୁ ନୀଳ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏଠାରେ ପର୍ଯ୍ୟାପ୍ତ ମାନବ ସମ୍ବଳ ଓ ପ୍ରାକୃତିକ ସମ୍ପଦ ରହିଥିଲେ ମଧ୍ୟ ସରକାର ଏ ଦିଗରେ ଧ୍ୟାନ ଦେଉନାହାନ୍ତି। ପୁରୀ ଜିଲ୍ଲା ପାରମ୍ପରିକ ମତ୍ସ୍ୟ କର୍ମୀ ୟୁନିଅନ ତରଫରୁ ଆୟୋଜିତ ବାର୍ଷିକ ସଭାରେ ନୂତନ କର୍ମକର୍ତ୍ତା ଚୟନ କରାଯିବା ସହିତ ଏଭଳି ଅଭିଯୋଗ ଆଣିଛନ୍ତି କର୍ମକର୍ତ୍ତାମାନେ। ବିଶେଷ ଭାବରେ ଜିଲ୍ଲାରେ ମତ୍ସ୍ୟଜୀବୀମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିବା ସହିତ ସେମାନଙ୍କ ଜୀବନ ଜୀବିକା ସହିତ ଖେଳାଯାଉଥିବା କହିଛନ୍ତି ୟୁନିଅନର ରାଜ୍ୟ ସଭାପତି ପ୍ରସନ୍ନ ବେହେରା ଓ ସମ୍ପାଦକ କେ. ଆଲେୟା। ପେଣ୍ଠକଟାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀଠାରେ ଆୟୋଜିତ ବାର୍ଷିକ ସଭାରେ ଜିଲ୍ଲା ସଂଗଠନକୁ ସୁଦୃଢ଼ କରିବା ପାଇଁ ନୂତନ ସଦସ୍ୟମାନଙ୍କୁ ଚୟନ କରାଯାଇଥିଲା। ୟୁନିଅନ ଜିଲ୍ଲା ସଭାପତି ବାବୁଲା ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂତନ କର୍ମକର୍ତ୍ତାଙ୍କ ନାମ ରାଜ୍ୟ ମୁଖିଆ ଘୋଷଣା କରିଥିଲେ।

ପ୍ରଦୀପ୍ତ ବେହେରା ଜିଲ୍ଲା ସାଧାରଣ ସମ୍ପାଦକ, ଉପସଭାପତି ଭାବେ ସାନପାଟଣା ଅଞ୍ଚଳରୁ ହରି ଚେଲାବେରି, ଅସ୍ତରଙ୍ଗରୁ ଅମରେଶ୍ୱର ବେହେରା, କୋଣାର୍କ ଚନ୍ଦ୍ରଭାଗାରୁ ଗଙ୍ଗିର ଶ୍ରୀନିବାସ, ଗୌଡ଼ବାଡ଼ ସାହିରୁ ରାମ ବେହେରା, ଚକ୍ରତୀର୍ଥ ନୂଆସାହିରୁ ଚନ୍ଦ୍ର ନାରାୟଣ, ପେଣ୍ଠକଟାରୁ କନ୍ଦଳ ତାତାରାଓ, ବାଲି ନୋଳିଆ ସାହିରୁ ଜେ. ଭାରତୀଙ୍କୁ ଚୟନ କରାଯାଇଥିଲା। ଜିଲ୍ଲାର ସମସ୍ତ ନଦୀ ଓ ସାମୁଦ୍ରିକ ତଟ ଅଞ୍ଚଳରୁ ପ୍ରାୟ ୩୫ ଜଣଙ୍କୁ ଏକ୍‌ଜିକ୍ୟୁଟିଭ୍ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ସେହିପରି କେ. ଭଗବାନଙ୍କୁ ଜିଲ୍ଲା କୋଷାଧ୍ୟକ୍ଷ, ସିଦ୍ଧାର୍ଥ ରାୟ, ଏନ୍. ଦୀନବନ୍ଧୁ ରାଓ ଏବଂ ଅର୍ଜୁନ ବେହେରାଙ୍କୁ ୟୁନିଅନ ପରାମର୍ଶଦାତା ଭାବେ ଗ୍ରହଣ କରାଯାଇଛି।

ଏହି ଅବସରରେ ପୂର୍ବତନ ଜିଲ୍ଲା ୟୁନିଅନ ସମ୍ପାଦକ ବ୍ରଜସୁନ୍ଦର ବେହେରାଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯିବା ସହିତ ତାଙ୍କ ପରିବାରବର୍ଗଙ୍କୁ ଜିଲ୍ଲା ୟୁନିଅନ ତରଫରୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଥିଲା। ପୁରୀ ଜିଲ୍ଲାରେ ହେବାକୁ ଥିବା ୬ଟି ଏଫ୍‌ଏଲ୍‌ସି, ମତ୍ସ୍ୟ ବଜାର ଓ ଜେଟି ନିର୍ମାଣ କାର୍ଯ୍ୟ ୪ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ କାର୍ଯ୍ୟରେ କଚ୍ଛପ ଗତି ଓ ପ୍ରଶାସନିକ ଉଦାସିନତା ପାଇଁ ରାଜ୍ୟ କର୍ମକର୍ତ୍ତା ଓ ନବ ନିର୍ବାଚିତ ପ୍ରତିନିଧିମାନେ ବିରକ୍ତି ପ୍ରକାଶ କରିଥିଲେ। ଏଥିସହିତ ଆଗକୁ ଆଲୋଚନା ନୁହେଁ ରାଜରାସ୍ତାକୁ ଓହ୍ଲାଇବା ପାଇଁ ୟୁନିଅନ ତରଫରୁ ନିଷ୍ପତ୍ତି ନିଆଯାଇଥିଲା।

### କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ବାର୍ଷିକୋତ୍ସବ

## 'କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର'



ପୁରୀ,୧୭।୫(ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ବାର୍ଷିକୋତ୍ସବ ରବିବାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର ଓ ଡ. ଗଣେଶ ଦାସଙ୍କ ସହଯୋଗିତାରେ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ପୂର୍ବତନ ଔଷଧ ନିରୀକ୍ଷକ ଡ. ନୀଳମାଧବ ଦାଶ ମୁଖ୍ୟଅତିଥି, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗ ବରିଷ୍ଠ ଡାକ୍ତର ସୂର୍ଯ୍ୟ ନାରାୟଣ ମିଶ୍ର ମୁଖ୍ୟବକ୍ତା, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ଦାଶ ସ୍ୱତନ୍ତ୍ର ଅତିଥି ଏବଂ ଅନୁଷ୍ଠାନର ଚେୟାରପର୍ସନ ଅନିମା ଦାଶ ଯୋଗଦେଇ ନିଜର ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଉପଦେଶ ଦେବା ସହିତ ସେମାନଙ୍କ ଭବିଷ୍ୟତ ମଙ୍ଗଳ କାମନା କରିଥିଲେ। କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର ବୋଲି ମତ ରଖିଥିଲେ। ଅଧ୍ୟକ୍ଷ ବର୍ଷତମାମ ମହାବିଦ୍ୟାଳୟରେ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହିତ ପୂର୍ବରୁ କରାଯାଇଥିବା ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଫାର୍ମାସୀ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ତ୍ରୟୋମାସିକ ସୂଚନା ପତ୍ରିକା 'ନ୍ୟୁଜ୍ ଲେଟର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକୋତ୍ସବକୁ ମହାବିଦ୍ୟାଳୟର ଅଧ୍ୟାପିକା ସୁନୀତା ମିଶ୍ର, ଅଧ୍ୟାପକ ଅସିତ୍ କୁମାର ଷଡ଼ଙ୍ଗୀ, ସିଦ୍ଧେଶ୍ୱର ପାଟ୍ଟଯୋଶୀ, ବସନ୍ତ କୁମାର ବେହେରା, ଅନୁପ କୁମାର ପାତ୍ର ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ସୁପରିଚାଳନା କରିଥିଲେ।

# ମାଟ୍ରିକ୍ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଖଣ୍ଡପଡ଼ା,୧୭।୫(ସମିସ): ଖଣ୍ଡପଡ଼ା ବ୍ଲକ୍ ବନମାଳିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଜିତ କୁମାର ତ୍ରିପାଠୀଙ୍କୁ ଅଞ୍ଜଳି ମିଶ୍ର ସ୍ମୃତି ପୁରସ୍କାର-୨୦୨୬ ପ୍ରଦାନ କରାଯାଇଛି। ସହରାଞ୍ଚଳସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ତଥା ରାଜାସାହେବ ସିଦ୍ଧାର୍ଥ ଶେଖର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ ଏହି ପୁରସ୍କାରକୁ ଛାତ୍ର ଅଜିତ୍‌ଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ୍ ଗୋପୀନାଥ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ରାଉତ, ଶିକ୍ଷକ ରମେଶ କୁମାର ସାହୁ, ଆଞ୍ଚଳିକ ସାମ୍ବାଦିକ ସଂଘ ସମ୍ପାଦକ ଭବାନୀଶଙ୍କର ସିଂହସାମନ୍ତ ଏବଂ ସ୍ୱର୍ଗତ ଅଞ୍ଜଳି ମିଶ୍ରଙ୍କ ସୁପୁତ୍ର ବରିଷ୍ଠ ସାମ୍ବାଦିକ ତଥା ସୁସାହିତ୍ୟିକ ଦିଲ୍ଲୀପ ମିଶ୍ର ମଞ୍ଚାସୀନ ରହିବା ସହିତ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓକିଲ ସଂଘ ସଭାପତି ସଂଗ୍ରାମ କେଶରୀ ମିଶ୍ର, ଖଣ୍ଡପଡ଼ା ସାମ୍ବାଦିକ ସଂଘ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

● କିଶୋର ପ୍ରସାଦ ପ୍ରିମିୟର ଲିଗ୍

# ଡିଫେଣ୍ଡିଂ ୱାରିୟର ବିଜୟୀ



ଗଣିଆ,୧୭।୫(ସମିସ): ଗଣିଆ ବ୍ଲକ୍ କିଶୋର ପ୍ରସାଦଠାରେ ମହାନଦୀ ପବ୍ଲିକ୍ ସ୍କୁଲ ପ୍ରାୟୋଜିତ କିଶୋର ପ୍ରସାଦ ପ୍ରିମିୟର ଲିଗ୍‌ର ଏକ ମ୍ୟାଚ୍‌ରେ ରବିବାର ପରସ୍ପରକୁ ଭେଟିଥିଲେ ଡିଫେଣ୍ଡିଂ ୱାରିୟର ବନାମ ଫାୟାର ୧୧। ପ୍ରଥମେ ବ୍ୟାଟିଂ କରି ଡିଫେଣ୍ଡିଂ ୱାରିୟର ଦଳ ୧୦ ଓଭରରେ ୭ ୱିକେଟ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲେ। ଜବାବରେ ଫାୟାର-୧୧ ଦଳ ୧୦ ଓଭରରେ ୧୦୮ ରନ୍ କରି ମ୍ୟାଚ୍ ହାରିଯାଇଥିବା ବେଳେ ଡିଫେଣ୍ଡିଂ ୱାରିୟର ବିଜୟ ଲାଭ କରିଥିଲା। ଦଳର ସୁଶାନ୍ତ କୁମାର ସ୍ୱାଇଁ ଧୂଆଁଧାର ଅର୍ଦ୍ଧଶତକ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଗଣିଆ ପ୍ରେସ୍ କ୍ଲବ୍‌ର ସଭାପତି ଦେବୀ ପ୍ରସାଦ ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଜ୍ଞାନିପ୍ରକାଶ ସେନାପତି ଉପସ୍ଥିତ ଥିଲେ। ମ୍ୟାଚ୍ ପରିଚାଳନା କରିଥିଲେ ଆଲୋକ କୁମାର ରାଉତ ଓ ବଳରାମ ଗୋଛି। ଗ୍ରାମର ନବକିଶୋର ସେନାପତି, ଚନ୍ଦନ ରାଉତ, ବିଶ୍ୱରଞ୍ଜନ ବେହେରା ଓ ସୁଶାନ୍ତ କୁମାର ସ୍ୱାଇଁ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ବଜ୍ରପାତରେ ନାବାଳିକା ମୃତ

ଗଣିଆ,୧୭।୫(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ଅନ୍ତର୍ଗତ ବଡ଼ମୂଳ ଗ୍ରାମର ଜଣେ ନାବାଳିକଙ୍କର ରବିବାର ବ୍ରଜପାତରେ ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ହେଲେ ସୁରେଶ ସାହୁଙ୍କ ଝିଅ ସୁଭଦ୍ରା ସାହୁ। ସେ ରବିବାର ଅପରାହ୍ଣରେ ଘର ପଛକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ସେହି ସମୟରେ ବର୍ଷା ପବନ ଆସିଥିଲା। ବ୍ରଜପାତରେ ନାବାଳିକା ଜଣକ ଗୁରୁତର ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଆମ୍ବୁଲାନ୍ସ ପହଞ୍ଚି ପାରି ନ ଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସରକାରୀ ବସ୍‌ରେ ଡାକ୍ତରଖାନାକୁ ଅଣାଯାଇଥିଲା। ଫଳରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗଣିଆ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରିଛି। ସୋମବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

**ମିଳିଲାନି ଆମ୍ବୁଲାନ୍ସ; ବସ୍‌ରେ ଆଣିଲେ ସମ୍ପର୍କୀୟ**

# ବଧୂହତ୍ୟା ଅଭିଯୋଗ; ସ୍ୱାମୀ ଗିରଫ

ଭାପୁର,୧୭।୫(ସମିସ): ଦୁଇ ମାସ ପୂର୍ବେ ବିବାହ କରିଥିବା ଜଣେ ନବବଧୂ ଚାଉଳ ପୋକମରା ଔଷଧ ଖାଇ ପ୍ରାଣ ହରାଇଛନ୍ତି। ଫତେଗଡ଼ ଥାନା ବଡ଼ସହରା ପଞ୍ଚାୟତ ସାନସହରା ଗ୍ରାମର ଅଗାଧୁ ବେହେରାଙ୍କ ସାନପୁଅ ପ୍ରଭାତ ବେହେରା ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଠାରଙ୍ଗ ଗ୍ରାମର ବଳରାମ ବେହେରାଙ୍କ ଝିଅ ସ୍ୱର୍ଣ୍ଣଲତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପାରିବାରିକ କଳହରୁ ସ୍ୱର୍ଣ୍ଣଲତା ଗୁରୁବାର ଘରେ ଥିବା ଚାଉଳରେ ଦିଆଯାଉଥିବା ପୋକମରା ବିଷ ଖାଇ ଦେଇଥିଲେ। ତାଙ୍କୁ ପ୍ରଥମେ ଭାପୁର ଓ ପରେ ଭୁବନେଶ୍ୱରରେ ଚିକିତ୍ସା କରିବା ସମୟରେ ଶୁକ୍ରବାର ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ସ୍ୱର୍ଣ୍ଣଲତାଙ୍କ ବାପା ବଳରାମ ବେହେରା ତାଙ୍କ ଝିଅକୁ ଅଧିକ ଯୌତୁକ ପାଇଁ ହତ୍ୟା କରାଯାଇଛି ବୋଲି ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଫତେଗଡ଼ ଥାନାରେ ୧୪୯/୨୬ରେ ଏକ ମାମଲା ରୁଜୁ ହୋଇ ସ୍ୱାମୀ ପ୍ରଭାତଙ୍କୁ ପୁଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

# ଗାଁ ଗାଁରେ ଫୁଟୁଛି ଡିନାମାଇଟ୍





ନୟାଗଡ଼,୧୭।୫(ସମିସ)

ଯାଜପୁର ପରେ ନୟାଗଡ଼ ଏବେ ଦ୍ୱିତୀୟ ସ୍ଥାନରେ ରହିବ। ବେଆଇନ ପଥର ଖଣି, ବେଆଇନ କ୍ରସର, ମାଙ୍କଡ଼ା ପଥର ଖଣି, ବେଆଇନ ବାଲିଘାଟ କରି ମାଫିଆରାଜ୍ ଆରମ୍ଭ ହୋଇଛି। ନୟାଗଡ଼ ଖଣିଅଧିକାରୀଙ୍କ ନିଷ୍କ୍ରିୟତାର ସୁଯୋଗ ନେଇ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ବୃଦ୍ଧି ପାଇଛି। ଓଡ଼ଗାଁଠାରୁ ଖଣ୍ଡପଡ଼ା, ରଣପୁରଠାରୁ ଦଶପଲ୍ଲା ସବୁଠି ଚାଲିଛି ମାଫିଆରାଜ୍। ଖଣି ଖାଦାନରୁ ମାସିକ ଚାନ୍ଦା ନେଇ ନେତାମାନେ ଅୟସରେ ବୁଲୁଥିବାବେଳେ ଏବେ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିବା ଆରମ୍ଭ ହୋଇଛି। ଓଡ଼ଗାଁରେ ମାଙ୍କଡ଼ା ପଥର ଖଣି କାରବାରକୁ ନେଇ ହତ୍ୟାକାଣ୍ଡ ଘଟଣାରେ ସମସ୍ତ ଅଭିଯୁକ୍ତ ଗିରଫ ହୋଇ ନ ଥିବାବେଳେ ଚାନ୍ଦପୁରରେ କଳାମୁଗୁନି ପଥର ଖାଦାନରୁ କ୍ରସର ମାଲିକଙ୍କ ପୁଅର ଶବ ମିଳିବା ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲା ରଣପୁର ତହସିଲ୍ ଅଧୀନରେ ସାଧାରଣ ନିର୍ବାଚନ ପରେ ୧୭ରୁ ଊର୍ଦ୍ଧ୍ୱ ବେଆଇନ ପଥର ଖଣି ଆରମ୍ଭ ହୋଇଥିବାବେଳେ କିଏ ଏହାର ପୃଷ୍ଠପୋଷକ ବୋଲି ଆଲୋଚନା ହେଉଛି। ଜଣେ ବ୍ୟାଗ୍ ବାବୁ ଏବଂ ଜଣେ ନେତ୍ରୀଙ୍କ ମାର୍ଫତ୍‌ଦ୍ୱାରରେ ଚାଲୁଛି ଏହି ବେଆଇନ ପଥର ଖାଦାନ ବୋଲି ଅଭିଯୋଗ ହେଉଛି। ଖୋଦ୍ ବିଜେପି ଦଳର କିଛି ବରିଷ୍ଠ ନେତା ବ୍ୟାଗ୍ ବାବୁଙ୍କ ସମ୍ପର୍କରେ ବାରମ୍ବାର ସୋସିଆଲ ମିଡିଆରେ ପ୍ରଶ୍ନ ଉଠାଉଛନ୍ତି। କିଏ ଏହି ବ୍ୟାଗ୍ ବାବୁ ଏବଂ କିଏ ଏହି ନେତ୍ରୀ, ଯିଏ କି ବେଆଇନ ଖଣି କାରବାରକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲ୍ଲା ରଣପୁର ତହସିଲ୍ ଅଧୀନରୁ ଏଭଳି ଚିତ୍ର ସାମ୍ନାକୁ ଆସିଛି।

ନୟାଗଡ଼ ଜିଲ୍ଲାରେ ଯେତିକି ଖଣି ନାହିଁ, କେବଳ ରଣପୁର ତହସିଲ୍ ଅଧୀନରେ ତାହାଠାରୁ ଅଧିକ ବେଆଇନ ଖଣି ଆରମ୍ଭ ହୋଇଛି। ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ରହିଥିବା ଜଙ୍ଗଲ ପାହାଡ଼କୁ ଛାର୍‌ଖାର୍ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ରଣପୁର ତହସିଲ୍ ଅଧୀନରେ ୧୭ଟି ବେଆଇନ ଖଣି କିଛି ମାସ ହେବ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଯାହା ୨୪ ବର୍ଷ ସରକାରରେ ହୋଇ ନ ଥିଲା, ତାହା ଦୁଇ ବର୍ଷର ସରକାର ସମୟରେ ହୋଇଛି। ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ କରିବା ପାଇଁ ସୁନିଶ୍ଚିତ ଷଡ଼ଯନ୍ତ୍ର କରାଯାଇଛି। ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ମାଫିଆ ଏହି ବେଆଇନ ଖଣି ଚଳାଉଥିବା ବେଳେ ଏସବୁକୁ ଜଣେ ବ୍ୟକ୍ତି ନିୟନ୍ତ୍ରଣ କରୁଥିବା ଅଭିଯୋଗ ହୋଇଛି। ରଣପୁର ତହସିଲ୍ ଅଧୀନସ୍ଥ ଲୋଧାଚୁଆ ପଞ୍ଚାୟତରେ ଏକାଧିକ ବେଆଇନ ପଥର ଖଣି ରହିଛି। ସେହିଭଳି ଭାବେ ସୁନାଖଳା ପଞ୍ଚାୟତରେ ମଧ ଏକାଧିକ ପଥର ଖଣିରୁ ବ୍ଲାଷ୍ଟିଂ କରି ପଥର ଚୋରା ଚାଲାଣ ହେଉଛି। ନରେନ୍ଦ୍ରପୁର ପଞ୍ଚାୟତରେ ମଧ୍ୟ ଏକାଧିକ ସ୍ଥାନରେ ପଥର ଖଣି ଚାଲୁଛି। ସେହିଭଳି ଭାବେ ମଝିଆଖଣ୍ଡ ନିକଟସ୍ଥ ବାଉରୀବନ୍ଧ ପାହାଡ଼, ଜଙ୍କିଆ ନିକଟସ୍ଥ ନୂଆପଡ଼ା ବନ୍ଧଖୋଲରେ ମଧ ବେଆଇନ ପଥର ବ୍ଲାଷ୍ଟିଂ ହେଉଛି। ରାଇପଡ଼ା ପଞ୍ଚାୟତର ଏକାଧିକ ସ୍ଥାନରେ ପଥର ଖଣି ଚାଲୁଥିବାବେଳେ ଅର୍ଜ୍ଜୁନପୁରରେ ବ୍ଲାଷ୍ଟିଂ ସାଧାରଣ ଲୋକଙ୍କୁ ଭୟଭୀତ କରୁଥିବା ଅଭିଯୋଗ ହୋଇଛି। ଚମ୍ପାପେଡ଼ି ପଞ୍ଚାୟତରେ ଦୁଇଟି ବେଆଇନ ପଥର ଖଣି ଚାଲୁଛି। ରଣପୁର ତହସିଲ ଅଧୀନରେ ୧୭ରୁ ଊର୍ଦ୍ଧ୍ୱ ବେଆଇନ ପଥର ଖଣି ଏବଂ ସଂଖ୍ୟାଧିକ ମାଙ୍କଡ଼ା ପଥର ଖଣି ମାଫିଆଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି। ଏଭଳି ସ୍ଥିତି ଦ୍ୱାରା ଆଗାମୀ ଦିନରେ ରଣପୁର ଅଞ୍ଚଳର ପାହାଡ଼ ଓ ସବୁଜିମା ନଷ୍ଟ ହେବା ସହ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ନିଶ୍ଚିତ ବୋଲି ଅଭିଯୋଗ ହେଉଛି। ପ୍ରତ୍ୟେକ ଖଣିରେ ବେଆଇନ ଭାବେ ବିସ୍ଫୋରଣ ବ୍ୟବହାର ଦ୍ୱାରା ଜନଜୀବନ ବିପଦ ମଧ ଠେଲି ହୋଇଯାଉଛି। ଏହାକୁ ନିୟନ୍ତ୍ରଣ କରିବାକୁ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

- ନେତ୍ରୀଙ୍କ ଛତ୍ରଛାୟାରେ ଖଣି ମାଫିଆ
- ରଣପୁରରେ ୧୭ରୁ ଊର୍ଦ୍ଧ୍ୱ ବେଆଇନ ପଥର ଖଣି
- ଖଣି ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ
- ଗୋଟିଏ ପରେ ଗୋଟିଏ ଗଡୁଛି ମୁଣ୍ଡ

# ବର୍ଜ୍ୟବସ୍ତୁ ପରିଚାଳନା ଗୃହ ନିର୍ମାଣରେ ଅନିୟମିତତା



ନୂଆଗାଁ,୧୭।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ହରିପୁର ପଞ୍ଚାୟତରେ ଦୁର୍ନୀତିର ଗନ୍ଧ ଦେଖିବାକୁ ମିଳିଛି। ପୂର୍ବରୁ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ଚାରିବର୍ଷ ହେବ ସହାୟତା ପାଇପାରୁ ନ ଥିବାରୁ ସେହି ପଞ୍ଚାୟତ ସମିତିସଭ୍ୟ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେ ଧାରଣାରେ ବସିବା ପରେ ଲୋକେ ସୁବିଧା ପାଇଥିଲେ। ଏବେ ଆଉ ଏକ ମହାଦୁର୍ନୀତି ଅଭିଯୋଗ ଆସିଛି ଗାଁ ମୁଣ୍ଡରେ ନିର୍ମାଣ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ଗୃହ ନିର୍ମାଣରେ। ଘର କାର୍ଯ୍ୟ ସରିଥିବାବେଳେ ସୂଚନାଫଳକ ଲେଖିବା ବେଳକୁ କାନ୍ଥ ଫାଟି ଭୁଶୁଡ଼ିବାକୁ ବସିଲାଣି।

ଅଭିଯୋଗ ଅନୁଯାୟୀ, ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଥିବାବେଳେ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ପଞ୍ଚାୟତ ପାଣ୍ଠିରୁ ୭୫ ହଜାର, ବ୍ଲକ୍ ସ୍ୱଚ୍ଛ ଓ ପରିମଳ ବିଭାଗ ୭୫ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଲୋକଦେଖାଣିଆ ଭାବେ କାର୍ଯ୍ୟ କରି ଟଙ୍କା ହରିଲୁଟ୍ କରିବାର ଏକ ମାଧ୍ୟମ ବୋଲି ଅଞ୍ଚଳବାସୀ ଆଲୋଚନା କରୁଛନ୍ତି। କାରଣ କାର୍ଯ୍ୟ ସରିବାର ଦୁଇଦିନ ବିତି ନ ଥିବାବେଳେ ବିଲ୍ ପାଇଁ ଫଳକ ଲେଖିବାବେଳେ କାନ୍ଥ ଫାଟି ଭୁଶୁଡ଼ିବାକୁ ବସିଲାଣି। ନୂଆଗାଁ ବ୍ଲକ୍ ଅନ୍ତର୍ଗତ ହରିପୁର ପଞ୍ଚାୟତ ଶିଆରିମାଳ ଗାଁ ମୁଣ୍ଡରେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ନିର୍ମାଣ କରାଯାଇଛି। ନିର୍ମାଣ ଗୃହକୁ ଦେଖିଲେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଶିଯିବ ବୋଲି ଅନୁମାନ କରାଯାଉଛି। ଏଭଳି ଅନିୟମିତତାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ବିଷୟରେ ସ୍ଥାନୀୟ ସରପଞ୍ଚଙ୍କ ମତାମତ ନେବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଫୋନ୍ ଉଠାଇ ନ ଥିଲେ। ପରିମଳ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଜେଇ କାର୍ଯ୍ୟ କରୁଛନ୍ତି କିନ୍ତୁ ଏହାର ବିଲ୍ ହୋଇନାହିଁ। କିନ୍ତୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିଲ୍ ହୋଇଛି। ତେବେ ଏଠି ପ୍ରଶ୍ନ ଉଠୁଛି ପ୍ରକୃତରେ ଉକ୍ତ କାର୍ଯ୍ୟର ବିଲ୍ ହୋଇଛି ନା ନାହିଁ। ଏଠି କାହାର କଥା ଠିକ୍। ଏଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

**ହରିପୁର ପଞ୍ଚାୟତ**

● ସୁନାମୁହିଁ-କୁରାଳ ପୂର୍ତ୍ତ ବିଭାଗ ରାସ୍ତା

# ଗଦାହୋଇଛି ଚିପ୍ସ, ବାଲି; ଗମନାଗମନ ବାଧାପ୍ରାପ୍ତ

ଓଡ଼ଗାଁ,୧୭।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ସୁନାମୁହିଁ-କୁରାଳ ପୂର୍ତ୍ତ ବିଭାଗ ରାସ୍ତା ଉପରେ ବହୁ ପରିମାଣରେ ଚିପ୍ସ ଓ ବାଲି ଗଦା କରି ରଖାଯାଇଥିବାରୁ ଗମନାଗମନ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ରାସ୍ତାର ମଝି ଭାଗରେ ବଡ଼ ହାଇୱା ଯାନ ଦ୍ୱାରା ନିର୍ମାଣ ସାମଗ୍ରୀ ଗଦାଯାଇଥିବାରୁ ସାଧାରଣ ଲୋକମାନେ ଦୈନିକ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ବ୍ୟସ୍ତବହୁଳ ପୁରୁଣା ଓ ସଂକୀର୍ଣ୍ଣ ରାସ୍ତାଗୁଡ଼ିକୁ ପ୍ରଶସ୍ତୀକରଣ କରାଯାଇ ଲୋକଙ୍କ ଗମନାଗମନକୁ ସୁରକ୍ଷିତ ଓ ସୁବିଧାଜନକ କରାଯାଉଛି। ହେଲେ ଏହି ରାସ୍ତାରେ ବେଆଇନ ଭାବେ ଚିପ୍ସ ଓ ବାଲି ଗଦା କରାଯିବା ଫଳରେ ରାସ୍ତା ପ୍ରଶସ୍ତୀକରଣର ଉଦ୍ଦେଶ୍ୟ ବିଫଳ ହେଉଥିବା ସହ ଦୁର୍ଘଟଣାର ଆଶଙ୍କା ବଢ଼ିଛି। ବିଶେଷକରି ରାତି ସମୟରେ ଅନ୍ଧାରରେ ଯାତାୟାତ କରୁଥିବା ପଥଯାତ୍ରୀ ଓ ବାଇକ୍ ଆଦି ଯାନ ଚାଳକମାନଙ୍କ ପାଇଁ ଏହା ଏକ ବଡ଼ ବିପଦର କାରଣ ହୋଇପାରେ। ସ୍ଥାନୀୟ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ରାସ୍ତାର ଏଭଳି ମନୁଷ୍ୟକୃତ ଦୁରବସ୍ଥାକୁ ହଟାଇବା ପାଇଁ ଦାବି କରିଛନ୍ତି। ଏଭଳି ବେଆଇନ ରାସ୍ତା ଅବରୋଧକାରୀଙ୍କ ବିରୋଧରେ ନୋଟିସ୍ ଜାରି କରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଅନ୍ୟଥା ଅଜାଣତେ ଅନେକ ଧନଜୀବନ ନଷ୍ଟ ହେବାର ଆଶଙ୍କାକୁ ଏଡ଼ାଇ ହେବନାହିଁ।



# ଆମ୍ବେଦକର ସେବକ ସଂଘ ସାଧାରଣ ସଭା

ଖଣ୍ଡପଡ଼ା,୧୭।୫(ସମିସ): ଖଣ୍ଡପଡ଼ା ବ୍ଲକ୍ ଅଧୀନ କୋସ୍କା ପଞ୍ଚାୟତ ଅନ୍ତର୍ଗତ ଅଁଳାପଟାସ୍ଥିତ ଯୋଗୀ ଯୋଗିଆଣୀ ବୌଦ୍ଧ ପୀଠରେ ବୁଦ୍ଧପୂର୍ଣ୍ଣିମା ଅବସରରେ ଡ. ବି.ଆର୍. ଆମ୍ବେଦକର ସେବକ ସଂଘ ପକ୍ଷରୁ ଏକ ଭବ୍ୟ ସାଧାରଣ ସଭା ଓ ରାଜ୍ୟ ସଭାପତିଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ମନୋରଞ୍ଜନ ଜେନା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାବିତ୍ରୀ ବାଇକୁଲେ, ମହିଳା ସଂଘ ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ସୁଜାତା ନାୟକ, ସାଧାରଣ ସମ୍ପାଦକ କ୍ଷୀରୋଦ ନାୟକ, ଉପଦେଷ୍ଟା ସୁବଳ ନାୟକ, ସଂଯୋଜକ ଚରଣ ନାୟକ, ପୁରୀ ଜିଲ୍ଲା ସଭାନେତ୍ରୀ ହରପ୍ରିୟା ଜେନା, ଗଣେଶ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଦୈତାରୀ ନାୟକ ସଭା ସଂଯୋଜନା କରିବା ସହ ସମାଜରେ ଆଇନଶୃଙ୍ଖଳାର ଅବନତି, ଶିକ୍ଷାର ଅଧୋପତନ, ବେରୋଜଗାରୀ ବୃଦ୍ଧି, ମହିଳା ସୁରକ୍ଷାର ଅଭାବ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ମୌଳିକ ଅଧିକାର ହରଣ ଗୁରୁତ୍ୱର ଚିନ୍ତାର ବିଷୟ ବୋଲି କହିଥିଲେ। ଏ ପରିସ୍ଥିତିରେ ବୌଦ୍ଧିକ ଚିନ୍ତାଧାରା, ଶିକ୍ଷା ଓ ସଂଘର୍ଷ ମାଧ୍ୟମରେ ଏକ ସୁସ୍ଥ, ସମତାମୂଳକ ଓ ସନ୍ତୁଳିତ ସମାଜ ଗଠନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ। ସମଗ୍ର ରାଜ୍ୟରେ ମହିଳା, ଅନୁସୂଚିତ ଜାତି ଓ ଜନଜାତିଙ୍କ ଅଧିକାର ପାଇଁ ଶିକ୍ଷା, ସଚେତନତା ଓ ଆନ୍ଦୋଳନ ମାଧ୍ୟମରେ କାମ କରିବାକୁ ସଂକଳ୍ପ ଗ୍ରହଣ କରାଯାଇଥିଲା।

# ବିମୋହିତ କଲା 'ବିଚାର ପଥର'



ନୟାଗଡ଼,୧୭।୫(ସମିସ): ତୃତୀୟ ନୟନ ଆନୁକୂଲ୍ୟରେ ରବିବାର ନାଟକ 'ବିଚାର ପଥର' ମଞ୍ଚସ୍ଥ ହୋଇଛି। ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ଏହି ନାଟକ ଦର୍ଶକଙ୍କୁ ବିମୋହିତ କରିଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇଥିଲେ। ବିଶିଷ୍ଟ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ରଙ୍କ ରଚିତ ଏହି କାହାଣୀକୁ ଗଦାଧର ନନ୍ଦ ନାଟ୍ୟରୂପ ଓ ନିର୍ଦ୍ଦେଶନା ଦେଇଥିଲେ। କବି ଗୋପୀନାଥ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଭଗବତୀ ଚରଣ ପଟ୍ଟନାୟକ, ନାଟ୍ୟ ଭୂଷଣ ଡ. ବିଜୟ କୁମାର ଚୌଧୁରୀ, ପବିତ୍ର କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିକୁ ନେଇ ରଚିତ ଏହି ନାଟକକୁ ନେଇ ଗଦାଧର ନନ୍ଦ ଆଲୋଚନା ରଖିଥିଲେ। ସାବିତ୍ରୀ ଅମାବାସ୍ୟାରେ ଘଟଣାରୁ ନାଟକ ଆରମ୍ଭ, ଏଣୁ ଆଜି ଏହି ନାଟକ ମଞ୍ଚସ୍ଥ ବୋଲି କହିଥିଲେ। ଏହି ନାଟକରେ ପ୍ରଦୀପ୍ତ ରଥ, ଗୋପୀନାଥ ସେଠୀ, ଦେବେନ୍ଦ୍ର ପରମଗୁରୁଙ୍କ ସମେତ ବହୁ କଳାକାର ଅଭିନୟ କରିଥିଲେ। ଗୋଟିଏ ପୁଲିସ ପରିବାରର କାହାଣୀକୁ ନେଇ ନାଟକ ବେଶ୍ ଆକର୍ଷଣୀୟ ହୋଇଥିଲା।

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଗଡୁଛି ମୁଣ୍ଡ; ପୁଲିସ ପ୍ରତି ନାହିଁ ଡର

# ୮ ବର୍ଷ ହେଲା ଫୁଟିନି ପୁଲିସ ବନ୍ଧୁକ

ନୟାଗଡ଼,୧୭।୫(ସମିସ)

ନୟାଗଡ଼ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଭୟାନକ ସ୍ଥିତିରେ ପହଞ୍ଚିଛି। ଅପରାଧୀମାନେ ଅପରାଧ କରିବାକୁ ଆଦୌ ଭୟ କରୁନାହାନ୍ତି। ପୁଲିସ ପ୍ରତି ଲୋକଙ୍କ ମନରେ ଥିବା ଭୟ ଧୀରେ ଧୀରେ ଦୂରେଇ ଯାଉଛି। ପୁଲିସ୍ ଅଧିକାରୀ ଏବେ ରାଜସ୍ୱ ବିଭାଗ ଅଧିକାରୀଙ୍କ ଭଳି କାଗଜ ଚାଷ କରୁଛନ୍ତି। ପୁଲିସ ଉପରେ ଲାଗିଥିବା କିଛି ଅଲିଖିତ ଅଙ୍କୁଶ ପାଇଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ନା ପୁଲିସ କାହାକୁ ମାଡ଼ମାରି ପାରୁଛି ନା ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁଛି। ଅଭିଯୁକ୍ତ ଯଦି ଶାସକ ଦଳର ହେଲା, ତେବେ କର୍ମୀଙ୍କଠାରୁ ନେତା ପର୍ଯ୍ୟନ୍ତ ପୁଲିସ ଉପରେ ଚାପ ସୃଷ୍ଟି କରୁଛନ୍ତି। ନୟାଗଡ଼ ଜିଲ୍ଲାରେ ୨୦୧୮ରେ ଶେଷ ଥର ପାଇଁ ଏନ୍‌କାଉଣ୍ଟର ହୋଇଥିଲା। ନବଘନପୁରଠାରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ଟାଉନ୍ ଥାନା ପୁଲିସ ଗୁଳି କରିଥିଲା। ଏହା ପରଠାରୁ ୮ ବର୍ଷ ହେଲା ଆଉ ନୟାଗଡ଼ ପୁଲିସ ଗୋଟିଏ ବି ଏନ୍‌କାଉଣ୍ଟର କରିନାହିଁ। ଫଳରେ ଚୋର, ଡକାୟତ, ହତ୍ୟାକାରୀଙ୍କ ସାହସ ବଢ଼ିବାରେ ଲାଗିଛି।



ନୟାଗଡ଼ ଜିଲ୍ଲାରେ ସପ୍ତାହକ ମଧ୍ୟରେ ୩ଟି ହତ୍ୟାକାଣ୍ଡ ଲୋକଙ୍କୁ ଆଶା ଓ ଆଶଙ୍କା ମଧ୍ୟକୁ ଠେଲି ଦେଇଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଗତ ରବିବାର ବିଳମ୍ବିତ ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଖଣି ମାଫିଆମାନେ ଅଜିତ୍ କୁମାର ସାହୁଙ୍କୁ ହାଣି ହତ୍ୟା କରିଥିଲେ। ସେହି ରାତିରେ ଗଣିଆ ଥାନା ବାଲିସାହି ନିକଟରେ ସଞ୍ଜୟ ପ୍ରଧାନ ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ସୋମବାର ସନ୍ଧ୍ୟାରେ ଦରପୋଡ଼ା ଶବ ଉଦ୍ଧାର ହୋଇଥିଲା। ଓଡ଼ଗାଁ ଘଟଣାର ମାଷ୍ଟରମାଇଣ୍ଡମାନେ ଏବେ ବି ଫେରାର୍ ରହିଥିବାବେଳେ ଗଣିଆ ହତ୍ୟାକାଣ୍ଡର ଖିଅ ପୁଲିସ ପାଇପାରୁନାହିଁ। ଏଭଳି ସ୍ଥିତିରେ ରବିବାର ଆଉ ଏକ ଜଘନ୍ୟ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଚାନ୍ଦପୁର ଥାନା ରାଇପଡ଼ା ପଥର ଖାଦାନରୁ କ୍ରସର ମାଲିକ ନକୁଳ ପାଟଶାଣୀଙ୍କ ପୁଅ ପ୍ରତାପ ପାଟଶାଣୀଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଏହି ହତ୍ୟାକାଣ୍ଡ ମଧ ଖଣି ଓ କ୍ରସର କାରବାରକୁ ନେଇ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଜିଲ୍ଲା ପୁଲିସ ବରିଷ୍ଠ ଅଧିକାରୀମାନେ ଚାପଗ୍ରସ୍ତ ହେଉଥିବାବେଳେ ଅପରାଧୀଙ୍କ ଅପରାଧ ଚରମ ସୀମା ଅତିକ୍ରାନ୍ତ କରିଛି। ନୟାଗଡ଼ ପୁଲିସ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣୁ ବୋଲି ବିଜୁ ଜନତା ଦଳ ଦାବିପତ୍ର ପ୍ରଦାନ କରିଛି। ନଚେତ୍ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରଉ କରିବ ବୋଲି ଚେତାବନୀ ଦେଇଛି। ସେହିଭଳି ଭାବେ ଜିଲ୍ଲା କଂଗ୍ରେସ ଏସ୍‌ପିଙ୍କ ବଦଳି ଦାବି କରିଛି। ନୟାଗଡ଼ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ନୟାଗଡ଼ ଏସ୍‌ପିଙ୍କ ପାଇଁ ଆହ୍ୱାନ ପାଲଟିଛି। ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ଆଜି ଆଗତ ହେବ ଅନାସ୍ଥା ପ୍ରସ୍ତାବ

# ଅଠାକାଠିରେ ବ୍ଲକ୍ ଅଧ୍ୟକ୍ଷ କିଶୋର

ନୟାଗଡ଼,୧୭।୫(ସମିସ): ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଏବେ ଅଠାକାଠିରେ ଛନ୍ଦି ହୋଇଛନ୍ତି। ସେ ବିଜେଡିରୁ ଗତ ୧୨ ତାରିଖରେ ଇସ୍ତଫା ଦେଲେ। ୧୫ ତାରିଖ ସନ୍ଧ୍ୟାରେ ବିନା ଆଟବାଟରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମିଶିଲେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କଲେ। ନୟାଗଡ଼ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନସିର ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ଯେଉଁ ଢଙ୍ଗରେ ହେବ ବୋଲି ଅନୁମାନ କରାଯାଉଥିଲା; ସେଭଳି ହୋଇ ନ ଥିଲା। ଆଗାମୀ ଦିନରେ ବହୁ ସଂଖ୍ୟାରେ ଲୋକଙ୍କୁ ନେଇ ସେ ବିଜେପିରେ ମିଶାଇବେ ବୋଲି କହୁଥିବାବେଳେ ବାସ୍ତବତା କିନ୍ତୁ ଭିନ୍ନ ଆଡ଼କୁ ଗତି କରୁଛି। କିଶୋରଙ୍କୁ ଘେରିବାକୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ରଣନୀତିକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ନୟାଗଡ଼ ବ୍ଲକ୍‌ର ୪୫ ଜଣ ସରପଞ୍ଚ ଓ ସମିତିସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଅନାସ୍ଥା କାଗଜ ପ୍ରସ୍ତୁତି ସରିଥିବାବେଳେ ସୋମବାର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ଏକ ପ୍ରକାଶ ନିଶ୍ଚିତ ହୋଇଛି। ଏକୁଟିଆ ତରବରିଆ ଭାବେ ବିଜେପିରେ ମିଶିଥିବା ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡି ଛାଡ଼ିଥିବାବେଳେ ବାସ୍ତବତାକୁ ନେଇ ଏବେ ନୟାଗଡ଼ରେ ପ୍ରବଳ ଚର୍ଚ୍ଚା ହେଉଚି।

କିଶୋର ନିଜର ପରିବହନ ବ୍ୟବସାୟ, ଗଜପତି ଜିଲ୍ଲା ମୋହନାରେ ଚାଲିଥିବା ବେଆଇନ କ୍ରସରକୁ ବଞ୍ଚାଇବା ପାଇଁ କୁଆଡ଼େ ବିଜେପି ଶରଣାଧୀନ ହୋଇଥିବା ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର କହିଛନ୍ତି। ନିଜର ସ୍ୱାର୍ଥ ଓ ବେପାର ସୁରକ୍ଷା ପାଇଁ ସେ ବିଜେପିରେ ମିଶିଥିବାବେଳେ ବିଜୁ ଜନତା ଦଳ ପ୍ରତି କରିଥିବା ବିଶ୍ୱାସଘାତକତା ତାଙ୍କ ପାଇଁ ଆଗାମୀ ଦିନରେ ପରିସ୍ଥିତି ଭୟଙ୍କର ହେବ ବୋଲି ଅନେକ ସରପଞ୍ଚ ମତ ଦେଇଛନ୍ତି। ୨୦୧୭ରେ ଭାଟସାହି ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା କିଶୋର ୨୦୨୨ରେ ଅରୁଣଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୨୯ ପଞ୍ଚାୟତରୁ ବିଜେଡି ସମର୍ଥିତ ସମିତିସଭ୍ୟମାନେ ନୟାଗଡ଼ ବିଧାୟକଙ୍କ ନିର୍ଦ୍ଦେଶରେ କିଶୋରଙ୍କୁ ବ୍ଲକ୍ ଅଧ୍ୟକ୍ଷ ଭାବେ ବାଛିଥିଲେ। ଏବେ କିଶୋରଙ୍କ ବିଜେଡି ଛାଡ଼ିବାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ନୟାଗଡ଼ ବ୍ଲକ୍‌ର ସରପଞ୍ଚ ଓ ସମିତିସଭ୍ୟ। ଦୁଇ ଦିନ ହେବ ବ୍ଲକ୍‌କୁ ଆସୁଥିବା ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ କିଶୋରଙ୍କୁ ଆଉ ଦେଖା କରୁନାହାନ୍ତି। ଦଳବଦଳ ରାଜନୀତିରେ ଏବେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଛି। ନୟାଗଡ଼ ବ୍ଲକ୍‌ରେ ସୃଷ୍ଟି ହୋଇଥିବା ଏହି ଘମାସାନ ପରିସ୍ଥିତି ପାଇଁ ବିଜେପି ଅଡୁଆରେ ପଡ଼ିଥିବାବେଳେ ବ୍ଲକ୍ ଅଧ୍ୟକ୍ଷ ମଧ ଅଡୁଆରେ ପଡ଼ିଛନ୍ତି।

**୬୦ ବର୍ଷ ପରେ ବି ଦୁର୍ଦ୍ଦଶା**

# ସାଲନ୍ଦୀ ଡ୍ୟାମ୍ ବିସ୍ଥାପିତଙ୍କୁ ମିଳୁନି ମୌଳିକ ସୁବିଧା



ହାଟଡିହୀ,୧୭।୫(ସମିସ)

କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅନ୍ତର୍ଗତ କଅଁଳେଇବାଲିପାଳ ଗ୍ରାମପଞ୍ଚାୟତର କଅଁଳେଇବାଲିପାଳ, ମଲ୍ଲିପଶି, ସରମୁଣ୍ଡି, ମୟୂରନଚା, ଭଅଁରା ଓ ରାଇଘାଟି ଗ୍ରାମବାସୀ ବିସ୍ଥାପିତ ହେବାର ଦୀର୍ଘ ୬୦ ବର୍ଷ ପରେ ମଧ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ମୋଟ୍ ୭ଟି ଗ୍ରାମରେ ୧୧ଟି ୱାର୍ଡ଼ ରହିଛି। ତାହା ମଧ୍ୟରୁ ଦୁଇଟି ୱାର୍ଡ଼କୁ ବାଦ୍ ଦେଲେ ୯ଟି ୱାର୍ଡ଼ରେ ପରିବାର ସଂଖ୍ୟା ୧୨୦୦ରୁ ଅଧିକ ରହିଥିବା ବେଳେ ଜନସଂଖ୍ୟା ୬୦୦୦ରୁ ଅଧିକ ରହିଛି। ତାହାମଧ୍ୟରୁ ଏହି ୯ଟି ୱାର୍ଡ଼ରେ ପ୍ରାୟ ୯୦ଭାଗ ଅନୁସୂଚିତ ଜନଜାତି ଶ୍ରେଣୀର ପରିବାର ବସବାସ କରନ୍ତି। ଏ ଅଞ୍ଚଳରେ ସାଲନ୍ଦୀ ନଦୀ ପ୍ରବାହିତ ହେଉଥିବାରୁ ୧୯୬୫ରେ ଏହି ନଦୀ ଉପରେ ଡ୍ୟାମ୍ ନିର୍ମାଣ କରିବାର ପ୍ରସ୍ତାବ ସରକାରଙ୍କ ତରଫରୁ ଆସିଥିଲା। ଏହି ଡ୍ୟାମ୍ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ସମସ୍ତ ପରିବାରଙ୍କୁ ଉଚିତ୍ ସ୍ଥାନକୁ ଥଇଥାନ୍ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ବସ୍ତି ବାସିନ୍ଦାଙ୍କ ରେକର୍ଡଭୁକ୍ତ ଜମିର ପଟ୍ଟା ସମସ୍ତେ ଫେରାଇବା ପାଇଁ ସରକାର ଗ୍ରାମ ମୁଖିଆଙ୍କ ଦ୍ୱାରା ଘୋଷଣା କରିଥିଲେ; ଯେଉଁମାନେ ରେକର୍ଡଭୁକ୍ତ ଜମିର ପଟ୍ଟା ନଫେରାଇବେ ସେମାନେ କୌଣସି ସରକାରୀ ସୁବିଧା ସୁଯୋଗ ପାଇପାରିବେ ନାହିଁ ବୋଲି କୁହାଯାଇଥିଲା। ଜମି ପଟ୍ଟା ଫେରସ୍ତ ପରେ ସରକାର ବାଲେଶ୍ୱର ଜିଲ୍ଲାର ନୀଳଗିରି ଅଞ୍ଚଳରେ ଥିବା ଦଳମା ନାମକ ଜଙ୍ଗଲ ଯାହା ବର୍ତ୍ତମାନ କୁଲଡ଼ିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଅଧୀନରେ ଆସୁଥିବା ଅଞ୍ଚଳରେ ସମସ୍ତଙ୍କୁ ଥଇଥାନ କରିବାର ପ୍ରସ୍ତାବ ସରକାରଙ୍କ ତରଫରୁ ଆସିଥିଲା। ବାଲେଶ୍ୱର ଜିଲ୍ଲାର ଚାଷୀମାନଙ୍କ ଚାଷଜମିକୁ ଜଳସେଚନ କରିବା ନିମନ୍ତେ ସାଲନ୍ଦୀ ନଦୀରେ ବନ୍ଧ ନିର୍ମାଣ କରିବାର ମୁଖ୍ୟ କାରଣ ଥିବାରୁ ସାଲନ୍ଦୀ ଡ୍ୟାମ୍ (ହଦଗଡ଼) ଦ୍ୱାରା ପ୍ରଭାବିତ ସମସ୍ତ ପରିବାରଙ୍କୁ ବାଲେଶ୍ୱର ଜିଲ୍ଲାରେ ଥଇଥାନ କରାଯିବାର ନିର୍ଦ୍ଦେଶ ସରକାରଙ୍କ ତରଫରୁ ଆସିଥିଲା। ଏହି ନିର୍ଦ୍ଦେଶକ୍ରମେ ଡ୍ୟାମ୍ ଦ୍ୱାରା ପ୍ରଭାବିତ ସମସ୍ତ ଗ୍ରାମର ମୁଖିଆମାନେ ସେ ଅଞ୍ଚଳକୁ ଯାଇ ସେ ସ୍ଥାନ ବିଷୟରେ ସମସ୍ତ ବିବରଣୀ ଗ୍ରାମବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରି ଗ୍ରାମବାସୀଙ୍କ ଆପତ୍ତି ଅଭିଯୋଗ ସରକାରଙ୍କୁ ଜଣାଇଥିଲେ। ସେହି ଅଞ୍ଚଳ ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ଥିବାରୁ ସେଠାରେ ଜନବସତି ସ୍ଥାପନ କରିବା ସମ୍ଭବ ନୁହେଁ। ଆଖପାଖରେ କୌଣସି ଜନବସତି କିମ୍ବା ହାଟ ବଜାର ନାହିଁ। ଝିଅ ପୁଅଙ୍କୁ ବିବାହ ଘର କରିବା ସମ୍ଭବ ନୁହେଁ। ସେହି ସମୟରେ ସେହି ଅଞ୍ଚଳଠାରୁ ୪୦ରୁ ୫୦ କି.ମି ହେବ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଓ ବାଲେଶ୍ୱର ଜିଲ୍ଲାର ଔପଦା, ଖଇରା ଆଦି ବଜାର ଉପରେ ନିର୍ଭର କରିବାକୁ ହେବ ବୋଲି ଦର୍ଶାଯାଇଥିଲା। ସେଥିପାଇଁ ସେ ଅଞ୍ଚଳ ପରିବର୍ତ୍ତନ କରି ଅନ୍ୟ ଉପଯୁକ୍ତ ସ୍ଥାନରେ ଥଇଥାନ କରିବାକୁ ପଞ୍ଚାୟତବାସୀ ନିଜର ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ସରକାର ସ୍ଥାନ ପରିବର୍ତ୍ତନ ସମ୍ଭବ ନୁହେଁ ପୁନର୍ବାର ବିଚାର ବିମର୍ଶ କରି ନିଷ୍ପତ୍ତି ନେବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ମଧ ପଞ୍ଚାୟତବାସୀ ନିଜର ମତ ପରିବର୍ତ୍ତନ ନକରିବାରୁ ସରକାର ଓ ପଞ୍ଚାୟତବାସୀଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଇଥିଲା ବୋଲି ସେହି ସମୟର ବୟସ୍କ ବ୍ୟକ୍ତିମାନେ ବୟାନ ଦିଅନ୍ତି। ସରକାର ପରବର୍ତ୍ତୀ ସମୟରେ କିଛି ପରିବାରଙ୍କୁ ସଙ୍କଟପାଳିଆ, ସିଆଡ଼ିମାଳିଆ, ରାଇଘାଟି ଓ ଫୁଲଝର ଗ୍ରାମରେ ଥଇଥାନ କରିଥିଲେ। ସମସ୍ତ ପରିବାରଙ୍କୁ ଉଚିତ୍ ସ୍ଥାନକୁ ଥଇଥାନ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ସେହି ସରଳ ବିଶ୍ୱାସ ପାଇଁ ବସ୍ତିବାସିନ୍ଦା ସମ୍ପୂର୍ଣ୍ଣ ସର୍ବହରା ହୋଇଯାଇଛନ୍ତି। ରାଜ୍ୟର ଉନ୍ନତି ପାଇଁ ଏ ଅଞ୍ଚଳର ସରଳ ଆଦିବାସୀମାନେ ଜଳ, ଜଙ୍ଗଲ ଓ ଜମି ହରାଇଲେ; ହେଲେ ଦୀର୍ଘ ୬୦ବର୍ଷ ପରେ ମଧ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ୍ ଓ ରାସ୍ତା ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବନ୍ୟପ୍ରାଣୀଙ୍କ ବାସସ୍ଥଳୀରେ ଜନବସତି ସ୍ଥାପନ ନକରି ଅନ୍ୟସ୍ଥାନ ପରିବର୍ତ୍ତନ କରିବାର ନିଷ୍ପତ୍ତି ଆମ୍ଭ ପୂର୍ବଜଙ୍କର ବିରାଟ ଭୁଲ ରହିଗଲା; ଯାହାକୁ ନେଇ ଆମ୍ଭମାନଙ୍କୁ ପିଢ଼ି ପରେ ପିଢ଼ି ବିତିଥିଲେ ସୁଦ୍ଧା ମୌଳିକ ସୁବିଧା ମିଳିପାରୁନି। ଏଥିପାଇଁ ଆମକୁ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରିବାକୁ ପଡୁଚି ବୋଲି ସେଠାକାର ବାସିନ୍ଦା କହିଛନ୍ତି।





ଦେଶ ସ୍ୱାଧୀନ ହେବାର ଦୀର୍ଘ ୭୯ ବର୍ଷ ବିତିଯାଇଥିଲେ ମଧ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେବାକୁ ପଡୁଛି ସେମାନଙ୍କୁ। ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ସରକାରଙ୍କୁ ସେମାନେ ସିଧାସଳଖ ଟାର୍ଗେଟ କରିଛନ୍ତି। ଏହାର ସଠିକ୍ ବିଚାର ପାଇଁ ସରକାର ଓ ବୁଦ୍ଧିଜୀବୀଙ୍କ ପାଖରେ ବିନମ୍ର ଅନୁରୋଧ ମଧ କରିଛନ୍ତି କେ.ବାଲିପାଳ ପଞ୍ଚାୟତବାସୀ। ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସମସ୍ତଙ୍କ ପାଇଁ ଉଚିତ୍ ବିଚାର କରି ନ୍ୟାୟ ପ୍ରଦାନ କରିବାକୁ ବୁଦ୍ଧିରାମ ପୂର୍ତ୍ତି, ରାଉତ ହୋ, କୁନା ଗୋଇପାଇ, ରାଜନ ସୋରେନ, ନିଶିକାନ୍ତ ନାଇକ, ଟୁନା ସିମିନିକିଆ, ସୁନାରାମ ପୂର୍ତ୍ତି, ସାଉଁରି ପୂର୍ତ୍ତି, ମକରୀ ସଲଙ୍ଗି, ରାମଚନ୍ଦ୍ର ଟୁଡୁ, ହେମନ୍ତ ମାଝୀ, ସୁଭଦ୍ରା ସିମିନିକିଆ, ନରି ନାଇକ, ମାସୁରି ହୋ, କୁନାମନ୍ତ ପ୍ରଧାନ, ମୁନା ହୋ, ନାରାୟଣ ହୋ ମାନି ପୂର୍ତ୍ତି, ପାଲ ହୋ, ରିତା ସୋରେନ୍, ଜିତୁ ସୋରେନ୍, ନାରଣ ସୋରେନ୍, ଲାଦୁ ଗୋଇପାଇ, ସାନଙ୍ଗି ପୂର୍ତ୍ତି, ସନେଇ ପୂର୍ତ୍ତି, ମେଚ ବଦ୍ରା, ନନ୍ଦୀ ସିଂ, ଗିଲୁଆ ସୁକୁମତି ମହାକୁଡ଼, ମୁଚିରାମ ମହାକୁଡ଼, ଭାଇଗ ପୂର୍ତ୍ତି, ଚରଣ ମହାକୁଡ଼, ସାଦ ହୋ, ସିଙ୍ଗିରାଇ ପୂର୍ତ୍ତି, ରାମାଏ ପୂର୍ତ୍ତି, ଲାଲୁ ଟୁଡୁ, କାଳିଆ ସଲଙ୍ଗି, ଜୁରେ ପୂର୍ତ୍ତି, ତୁରୀ ପୂର୍ତ୍ତି, ଜଙ୍ଗାଳୀ ପୂର୍ତ୍ତି, ନାଗି ହେମ୍ବ୍ରମ, ଜାଉଣୀ ମହାକୁଡ଼, ଟୁବେ ପୂର୍ତ୍ତି, ମମତା ପୂର୍ତ୍ତି ଦାବି କରିଛନ୍ତି।

## ଆନନ୍ଦପୁର ୱାର୍ଡ କଂଗ୍ରେସ ସଭାପତି ଘୋଷଣା



ଆନନ୍ଦପୁର, ୧୭।୫ (ସମିସ): ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସୁପାରିସ ଓ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ ମନୋଜ କୁମାର ଜେନାଙ୍କ ଅନୁମୋଦନରେ ଆଜି ନଗର କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆ ଆନନ୍ଦପୁର ପୌରାଞ୍ଚଳର ସମସ୍ତ ୱାର୍ଡ ସଭାପତିଙ୍କ ନାଁ ଘୋଷଣା କରିଛନ୍ତି। ୧୬ଟି ୱାର୍ଡର ସଭାପତି କ୍ରମାନ୍ୱୟରେ ରାମଚନ୍ଦ୍ର ସାହୁ, ଲକ୍ଷ୍ମୀଧର ସାହୁ, ମନୋଜ କୁମାର ସିହ୍ନା, ଅଜୟ କୁମାର ପାଢ଼ୀ, ନିରଞ୍ଜନ ବେହେରା, ବଳଭଦ୍ର ବେହେରା, ରଣସିଂହ ପ୍ରିୟଦର୍ଶିନୀ ମଲିକ, ବଲି ମଲିକ, ନାରାୟଣ ଗୁଇଁ, ଜିତେନ୍ଦ୍ର କୁମାର ଦାସ, ଆର୍ତ୍ତତ୍ରାଣ ସାହୁ, ଶଶିରଞ୍ଜନ ଦାଶ, ବସନ୍ତ ପେରେଇ, ଶଂକର୍ଷଣ ସାହୁ, ପ୍ରକାଶଚନ୍ଦ୍ର ସାହୁ ଓ ମହେଶ୍ୱର ଅମାନ୍ତଙ୍କୁ ସଂଗଠନ ଦାୟିତ୍ୱ ଅର୍ପଣ କରାଯାଇଛି।

**▶▶ ଦୁଇମାସ ହେଲା ଆସୁନାହାନ୍ତି ବିଶେଷଜ୍ଞ**

## ଆନନ୍ଦପୁର ଡାକ୍ତରଖାନାରେ ୪୫ରୁ ଅଛନ୍ତି ୧୧ ଡାକ୍ତର



ଆନନ୍ଦପୁର, ୧୭।୫ (ସମିସ): ଆନନ୍ଦପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ବହୁଦିନ ଧରି ଆବଶ୍ୟକ ଡାକ୍ତର ନର୍ସ ଓ ଲାବ୍‌ରୋଟରୀ ଟେକ୍‌ନିସିଆନ ପଦ ଖୋଲା ପଡିଥିବା ଯୋଗୁଁ ରୋଗୀସେବା ଦିନକୁ ଦିନ ବ୍ୟାହତ ହୋଇଛି। ଅନେକ ବିଶେଷଜ୍ଞ ପଦ ପୂରଣ ହୋଇ ପାରୁ ନାହିଁ। ବିକଳ୍ପ ସ୍ୱରୂପ ଡିଏମଏଫ ଅନୁଦାନ ସହାୟତାରେ ନ୍ୟୁରୋ ବିଭାଗର ୩ ଜଣ ଡାକ୍ତର ଓ ଚର୍ମ ରୋଗ ବିଶେଷଜ୍ଞ ପ୍ରତି ମାସ ବିଭିନ୍ନ ସପ୍ତାହରେ ଆସୁଥିବା ବେଳେ ବର୍ତ୍ତମାନ ପ୍ରାୟ ଦୁଇ ମାସ ଧରି ଆସୁନାହାନ୍ତି। ଅସ୍ଥିଶଲ୍ୟ ବିଭାଗ ଡାକ୍ତରଙ୍କ ବଦଳି ପରେ ସେହି ପଦ ଖୋଲା ପଡିଛି। ଶିଶୁ ରୋଗ ବିଶେଷଜ୍ଞ ୨ ଜଣଙ୍କ ମଧ୍ୟରୁ ଜଣେ ଅଧୀକ୍ଷକ ଭାବେ ଦାୟିତ୍ୱ ନେବା ପରେ ଅନ୍ୟ ଜଣେ ଡାକ୍ତରଙ୍କୁ ଚିକିତ୍ସା କରିବାରେ କଷ୍ଟକର ବ୍ୟାପାର ହେଉଥିବା ଜଣାପଡ଼ିଛି। ଆନନ୍ଦପୁର ଚିକିତ୍ସାଳୟ ଏକ ଦୁର୍ଘଟଣା ପ୍ରବଣ ଇଲାକାରେ ଥିବା ଯୋଗୁଁ ଏଠାରେ ଶଲ୍ୟ ବିଶେଷଜ୍ଞ ଡାକ୍ତରଙ୍କ ରହିବା ନିହାତି ଆବଶ୍ୟକତା ରହିଛି। ୨ ଜଣେ ମାତ୍ର ଡାକ୍ତର ଏଥିପାଇଁ ପର୍ଯ୍ୟାପ୍ତ ହେଉ ନଥିବା ଜଣାପଡ଼ିଛି। ଫଳରେ କୌଣସି ଦୁର୍ଘଟଣାଗ୍ରସ୍ତ ରୋଗୀ ପହଞ୍ଚିଲେ ରୋଗୀଙ୍କୁ ତୁରନ୍ତ କଟକ ପଠାଯାଉଛି। ଗରିବ ଶ୍ରେଣୀର ଲୋକେ ଏଠାରୁ ବାହାର ମେଡିକାଲକୁ ଅର୍ଥ ଅଭାବରେ ଯିବାକୁ ସାହସ ଜୁଟାଇ ପାରୁ ନାହାନ୍ତି। ଅନେକ ନର୍ସ ଓ ପାଥୋଲାବ ପଦ ଖାଲି ପଡ଼ିଛି। କେନ୍ଦୁଝର ଜିଲ୍ଲା ସମେତ ସୀମାନ୍ତବର୍ତ୍ତୀ ଯାଜପୁର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଓ ଢେଙ୍କାନାଳ ଆଦି ଜିଲ୍ଲାର ଲୋକେ ଉକ୍ତ ଚିକିତ୍ସାଳୟ ଉପରେ ନିର୍ଭରଶୀଳ ହେଉଥିଲେ ହେଁ ଏଠାରେ ଆବଶ୍ୟକ ଡାକ୍ତର ନଥିବାରୁ ରୋଗୀ ବାଧ୍ୟ ହୋଇ ଘରୋଇ ଉପାୟ ଅବଲମ୍ବନ କରି ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଆନନ୍ଦପୁର ମେଡିକାଲର ବର୍ଜ୍ୟବସ୍ତୁ ବିଶୋଧନ ଠିକ୍ ସମୟରେ ହେଉ ନଥିବା ଅଭିଯୋଗ ହେଉଛି। ରୋଗୀ ସେବା ପାଇଁ ଆବଶ୍ୟକ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ନିଯୁକ୍ତି ପାଇଁ ସମାଜସେବୀ ବୁଲୁ ପଟ୍ଟନାୟକ ଓ ସମାଜସେବୀ ଦେବ ରଞ୍ଜନ ସାହୁ ସରକାରଙ୍କଠାରେ ଦୃଢ଼ ଦାବି ଜଣାଇଛନ୍ତି।

**▶▶ କାଟେଣୀକନ୍ତୋଲ ଗ୍ରାମରେ ଜଳକଷ୍ଟ**

## ଅସହ୍ୟ ତାତିରେ ରାସ୍ତା ଅବରୋଧ କରି ମହିଳାଙ୍କ ପ୍ରତିବାଦ



ଆନନ୍ଦପୁର, ୧୭।୫(ସମିସ): ଆନନ୍ଦପୁର ଉପଖଣ୍ଡ ଗଁପୁର ପଞ୍ଚାୟତର କାଟେଣୀକନ୍ତୋଲ ଗ୍ରାମରେ ପାନୀୟଜଳ ଲାଗି ମହିଳାମାନେ ରବିବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ପାଣି ଯୋଗାଇଦେବାକୁ ଦାବିକରି ରାମଚନ୍ଦ୍ରପୁରରୁ ଗଁପୁର ମୁଖ୍ୟରାସ୍ତାର ଅଙ୍ଗାରୁଆଠାରେ ରାସ୍ତାରେ ପଥର ରଖି ଅବରୋଧ କରି ଡ଼ହଡ଼ହ ଖରାରେ ଧାରଣା ଦେଇଥିଲେ ମହିଳାମାନେ। ଯାହାଦ୍ୱାରା ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇପଡ଼ିଛି। ଦୀର୍ଘ ସମୟ ଧରି ଘଟଣାସ୍ଥଳରେ କୌଣସି ସରକାରୀ ଅଧିକାରୀ କିମ୍ବା ରେଙ୍ଗାଲି ଅଧିକାରୀ ପହଞ୍ଚି ନାହାନ୍ତି। ମହିଳାମାନେ ଅଭିଯୋଗ କରିଛନ୍ତି ଯେ ପ୍ରାୟ ୪ ମାସ ହେଲା ରେଙ୍ଗାଲି କେନାଲର ମନମାନି ଯୋଗୁଁ ଜଳଯୋଗାଣ ପାଇପ୍‌ଲାଇନ ଖୋଳି ଦେବାରୁ ଦଶ ଦିନ ଧରି ପ୍ରଚଣ୍ଡ ଖରା ହେଉଥିବା ବେଳେ ପାଣି ଟୋପାଏ ଲାଗି ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ବର୍ତ୍ତମାନ ସୁଦ୍ଧା ରାସ୍ତା ଅବରୋଧ ହୋଇଥିଲା ବେଳେ ଘଷିପୁରା ବିଡ଼ିଓ ବିନିତା ବିଜୟିନୀ ଓ ଅନ୍ୟ କୌଣସି ଅଧିକାରୀଙ୍କ ଦେଖା ନାହିଁ। ପିଇବା ପାଣି ପାଇଁ ତିନି କିଲୋମିଟର ଚାଲି ଚାଲି ପାଣି ଆଣୁଛନ୍ତି। ତେବେ ତୁରନ୍ତ ପିଇବା ପାଣି ଯୋଗେଇ ଦେବା ପାଇଁ ଦାବି କରି ରାସ୍ତା ଅବରୋଧ କରିଛନ୍ତି ଶତାଧିକ ମହିଳା।

## ଆଇସିଡିଏସ୍ ସୁପରଭାଇଜରଙ୍କ ବିୟୋଗ

ତୁରୁମୁଙ୍ଗା, ୧୭।୫(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ଆଇସିଡିଏସ୍ ଅଫିସରେ ସୁପରଭାଇଜର ଭାବେ କାର୍ଯ୍ୟରତ ଥିବା ଇନ୍ଦୁମତି ମହାନ୍ତ (୫୧)ଙ୍କ ଶନିବାର ରାତିରେ ପରଲୋକ ଘଟିଛି। ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିବା ଇନ୍ଦୁମତି ଶନିବାର ରାତିରେ ଶୋଇଥିବା ସମୟରେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ ୧୦୮ ସହାୟତାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆ ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାହାରପଡା ଫାଣ୍ଡି ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ୧୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ହରସ୍କୋ ଆଗ୍ରୋ କେମିକାଲ୍‌ର ବାର୍ଷିକ ରାଜ୍ୟସ୍ତରୀୟ ପାର୍ଟନର ମିଟ୍

ଚମ୍ପୁଆ, ୧୭।୫(ସମିସ): ଓଡ଼ିଶାରେ ହରସ୍କୋ ଆଗ୍ରୋ କେମିକାଲ ତରଫରୁ ଏକ ରାଜ୍ୟସ୍ତରୀୟ ପାର୍ଟନସ ମିଟ୍ ନବମ ବାର୍ଷିକ ସମ୍ମିଳନୀ ପୁରୀର ପିପୁଲ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ କମ୍ପାନୀର ନିର୍ଦ୍ଦେଶକ କେନ୍ଦୁଝରର ଯୁବ ଉଦ୍ୟୋଗପତି ବିକାଶ ମିଶ୍ର ଓ ବହୁ ବରିଷ୍ଠ ବ୍ୟବସାୟୀ। ଆଜି ବଜାରରେ ଉପଲବ୍ଧ ହେଉଥିବା ହରସ୍କ ଆଗ୍ରୋ କେମିକାଲ ଅନ୍ୟ କମ୍ପାନୀ ତୁଳନାରେ ଉତ୍ପାଦଗୁଡିକ ୯ ବର୍ଷ ଧରି ଆଜି ଦିନରେ ଡିଲର ଓ ଉପଭୋକ୍ତାଙ୍କ ମଧ୍ୟରେ ସୁସମ୍ପର୍କ ଓ ବିଶ୍ୱାସ ତାଙ୍କୁ ଆଜି ସଶକ୍ତ କରାଇ ପାରିଛି। ଅନ୍ୟ କମ୍ପାନୀ ତୁଳନାରେ ହରସ୍କ ଆଗ୍ର କେମିକାଲ ଉଚ୍ଚ ମାନର ସମସ୍ତ ଉତ୍ପାଦଗୁଡିକର ମାନ ଉତ୍କୃଷ୍ଟ ଥିବା ସହ ଦାମ ଅପେକ୍ଷାକୃତ କମ ରହିଥିବା ସହ ଉତ୍ପାଦଗୁଡ଼ିକ ପ୍ରଭାବଯୁକ୍ତ ହୋଇଥିବା ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। କମ୍ପାନୀର ଉତ୍ପାଦଗୁଡିକ ଉଚ୍ଚ ମାନର ବୋଲି କମ୍ପାନୀର ନିର୍ଦ୍ଦେଶକ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ଏହି କମ୍ପାନୀର ଉତ୍ପାଦଗୁଡିକର ଉତ୍ପାଦନ ପଦ୍ଧତି, ବିତରଣ ଏବଂ ଏହାର ଗୁଣବତ୍ତା ଉପରେ ଡିଲର ବନ୍ଧୁମାନଙ୍କୁ ବୁଝାଇଥିଲେ। ଏହି ସମ୍ମିଳନୀରେ



ଓଡ଼ିଶାର ସମସ୍ତ ଜିଲ୍ଲାର ହୋଲସେଲର, ଡିଲର ବନ୍ଧୁମାନେ ଯୋଗ ଦେଇଥିଲେ। ଚାଷୀ ଓ ବ୍ୟବସାୟୀ ମଧ୍ୟରେ ସମ୍ପର୍କକୁ ସଦୃଢ଼ କରିବା ସହ ଉଚିତ୍ ମୂଲ୍ୟ ଏବଂ ଉଚିତ୍ ପ୍ରଭାବ ହରସ୍କ କେମିକାଲର ଲକ୍ଷ୍ୟ ବୋଲି କହିଥିଲେ। ଏପରିକି ବ୍ୟବସାୟୀ ଓ ଦୋକାନର କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱକୁ ପ୍ରାଥମିକତା ଦେବାକୁ ପରାମର୍ଶ ପ୍ରଦାନ କରିଥିଲା।

## ଲୋକଙ୍କ କାମରେ ଲାଗୁନି ଆଦର୍ଶ ଗ୍ରାମ୍ୟ ଉଦ୍ୟାନ

ଚମ୍ପୁଆ, ୧୭।୫(ସମିସ): ପଞ୍ଚାୟତବାସୀଙ୍କ ଆମୋଦ ପ୍ରମୋଦ ସହିତ ଶାରୀରିକ ସୁସ୍ଥତା ପାଇଁ ନିର୍ମାଣ ହୋଇଥିବା ଆଦର୍ଶ ଗ୍ରାମ୍ୟ ଉଦ୍ୟାନ ଲୋକଙ୍କ କାମରେ ଆସୁ ନଥିବା ବେଳେ ଅଧପନ୍ତରିଆ ହୋଇ ପଡିରହିଛି। ଏପରିକି ଦୀର୍ଘଦିନ ହେବ ଗେଟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତରେ ନିର୍ମାଣ କରାଯାଇଥିବା ଆଦର୍ଶ ଗ୍ରାମ୍ୟ ଉଦ୍ୟାନ ଏବେ ଜରାଜୀର୍ଣ୍ଣ ଓ ପରିତ୍ୟକ୍ତ ହୋଇ ଅବହେଳାର ଶିକାର ହୋଇ ରହିଛି। ସୂଚନା ଅନୁସାରେ, ଆର୍ଥିକବର୍ଷ ୨୦୨୨/୨୩ ମସିହାରେ ଜିଲ୍ଲା ଖଣିଜ ପାଣ୍ଠିରୁ ଅଟକଳ ମୂଲ୍ୟ ୨୯ ଲକ୍ଷ ୬୩ହଜାର ଟଙ୍କା ମୂଲ୍ୟରେ ତଥା ଚୁକ୍ତି ମୂଲ୍ୟ ୨୬ ଲକ୍ଷ ୧୪ ହଜାର ୩୦୭ଟଙ୍କା ବ୍ୟୟବରାଦରେ ଚମ୍ପୁଆ ପଞ୍ଚାୟତସମିତି ପକ୍ଷରୁ ଏହି ଉଦ୍ୟାନ ନିର୍ମାଣ କରାଯାଇଥିଲା। ଆମୋଦ ପ୍ରମୋଦ ପାଇଁ ଆବଶ୍ୟକ ଉପକରଣ ଲଗାଯାଇଥିଲେ ମଧ ମୁଖ୍ୟ ଫାଟକ ଅଧପନ୍ତରିଆ ଅବସ୍ଥାରେ ପଡିରହିଛି। ଫାଟକଟିରେ ପଡିଥିବା ତାଲା ବି କଳଙ୍କି ଖାଇଗଲାଣି। ଉଦ୍ୟାନ ଭିତରେ ଥିବା ଶିଶୁ ଖେଳସାମଗ୍ରୀଗୁଡିକର ମଧ ସମାନ ଅବସ୍ଥା। ଲଟାଝଟାରେ ପୁରି ଉଠିଥିବା ଏହି ଉଦ୍ୟାନ ବ୍ୟବହାର ପୂର୍ବରୁ ନଷ୍ଟ ହେବାରେ ଲାଗିଛି। ଜାତୀୟ ରାଜପଥକୁ ଲାଗିରହିଥିବା ତଥା ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗିରହିଥିବା ଏହି ଉଦ୍ୟାନ କାହିଁକି ନିର୍ମାଣ କରାଯାଇଛି ତାହା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ରଜିଆ ସରପଞ୍ଚ ସନ୍ତୋଷ ନାୟକଙ୍କୁ ପଚାରିବାରୁ କହିଛନ୍ତି, ଅନେକ ଦିନରୁ କାମ ସରିଲାଣି, ମାତ୍ର ପଞ୍ଚାୟତକୁ ହସ୍ତାନ୍ତର କରାଯାଇ ନଥିବାରୁ ପଞ୍ଚାୟତବାସୀ ଏହାକୁ ବ୍ୟବହାର କରିପାରୁନାହାଁନ୍ତି। ଅନ୍ୟପକ୍ଷରେ ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁଙ୍କୁ ପଚାରିବାରୁ ଯନ୍ତ୍ରୀ ଚାବି ପଞ୍ଚାୟତକୁ ହସ୍ତାନ୍ତର କରିବା କଥା, ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।



## ଇନ୍ଧନ ଅଭାବରେ ଚାଷ କାର୍ଯ୍ୟ ପ୍ରଭାବିତ; ଚିନ୍ତାରେ ଚାଷୀ





ତେଲକୋଇ, ୧୭।୫(ସମିସ)

କଥାରେ ଅଛି "ଚାଷ ତର ତର ବଣିଜ ମଠ'। "କଳ ଲଙ୍ଗଳେ କରିଲେ ଚାଷ, ରହିବ ନାହିଁ ବାଲୁଙ୍ଗା ଘାସ'। ମାତ୍ର ତୈଳ ସଙ୍କଟ ଦେଖା ଦେଇଥିବାରୁ ଚାଷ କାର୍ଯ୍ୟରେ ବ୍ୟାଘାତ ଦେଖା ଦେଇଛି। ଚଳିତ ଖରିଫ ଚାଷ ପାଇଁ ଜମିକୁ ହଳ କରିବାକୁ ବର୍ତ୍ତମାନ ପାଗ ଅନୁକୂଳ ରହିଥିବା ବେଳେ ତୈଳ ଟାଙ୍କିରେ ଡିଜେଲ ଓ ପେଟ୍ରୋଲ ମିଳୁ ନଥିବାରୁ ଚାଷୀ ଜମି ହଳ କରି ପାରୁ ନାହିଁ। ଫଳରେ ଦେଖା ଦେଇଥିବା ଏହି ତୈଳ ସଙ୍କଟ ଚାଷୀଙ୍କ ଉପରେ ପ୍ରଭାବ ପକାଇଛି। ତେଲକୋଇ ବ୍ଲକ ଅଞ୍ଚଳରେ ଜଗମୋହନପୁର ଓ ତେଲକୋଇ ମଧ୍ୟରେ ତିନୋଟି ତୈଳ ଟାଙ୍କି ରହିଥିବା ବେଳେ ସପ୍ତାହେ ହେବ ତୈଳ ମିଳୁ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିରୁ ଚାଷୀ ମଧ ବାଦ୍ ପଡ଼ିନାହିଁ। ହଜାର ହଜାର ହେକ୍ଟର ଜମି ବର୍ତ୍ତମାନ ସୁଦ୍ଧା ହଳ କରାଯାଇ ନାହିଁ। ଆଗକୁ ବର୍ଷା ଆସିଲେ ଜମି ହଳ କରିବା ଚାଷୀଙ୍କ ପାଇଁ କଷ୍ଟ କର ହୋଇପଡ଼ିବ। ଜୁନ୍ ପହିଲାରୁ ଚାଷୀ ତଳି ବୁଣିବା ପାଇଁ ସଜବାଜ ହୋଇଥାଏ। ମେ ମାସ ତଥା ଜ୍ୟୋଷ୍ଠ ଆଷାଢ଼ ମଧ୍ୟରେ ପ୍ରଥମ ବର୍ଷାରେ ଚାଷୀ ଜମିକୁ ହଳ କରି ତଳି ବୁଣିବା ପାଇଁ ଜମି ପ୍ରସ୍ତୁତି କରିଥାଏ। ଜୁନ ପହିଲାରୁ ଧାନ ତଳି ବୁଣିବା ପାଇଁ ସଜବାଜ ହୋଇଥାଏ। ରଜ ପୂର୍ବରୁ ପ୍ରାୟତଃ ତଳି ବୁଣା କାର୍ଯ୍ୟ ଚାଷୀ ସାରିଥାଏ। ହେଲେ ଚଳିତ ବର୍ଷ ତୈଳ ସଙ୍କଟ ଦେଖା ଦେଇଥିବାରୁ ସଠିକ୍ ସମୟରେ କିଭଳି ଚାଷ କାର୍ଯ୍ୟ ସମ୍ପାଦନ ହେବ। ଏଥିପାଇଁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପଟେ ପେଟ୍ରୋଲ ପମ୍ପରେ କର୍ମଚାରୀଙ୍କ ମନମାନି ବୃଦ୍ଧି ପାଇବାରେ ଲାଗିଛି। ମଝିରେ ମଝିରେ ଆସୁଥିବା ପେଟ୍ରୋଲ, ଡିଜେଲ ଲୋକଙ୍କୁ କଟକଣା ମଧ୍ୟରେ ଦେଉଥିବା ବେଳେ କେତେକ ଅସାଧୁ ବ୍ୟବସାୟୀଙ୍କୁ ଡ୍ରମ ଓ ବ୍ୟାରେଲ ଯୋଗେ ଦେଉଥିବା ଅଭିଯୋଗ ହୋଇଛି। ସଂପୃକ୍ତ ପେଟ୍ରୋଲ ପମ୍ପ ସତ୍ତ୍ୱାଧିକାରୀ ଓ କର୍ମଚାରୀମାନେ ଇନ୍ଧନ କଳା ବଜାରକୁ ପ୍ରୋତ୍ସାହନ ଦେଉଛନ୍ତି। ଏହାସହିତ କେତେକ ପେଟ୍ରୋଲ ପମ୍ପ କର୍ମଚାରୀମାନେ ନିଜେ ଡ୍ରମରେ ପେଟ୍ରୋଲ ଗଚ୍ଛିତ ରଖି ଆବଶ୍ୟକ ସ୍ଥଳେ ଲୋକଙ୍କୁ ଉଚ୍ଚ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଏପରି କଳାବଜାର ଚାଲିଥିବା କୁହାଯାଉଛି। ଜିଲ୍ଲା ପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୩୫ ଦିନିଆ ଗ୍ରୀଷ୍ମ ଅବକାଶ ପ୍ରଶିକ୍ଷଣ



ଚମ୍ପୁଆ, ୧୭।୫(ସମିସ): ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ନେଇ ୩୫ ଦିନିଆ ଗ୍ରୀଷ୍ମ ଅବକାଶ ପ୍ରଶିକ୍ଷଣ (ଇଣ୍ଟର୍ନସିପ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର ଅବଗତ କରାବା ସହିତ ଗୋଷ୍ଠୀ ସେବା ଉପଦେୟତାରେ ସଫଳର ବାର୍ତ୍ତା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ଚମ୍ପୁଆ ସମନ୍ୱିତ ଶିଶୁ ବିକାଶ ବିଭାଗରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ପରିଦର୍ଶନ କରି ନିରାପଦ ମାତୃତ୍ୱ, ପୌଷ୍ଟିକ ଆହାର, ସ୍ୱାସ୍ଥ୍ୟ ସଚେତନ କରିବା ସହିତ ସରକାରଙ୍କ ମାତୃ ବନ୍ଦନା ଯୋଜନା କିପରି ତୃଣମୂଳ ସ୍ତରରେ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚିପାରିବ ସେନେଇ ରିପୋର୍ଟ ପ୍ରସ୍ତୁତ କରି ବିବରଣୀ ପ୍ରଦାନ କରିବେ। ସେହିପରି ଅର୍ଥନୀତି ଛାତ୍ରଛାତ୍ରୀ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ପ୍ରାଣୀ ବିଜ୍ଞାନ ଛାତ୍ରଛାତ୍ରୀମାନେ ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ରିପୋର୍ଟ ସଂଗ୍ରହ କରିବେ। ସହଯୋଗୀ ଶିକ୍ଷକ ସୁନିଲ କୁମାର ସାହୁ, ରାଜକିଶୋର ମହାନ୍ତ, ଚମ୍ପେଶ୍ୱର ମିଶ୍ର, ରଂଜିତା ମୁଣ୍ଡା, ରିତା ଚାତାର, ସୁବ୍ରତ ବାଗ, ଦୀପ୍ତିରଂଜନ ଖଟୁଆ ଓ ଗୁପ୍ତେଶ୍ୱର ମାଝିଙ୍କ ସହାୟତାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଭେଟିଥିଲେ। ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ THE SAKALA



## ବେତନଟୀ ରେଳ ଷ୍ଟେସନର ହେଉଛି ନବୀକରଣ

# କାମ ବିଳମ୍ବକୁ ନେଇ ବଢୁଛି ଜନଅସନ୍ତୋଷ

ବେତନଟୀ, ୧୭।୫(ସମିସ)



ଅମୃତ ଭାରତ ଯୋଜନାରେ ବେତନଟୀ ରେଳ ଷ୍ଟେସନର ନବୀକରଣ କାମ ଚାଲିଛି। ତିନିବର୍ଷରୁ ଅଧିକ ସମୟ ବିତିଯାଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଶେଷ ହୋଇ ନ ପାରିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିର୍ମାଣ କାର୍ଯ୍ୟର ଶିଥିଳ ଗତି ଓ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ସତ୍ତ୍ୱେ ଆଖିଦୃଶିଆ ଉନ୍ନତିକରଣ ନ ହେବା ଯୋଗୁଁ ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରୁଛନ୍ତି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଇଂ. ବିଶେଶ୍ୱର ଟୁଡୁ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ବିଧାୟକ ସନାତନ ବିଜୁଳିଙ୍କ ଉପସ୍ଥିତିରେ ବେତନଟୀ ସମେତ ଆଖପାଖ ରେଳ ଷ୍ଟେସନର ନବନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହା ସେତେବେଳେ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା। କିନ୍ତୁ ତା'ପରଠାରୁ କାର୍ଯ୍ୟ ଆରମ୍ଭ ହୋଇଥିବା ସତ୍ତ୍ୱେ ପ୍ଲାଟଫର୍ମ, ଅଣ୍ଡରପାସ୍, ଆଲୋକୀକରଣ, ପାର୍କିଂ, ବାଇକ୍ ଓ ସାଇକଲ୍ ଷ୍ଟାଣ୍ଡ ଆଦି କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ରୂପସା-ବାଙ୍ଗିରିପୋଷି ରେଳ ରୁଟ୍‌ର ୮୯ କିଲୋମିଟର ପ୍ରଶସ୍ତୀକରଣ କାର୍ଯ୍ୟ ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁଙ୍କ ଉଦ୍ୟମରେ ଅଟଳ ବିହାରୀ ବାଜପେୟୀ ସରକାର ସମୟରେ ଆରମ୍ଭ ହୋଇଥିଲା। ୨୦୦୬-୦୭ରେ ବ୍ରଡ୍‌ଗେଜ୍ ରେଳ ଚଳାଚଳ ଆରମ୍ଭ ହୋଇଥିଲା। କିନ୍ତୁ ବେତନଟୀ ଷ୍ଟେସନର ଆଧୁନିକୀକରଣ କ୍ଷେତ୍ରରେ ବିଳମ୍ବ ହେବାରୁ ଯାତ୍ରୀଙ୍କ ପାଇଁ ଅସୁବିଧା ବଢୁଛି। ଖଡ଼ଗପୁର ରେଳ ଡିଭିଜନର ଅଧିକାରୀ ବାରମ୍ବାର ପରିଦର୍ଶନ କରୁଥିବା ସତ୍ତ୍ୱେ କାର୍ଯ୍ୟ ଆଗୋଉନାହିଁ। ଏ ନେଇ ଟେଣ୍ଡର ପାଇଥିବା ଠିକାଦାରଙ୍କ ମନମାନି ଓ ଇଚ୍ଛାକୃତ ବିଳମ୍ବ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ସାଂସଦ ଏହି କାର୍ଯ୍ୟ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ଓ କେବଳ ଡିଆରଏମ୍, ଏଡିଆରଏମ୍‌ଙ୍କ ପ୍ରତିଶ୍ରୁତି ଉପରେ ନିର୍ଭର କରୁଥିବାରୁ ସମସ୍ୟାର ସମାଧାନ ହେଉନାହିଁ। ଏହି ରେଳ ଷ୍ଟେସନ ପାଇଁ ଅଧିକ ଦୂରଗାମୀ ଟ୍ରେନ୍ ଚଳାଚଳ ବ୍ୟବସ୍ଥା କରାଯିବା ସହ ନବୀକରଣ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବି କରାଯାଇଛି। ସ୍ଥାନୀୟ ଜନସାଧାରଣ ଆଶା କରୁଛନ୍ତି ଯେ, ରେଳ ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଶୀଘ୍ର ସମାପ୍ତ କରି ଯାତ୍ରୀ ସୁବିଧା ନିଶ୍ଚିତ କରିବ। ବିଳମ୍ବର ପ୍ରକୃତ କାରଣ ଖୋଜିବା ସହ ଦାୟିତ୍ୱହୀନ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

## ପୁରୁଣାପାଣି ଗ୍ରାମରେ 'ପେସା' ଗ୍ରାମସଭା



**ଠାକୁରମୁଣ୍ଡା, ୧୭।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧୀନ କେଶଡିହା ପଞ୍ଚାୟତର ପୁରୁଣାପାଣି ଗ୍ରାମ ବୁଲୁଦିଆ ସାହିର ୧୮ ଓ ୧୯ ନମ୍ବର ୱାର୍ଡରେ ରବିବାର ଦିନ ପେସା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଭିତରେ ପେଶା ଆଇନ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଏହି ସଭାର ପ୍ରଧାନ ଉଦ୍ଦେଶ୍ୟ ଥିଲା। ସଭା ଆରମ୍ଭ ପୂର୍ବରୁ ଗ୍ରାମ ପ୍ରବେଶ ପଥରେ ଥିବା ପେଶା ଆଇନ ୧୯୯୬ ଓ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୪୪(୧) ଲେଖା ଥିବା ପଥର ପାଖରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପରେ ମଙ୍ଗଳ ବାନାରାଙ୍କ ସଭାପତିତ୍ୱରେ ସଭାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପେଶା ଗ୍ରାମସଭା କୋର୍ଡିନେସନ କମିଟିର ସମ୍ପାଦକ ନାନାରାମ ମୁର୍ମୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଗଣେଶ ଗାଗରାୟ, ଜିଲ୍ଲା କୋର୍ଡିନେଟର ଠାକୁରମୁଣ୍ଡା ବ୍ଲକ ସଭାପତି ବୁଦ୍ଧାନ ମୁର୍ମୁ, କରଞ୍ଜିଆ ବ୍ଲକ ସଭାପତି ଡାକ୍ତର ବାସ୍କେ, ଠାକୁରମୁଣ୍ଡା ବ୍ଲକ ସମ୍ପାଦକ ରାବନେଶ୍ୱର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଗ୍ରାମର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ସଭାରେ ଆଇନଜୀବୀ ଗଣେଶ ଗାଗରାଇ ଆଇନ ୧୯୯୬ ଓ ସମ୍ବିଧାନର ଅନୁଚ୍ଛେଦ ୨୪୪(୧) ଅନୁଯାୟୀ ସ୍ୱୟଂଶାସନ ବ୍ୟବସ୍ଥାକୁ କିପରି କାର୍ଯ୍ୟକାରୀ କରାଯିବ, ସେ ବିଷୟରେ ବିସ୍ତୃତ ଉପଦେଶ ଦେଇଥିଲେ। ସେ କହିଥିଲେ ଯେ, ପେଶା ଆଇନ ଦ୍ୱାରା ଆଦିବାସୀ ଓ ଗ୍ରାମୀଣ ଲୋକ ନିଜର ଅଧିକାର ସୁରକ୍ଷିତ କରିପାରିବେ ଓ ସ୍ୱୟଂ ଶାସନକୁ ମଜବୁତ କରିପାରିବେ। ନାନାରାମ ମୁର୍ମୁ ପେଶା ଆଇନ ବିଷୟରେ ବିସ୍ତାର ଭାବେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ପଞ୍ଚାୟତର ସମସ୍ତ ୱାର୍ଡବାସୀ ପେଶା ନିୟମକୁ ମାନିବା ପାଇଁ ସହମତି ଜଣାଇଥିଲେ। ଏହା ଗ୍ରାମର ସାମୂହିକ ଉନ୍ନତି ଓ ଅଧିକାର ସୁରକ୍ଷା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ଏ ଅବସରରେ ପୁରୁଣାପାଣି ପେଶା ଗ୍ରାମସଭାର ସଭାପତି ଭାବେ ରଷିକା ଶୁଣ୍ଡି ଓ ଉପସଭାପତି ଭାବେ ସମାୟ ହେମ୍ବ୍ରମ, ସମ୍ପାଦକ ଭାବେ ଭାଗୀରଥି ହାଁସଦା, ସହସମ୍ପାଦକ ଭାବେ ଶଙ୍କର୍ଷଣ ହାଁସଦା, କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମୀଧର ସମାଡଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ବୀରବଲ ହାଁସଦା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରାଯାଇଥିଲା। ଗ୍ରାମସ୍ତରରେ ପେଶା ଆଇନ ସମ୍ପର୍କରେ ଏପରି ସଚେତନତା ସଭା ଆୟୋଜନ ହେବା ଫଳରେ ଲୋକମାନେ ନିଜର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଅଧିକ ସଚେତନ ହେବେ ବୋଲି ଆଶା କରାଯାଉଛି।

## ଧନାସାହି, ମଲ୍ଲିପାଟ ଓ ସୁଡ଼ଙ୍ଗ ଗ୍ରାମରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ



**ଶରତ, ୧୭।୫(ସମିସ):** ଶରତ ଅଞ୍ଚଳର ଧନାସାହି, ମଲ୍ଲିପାଟ ଓ ସୁଡ଼ଙ୍ଗ ଗ୍ରାମରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଉତ୍ସାହର ସହିତ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଆଦିବାସୀ ଛାତ୍ରଛାତ୍ରୀ, ଯୁବକ/ଯୁବତୀ ଓ ମହିଳା/ପୁରୁଷ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଲୋକଙ୍କ ମଧ୍ୟରେ କଲମ, ବିସ୍କୁଟ ଓ ଆଇସକ୍ରିମ ବଣ୍ଟନ କରାଯାଇଥିଲା। ଗ୍ରାମାଞ୍ଚଳରେ 'ସେୟାର ଅଫ୍ ସାଇନ' 'ଆଇ ଆର୍ଟ ଅଫ୍ ଗିଭିଂ'ର ମାନବିକ ବାର୍ତ୍ତା ଲୋକଙ୍କୁ ବେଶ୍ ଆନନ୍ଦିତ ଓ ପ୍ରେରିତ କରିଥିଲା। ଏ ଅବସରରେ ଶରତ ବିକାଶ ମଞ୍ଚର ସଭାପତି ଗାମାଏ ରିମିଲ ସିଂ ଗୋଇପାଇ, ସାଧାରଣ ସମ୍ପାଦକ କୁସୁନୁ ସିଂ ଗିଲୁଆ, ନବୀନ ମୁଣ୍ଡୁରୀ, ଜାମାଦାର ବାଲମୁଚୁ, ବେଲମଣି ତିୟୁ ସେବତୀ ବାଲମୁଚୁ, ଗୁଲୁରାମ ଲାମାୟ, ଟିପୁ ମୁଣ୍ଡୁରୀ ଓ ମମତା ଗୋଇପାଇ ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ବିକ୍ରମ ବିରୁଲି, ସହକାରୀ ପ୍ରାଧ୍ୟାପକ (କମ୍ପ୍ୟୁଟର ସାଇନ୍ସ) ଯୋଗଦେଇ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଓଡ଼ିଶା ଏକ ପ୍ରମୁଖ ଆଦିବାସୀ ବହୁଳ ରାଜ୍ୟ ହୋଇଥିବାରୁ ଏଠାରେ ଆଦିବାସୀ ସମାଜର ଶିକ୍ଷା, ସଚେତନତା ଓ ସାମାଜିକ ଉନ୍ନତି ଅତ୍ୟନ୍ତ ଆବଶ୍ୟକ। ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ନିଜ ଜୀବନର ସଂଘର୍ଷମୟ ଅନୁଭବରୁ ପ୍ରେରିତ ହୋଇ ଆଦିବାସୀ ଓ ବଞ୍ଚିତ ସମୁଦାୟଙ୍କ ସେବା ପାଇଁ ନିଜକୁ ସମର୍ପିତ କରିଛନ୍ତି। ଶିକ୍ଷାକୁ ସମାଜ ପରିବର୍ତ୍ତନର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ଭାବେ ମନେ କରି ସେ କିଟ୍ ଓ କିସ୍ ପ୍ରତିଷ୍ଠା କରିଥିଲେ। ଏହି ସଂସ୍ଥାମାନେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ଶିକ୍ଷା, ଆବାସ, ଖାଦ୍ୟ ଓ ସାମଗ୍ରିକ ଉନ୍ନତିର ସୁଯୋଗ ପ୍ରଦାନ କରୁଛନ୍ତି। ଆର୍ଟ ଅଫ ଗିଭିଂ ଦର୍ଶନ ମାନବତା, ସହଯୋଗ, ଭାଗିଦାରି ଓ ସାମାଜିକ ସମ୍ପ୍ରୀତିର ବାର୍ତ୍ତା ପ୍ରଚାର କରେ। ଏହା କେବଳ ବସ୍ତୁ ଦାନ ନୁହେଁ, ବରଂ ଭଲ ପାଇବା, ସମୟ, ସହଯୋଗ ଓ ଖୁସିକୁ ଅନ୍ୟମାନଙ୍କ ସହ ଭାଗ କରିବାର ଏକ ମାନବିକ ଚିନ୍ତାଧାରା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଓ ଆଦିବାସୀ ସମାଜ ମଧ୍ୟରେ ଏକତା, ଭାତୃତ୍ୱ ଓ ସାମାଜିକ ସଚେତନତାର ସନ୍ଦେଶ ପ୍ରସାରିତ ହୋଇଥିଲା।

## ବିଶୋଇରେ ଆମ ପୁଲିସ ସମିତି ବୈଠକ




**ବିଶୋଇ, ୧୭।୫ (ସମିସ):** ବିଶୋଇ ପୁଲିସ ପକ୍ଷରୁ ଆମ ପୁଲିସ ସମିତି ବୈଠକ ସ୍ଥାନୀୟ ବିଶୋଇ ଥାନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଶୋଇ ଥାନା ଅଧିକାରୀ ଶରତ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ଆଇ ଘନଶ୍ୟାମ ମଲ୍ଲିକ, ଏସ୍‌ଆଇ ରଶ୍ମିତା ଦାସ, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସମାଜସେବୀ ତଥା ବିଶୋଇ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଚୋରି ସମସ୍ୟାର ସୁଧାର, ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରି ସମସ୍ତ ଅଞ୍ଚଳରେ କିପରି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିହେବ, ସେନେଇ ଆଲୋଚନା ହୋଇଥିଲା। ସେହିପରି ଗ୍ରାମାଞ୍ଚଳରେ ବାଲ୍ୟବିବାହ ରୋକିବା ପାଇଁ ପୁଲିସ୍ ଓ ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରିବା ପାଇଁ ଏନବି ପୋଖରିଆ ପଞ୍ଚାୟତ ସମିତି ସଦସ୍ୟ ଅମର ସିଂ ଟୁଡୁ ଆଲୋଚନା କରିଥିଲେ। ବିଳମ୍ବିତ ରାତି ସମୟରେ ଅଜଣା ଗାଡ଼ି ଯାଞ୍ଚ ସହିତ ରାତ୍ରକାଳୀନ ପାଟ୍ରୋଲିଂ କଡାକଡି କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଶୋଇ ଥାନାର ସମସ୍ତ କର୍ମଚାରୀ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଉଦଳା, ୧୭।୫(ସମିସ):** ଉଦଳା ଅଞ୍ଚଳରେ ବେଆଇନ ବାଲି ଚୋରାଚାଲାଣ ଉପରେ ଚଢ଼ଉ କରାଯାଇ ଦୁଇଟି ଟ୍ରାକ୍ଟରକୁ ଜବତ କରାଯାଇଛି। କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ସକାଳୁ ସକାଳୁ ଉଦଳା ଥାନା



ଅଧୀନସ୍ଥ ବୈରାଟପୁର ଓ ମସଜିଦ ଛକ ନିକଟରେ ଚଢ଼ଉ କରିଥିଲେ। ଏ ସମୟରେ ଦୁଇଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ବୈରାଟପୁର ଗ୍ରାମ ନିକଟରେ ବେଆଇନ ବାଲି ନେଇ ଯାଉଥିବା ଏକ ଟ୍ରାକ୍ଟରକୁ ଉପଜିଲ୍ଲାପାଳ ଧରିବାକୁ ଗୋଡ଼ାଇ ଥିବାବେଳେ ଟ୍ରାକ୍ଟର ଚାଳକ ବାଲି ଅନଲୋଡ୍ କରି ଦେଇଥିଲେ। ତେବେ ଉକ୍ତ ଟ୍ରାକ୍ଟରକୁ ଉପଜିଲ୍ଲାପାଳ ଜବତ କରିଥିବାବେଳେ ଉଦଳା ବଜାର ମସଜିଦ ଛକ ନିକଟରେ ମଧ୍ୟ ସମାନ ଢଙ୍ଗରେ ଚଢ଼ଉ କରି ଟ୍ରାକ୍ଟର ଜବତ କରିଥିଲେ। ଜବତ ହୋଇଥିବା ଦୁଇ ଟ୍ରାକ୍ଟରକୁ ଉଦଳା ଥାନାରେ ରଖାଯାଇଛି।

## ଆହତ ହରିଣ ଉଦ୍ଧାର

**ଉଦଳା, ୧୭।୫(ସମିସ):** ଗୁରୁତର ଆହତ ଅବସ୍ଥାରେ ହରିଣକୁ ଉଦ୍ଧାର କରାଯାଇଛି। କେହି ଜଣେ ହରିଣକୁ ଧକ୍କା ଦେବା ଫଳରେ ହରିଣଟି ଗୁରୁତର ଆହତ



ଅବସ୍ଥାରେ ପଡ଼ିଥିବାବେଳେ ବନ ବିଭାଗ ଉଦ୍ଧାର କରିଛି। ଉଦଳା ବନାଞ୍ଚଳର ଚୁଳିଆପୋଷି ଗ୍ରାମ ନିକଟରେ ଘଟିଛି ଏଭଳି ଏକ ଘଟଣା। ଜଙ୍ଗଲରୁ ଖସି ଆସି ଜନବସତିରେ ହରିଣଟି ପଶିଥିବାବେଳେ କେହି ବାଇକ୍ ଚାଳକ ଧକ୍କା ଦେଇଥିବା ଅନୁମାନ କରାଯାଉଛି। ହରିଣଟି ଯାହା ଫଳରେ ଗୋଡ଼ରେ ଗଭୀର ଆଘାତ ହୋଇଥିଲା। ଆଘାତ ଲାଗିଥିବାରୁ ହରିଣଟି ରାସ୍ତା କଡ଼ରେ ପଡ଼ି ରହିଥିଲା। ସ୍ଥାନୀୟ ଲୋକ ଆଜି ସକାଳେ ହରିଣକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଉଦଳା ବନ ବିଭାଗ ପହଞ୍ଚି ଗୁରୁତର ହରିଣକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନେଇଛି। ଚିକିତ୍ସା ପରେ ତାକୁ ଶିମିଳିପାଳରେ ଛାଡି ଦିଆଯିବ ବୋଲି ବନ ବିଭାଗ କହିଛି।

## ଓଭରବ୍ରିଜ୍ ଉପରୁ ମିଳିଥିବା ମୃତଦେହର ମିଳିଲା ପରିଚୟ

**ବେତନଟୀ, ୧୭।୫(ସମିସ):** ୧୮ ନଂ ଜାତୀୟ ରାଜପଥର କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ୍ ଉପରେ ଗୁରୁବାର ରାତିରେ ମିଳିଥିବା ଅପରିଚିତ ମୃତଦେହର ପରିଚୟ ସ୍ପଷ୍ଟ ହୋଇଛି। ମୃତ ବ୍ୟକ୍ତି ଜଣକ ବୈଶିଙ୍ଗା ଥାନା ଅନ୍ତର୍ଗତ ପତଡା ଗ୍ରାମର ସ୍ୱର୍ଗତ ବାବୁ ରଣାଙ୍କ ପୁତ୍ର ପ୍ରମୋଦ ରଣା। ଗୁରୁବାର ସନ୍ଧ୍ୟାରେ କୃଷ୍ଣଚନ୍ଦ୍ରପୁର ଇଲାକାରେ ବୁଲୁଥିବା ପ୍ରମୋଦ ଓଭରବ୍ରିଜ୍ ଉପରେ ରାସ୍ତା ଡିଭାଇଡର୍ ଉପରେ ବସି ରହିଥିବା ସମୟରେ ହଠାତ୍ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକ ଖବର ଦେବା ପରେ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ରନ୍ଧାକର ବାରିକ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶୁକ୍ରବାର ଶବ ବ୍ୟବଚ୍ଛେଦ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଏଏସଆଇ ରନ୍ଧାକର ବାରିକ ପ୍ରକୃତ ପରିଚୟ ଜାଣିବା ପାଇଁ ପଚରାଉଚରା ଜାରି ରଖିଥିବାବେଳେ ଶନିବାର ଦିନ ମୃତକଙ୍କ ପରିଚୟ ଜଣାପଡ଼ିଥିଲା। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ମୃତକଙ୍କ ସ୍ତ୍ରୀ ସରସ୍ୱତୀ ରଣା ଓ ବଡ଼ଭାଇଙ୍କୁ ଶବ ହସ୍ତାନ୍ତର କରାଯାଇଛି। ପୁଲିସ୍ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ତଦନ୍ତ ଜାରି ରଖିଛି।

## ମଞ୍ଚରେ ଚାଲିଗଲା ପାଲା କଳାକାରଙ୍କ ଜୀବନ

**ରାଇରଙ୍ଗପୁର, ୧୭।୫(ସମିସ):** ଷ୍ଟେଜରେ ପାଲା ପରିବେଷଣ କରିବା ସମୟରେ ପାଲା କଳାକାରଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଜାମଦା ଥାନା ଅନ୍ତର୍ଗତ କୁଦାହାସା ଗ୍ରାମରେ ଘଟିଛି। ମୃତ ପାଲା କଳାକାର ଜଣକ ହେଲେ ଜଗତସିଂହପୁର ଜିଲ୍ଲା ଭୂତମୁଣ୍ଡାଇ ଗ୍ରାମର ବସନ୍ତ କୁମାର ବେହେରା। ସେ ଗତ ତିନିଦିନ ଧରି ସ୍ଥାନୀୟ ଗ୍ରାମରେ ପାଲା ପରିବେଶ କରୁଥିଲେ। ପାଲା ପରିବେଷଣ ହେଉଥିବାବେଳେ ହଠାତ ବସନ୍ତ କୁମାର ବେହେରା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପରେ ପାଲା ପରିବେଷଣ ବନ୍ଦ ହୋଇଥିବାବେଳେ କଳାପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଗ୍ରାମକୁ ନିଆଯାଇଥିଲା।

## ଅଷ୍ଟପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ

**ବଡ଼ସାହି, ୧୭।୫(ସମିସ):** ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତର ଟେଙ୍ଗୁଆ ଗ୍ରାମରେ ଦଶମ ବାର୍ଷିକ ଅଷ୍ଟପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଶୁଭ ଅଧିବାସ କରାଯାଇ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଘଟ ଉତ୍ତୋଳନ କରାଯାଇଥିଲା। ଘଟକୁ ମଣ୍ଡପରେ ସ୍ଥାପନ କରାଯିବା ପରେ ଏକ ଆଧ୍ୟାତ୍ମିକ ପରିବେଶରେ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆକର୍ଷଣୀୟ ଦଧିଭଞ୍ଜନ ଓ ନଗର କୀର୍ତ୍ତନ ସମସ୍ତ ଭକ୍ତଙ୍କ ମନ ମୋହିଛି। ମହିଳା ସଂକୀର୍ତ୍ତନ ଦଳ ସମେତ ୩ଟି ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ବିଭିନ୍ନ କମିଟି ଓ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ କମିଟି ସଦସ୍ୟଙ୍କୁ ଉତ୍ସାହିତ କରିଛନ୍ତି।

## ଶିମିଳିପାଳରେ ଗଛ କଟା ଓ ବନ ସୁରକ୍ଷା ପ୍ରସଙ୍ଗ

# ଭଞ୍ଜସେନାର ଉଚ୍ଚସ୍ତରୀୟ ତଦନ୍ତ ଦାବି






**ବାରିପଦା, ୧୭।୫(ସମିସ):** ଯଶିପୁରସ୍ଥ ଶିମିଳିପାଳ ପ୍ରବେଶ ଦ୍ୱାର କାଳିକାପ୍ରସାଦ ଗେଟ୍ ପାଖରେ ହଜାର ହଜାର ଗଛରେ ନମ୍ବରିଂ କରାଯିବା ପରେ ବିରୋଧର ସ୍ୱର ଉଠିଛି। ଭଞ୍ଜସେନା ସହ ଜିଲ୍ଲାର ଅନେକ ସଚେତନ ନାଗରିକ ଏହାର ବିରୋଧ କରିବା ସହ ପ୍ରକୃତି ସୁରକ୍ଷା ପାଇଁ ପ୍ରଶ୍ନ ଉଠାଇଛନ୍ତି। ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସରକାରୀ ଜଙ୍ଗଲ ଜମିରେ ଥିବା ହଜାର ହଜାର ଗଛ କାଟି ବିକାଶ ନାମରେ ଅନ୍ୟାୟ କରାଯାଉଛି। ବନ ବିଭାଗକୁ ବଦନାମ କରିବା ପାଇଁ କୌଣସି ଷଡ଼ଯନ୍ତ୍ରର ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ଶିମିଳିପାଳ ଓ ଜିଲ୍ଲାର ପାହାଡ଼ ଜଙ୍ଗଲ ସୁରକ୍ଷାରେ ଥିବା ମୟୂରଭଞ୍ଜ ବନ ବିଭାଗ ଉପରେ ଦୀର୍ଘଦିନର ଅନିୟମିତତା, ଅନୁଦାନ ଆତ୍ମସାତ୍, ମୂଲ୍ୟବାନ ଗଛ କଟା ଓ ଅନ୍ୟାନ୍ୟ ଅଭିଯୋଗ ରହିଛି।

ବାରିପଦା-ଲୁଲୁଙ୍ଗ ରାସ୍ତା ରଙ୍ଗାମାଟିଆ ପାଖରେ ପ୍ରାୟ ୧୦୦ ଏକର ଜଙ୍ଗଲ ଜମି ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ହୋଟେଲ ଶିଳ୍ପ ପାଇଁ ବିକାଶ କରାଯିବା, ଟୁରିଜିମ୍ ବିଭାଗର ଅରଣ୍ୟ ନିବାସ ଓ ଘରୋଇ ରିସୋର୍ଟ ପାଇଁ ସରକାରୀ ଜମି ଆତ୍ମସାତ ଘଟଣା ନେଇ ଭଞ୍ଜସେନା ମୁଖ୍ୟମନ୍ତ୍ରୀଙ୍କୁ ଦୁଇଟି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଗୋଟିଏ ବନ ବିଭାଗର ଅନିୟମିତତା ଓ ଅନ୍ୟଟି ଲୁଲୁଙ୍ଗ ଆଖପାଖରେ ହୋଇଥିବା ଅନିୟମିତତା ଓ ଗଛ କଟା ନେଇ ଅଭିଯୋଗ କରିଛନ୍ତି। ସଂଗଠନର ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି କହିଛନ୍ତି, ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗ କରି ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ଆମେ ଆନ୍ଦୋଳନ କରୁଛୁ। କିନ୍ତୁ ସରକାରୀ ପଡ଼ିଆ ଥିବାବେଳେ ପାହାଡ଼, ପର୍ବତ ଓ ବୃକ୍ଷଲତା କାଟି ବିକାଶ କରିବାକୁ ଆମେ ସମର୍ଥନ କରୁନାହୁଁ। ପୂର୍ବରୁ ଏହି ପ୍ରକଳ୍ପ ବିରୋଧରେ ଭଞ୍ଜସେନା ଏନଜିଟି ଓ କୋର୍ଟର ଦ୍ୱାରସ୍ଥ ହୋଇଥିଲା। କୋର୍ଟ ରୋକ୍ ଲଗାଇଥିଲେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ପ୍ରୟାସ

# ନିଜସ୍ୱ ପ୍ରୟାସରେ ଆରମ୍ଭ ହେଲା ସାନ୍ତାଳୀ ବିଦ୍ୟାଳୟ

ବାରିପଦା, ୧୭।୫(ସମିସ)



ପାଲବଣି ମୁର୍ଗାଡ଼ିହି କ୍ଲବ ପକ୍ଷରୁ ସାନ୍ତାଳୀ ଭାଷାକୁ ବହୁଳ ପ୍ରଚାର ପ୍ରସାର ନିମନ୍ତେ ନିଆରା ପ୍ରୟାସ ଆରମ୍ଭ କରାଯାଇଛି। ନିଜସ୍ୱ ପ୍ରୟାସରେ ସାନ୍ତାଳୀ ଭାଷାରେ ମାଗଣାରେ ଶିକ୍ଷାଦାନ ନିମନ୍ତେ ସାନ୍ତାଳୀ ବିଦ୍ୟାଳୟ ଖୋଲାଯାଇଛି। ଯାହାର ରବିବାର ପାଠପଢ଼ା ଆରମ୍ଭ କରାଯାଇଛି। ପାଲବଣିସ୍ଥ

### ମାଗଣାରେ ଦିଆଯିବ ସାନ୍ତାଳୀ ଭାଷା ଶିକ୍ଷା

ପାତ୍ରସାହିଠାରେ ପଣ୍ଡିତ ରଘୁନାଥ ମୁର୍ମୁ ଅଲ ଇତୁନ ଆସ୍ଲା ନାମକ ବିଦ୍ୟାଳୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ୱାର୍ଡ କାଉନସିଲର ଦେବାଶିଷ ପାତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କୁନି କୁନି ପିଲାଙ୍କ ସହ ଭାବ ବିନିମୟ କରିବା ସହ ତାଙ୍କୁ ନୂତନ ପାଠ୍ୟ ପୁସ୍ତକ ବଣ୍ଟନ କରିଥିଲେ। ଆଜିର ଆଧୁନିକ ସମାଜରେ ଆଗାମୀ ଯୁବପିଢ଼ି ନିଜ ସାହିତ୍ୟ ଓ ସଂସ୍କୃତିକୁ ଭୁଲି ଯାଉଛନ୍ତି। ଫଳରେ ଆମ ପରିଚୟ ନଷ୍ଟ ହେଉଛି। ତେଣୁ ସାନ୍ତାଳୀ ଭାଷା ତଥା ଅଲଚିକି ଲିପିକୁ ପ୍ରାଧାନ୍ୟ ଦେବା ନିମନ୍ତେ ମୁର୍ଗାଡ଼ିହି କ୍ଲବ ପକ୍ଷରୁ ନିଆରା ପ୍ରୟାସ ଆରମ୍ଭ କରାଯାଇଛି। ସାନ୍ତାଳୀ ଭାଷା ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ କୌଣସି ସରକାରୀ ସ୍ତରରେ ସହାୟତା ନ ଲୋଡି ନିଜସ୍ୱ ପ୍ରୟାସରେ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରିଛନ୍ତି।

ନିଜ ମଧ୍ୟରେ ଅର୍ଥ ସଂଗ୍ରହ କରି ନିଜସ୍ୱ ତତ୍ତ୍ୱାବଧାନରେ ଏକ ଛୋଟ ବିଦ୍ୟାଳୟଟି ନିର୍ମିତ କରିଛନ୍ତି। ପରିଚାଳନା ନିମନ୍ତେ ଏକ କମିଟି କରିବା ସହ ନିଜେ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ସପ୍ତାହକରେ ଥରେ ରବିବାର ମାଗଣାରେ ପିଲାମାନଙ୍କୁ ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ଆରମ୍ଭ କରିଥିବାବେଳେ ଆଗକୁ ଆହୁରି ଛାତ୍ରଛାତ୍ରୀ ଯୋଡି ହେବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ସାନ୍ତାଳୀ ଭାଷାଭାଷୀ ଲୋକ ବସବାସ କରନ୍ତି। ତେଣୁ ଏହାର ବହୁଳ ପ୍ରଚାର ପ୍ରସାର ନିମନ୍ତେ ବାରିପଦା ସହରରେ ଉକ୍ତ ବିଦ୍ୟାଳୟ ଅନେକ ସହାୟକ ହେବ। ବିଦ୍ୟାଳୟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥି ଶ୍ରୀ ପାତ୍ର ଛାତ୍ରଛାତ୍ରୀଙ୍କୁ ନୂତନ ପୁସ୍ତକ ବଣ୍ଟନ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ଅଧ୍ୟକ୍ଷ ରବୀନ୍ଦ୍ର ମାର୍ଣ୍ଡି, ସମ୍ପାଦକ ଜଗେନ ହାଁସଦା, କୋଷାଧ୍ୟକ୍ଷ ପଞ୍ଚାନନ ସୋରେନ, ପ୍ରଧାନ ଶିକ୍ଷକ ସୀତା ମୁର୍ମୁ, ଶିକ୍ଷକ ତନ୍ମୟ ମାର୍ଣ୍ଡି, ଶିକ୍ଷକ ଶିବନାଥ ଟୁଡୁ, ସଦସ୍ୟ ଲାଲବାହାଦୂର ମାର୍ଣ୍ଡି, ଭୀମ ମାର୍ଣ୍ଡି, ସରେନ ଟୁଡୁ, ଗୁରୁଭା ସୋରେନ, ମନୋରଞ୍ଜନ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।